# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୮/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, August 28/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 274 | ମୂଲ୍ୟ ₹୭/-


DSPL-87

ସୁଭଦ୍ରା

# ମହିଳା ସଶକ୍ତିକରଣ ପାଇଁ ଯୁଗାନ୍ତକାରୀ ପଦକ୍ଷେପ



## ସୁଭଦ୍ରା

ଏହି ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ମହିଳାମାନଙ୍କୁ ପ୍ରତି ବର୍ଷ ୧୦ ହଜାର ଟଙ୍କାର ସହାୟତା ରାଶି

**୫ ବର୍ଷରେ ପାଇବେ ମୋଟ ୫୦ ହଜାର ଟଙ୍କା**

**ଧନ୍ୟବାଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ**

ମାନ୍ୟବର ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ



ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ

- ଉପକୃତ ହେବେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା
- ପାଞ୍ଚ ବର୍ଷରେ ବ୍ୟୟ ହେବ ୫୫ ହଜାର ୮୨୫ କୋଟି ଟଙ୍କା

### ପ୍ରମୁଖ ବିଶେଷତା

୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ବୟସର ସମସ୍ତ ଯୋଗ୍ୟ ମହିଳା ହେବେ ଉପକୃତ

ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରୁଥିବା ୧୦୦ ଜଣ ହିତାଧିକାରୀଙ୍କୁ ଅତିରିକ୍ତ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି

ବାର୍ଷିକ ଦୁଇଟି କିସ୍ତିରେ ୧୦,୦୦୦ ଟଙ୍କା ଅର୍ଥରାଶି ପ୍ରଦାନ

ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ ୮ ତାରିଖ)ରେ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ

ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ୍ (APBS) ମାଧ୍ୟମରେ ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ୍ ଖାତାକୁ ସିଧାସଳଖ ଅର୍ଥରାଶି ପ୍ରଦାନ



OIPR-46005/13/0004/2425

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

## ସଂକ୍ଷେପରେ

### ୟୁକ୍ରେନ୍‌ରେ ରୁଷିଆର ମିଶାଇଲ ଆକ୍ରମଣ ଜାରି

କିଭ୍, ୨୭।୮

ରୁଷିଆ ସେନା ସୋମବାର ୟୁକ୍ରେନ୍ ଅଞ୍ଚଳରେ ୨୦୦ରୁ ଊର୍ଦ୍ଧ୍ୱ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରିଥିବାବେଳେ ମଙ୍ଗଳବାର ଦ୍ୱିତୀୟ ଦିନରେ ମଧ୍ୟ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ ଜାରି ରଖିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ରାଜଧାନୀ କିଭ୍ ଉପକଣ୍ଠରେ ମଧ୍ୟ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ସୋମବାର କିଭ୍‌ର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଯୋଗୁ ସହର ଅନ୍ଧକାରରେ ରହିଥିଲା। ତେବେ ମଙ୍ଗଳବାର ରୁଷିଆ ଛାଡ଼ିଥିବା ସମସ୍ତ ଡ୍ରୋନ୍ ଓ ମିଶାଇଲକୁ ୟୁକ୍ରେନ୍‌ର ଏୟାର ଡିଫେନ୍ସ ଧ୍ୱଂସ କରିଦେଇଛି। ତେବେ ସେଗୁଡ଼ିକ ଭଗ୍ନାବଶେଷ ପଡ଼ିବା ଯୋଗୁ ଜଙ୍ଗଲରେ ନିଆଁ ଲାଗିଯାଇଛି। ଦୀର୍ଘ ଦୂରଗାମୀ ଅସ୍ତ୍ର ଯୋଗାଇବା ସହ ରୁଷିଆ ଭିତରେ ଆକ୍ରମଣ ପାଇଁ ଅନୁମତି ଦେବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନିବେଦନ କରିଥିଲେ।

### ଇସ୍ରାଏଲର ମିଶାଇଲ ମାଡ଼, ୧୮ ପାଲେଷ୍ଟିନୀୟଙ୍କ ମୃତ୍ୟୁ

ରାଫାହ, ୨୭।୮

ଇସ୍ରାଏଲ ପୁଣିଥରେ ଗାଜାରେ ଏକାଧିକ ଏୟାର ଷ୍ଟ୍ରାଇକ୍ କରିଛି। ଇସ୍ରାଏଲର ମିଶାଇଲ ମାଡ଼ ଯୋଗୁ ୮ ଶିଶୁଙ୍କୁ ମିଶାଇ ସମୁଦାୟ ୧୮ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ନେଇ ହମାସଚାଳିତ ସରକାରଙ୍କ ନାଗରିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ନାସିର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ମିଶାଇଲ ମାଡ଼ ପରେ ଏବେ ମଧ୍ୟ ଅନେକ ପାଲେଷ୍ଟିନୀୟ ନିଖୋଜ ଥିବା ନେଇ ହମାସ ପକ୍ଷରୁ କୁହାଯାଇଛି। ପାଲେଷ୍ଟିନୀୟମାନେ ଅଳିଆଗଦା ମଧ୍ୟରୁ ନିଜ ନିକଟ ସମ୍ପର୍କୀୟଙ୍କୁ ଖୋଜୁଥିବା ହମାସ କହିଛି।

### କୁନୋରେ ଆଉ ଏକ ଚିତାର ମୃତ୍ୟୁ



ନୂଆଦିଲ୍ଲୀ, ୨୭।୮

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଅବାଧ ବିଚରଣ କରୁଥିବା ଏକମାତ୍ର ଚିତାର ମଙ୍ଗଳବାର ମୃତ୍ୟୁ ଘଟିଛି। ପାଣିରେ ବୁଡ଼ି ଚିତାର ମୃତ୍ୟୁ ଘଟିଥିବା ବନ ଅଧିକାରୀମାନେ କହୁଥିବାବେଳେ ଶିକାରୀମାନେ ଆକ୍ରମଣ କରିଥାଇ ପାରନ୍ତି ବୋଲି ବନ୍ୟପ୍ରାଣୀ କର୍ମୀ ସନ୍ଦେହ ପ୍ରକଟ କରିଛନ୍ତି। ପଓ୍ୱନ ନାମକ ଏହି ନାମିବ୍ୟା ଚିତା ଶରୀରରେ କୌଣସି କ୍ଷତଚିହ୍ନ ନାହିଁ। ମଙ୍ଗଳବାର ସକାଳ ୧୦ଟା ୩୦ ମିନିଟ ସମୟରେ ଏକ ନାଳ ନିକଟ ବୁଦାରୁ ପଓ୍ୱନର ମୃତଦେହ ମିଳିଥିଲା ବେଳେ ଏହା ଶରୀରର କିଛି ଅଂଶ ପାଣିରେ ବୁଡ଼ି ରହିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି। ଭାରତକୁ ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟାରୁ ୨୦ଟି ଚିତା ଆସିଥିବାବେଳେ ସେଥିରୁ ବର୍ତ୍ତମାନ ସୁଦ୍ଧା ୧୩ଟିର ମୃତ୍ୟୁ ଘଟିଲାଣି।

# ନବାନ୍ନ ଅଭିଯାନ ବେଳେ ସଂଘର୍ଷ

## ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସର ପାଣି ଓ ଲାଠିମାଡ଼



ମୃତ ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବିରେ ଛାତ୍ରୀଛାତ୍ର ପଶ୍ଚିମବଙ୍ଗ ସଚିବାଳୟ ଅଭିଯାନବେଳେ ହାଓଡ଼ାଠାରେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ପାଣିମାଡ଼ କରୁଛି।

କୋଲ୍‌କାତା, ୨୭।୮ (ପି.ଟି.)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବିକରି ମଙ୍ଗଳବାର ଅପରାହ୍ନରେ ବିକ୍ଷୋଭକାରୀମାନେ ରାଜ୍ୟ ସଚିବାଳୟ 'ନବାନ୍ନ' ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ଛାତ୍ର ସଂଗଠନ 'ପଶ୍ଚିମବଙ୍ଗ ଛାତ୍ର ସମାଜ' ଏବଂ ଅସନ୍ତୁଷ୍ଟ ରାଜ୍ୟ ସରକାରୀ କର୍ମଚାରୀ ସଂଗଠନ 'ସଂଗ୍ରାମୀ ଯୌଥ ମଞ୍ଚ' ପକ୍ଷରୁ ନବାନ୍ନ ଅଭିଯାନ ବିଭିନ୍ନ ସ୍ଥାନରୁ ବାହାରିଥିଲାବେଳେ ଏହା ହିଂସାତ୍ମକ ସଂଘର୍ଷର ରୂପ ନେଇଛି। ହାଓଡ଼ା ମଇଦାନ ଅଞ୍ଚଳର ଜି.ଟି. ରୋଡ୍‌ଠାରେ ପୋଲିସ ବିକ୍ଷୋଭକାରୀଙ୍କୁ

### ଆଜି ୧୨ ଘଣ୍ଟିଆ ପଶ୍ଚିମବଙ୍ଗ ବନ୍ଦ

ଅଟକାଇବାରୁ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। ବିକ୍ଷୋଭକାରୀ ବାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କଲାବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ପାଣିମାଡ଼ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। ବିକ୍ଷୋଭକାରୀମାନେ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଫଳରେ ଜି.ଟି. ରୋଡ୍ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସଂଘର୍ଷରେ ହାଓଡ଼ା କମିଶନରେଟ୍ ପୋଲିସର ଚଣ୍ଡିତାଲା ଥାନା ଭାରପ୍ରାପ୍ତ ଅଧିକାରୀ ଆହତ ହୋଇଛନ୍ତି। ପୋଲିସ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରିଛି।

ହାଷ୍ଟିଙ୍ଗ୍‌ସ ଏବଂ ଏମ୍.ଜି. ରୋଡ୍ ଅଞ୍ଚଳରେ ମଧ୍ୟ ବିକ୍ଷୋଭକାରୀ ପୋଲିସ ଉପରକୁ ଟେକାମାଡ଼ କରିବାରୁ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଗୋଡ଼ାଇ ପିଟିଥିଲେ। ଆମେ ଆଇନ ଭାଙ୍ଗିନାହୁଁ। ମୃତା ଡାକ୍ତରଙ୍କ ପାଇଁ ନ୍ୟାୟ ଦାବିରେ ଶାନ୍ତିପୂର୍ଣ୍ଣ ରାଲି କରୁଥିବାବେଳେ ପୋଲିସ ଆମକୁ ମାଡ଼ ମାରିଛି। ମମତା ବାନାର୍ଜୀ ଏଥିପାଇଁ ନିଜକୁ ଦାୟୀ କରିବା ସହ ଇସ୍ତଫା ଦିଅନ୍ତୁ ବୋଲି ଜଣେ ମହିଳା ବିକ୍ଷୋଭକାରୀ କହିଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନକାରୀ କେତେକ ସ୍ଥାନରେ ବାରିକେଡ୍ ଭାଙ୍ଗି ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିବାରୁ ଲାଠିଚାଳନା ଓ ଲୁହବୁହା ବାଷ୍ପ ପ୍ରୟୋଗ କରାଗଲା ବୋଲି ପୋଲିସ ସଫେଇ ଦେଇଛି। ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଭାଜପା ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ପଶ୍ଚିମବଙ୍ଗ ବନ୍ଦ ଡାକରା ଦିଆଯାଇଛି। ଅପରାଧୀଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁରକ୍ଷା ଦେଉଥିବା ଅଭିଯୋଗକରି ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ପାଇଁ ଭାଜପା ତାଙ୍କ ଇସ୍ତଫା ଦାବି କରିଛି। ମମତାଙ୍କ ସମେତ ଅପରାଧରେ ଜଡ଼ିତ ଥିବା କୋଲକାତା ପୋଲିସ କମିଶନର ବିନୀତ ଗୋଏଲଙ୍କ ପଲିଗ୍ରାଫ ପରୀକ୍ଷା କରାଯାଉ ବୋଲି ଭାଜପା କହିଛି।

ପ୍ରଥମେ ହାଓଡ଼ା ବ୍ରିଜ୍‌ର କୋଲକାତା ପାର୍ଶ୍ୱ ଏବଂ କୋନା ଏକ୍ସପ୍ରେସ୍‌ୱେର ସାନ୍ତ୍ରାଗାଛି ରେଳଷ୍ଟେଶନ ନିକଟରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାଳନା ସହ ପାଣିମାଡ଼ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ସାନ୍ତ୍ରାଗାଛିରେ ଆନ୍ଦୋଳନକାରୀଙ୍କ ଟେକାମାଡ଼ରେ ବହୁ ପୋଲିସ ଆହତ ହୋଇଥିବାବେଳେ ସେମାନଙ୍କ କାର୍ଯ୍ୟାନୁଷ୍ଠାନରେ ମଧ୍ୟ ଅନେକ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ନବାନ୍ନ ଅଭିଯାନ ପୂର୍ବରୁ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ବ୍ୟକ୍ତିମାନେ ହତ୍ୟା ଷଡ଼ଯନ୍ତ୍ର ଓ ହତ୍ୟା ଉଦ୍ୟମରେ ସମ୍ପୃକ୍ତ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ଉକ୍ତ ୪ ଜଣ ଛାତ୍ର କର୍ମୀ ମଧ୍ୟରାତ୍ରରୁ ନିଖୋଜ ହୋଇଯାଇଥିବା ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଅଭିଯୋଗ କରିଥିଲେ।

ରାଜ୍ୟ ସଚିବାଳୟକୁ ଯାଇଥିବା ରାସ୍ତାର ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପୋଲିସ ଲୁହା ଓ ଆଲୁମିନିୟମ ବାରିକେଡ୍ ଲଗାଇଥିଲା। ବିକ୍ଷୋଭକାରୀ ଏହା ଉପରେ ଯେପରି ଚଢ଼ି ନ ପାରିବେ, ସେଥିପାଇଁ ସେଥିରେ ତେଲ ଲଗାଯାଇଥିଲା। ସଚିବାଳୟ ରାସ୍ତାରେ ୬,୦୦୦ ପୋଲିସ ମୁତୟନ ହୋଇଥିଲେ। ବିଭିନ୍ନ ରାଜ୍ୟରୁ ଅତିରିକ୍ତ ପୋଲିସ ଫୋର୍ସ ମଗାଯିବା ସହ ରାପିଡ୍ ଆକ୍ସନ ଫୋର୍ସ, କୁଇକ୍ ଆକ୍ସନ ଟିମ୍ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ମୁତୟନ ହୋଇଥିଲେ। ଆନ୍ଦୋଳନକାରୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଡ୍ରୋନ ଏବଂ ରୋବୋକପ୍ ନିୟୋଜିତ ହେବା ସହ ବିକ୍ଷୋଭ ସ୍ଥଳରେ ଦଙ୍ଗା ନିରୋଧୀ ବଜ୍ରଯାନ ରଖାଯାଇଥିଲା। ଆନ୍ଦୋଳନକାରୀ ନବାନ୍ନ ଅଭିଯାନ ପାଇଁ ଅନୁମତି ଲୋଡ଼ି ନ ଥିବାରୁ ଏହି ବିକ୍ଷୋଭ ଶୋଭାଯାତ୍ରା ବେଆଇନ ଥିଲା ବୋଲି ପୋଲିସ କହିଛି।

ଆର୍.ଜି. କର ହସ୍ପିଟାଲର ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ, ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଏବଂ ମମତା ବାନାର୍ଜୀଙ୍କ ଇସ୍ତଫା ଦାବିରେ ପଶ୍ଚିମବଙ୍ଗ ଛାତ୍ର ସମାଜ ନବାନ୍ନ ଅଭିଯାନର ଡାକରା ଦେଇଥିଲା। ରବୀନ୍ଦ୍ର ଭାରତୀ ୟୁନିଭର୍ସିଟିର ଛାତ୍ରନେତା ପ୍ରବୀର ଦାସ, କଲ୍ୟାଣୀ ୟୁନିଭର୍ସିଟିର ଶୁଭଙ୍କର ହାଲ୍‌ଦାର ଏବଂ ରବୀନ୍ଦ୍ର ମୁକ୍ତ ବିଶ୍ୱବିଦ୍ୟାଳୟର ସାୟନ ଲାହିରି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ଆନ୍ଦୋଳନ ପଛରେ ଭାଜପା ରହିଥିବା ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଭିଯୋଗ କରିଛି। ଟିଏମ୍‌ସିର ଅଭିଯୋଗକୁ ଭାଜପା ଖଣ୍ଡନ କରିବା ସହ ଆନ୍ଦୋଳନକୁ ସମର୍ଥନ ଜଣାଇବ ବୋଲି କହିଛି।

### ଆର୍.ଜି. କର ହସ୍ପିଟାଲରେ ପଶିଲା ଇଡି

ଟ୍ରେନି ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଚର୍ଚ୍ଚାରେ ଥିବା କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟାପକ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଥିଲା। କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହାର ତଦନ୍ତ ଚଳାଇଥିବାବେଳେ ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିଷ୍ପତ୍ତି ନେଇଛି। ସିବିଆଇ ଏତଲା ଆଧାରରେ ସଂଘୀୟ ତଦନ୍ତକାରୀ ସଂସ୍ଥା ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବିଭିନ୍ନ ଧାରାରେ ଏନ୍‌ଫୋର୍ସମେଣ୍ଟ କେସ୍ ଇନ୍‌ଫର୍ମେଶନ ରିପୋର୍ଟ (ଇସିଆଇଆର୍) ଦାଖଲ କରିଛି। ଇଡି ମେଡିକାଲ କଲେଜ ଓ ହସ୍ପିଟାଲର ବ୍ୟାଙ୍କ୍ କାରବାର ସମ୍ପର୍କିତ କାଗଜପତ୍ର, ହସ୍ପିଟାଲ ଓ ମେଡିକାଲ କଲେଜ ପାଇଁ କିଣାଯାଇଥିବା ବିଭିନ୍ନ ସାମଗ୍ରୀର ଦସ୍ତାବିଜ୍ ଆଦି ବିଭିନ୍ନ ସୂତ୍ରରୁ ସଂଗ୍ରହ କରିଛି। ପୂର୍ବତନ ପ୍ରିନ୍ସପାଲ ସନ୍ଦୀପ୍ ଘୋଷଙ୍କ ସମୟରେ ଏହି ଅନିୟମିତତା ହୋଇଥିବାରୁ ଖୁବ୍ ଶୀଘ୍ର ତାଙ୍କ ସମେତ ଅନ୍ୟମାନଙ୍କୁ ଜେରା ଓ ବୟାନ ରେକର୍ଡ ପାଇଁ ଇଡି ଡାକିପାରେ। ପୂର୍ବରୁ ସିବିଆଇ ଆର୍ଥିକ ଅନିୟମିତତା ମାମଲାରେ ସନ୍ଦୀପ୍‌ଙ୍କ ସମେତ କୋଲକାତାର ୩ଟି ଘରୋଇ ଯୋଗାଣକାରୀ ସଂସ୍ଥା ନାମରେ ମାମଲା ରୁଜୁ କରିଛି। ଗତ ରବିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଅଧିକାରୀମାନେ ସନ୍ଦୀପ୍‌ଙ୍କ ସମେତ ମେଡିକାଲର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ସଞ୍ଜୟ ବଶିଷ୍ଠ ଓ ଅନ୍ୟ ୧୩ ଜଣଙ୍କ ଘରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଆର୍ଥିକ ଅନିୟମିତତା ସମ୍ପର୍କିତ ଅନେକ ଦସ୍ତାବିଜ୍ ଜବତ ହୋଇଥିବା ସିବିଆଇର ଜଣେ ଅଧିକାରୀ କହିଛନ୍ତି।

# ରାଜ୍ୟ ସଭାକୁ ୧୨ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

## ସଂଖ୍ୟାଗରିଷ୍ଠତା ହାସଲକଲା ଏନ୍‌ଡିଏ

ନୂଆଦିଲ୍ଲୀ, ୨୭।୮



ରାଜ୍ୟ ସଭାକୁ ୧୨ ସଦସ୍ୟ ମଙ୍ଗଳବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଉଚ୍ଚ ସଦନରେ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଉପନିର୍ବାଚନରେ ଭାଜପାରୁ ୯ ଏବଂ ସହଯୋଗୀ ଦଳରୁ ୨ ଜଣ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିଛନ୍ତି। ଫଳରେ ଉଚ୍ଚ ସଦନରେ ଭାଜପା ସଦସ୍ୟ ସଂଖ୍ୟା ୯୬ ଏବଂ ଏନ୍‌ଡିଏ ସଦସ୍ୟ ସଂଖ୍ୟା ୧୧୨କୁ ବୃଦ୍ଧି ପାଇଛି। ଶାସକ ଦଳକୁ ୬ ଜଣ ମନୋନୀତ ସଦସ୍ୟ ଏବଂ ଜଣେ ସ୍ୱାଧୀନ ସଦସ୍ୟଙ୍କ ସମର୍ଥନ ଥିବାରୁ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ପାଇଁ ଆବଶ୍ୟକ ୧୧୯ ମାର୍କ ହାସଲ କରିପାରିଛି। ସୂଚନାଯୋଗ୍ୟ, ରାଜ୍ୟ ସଭାର ମୋଟ ସଦସ୍ୟ ସଂଖ୍ୟା ୨୪୫ ହୋଇଥିବାବେଳେ ଜମ୍ମୁ-କଶ୍ମୀର ପାଇଁ ୪ ଆସନ ଏବଂ ୪ ମନୋନୀତ ସଦସ୍ୟ ଆସନ ଖାଲି ପଡ଼ିଥିବାରୁ ବର୍ତ୍ତମାନ ସଂଖ୍ୟା ୨୩୭ ରହିଛି।

ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଭାଜପା ପ୍ରାର୍ଥୀମାନେ ହେଲେ ଓଡ଼ିଶାରୁ ମମତା ମହାନ୍ତ, ଆସାମରୁ ମିଶନ ରଞ୍ଜନ ଦାସ ଏବଂ ରାମେଶ୍ୱର ତେଲି, ବିହାରରୁ ମନନ କୁମାର ମିଶ୍ରା, ହରିୟାଣାରୁ କିରନ ଚଧାରୀ, ମଧ୍ୟପ୍ରଦେଶରୁ ଜର୍ଜ କୁରିଏନ୍, ମହାରାଷ୍ଟ୍ରରୁ ଧୈର୍ଯ୍ୟଶୀଳ ପାଟିଲ, ରାଜସ୍ଥାନରୁ ରଭନୀତ ସିଂ ବିଟ୍ଟୁ ଏବଂ ତ୍ରିପୁରାରୁ ରାଜୀବ ଭଟ୍ଟାଚାର୍ଯ୍ୟୀ। କଂଗ୍ରେସ ପ୍ରାର୍ଥୀ ଅଭିଷେକ ମନୁ ସିଂଘଭି ତେଲଙ୍ଗାନାରୁ ନିର୍ବାଚିତ ହୋଇଥିବାବେଳେ ଏନ୍‌ସିପି ଅଜିତ ସିଂ ଗୋଷ୍ଠୀର ନିତୀନ ପାଟିଲ ମହାରାଷ୍ଟ୍ରରୁ ଏବଂ ଆର୍‌ଏଲ୍‌ଏମ୍‌ର ଉପେନ୍ଦ୍ର କୁଶ୍‌ୱା ବିହାରରୁ ନିର୍ବାଚିତ ହୋଇଛନ୍ତି। ବହୁବର୍ଷ ପରେ ଶାସକ ମେଣ୍ଟ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ ରାଜ୍ୟ ସଭାରେ ବିଲ୍ ଗୃହୀତ କରାଇବା ସହଜ ହେବ।

## ନର୍ସିଂ ଛାତ୍ରୀଙ୍କୁ ନିଶା ଦେଇ ବଳାତ୍କାର

ମୁମ୍ବାଇ, ୨୭।୮

ମହାରାଷ୍ଟ୍ର ରତ୍ନଗିରି ଜିଲାର ଜଣେ ୧୯ ବର୍ଷୀୟା ନର୍ସିଂ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ସୋମବାର ରାତିରେ ଏକ ଅଟୋରିକ୍ସା ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଅଟୋ ଡ୍ରାଇଭର ତାଙ୍କୁ ପିଇବା ପାଇଁ ପାଣି ଦେଇଥିଲେ। ପାଣିରେ ଅଭିଯୁକ୍ତ ଅଟୋ ଡ୍ରାଇଭର ନିଶାଦ୍ରବ୍ୟ ମିଳାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ପାଣି ପିଇବା ପରେ ଛାତ୍ରୀ ବେହୋସ ହୋଇଯାଇଥିଲେ। ଫଳରେ ଡ୍ରାଇଭର ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଭାବକଙ୍କ ଅଭିଯୋଗ ଆଧାରରେ ମଙ୍ଗଳବାର ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ଅଟୋ ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ପୋଲିସ ତାଙ୍କୁ ଗିରଫ କରିବା ପାଇଁ ସିସିଟିଭି କ୍ୟାମେରା ଯାଞ୍ଚ କରୁଛି।

## କବିତାଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ, ୨୭।୮ (ପି.ଟି.)



ଦିଲ୍ଲୀ ଅବକାରୀ ନୀତି ସହ ସମ୍ପୃକ୍ତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିବା ପରେ ସେ ମଙ୍ଗଳବାର ଜେଲରୁ ମୁକୁଳିଛନ୍ତି। କବିତା ୫ ମାସ ହେଲା ବିଚାର ବିଭାଗୀୟ ହାଜତରେ ରହିଲେଣି। ତାଙ୍କ ବିରୋଧରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାର ତଦନ୍ତ ଶେଷ ହୋଇଛି। ତେଣୁ କବିତାଙ୍କୁ ଆଉ ହାଜତରେ ରଖିବା ଆବଶ୍ୟକ ନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିବା ସହ ତାଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ଉପରୋକ୍ତ ୨ ମାମଲାରେ ଦିଲ୍ଲୀ ହାଇକୋର୍ଟ ଜୁଲାଇ ୧ରେ ବିଆର୍‌ଏସ୍ ନେତ୍ରୀଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ। ସୁପ୍ରିମକୋର୍ଟ ଉକ୍ତ ରାୟକୁ ଖାରଜ କରିଦେଇଛନ୍ତି। ୨ଟି ମାମଲାରେ ୧୦ ଲକ୍ଷ ଟଙ୍କା ଲେଖାଏ ଜାମିନ ବଣ୍ଡ ଦାଖଲ କରିବାକୁ କବିତାଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ମାମଲାରେ ତଦନ୍ତକାରୀ ସଂସ୍ଥାର ସ୍ୱଚ୍ଛତାକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇବା ସହ ଭର୍ତ୍ସନା କରିଥିଲେ। କବିତା ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ପ୍ରମାଣ ଦେଖାଇବାକୁ ଖଣ୍ଡପୀଠ ଇଡି ଏବଂ ସିବିଆଇକୁ କହିଥିଲେ। କବିତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଓ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ।

# କାନାଡାରୁ ବହିଷ୍କୃତ ହେବେ ୭୦ ହଜାର ବିଦେଶୀ ଛାତ୍ରୀଛାତ୍ର

## ପ୍ରତିବାଦରେ ବିକ୍ଷୋଭ

ଓଟ୍ଟାଓ୍ୱା, ୨୭।୮




କାନାଡ଼ାରୁ ୭୦ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରୀଛାତ୍ର ବିଦା ହେବାକୁ ଯାଉଛନ୍ତି। ସେମାନଙ୍କ ଓ୍ୱାର୍କ ପରମିଟ ଚଳିତବର୍ଷ ସୁଦ୍ଧା ଶେଷ ହେଉଥିବାବେଳେ ଏହାର ସମୟସୀମାକୁ ଆଉ ବଢ଼ାଯିବ ନାହିଁ। କାରଣ କାନାଡା ସରକାର ନିକଟରେ ସଂଘୀୟ ଦେଶାନ୍ତର ଗମନ ନୀତିରେ ପରିବର୍ତ୍ତନ କରିଛନ୍ତି। ଫଳରେ କାନାଡାରୁ ବହିଷ୍କୃତ ହେବା ଏକପ୍ରକାର ନିଶ୍ଚିତ ହୋଇଥିବାରୁ ଏହାର ପ୍ରତିବାଦରେ ଅନ୍ତର୍ଜାତୀୟ ସ୍ନାତକ ଛାତ୍ରୀଛାତ୍ରମାନେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜଷ୍ଟିନ୍ ଟ୍ରୁଡୋ ସରକାରଙ୍କ ନିଷ୍ପତ୍ତି ବିରୋଧରେ ପ୍ରିନ୍ସ ଏଡଓ୍ୱାର୍ଡ ଆଇଲାଣ୍ଡ (ପିଇଆଇ), ଓଣ୍ଟାରିଓ, ମାନିଟୋବା ଏବଂ ବ୍ରିଟିଶ କଲମ୍ବିଆରେ ବିକ୍ଷୋଭ ରାଲି କରାଯାଇଛି। ନୂଆ ପ୍ରାଦେଶିକ ନୀତି ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଉକ୍ତ ନୀତିରେ ସ୍ଥାୟୀ ନିବାସ ପ୍ରତିନିଧିତ୍ୱକୁ ୨୫ ପ୍ରତିଶତ ହ୍ରାସ କରାଯାଇଛି। ଫଳରେ ବହୁ ବିଦେଶୀ ଛାତ୍ରୀଛାତ୍ର ସେଠାରେ ରହିବା ଅସୁରକ୍ଷିତ ହୋଇପଡ଼ିଛି। କାନାଡାରେ ପଢ଼ିବା ପାଇଁ ବହୁ ଛାତ୍ରୀଛାତ୍ର ଆସୁଛନ୍ତି। ଫଳରେ ସେଠାର ହାଉସିଂ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସେବା ଉପରେ ଅତ୍ୟଧିକ ଚାପ ପଡୁଛି। ଏହାକୁ ରୋକିବା ପାଇଁ କାନାଡା ସରକାର ନୂଆ ଇମିଗ୍ରେଶନ ନୀତି ଆଣିଛନ୍ତି।

# ଏଏମ୍‌ଏମ୍‌ଏ ଅଧ୍ୟକ୍ଷ ପଦରୁ ମୋହନଲାଲ୍‌ଙ୍କ ଇସ୍ତଫା

କୋଚି, ୨୭।୮ (ପି.ଟି.)

ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରି (ମଲିଉଡ୍)ରେ ଅଭିନେତ୍ରୀମାନଙ୍କୁ ଯୌନ ଶୋଷଣ ସମ୍ପର୍କିତ ହେମା କମିଟି ରିପୋର୍ଟ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି। ମହିଳା କଳାକାରମାନଙ୍କୁ ଇଣ୍ଡଷ୍ଟ୍ରିରେ ଲଗାତର ଯୌନ ଶୋଷଣ କରିବା ପାଇଁ ଆପରାଧିକ ନେଟ୍‌ଓ୍ୱର୍କ ଚାଲିଥିବା ନେଇ କେରଳ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟ ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ବଢ଼ିବା ସହ ଜୋର୍‌ଦାର ପ୍ରତିବାଦ ହେବାରୁ ଆସୋସିଏଶନ ଅଫ୍ ମାଲାୟାଲମ୍ ମୁଭି ଆର୍ଟିଷ୍ଟସ୍ (ଏଏମ୍‌ଏମ୍‌ଏ)ର ଅଧ୍ୟକ୍ଷ ଥିବା ବିଶିଷ୍ଟ ଅଭିନେତା ମୋହନଲାଲ ଏବଂ ଉକ୍ତ ସଂଗଠନର ଅନ୍ୟ ପଦାଧିକାରୀମାନେ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ଫଳରେ ସଂଗଠନ ଭଙ୍ଗ ହୋଇଛି।



ମଲିଉଡ୍‌ର କେତେକ ଜଣାଶୁଣା ଚେହେରାଙ୍କ ବିରୋଧରେ ବହୁସଂଖ୍ୟାରେ ମହିଳା କଳାକାର ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଖ୍ୟାତନାମା

### ଯୌନ ନିର୍ଯାତନା ଅଭିଯୋଗ

ନିର୍ଦ୍ଦେଶକ ରଞ୍ଜିଥ, ଅଭିନେତା ସିଦ୍ଦିକ ଏବଂ ମୁକେଶ ମଧ୍ୟ ଯୌନ ଅପରାଧରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସେମାନେ ୨ ଦିନ ପୂର୍ବରୁ ଉକ୍ତ ଚଳଚ୍ଚିତ୍ର ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ପଦବୀରୁ ଇସ୍ତଫା ଦେଇଥିଲେ। ମଙ୍ଗଳବାର ଏଏମ୍‌ଏମ୍‌ଏର ଅଧ୍ୟକ୍ଷଙ୍କ ସହ ସମସ୍ତ କାର୍ଯ୍ୟକର୍ତ୍ତା ସମୂହ ଇସ୍ତଫା ପ୍ରଦାନ କରିଛନ୍ତି। ନୈତିକତା ଦୃଷ୍ଟିରୁ ଆସୋସିଏଶନ ନିଜକୁ ଦାୟୀ କରିବା ସହ ସମୂହ ଇସ୍ତଫା ପାଇଁ ନିଷ୍ପତ୍ତି ନେଇଥିଲା। ୨୦୧୭ରେ କେରଳ ସିନେମା ଜଗତର କେତେଜଣ ଅଭିନେତ୍ରୀ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଏହାର ତଦନ୍ତ ପାଇଁ ହେମା କମିଟି ଗଠନ ହୋଇଥିଲା। କମିଟି ୨୦୧୯ରେ ରିପୋର୍ଟ ଦେଇଥିଲେ ହେଁ, କେରଳ ସରକାର ଏହାକୁ ୫ ବର୍ଷ ହେଲା ଚାପି ରଖିଥିଲେ। ନିକଟରେ ପ୍ରକାଶ ପାଇଥିବା ଉକ୍ତ ରିପୋର୍ଟ ଅନୁଯାୟୀ ଇଣ୍ଡଷ୍ଟ୍ରିରେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଅସାଧୁ ମେଣ୍ଟ ମହିଳା କଳାକାରମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଥିଲେ। ସେମାନଙ୍କ ଯୌନ ଅନୁଗ୍ରହ ଦାବିକୁ ମନାକଲେ ମିଳିମିଶି ମହିଳା କଳାକାରଙ୍କୁ ଇଣ୍ଡଷ୍ଟ୍ରିରୁ ବାହାର କରିଦେଉଛନ୍ତି। ରିପୋର୍ଟ ଆସିବା ପରେ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ଜଣେ ମହିଳା ଆଇପିଏସ୍ ଅଫିସରଙ୍କ ନେତୃତ୍ୱରେ ଟିମ୍ ଗଠନ କରି ଅଭିଯୋଗର ତଦନ୍ତ କରାଯାଉ ବୋଲି ଦାବି କରିଥିଲା।

ଧରିତ୍ରୀ 50 Years

DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୮/୨୦୨୪ | Bhubaneswar, Wednesday, August 28/2024 | ପୃଷ୍ଠା-୧



**ବଲିଉଡ୍ ଛାଡ଼ିବାକୁ ଚାହୁଁଥିଲେ ଆମିର**

କୋଭିଡ୍ ୧୯ ଲକ୍‌ଡାଉନ୍ ସମୟରେ ଅଭିନେତା ଆମିର ଖାନ୍ ବଲିଉଡ୍ ଛାଡ଼ିବାକୁ ଚାହୁଁଥିଲେ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି।

୦୨

୧୪

**ହରମନପ୍ରୀତ ଅଧିନାୟିକା**

ୟୁଏଇରେ ହେବାକୁଥିବା ମହିଳା ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ହରମନପ୍ରୀତ କୌର ଭାରତୀୟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି।



# ନମିତାଙ୍କୁ ବାରଣ

ତାମିଲନାଡୁ ରାଜ୍ୟ ଭାଜପା ଶାଖାର କାର୍ଯ୍ୟକାରୀ ସଦସ୍ୟା ଏବଂ ସେହି ରାଜ୍ୟର ସୁପରିଚିତା ସିନେମା ଅଭିନେତ୍ରୀ ନମିତା ଭାଙ୍କୱାଲା ଅଗଷ୍ଟ ୨୬ରେ ମଦୁରାଇସ୍ଥିତ ମୀନାକ୍ଷୀ ସୁନ୍ଦରେଶ୍ୱର ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ତାଙ୍କ ସହ ସ୍ୱାମୀ ବୀରେନ୍ଦ୍ର ଚୌଦାରୀ ଥିଲେ। ମନ୍ଦିର ଦ୍ୱାର ପାଖରେ ପହଞ୍ଚିଲା ବେଳକୁ ନମିତା ଓ ତାଙ୍କ ସ୍ୱାମୀ ଭିଆଇପି ଭାବେ ପ୍ରବେଶ କରିବାକୁ ଦାବିକଲେ। ଏହା ଶୁଣି ସୁରକ୍ଷା କର୍ମୀ ତାଙ୍କୁ ଅଟକାଇଦେଲେ। କାରଣ ପଚାରିବାରୁ ସୁରକ୍ଷା କର୍ମୀ କହିଥିଲେ ଯେ, ସେହି ଦମ୍ପତି ହିନ୍ଦୁଧର୍ମର ବୋଲି ପ୍ରମାଣ ଦେବା ଦରକାର। ଏଠାରେ ମନେରଖିବାକୁ ହେବ ଯେ ସିନେମା ତାରକା ଭାବେ ନମିତା ଯଥେଷ୍ଟ ଲୋକପ୍ରିୟତା ହାସଲ କରିପାରିଛନ୍ତି। ଦକ୍ଷିଣର ଯାହା ସମସ୍ତେ କରନ୍ତି ତାହା ମଧ୍ୟ

**ତଥାଗତ ସତପଥୀ**

ନମିତା କରିଛନ୍ତି। ଅର୍ଥାତ୍ ସିନେମାରେ ପ୍ରବେଶ କରି ନାମ ଅର୍ଜନ କରିବା ପରେ ରାଜନୀତିରେ ପାଦଦେଇଛନ୍ତି ସମ୍ପୃକ୍ତା ତାରକା। ସେଥିରୁ ବୁଝିବାକୁ ହେବ ଯେ ସ୍ୱାଭାବିକ ଭାବେ, ତାଙ୍କ ମୁହଁକୁ ସୁରକ୍ଷା କର୍ମୀ ନିଶ୍ଚିତ ଭାବେ ଚିହ୍ନିଥିବେ। କିନ୍ତୁ ନିର୍ଦ୍ଦେଶକୁ ମାନି ନିଜର କର୍ତ୍ତବ୍ୟରେ ଅବହେଳା କରିବା ପରିବର୍ତ୍ତେ ସେହି ସୁରକ୍ଷା କର୍ମୀ ତାଙ୍କର ଧର୍ମ ସମ୍ପର୍କରେ ପ୍ରମାଣଦେବା ପାଇଁ କହିଲେ। ଏହି ଖବରଟି ଜାତୀୟ ସ୍ତରରେ ବ୍ୟାପିଯାଇଛି। ଯାହା ତଥ୍ୟ ମିଳିଛି ସେଥିରୁ ଜଣାପଡ଼ିଛି ଯେ, ମନ୍ଦିର ଭିତରେ ଭିଡ଼ଥିବା ହେତୁ ନମିତା ଓ ତାଙ୍କ ସ୍ୱାମୀ ମାସ୍କ ପିନ୍ଧି ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ସେଥିଯୋଗୁ ସୁରକ୍ଷା କର୍ମୀ ତାଙ୍କୁ ଅଟକାଇବା ସହ ଧର୍ମର ପ୍ରମାଣ ମାଗିଥିଲେ। ମନ୍ଦିର ପରିଚାଳନା ପକ୍ଷରୁ ହିନ୍ଦୁ ଧର୍ମାବଲମ୍ବୀମାନେ କେଉଁ ପ୍ରକାର ନିଜ ସମ୍ପର୍କରେ ପ୍ରମାଣ ଦେଇପାରିବେ, ତାହା ବିଧିବଦ୍ଧ ଭାବେ ସ୍ପଷ୍ଟ କରାଯାଇଛି କି ନାହିଁ ଜଣାପଡୁନାହିଁ। ଏହା ସତ୍ୟ ଯେ, ମନ୍ଦିର ପରିଚାଳନା କମିଟିଗୁଡ଼ିକରେ ଯେତେବେଳେ ସଦସ୍ୟ ପରିବର୍ତ୍ତନ ଘଟେ; ସେତେବେଳେ ପରିଚାଳନା ସମ୍ପର୍କିତ ଆଇନଗୁଡ଼ିକ ମଧ୍ୟ ଅନେକାଂଶରେ ବଦଳି ଯାଇଥାଏ। ତେବେ ନମିତା ତାଙ୍କ ମଥାରେ କୁଙ୍କୁମ ଲଗାଇବା ପରେ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳିଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହିନ୍ଦୁଧର୍ମରେ ବେଶ ପୋଷାକର କୌଣସି କଟକଣା କିମ୍ବା ଶରୀରରେ କୌଣସି ଚିହ୍ନବର୍ଣ୍ଣ ଛାଡ଼ିବାର ବ୍ୟବସ୍ଥା ପୂର୍ବରୁ ନାହିଁ। ହୁଏତ ମହିଳାମାନେ ଚୁଡ଼ି, ସିନ୍ଦୂର, ଅଳତା ଏବଂ ସର୍ବୋପରେ ଶାଢ଼ି ପିନ୍ଧିଲେ ହିନ୍ଦୁ ଭାବେ ପରିଚିତ ହୋଇପାରନ୍ତି। ପୁରୁଷଙ୍କ ପାଇଁ କୌଣସି ଦେଖାଣିଆ ବ୍ୟବସ୍ଥା ନ ଥିବାରୁ ନିଜକୁ ହିନ୍ଦୁ ପ୍ରମାଣ କରିବା ଅନେକ ସମୟରେ କଷ୍ଟକର ହୋଇପାରେ। ଏହା ହେଲା ଗୋଟିଏ ପଟର ଆଲୋଚନା।

ଅନ୍ୟପଟେ ଭାରତୀୟ ମାନସିକତାରେ ଦେଖିଲେ ନମିତାଙ୍କ ମନ୍ଦିର ପ୍ରବେଶ ନେଇ ଉପୁଜିଥିବା ସମସ୍ୟା ଦେଶବ୍ୟାପୀ ସବୁ ଗଣମାଧ୍ୟମରେ ପ୍ରକାଶ ପାଇଲା, କାରଣ ଗୋଟିଏ କି ଦୁଇଟି ସୁରକ୍ଷାକର୍ମୀ ତାଙ୍କର ଦାୟିତ୍ୱକୁ ଅତି ନିଷ୍ଠାର ସହ ପୂରଣ କରିଥିଲେ। ସାଧାରଣ ଭାରତୀୟର ମାନସିକତାକୁ ଦେଖିଲେ ନମିତାଙ୍କ ଭଳି ଜଣେ ସୁପରିଚିତ ସିନେ ତାରକା ଏବଂ ବିଶେଷକରି ରାଜନେତା ପାଲଟିଥିବା ବ୍ୟକ୍ତିଙ୍କୁ ଗୋଟିଏ ଗରିବ ସୁରକ୍ଷାକର୍ମୀ କେଉଁ ଆସ୍ପର୍ଦ୍ଧାରେ ଅଟକାଇଥିଲା ତାହା ଅନେକଙ୍କୁ ବିରକ୍ତ କରିଛି। ହୁଏତ ସେହି ମୀନାକ୍ଷୀ ମନ୍ଦିରର ପରିଚାଳକ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ସୁରକ୍ଷାକର୍ମୀଙ୍କୁ ଚାକିରିରୁ ବହିଷ୍କାର କରିଦେଇପାରନ୍ତି। ଏହାର ଏକମାତ୍ର କାରଣ ହେଲା, ଭାରତୀୟମାନଙ୍କ ମନରେ କୌଣସି ବ୍ୟକ୍ତି ତା'ର ଦାୟିତ୍ୱକୁ ଅତି ଭଲଭାବେ ତୁଲାଇଲେ ଅନ୍ୟମାନଙ୍କର ଦେହ ସହେ ନାହିଁ। ଅପରପକ୍ଷରେ ଅନ୍ୟ ଦେଶରେ ଏଭଳି କର୍ମଚାରୀଙ୍କୁ ସାଧୁବାଦ ଦେବା ସହିତ ଉପାଧି ମଧ୍ୟ ଦିଆଯାଇ ଥାଆନ୍ତା। ଆମେ ଏଭଳି ଏକ ଜାତି, ଯେଉଁଠାରେ ଆମ ଭୋଟ ପାଇ ଆମ ପ୍ରତିନିଧି ଯେତେବେଳେ ଉଚ୍ଚ ପଦବୀ ଅଳଙ୍କୃତ କରନ୍ତି; ସେତେବେଳେ ପ୍ରଥମେ ପୋଲିସ ଓ ଅନ୍ୟ ସୁରକ୍ଷାକର୍ମୀଙ୍କ ସାହାଯ୍ୟରେ ସାଧାରଣ ଲୋକଙ୍କୁ ଦୂରାଇ ରଖିବା ହୋଇପଡ଼େ ମୁଖ୍ୟ କର୍ତ୍ତବ୍ୟ। ସେହି ଶକ୍ତିଶାଳୀ ଲୋକମାନେ ରାସ୍ତାରେ ଯାତାୟାତ କରିବା ସମୟରେ ଅନ୍ୟ ସମସ୍ତଙ୍କ ଗାଡ଼ି ବନ୍ଦ କରିବାକୁ ପଡ଼ିଥାଏ।

ତୃତୀୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚ୍ୟର ବିଷୟ ହେବା କଥା ଜଣେ ବ୍ୟକ୍ତି ହିନ୍ଦୁ ବୋଲି କେମିତି ପ୍ରମାଣ କରିବ। ଉଦାହରଣ ସ୍ୱରୂପ ସାଧାରଣ ଖ୍ରୀଷ୍ଟିଆନ କିମ୍ବା ମୁସଲମାନଙ୍କୁ ପରୀକ୍ଷା କରିବାକୁ ହେଲେ ସେମାନେ ହୁଏତ ବାଇବେଲ କିମ୍ବା କୋରାନରୁ ଦୁଇ ଚାରିପଦ ଉଚ୍ଚାରଣ କରିପାରିବେ। ଏଠାରେ ମନେପଡ଼େ ଆଫ୍ରିକାର ବୁକୋହାରାମ ଉଗ୍ରପନ୍ଥୀ ଗୋଷ୍ଠୀ କିଛିବର୍ଷ ପୂର୍ବେ ଏକ ବଡ଼ ମଲ୍‌ରେ ପ୍ରବେଶ କରି ସେଠାରେ ଥିବା ଲୋକଙ୍କୁ ପଣବନ୍ଦୀ କରିଦେଲେ। ଏହା ପରେ ଜଣେ ଜଣକା ବଞ୍ଚିବା ପାଇଁ ସୁଯୋଗ ଦେଲେ, କିନ୍ତୁ ସେଥିରେ ଏକ ସର୍ତ୍ତ ରହିଲା, ଯିଏ କୋରାନର କୌଣସି ପଙ୍କ୍ତି କହିପାରିବ ସେହି ବ୍ୟକ୍ତି ବଞ୍ଚିବ। ଅନେକ ମୁସଲମାନ ବଞ୍ଚିଗଲେ। ଆହୁରି ଅନେକ ମୁସଲମାନ ଗୁଳିର ଶିକାର ହେଲେ; କାରଣ ସେମାନେ କୋରାନ ପାଠ କରି ନ ଥିଲେ କିମ୍ବା ତାଙ୍କର ମନେପଡ଼ିଲା ନାହିଁ। ଅନୁରୂପ ଭାବେ ଭାରତୀୟଙ୍କର ସେଭଳି ପରୀକ୍ଷା ନିଆଗଲେ ତନ୍ମଧ୍ୟରୁ ଅଧିକାଂଶ ହିନ୍ଦୁ ବେଦ,ରାମାୟଣ ଓ ମହାଭାରତର ପାଞ୍ଚ ଧାଡ଼ି କହିପାରିବେ ନାହିଁ। ଏଥିସହିତ ମନେରଖିବାକୁ ହେବ ଯେ, ରାମାୟଣ ବୋଇଲେ ଗୋଟିଏ କାବ୍ୟ ନୁହେଁ। କାମ୍ବୋଡିଆ ଏବଂ ଇଣ୍ଡୋନେସିଆଠାରୁ ଆରମ୍ଭ କରି ଭାରତ, ଆଫଗାନିସ୍ତାନ ପର୍ଯ୍ୟନ୍ତ ରାମାୟଣର ଅନେକ ଭିନ୍ନ ସଂସ୍କରଣ ରହିଛି। ବାଲ୍ମୀକିଙ୍କର ରାମାୟଣକୁ ମୂଳ ରାମାୟଣ ବୋଲି ଅନେକ ବିଦ୍ୱାନ୍ ମାନନ୍ତି ନାହିଁ। ତେଣୁ କେଉଁ ରାମାୟଣର ପଙ୍କ୍ତି ଜଣେ କହୁଛି, ତାହା ଅନ୍ୟ ଜଣେ ଜାଣିବା କଷ୍ଟକର। ସେହିଭଳି ଓଡ଼ିଶାର ଗ୍ରାମାଞ୍ଚଳରେ ପଢ଼ାଯାଉଥିବା ଭାଗବତ ଏବଂ ଉତ୍ତର ଭାରତରେ ପଠନ ହେଉଥିବା ବେଦର ଅନେକ ଅଙ୍ଗରେ ସାମଞ୍ଜସ୍ୟ ରହେନାହିଁ। ତେଣୁ ମୃତ୍ୟୁମୁଖରେ ପଡ଼ିଥିବା ହିନ୍ଦୁ କେଉଁ ସଂସ୍କରଣକୁ ଉଚ୍ଚାରଣ କଲେ ଅପରପକ୍ଷ ତାଙ୍କୁ ହିନ୍ଦୁ ବୋଲି ସ୍ୱୀକାର କରିବେ ତାହା କହିବା କାହାରି ପାଇଁ ସହଜ ନୁହେଁ। ଆଜି ତଥାକଥିତ ବିଦ୍ୱାନ୍‌ମାନେ କୂପମଣ୍ଡୁକ ହୋଇ ନିଜର ଅଳ୍ପ ଜ୍ଞାନରେ ସନ୍ତୁଷ୍ଟ ରହିପାରନ୍ତି। ସେଥିପାଇଁ ହିନ୍ଦୁ ଭାବେ ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟିତ ବ୍ୟକ୍ତି ଅନ୍ୟ ଜଣକ ଦ୍ୱାରା ଗୃହୀତ ହେବ ବୋଲି କୌଣସି ପ୍ରତିଶ୍ରୁତି ଦେଇହେବ ନାହିଁ।



ପଶ୍ଚିମବଙ୍ଗ ଛାତ୍ର ସମାଜର ଆନ୍ଦୋଳନରତ ବିକ୍ଷୋଭକାରୀମାନଙ୍କୁ କୋଲକାତା ପୋଲିସର ରାପିଡ୍ ଆକ୍ସନ ଫୋର୍ସ ଗୋଡ଼ାଇ ପିଟୁଛି। (ଫଟୋ: ପି.ଟି.ଆଇ.)

# ଭଙ୍ଗାହେବ ୧୯୧ ଆପାର୍ଟମେଣ୍ଟ

**ରାଜଧାନୀରେ ବଢୁଛି ବେଆଇନ ନିର୍ମାଣ**



ଭୁବନେଶ୍ୱର,୨୭।୮(ଅନିଲ ଦାସ)

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ବେଆଇନ ଭାବେ ବହୁତଳ ଅଟ୍ଟାଳିକା ଗଡ଼ିଉଠୁଛି। ନିର୍ମାଣ ହେବା ପୂର୍ବରୁ ସମ୍ପୃକ୍ତ ଅଞ୍ଚଳ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉ ନ ଥିବାରୁ ଦିନକୁ ଦିନ ଏହାର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ରାଜଧାନୀ ଭୁବନେଶ୍ୱରରେ ସବୁଠୁ ଅଧିକ ବେଆଇନ ଆପାର୍ଟମେଣ୍ଟ ଗଡ଼ିଉଠୁଛି। ଭୁବନେଶ୍ୱର ରାଜ୍ୟର ପ୍ରମୁଖ ସହର। ଏଠାରେ ରାଜ୍ୟ ଶାସନର ମୁଖ୍ୟାଳୟଠାରୁ ଆରମ୍ଭକରି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନ ରହିଛି। ତେବେ ଏହି ମହାନଗର ଅଞ୍ଚଳରେ ବେଳକୁବେଳ ବହୁ ବେଆଇନ ଆପାର୍ଟମେଣ୍ଟ ଗଢ଼ି ଉଠୁଛି। ରାଜଧାନୀରେ ଗଢ଼ି ଉଠିଥିବା ୧୯୧ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ମୋଟ ୪୯୧ଟି ବେଆଇନ ଆପାର୍ଟମେଣ୍ଟ ବିରୋଧରେ ମାମଲା ରୁଜୁ କରିଛି। ସେଥିରୁ ୨୩୭ଟି ମାମଲା ବିଚାରାଧୀନ ଥିବାବେଳେ ୬୩ଟି ଖାରଜ ହୋଇ ଯାଇଛି। ଅବଶିଷ୍ଟ ୧୯୧ ବେଆଇନ ଆପାର୍ଟମେଣ୍ଟକୁ ଭାଙ୍ଗିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

କେବଳ ବିଡିଏ ନୁହେଁ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ମଧ୍ୟ ବହୁ ବେଆଇନ ଆପାର୍ଟମେଣ୍ଟ ଗଢ଼ି ଉଠିଛି। ବେଆଇନ ଭାବେ ଗଢ଼ି ଉଠିଥିବା ଆପାର୍ଟମେଣ୍ଟ/କୋଠାବାଡ଼ି ନିର୍ମାଣ ବିରୋଧରେ ୧୪୪୪ଟି ମାମଲା ରୁଜୁ ହୋଇଛି। ସେଥିରୁ ୪୫୧ ମାମଲା ଫଇସଲା ହୋଇସାରିଛି। ୯୯୩ ମାମଲା ବିଚାରାଧୀନ ରହିଛି। ଆଇନ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ-୧୯୮୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି।

ଯଦି ସରକାର ନିଷ୍ପତ୍ତି ଅନୁଯାୟୀ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗନ୍ତି ତେବେ ଏହାକୁ କ୍ରୟ କରିଥିବା ଗ୍ରାହକ କ୍ଷତିରେ ପଡ଼ିବା ଆଶଙ୍କା ରହିଛି। ଗତ କିଛି ବର୍ଷ ଧରି ରାଜଧାନୀରେ ଗଢ଼ି ଉଠୁଥିବା ବେଆଇନ ଆପାର୍ଟମେଣ୍ଟକୁ ଭାଙ୍ଗିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ସେହି ଆପାର୍ଟମେଣ୍ଟର ମାଲିକମାନେ କୋର୍ଟର ଦ୍ୱାରସ୍ଥ ହେଉଥିବାରୁ ବିଡିଏ କିମ୍ବା ବିଏମ୍‌ସି କୌଣସି ଗୋଟିଏ ବେଆଇନ ଅଟ୍ଟାଳିକା ଭାଙ୍ଗି ପାରିନାହାନ୍ତି। ନଗର ଉନ୍ନୟନ ମନ୍ତ୍ରୀଙ୍କ ସୂଚନା ପରେ ଭାଙ୍ଗିବା ନିର୍ଦ୍ଦେଶ ଥିବା ବେଆଇନ ଆପାର୍ଟମେଣ୍ଟ ଉପରେ କି କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଉପରେ ସମସ୍ତଙ୍କ ନଜର।

## ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ସେପ୍ଟେମ୍ବର ୮ ସକାଳ ୯ଟା ୧୨ରୁ ୨୭ ମିନିଟ୍ ମଧ୍ୟରେ**

ସମ୍ବଲପୁର,୨୭।୮(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଆସନ୍ତା ସେପ୍ଟେମ୍ବର ୮ ତାରିଖ ରବିବାର ପାଳିତ ହେବ। ସମ୍ବଲପୁର ସହର ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ମଙ୍ଗଳବାର ନୂଆଁଖାଇ ଲଗ୍ନଧାର୍ଯ୍ୟ ହୋଇଛି। ଝାଡୁଆପଡା ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ ଦ୍ୱାରା ଆୟୋଜିତ ପଣ୍ଡିତ ମହାସଭାରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ପଣ୍ଡିତ ଓ ଜ୍ୟୋତିଷମାନେ ଯୋଗଦେଇ ଗଣନା କରିଥିଲେ। ଇଷ୍ଟଦେବୀ ମା' ସମଲେଇଙ୍କ ରାଶି ଓ ନକ୍ଷତ୍ରାନୁସାରେ ଲଗ୍ନ ସ୍ଥିର ହୋଇଛି। ପଣ୍ଡିତ ଓ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସର୍ବସମ୍ମତିକ୍ରମେ ଧାର୍ଯ୍ୟଲଗ୍ନ ଅନୁସାରେ ସେପ୍ଟେମ୍ବର ୮ତାରିଖ ରବିବାର ସକାଳ ୯ଟା ୧୨ମିନିଟ ଗତେ ଏବଂ ୯ଟା ୨୭ମିନିଟ ମଧ୍ୟରେ ତୁଳାଲଗ୍ନରେ ଇଷ୍ଟଦେବୀ ସମଲେଇ ଓ ବ୍ରହ୍ମପୁରା ଠାକୁରଙ୍କଠାରେ ପ୍ରଥମେ ନବାନ୍ନ ଲାଗି ହେବ। ଏହାପରେ ଜନସାଧାରଣ ନିଜ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଲଗାଇ ନୂଆ ଖାଇପାରିବେ ବୋଲି ସ୍ଥିର ହୋଇଛି। ☞ପୃଷ୍ଠା-୨

# ରହସ୍ୟମୟୀ କ୍ରିପ୍ଟୋ କୋଚ୍ ଜୁଲି

**ଟେଲିଗ୍ରାମ ସିଇଓଙ୍କୁ ଧରାପକାଇ ନିଖୋଜ**

ପ୍ୟାରିସ୍, ୨୭।୮

ମେସେଜିଂ ଆପ୍ ଟେଲିଗ୍ରାମରେ ଆପରାଧିକ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେବା ଅଭିଯୋଗରେ ଏହାର ସିଇଓ ପାଭେଲ ଡ୍ୟୁରେଭଙ୍କୁ ରବିବାର ପ୍ୟାରିସ୍‌ର ଲେ ବୋର୍ଗେଟ ଏୟାରପୋର୍ଟରୁ ଫ୍ରାନ୍ସ ପୋଲିସ ଗିରଫ କରିଛି। ପାଭେଲଙ୍କ ଗିରଫଦାରିକୁ ନେଇ ଏକ ନୂଆ ମୋଡ଼ ଆସିଛି। ପାଭେଲ ଗିରଫ ହେବାର ଠିକ୍ ପୂର୍ବରୁ ଆଜରବାଇଜାନ ଯାଇଥିଲେ। ସେଠାରେ ଜୁଲି ଭାଭିଲୋଭା(୨୪) ନାମ୍ନୀ ଜଣେ ମହିଳାଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ଜୁଲିଙ୍କ ହନିଟ୍ରାପ୍‌ରେ ଫସି ପାଭେଲ ଧରାପଡ଼ିଥିବା ନେଇ ସୋସିଆଲ ମିଡିଆରେ ଆଲୋଚନା ହେଉଛି।

ଜୁଲିଙ୍କ ଇନ୍‌ଷ୍ଟାଗ୍ରାମ ପ୍ରୋଫାଇଲ ଅନୁଯାୟୀ, ସେ ଦୁବାଇର ଜଣେ କ୍ରିପ୍ଟୋ କୋଚ୍ ଏବଂ ଭିଡିଓ ଗେମ୍ ଷ୍ଟ୍ରିମର ମଧ୍ୟ। ଟେଲିଗ୍ରାମ ସିଇଓ ପାଭେଲଙ୍କ ସହ ମିଶି ସେ ବହୁ ସ୍ଥାନକୁ ଯାତ୍ରା କରିଛନ୍ତି। ନିକଟରେ ପାଭେଲଙ୍କ ସହ ଜୁଲି କାଜାଖସ୍ତାନ, କିର୍ଗିଜସ୍ତାନ, ଆଜରବାଇଜାନ ଆଦି ଦେଶକୁ ଭ୍ରମଣ କରିଥିଲେ। ଜୁଲି ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଓ ଷ୍ଟୋରି ମାଧ୍ୟମରେ ପାଭେଲଙ୍କ ସହ କରିଥିବା ବିଭିନ୍ନ ଯାତ୍ରାର ବହୁ ଫଟୋ ଓ ଭିଡିଓ ଶେୟାର କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ଅନେକେ ବିଶ୍ୱାସ କରୁଛନ୍ତି, ଏପରି କରି ଜୁଲି ଡ୍ୟୁରେଭଙ୍କ ଠିକଣା ନେଇ ତାଙ୍କୁ ଖୋଜୁଥିବା ଅଧିକାରୀଙ୍କୁ ସୂଚନା ଦେଉଥିଲେ। ସେହିପରି ପାଭେଲଙ୍କ ଗିରଫଦାରିର ମାତ୍ର ୩ ଦିନ ପୂର୍ବରୁ ଜୁଲି ଏକ ପ୍ରାଇଭେଟ୍ ଜେଟ୍ ମଧ୍ୟରେ ବସି ଇନ୍‌ଷ୍ଟାଗ୍ରାମରେ ଷ୍ଟୋରି ଦେଇଥିଲେ। ଏହି ପ୍ରାଇଭେଟ ଜେଟ୍ ଡ୍ୟୁରୋଭଙ୍କର ଥିଲା ଏବଂ ଉକ୍ତ ଜେଟ୍ ଯୋଗେ ହିଁ ସେ ଗିରଫଦାରିର ଠିକ୍ ପୂର୍ବରୁ ପ୍ୟାରିସରେ ପହଞ୍ଚିଥିବା ନେଇ ଅନେକେ ଅନୁମାନ କରୁଛନ୍ତି। ଅନ୍ୟପକ୍ଷରେ, ଜୁଲି ଇସ୍ରାଏଲର ଜାତୀୟ ☞ପୃଷ୍ଠା-୨



ଜୁଲି ଭାଭିଲୋଭା



ପାଭେଲ ଡ୍ୟୁରେଭ

## ଜୟ ଶାହା ଆଇସିସି ଚେୟାରମ୍ୟାନ୍

ଦୁବାଇ,୨୭।୮

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି)ର ଚେୟାରମ୍ୟାନ୍ ଭାବରେ ମଙ୍ଗଳବାର ନିର୍ବାଚିତ ହୋଇଛନ୍ତି ବିସିସିଆଇ ସଭାପତି ଜୟ ଶାହା। ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଶାହା ନିର୍ବାଚିତ ହୋଇଥିବା ବେଳେ ୩୫ ବର୍ଷ ବୟସରେ ଆଇସିସିର ସର୍ବକନିଷ୍ଠ ଚେୟାରମ୍ୟାନ୍ ହେବାର ରେକର୍ଡ କରିଛନ୍ତି। କ୍ରିକେଟର ଏହି ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ଶାହା ପଞ୍ଚମ ଭାରତୀୟ ପାଲଟିଛନ୍ତି। ପୂର୍ବରୁ ଜଗମୋହନ ଡାଲମିଆ, ଶରଦ ପାୱାର, ଏନ୍. ଶ୍ରୀନିବାସନ୍ ଓ ଶଶାଙ୍କ ମନୋହର ଯୋଶୀ ଆଇସିସିର ମୁଖ୍ୟ ଭାବରେ କାର୍ଯ୍ୟ କରିସାରିଛନ୍ତି। ବର୍ତ୍ତମାନର ଆଇସିସି ଚେୟାରମ୍ୟାନ୍ ରହିଥିବା ନ୍ୟୁଜିଲାଣ୍ଡର ଗ୍ରେଗ୍ ବାର୍କଲେ ତୃତୀୟ ଥର ସଭାପତି ଦୌଡରୁ ☞ପୃଷ୍ଠା-୨



## ଆଜିଠୁ ପାରାଲିମ୍ପିକ୍ସ

**୫୪୯ ପଦକ, ୪୪୦୦ ଆଥଲେଟ୍**

ପ୍ୟାରିସ୍,୨୭।୮(ପି.ଟି.)

ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ସ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଏହି କ୍ରୀଡା ମହାକୁମ୍ଭ ଆୟୋଜିତ ହେବ। ପ୍ୟାରିସ୍‌ରେ ୧୧ଦିନ ବ୍ୟାପୀ ହେବାକୁଥିବା ଏହି ଇଭେଣ୍ଟରେ ୨୨ଟି କ୍ରୀଡ଼ା ବର୍ଗର ସମୁଦାୟ ୫୪୯ ପଦକ ପାଇଁ ୪୪୦୦ ଆଥଲେଟ ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ୟାରିସ୍‌ରେ ଥିବା ଐତିହାସିକ ପ୍ଲେସ୍ ଡି ଲା କନ୍‌କର୍ଡ ଯେଉଁଠାରେ ସ୍କେଟ୍ ବୋର୍ଡିଂ, ବ୍ରେକିଙ୍ଗ ଓ ୩ ଏ ସାଇଡ ବାସ୍କେଟବଲ ଭଳି ଇଭେଣ୍ଟ ଆୟୋଜିତ ହୋଇଥିଲା, ସେଠାରେ ପାରାଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ଆୟୋଜନ ହେବ। ସେହିପରି ଚେଟାଉ ଡ ଭର୍ସାଲିସ୍ ଷ୍ଟାଡିୟମରେ ପାରା ଇକ୍ୱେଷ୍ଟ୍ରେନ୍, ହ୍ୱିଲ ଚେୟାର ଫେନ୍‌ସିଂ ଓ ପାରା ଆର୍ଚେରୀ ଭଳି ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସନ୍‌ମାର୍ଗ ନ୍ୟାଶନାଲ ହିନ୍ଦୀ ଡେଲି ଆୱାର୍ଡ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- ସେବା ପେପର ମିଲ ଖୋଲିବା ଦାବିରେ ୱାର୍କର୍ସଙ୍କ ଧାରଣା, ସ୍ଥାନ: ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ସେଞ୍ଚୁରିଆନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- କଟକ ଜିଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ, ସ୍ଥାନ: ପାଲା ମଣ୍ଡପସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖବରକାଗଜ ପୃଷ୍ଠଭୂମିର ୨୯ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କଟକ ଶାରଳା ଭବନ, ସମୟ: ଅପରାହ୍ନ ୫ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭଗବଦ୍ ପ୍ରବଚନ ସପ୍ତାହର ଷଷ୍ଠ ସନ୍ଧ୍ୟା, ସ୍ଥାନ: ରାଷ୍ଟ୍ରଭାଷା ସଭାଗୃହ, କଳାବିକାଶ କେନ୍ଦ୍ର ରୋଡ, କଟକ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଭାରତ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଅଶୋକ ନଗର ବଣିକ ସଂଘ, ବାଲୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ବୈଦିକ ଯଜ୍ଞ, ପ୍ରବଚନ ଓ ଚାରା ରୋପଣସ୍ଥାନ:ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମ, ରୂପସା, ସମୟ: ସକାଳ ୮ଟା।
- ନିଖିଳ ଉତ୍କଳ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମହାସଂଘ ପକ୍ଷରୁ ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ,ସ୍ଥାନ: ବାଲିଆପାଳ ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା।
- ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପନ ଉତ୍ସବ, ସ୍ଥାନ:ଶୀଳତା ଠାକୁରାଣୀ ମହାବିଦ୍ୟାଳୟ, ଖୁଲଡ଼ା, ବାଲେଶ୍ୱର,ସମୟ:ଅପରାହ୍ନ ୨ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ମହାକାଶ ସପ୍ତାହର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- କୌଶଳ ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ନନ୍ଦୋତ୍ସବ, ସ୍ଥାନ: ଶ୍ରୀଚୈତନ୍ୟ ଆଶ୍ରମ, ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଦିବ୍ୟାଙ୍ଗଙ୍କୁ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: କପ୍ତିପଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ-୨୦୨୪, ସ୍ଥାନ: ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁଳିଆପଦା, ସମୟ: ପୂର୍ବାହ୍ନ ୧୧ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଉଦଳା କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଭାଜପାର ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ଭାଜପା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା,ସ୍ଥାନ: ଜୟପୁର କଲ୍ୟାଣ ମଣ୍ଡପ, ଗୋପବନ୍ଧୁ ନଗର,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ବିଇଏମ୍‌ସି ପକ୍ଷରୁ କ୍ରିକେଟ ମ୍ୟାଚ, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।

## ଗଞ୍ଜାମ

- ଗଣିତ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ବିଶାଳ ଶୋଭାଯାତ୍ରା, ସ୍ଥାନ: ଅନୁଗୋଳ ଜଗନ୍ନାଥ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସ୍ପୋର୍ଟ୍ସ ଡେ ପାଇଁ ହାଇସ୍କୁଲସ୍ତରୀୟ ଜୁଡ଼ୋ ପ୍ରତିଯୋଗିତା, ସ୍ଥାନ: ଏମ୍‌ପିଆଇଏସ୍, ପାରାଦୀପ ସମୟ: ଅପରାହ୍ନ ୩ଟା।
- ଜାତୀୟସ୍ପୋର୍ଟ୍ସ ଡେ ପାଇଁ ହାଇସ୍କୁଲସ୍ତରୀୟ ଖୋଖୋ, କବାଡି, ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ନନ୍ଦୋତ୍ସବ, ସ୍ଥାନ: ଆୟେବା, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଂସାର, କେନ୍ଦ୍ରାପଡ଼ା ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବିଞ୍ଝାରପୁର ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା,ସ୍ଥାନ:ବିଞ୍ଝାରପୁର ମଙ୍ଗଳଚଣ୍ଡୀ ପୀଠ, କଲ୍ୟାଣପୁର, ସମୟ : ଅପରାହ୍ନ ୩ ଟା।

## ନୟାଗଡ଼

- ନୟାଗଡ଼ ଜିଲା ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ:ନୟାଗଡ଼-ଖଣ୍ଡପଡ଼ା ରୋଡ଼ର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୦ଟା।
- ପ୍ରୟୋଗ ତାଲିମ ଶିବିରର ୨ୟ ଦିବସ, ସ୍ଥାନ:ନୟାଗଡ଼ ବ୍ଲକର ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା, ସ୍ଥାନ: ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ସଦସ୍ୟତା ଅଭିଯାନ-୨୦୨୪, ସ୍ଥାନ: ମାଣିକେଶ୍ୱରୀ ଗଡ଼, ଗୁଡାରି, ସମୟ: ପୂର୍ବାହ୍ନ ୧୦ ଟା।
- ରାମ ଚରିତ ମାନସ କାର୍ଯ୍ୟକ୍ରମ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ସ୍ୱାସ୍ଥ୍ୟ ବିଭାଗର ଜିଲାସ୍ତରୀୟ ଉପଦେଷ୍ଟା କମିଟି ଓ ସିଭିଲ କନଷ୍ଟ୍ରକ୍ସନ ବୈଠକ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ବିଭିନ୍ନ ଉନ୍ନୟନମୂଳକ ଯୋଜନା ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନ ପକ୍ଷରୁ ସର୍ବୋଦୟ କ୍ୟାମ୍ପ ଉଦ୍‌ଯାପନୀ ଦିବସ, ସ୍ଥାନ : ଆଦିବାସୀ ସଂଗ୍ରାହଳୟ, କୋରାପୁଟ, ସମୟ: ଅପରାହ୍ନ ୨ଟା।
- ତ୍ରୁଡାର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ : ହାୱା ମଇଦାନ ପରିସର, ସମୟ: ସକାଳ ୮ଟା।
- ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ଏଲଟି ଓ ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପେରେଟର ପଦବୀ ଉଚ୍ଛେଦ ପ୍ରତିବାଦରେ ସ୍ମାରକ ପତ୍ର ପ୍ରଦାନ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମ୍ବଲପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ ସମୟ:ସନ୍ଧ୍ୟା ୭ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼

- ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ (୧୭ବର୍ଷରୁ କମ୍ ବାଳିକା ବିଭାଗ), ସ୍ଥାନ: ସରକାରୀ ନୋଡ଼ାଲ ହାଇସ୍କୁଲ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ (୧୭ବର୍ଷରୁ କମ୍ ବାଳକ ବିଭାଗ), ସ୍ଥାନ: ବରିହା ପୋଖପାଣି ହାଇସ୍କୁଲ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରୈମାସିକ ମହିଳା ପତ୍ରିକା ସୂର୍ଯ୍ୟସ୍ନାତାର ପ୍ରଥମ ସ୍ୱନକ୍ଷତ୍ର, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ହୋମଯଜ୍ଞ, ସ୍ଥାନ: ବାଗଡିହି ଗ୍ରାମ ମହାକାଳ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସରବାହାଲସ୍ଥିତ ବାସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## ରାଉରକେଲା

- ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଟାଉନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସାରସ୍ୱତ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଦେବଗଡ, ସମୟ: ସକାଳ ୯ଟା।
- ଭିଏମ୍‌ସି ବୈଠକ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ଦେବଗଡ଼, ସମୟ: ଅପରାହ୍ନ ୨ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷକ ତାଲିମ ଶିବିର, ସ୍ଥାନ: ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଆଇସିଡିଏସ୍ ଓ ମିଶନଶକ୍ତି କାର୍ଯ୍ୟ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱାସ୍ଥ୍ୟ ଓ ଯତ୍ନ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ବିଶାଳ ପଦଯାତ୍ରା, ସ୍ଥାନ: ମାଉସୀ ମା' ମନ୍ଦିର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: କଚେରୀ ପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- କେନ୍ଦ୍ରୀୟ ବିଦ୍ୟାଳୟରେ ପରିଚାଳନା କମିଟି ବୈଠକ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ବୌଦ୍ଧ. ସମୟ: ଅପରାହ୍ନ ୫ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର କ୍ଷେତ୍ରରେ ବୁଧଙ୍କ ସ୍ଥିତି ପ୍ରଭାବରୁ ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିବ। କର୍ମକ୍ଷେତ୍ରର ଅବ୍ୟବସ୍ଥାକୁ ନେଇ ମାନସିକ ଅସ୍ଥିରତା ପିଛା ଛାଡ଼ିବ ନାହିଁ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ବ୍ୟବସାୟରେ ବନ୍ଧୁଙ୍କ ମାଧ୍ୟମରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ।

**ବୃଷ** ମୁଖଭାବରେ ବୁଧ ଅପ୍ରିୟସତ୍ୟ ଭାଷଣରୁ ବିତର୍କର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ପରିସ୍ଥିତି ଅଲଗା ପ୍ରକାରର ବଦଳିଯିବା ହେତୁ ଅନ୍ୟମାନଙ୍କ ଭୁଲ୍ ଧାରଣା ଦୂରୀଭୂତ ହୋଇଯିବ। ଅର୍ଥପ୍ରାପ୍ତିର ସୂଚନା କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଅନୁରୋଧକୁ ରକ୍ଷାକରି ସହକର୍ମୀଙ୍କ କାମରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମିଥୁନ** ଧନସ୍ଥାନସ୍ଥ ଗ୍ରହ ପ୍ରଭାବରୁ ଅବୁଝା ବନ୍ଧୁଙ୍କୁ ମନେଇବାରେ ପାର୍ଟିର ଆୟୋଜନ କରିପାରନ୍ତି। ଅର୍ଥ ସମ୍ପର୍କ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶରୁ ଉପକୃତ ହେବେ। ପରିବାରର ଆବଶ୍ୟକତା ପୂରଣ କରିବାକୁ ଘରେ ବିତର୍କ ଦେଖାଦେଇପାରେ। ବ୍ୟବସାୟରେ ସଫଳତା ହାସଲ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ସଫଳ ହେବେ।

**କର୍କଟ** ଦ୍ୱାଦଶଭାବସ୍ଥ ଚନ୍ଦ୍ରମଙ୍ଗଳ ଯୋଗରୁ ସନ୍ତାନହେତୁକ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ହେବନି। କେହି ଜଣେ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଅତୀତ ଘଟଣାକୁ ନେଇ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ** ସ୍ୱଗୃହୀ ରବିଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଉନ୍ନତ ରହିବ। ପ୍ରଶାସନିକ କିମ୍ବା ରାଜନୈତିକ କ୍ଷେତ୍ରରେ ସମସ୍ୟାମୂଳକ ସ୍ଥିତି ଉପୁଜିପାରେ। ଯାନ୍ତ୍ରିକ ଜିନିଷ ବିକ୍ରିବଟା ସମ୍ପର୍କିତ ନକାରାତ୍ମକ ଚିନ୍ତାଧାରା ବିବ୍ରତ କରିପାରିବେ ନାହିଁ। ନିଜ ଲୋକଙ୍କୁ ଭୁଲ୍ ବୁଝିବା ସହ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହୋଇପାରନ୍ତି।

**କନ୍ୟା** ଭାଗ୍ୟାଧିପତି ନିଜ ରାଶିରେ ରହିଥିବାରୁ ନିଜ ଲୋକଙ୍କ ସାହାଯ୍ୟ, ସହଯୋଗରେ କାମ ହାସଲ କରିବେ। ପ୍ରତ୍ୟେକ ଅଭିଳାଷ ପୂରଣ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପ୍ରଶାସନ, କଳା, ସାହିତ୍ୟ, ସଭାସମିତି କ୍ଷେତ୍ରରୁ ସମ୍ମାନିତ ହେବେ।

**ତୁଳା** ବିଶାଖା ନକ୍ଷତ୍ର କୌଣସି କର୍ମାରମ୍ଭ ସକାଶେ ମନ ବଳାଇ କୃତକାର୍ଯ୍ୟ ହେବେ। ଯେଉଁ କାମ ଉଦ୍ଦେଶ୍ୟରେ ବନ୍ଧୁଙ୍କୁ କିଛି କହିବାକୁ ଚାହୁଁଥିଲେ ଆଜି ତାହା ପୂରଣ ହୋଇପାରିବ। ପଡ଼ୋଶୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ବିଛା** କର୍ମସ୍ଥ ବଳବାନ୍ ଗ୍ରହ ପ୍ରଭାବରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରାଇବାର ପ୍ରତିଶ୍ରୁତି ପାଇବେ। ଦକ୍ଷତା ଓ କରିତ୍‌କର୍ମା ହେତୁ ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ। କ୍ରୀଡ଼ା, ସଙ୍ଗୀତ ଓ ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ ଓ ସୁନାମ ଅର୍ଜନ କରିବେ। ରାଜନୈତିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ** ସାମାନ୍ୟ ସମସ୍ୟା ମଧ୍ୟରେ ଦୀର୍ଘ ଦିନର ଅଭିଳାଷ ପୂରଣ ହେବାରୁ ଆଶ୍ୱସ୍ତି ଲଭିବେ। ବ୍ୟବସାୟରେ କିମ୍ବା ରାଜନୈତିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ତଥା ମାଲିମକଦ୍ଦମାରେ ଉନ୍ନତି ହେବ। ଉତ୍ତରାଷାଢ଼ା ନକ୍ଷତ୍ର ପଡ଼ୋଶୀଙ୍କ ସହ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

**ମକର** ଆଜି ଦିନଟିର ଅନୁକୂଳ ଗ୍ରହସ୍ଥିତି ପ୍ରତ୍ୟେକ କ୍ଷେତ୍ରରେ ସିଦ୍ଧିପ୍ରଦାନ କରିବ। ଆନୁଷ୍ଠାନିକ କାମରେ ଲକ୍ଷ୍ୟ ହାସଲ କରିବା ସହ ପ୍ରଶଂସିତ ହେବେ। ରାଜନୈତିକ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାର ଆଶା ରହିଛି। ଆର୍ଥିକ ସମସ୍ୟା, ଧାର କରଜ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ।

**କୁମ୍ଭ** ଆଜି ଯେଉଁ କାମ ଆରମ୍ଭ କରିବେ ସୁବିଧାରେ ସମ୍ପନ୍ନ କରିବା କଷ୍ଟକର ହୋଇପାରେ। ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ ହେତୁ ଘଟଣା ଭିନ୍ନ ଆକାର ଧାରଣ କରିବ। ଶତଭିଷା ନକ୍ଷତ୍ର ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବା ସହ ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବ।

**ମୀନ** ରେବତୀ ନକ୍ଷତ୍ର ପରିବାରରେ ଭାବପ୍ରବଣ ବଶତଃ ଓଲଟା କଥା କହିଲେ ଅପଦସ୍ଥ ହେବେ। ଆଲୋଚନା ପରିସରରେ କିମ୍ବା ସଭା ସମିତିରେ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କୌଣସି ଏକ କାରଣରୁ ହଠାତ୍ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଆର୍ଥିକ ଦିଗଟି ବହୁତ ଭଲ ରହିବ ଏବଂ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

ଆଜି ଅଗଷ୍ଟ ୨୮ ତାରିଖ, ଭାଦ୍ରବ କୃଷ୍ଣ ଦଶମୀ ବୁଧବାର, ଶ୍ରୀମନ୍ଦିରରେ କୋଳିକିକା ଓ ବଣଭୋଜିବେଶ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ବୁଧ୍‌ବାମନ ଓଷା (ଦ୍ୱିତୀୟ ପାଳି), ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୩ ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୨ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୧.୪୭ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

# ବଲିଉଡ୍ ଛାଡ଼ିବାକୁ ଚାହୁଁଥିଲେ ଆମିର



**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମିର ଖାନ୍ ୩ ବର୍ଷ ତଳେ ସେ ବଲିଉଡ୍ ଛାଡିବେ ବୋଲି ଚିନ୍ତା କରିଥିଲେ। ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ଆମିର କହିଛନ୍ତି, କୋଭିଡ୍ ୧୯ ଏବଂ ଲକ୍‌ଡାଉନ୍ ସମୟରେ ସେ ତାଙ୍କ ଜୀବନ ବିଷୟରେ ଜାଣିବା ଏବଂ ଭାବିବା ପାଇଁ ଅଧିକ ସମୟ ପାଇଥିଲେ। ଗତ ୩ ଦଶନ୍ଧି ଧରି ସେ କେବଳ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି ଏବଂ ପରିବାର ଓ ପିଲାମାନଙ୍କ ସହ ସମୟ ବିତାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସେତେବେଳେ ସେ ଅନୁଭବ କରିଥଲେ। ଏଥିପାଇଁ ତାଙ୍କୁ ନିଜ ଉପରେ କ୍ରୋଧ ଆସିଥିବା ଆମିର କହିଛନ୍ତି। ତେଣୁ ସେ ଚଳଚ୍ଚିତ୍ର ଛାଡିବାକୁ ଚିନ୍ତା କରିଥିବା ଆମିର କହିଛନ୍ତି। ସେତେବେଳେ ସେ ତାଙ୍କ ପୂର୍ବ ପତ୍ନୀ କିରଣ ଏବଂ ପିଲାମାନଙ୍କ ସହିତ ବସି ଏନେଇ ଆଲୋଚନା କରିଥିଲେ। ଝିଅ ଇରା ଏବଂ ପୁଅ ଜୁନୈଦ୍ ତାଙ୍କୁ କର୍ମ ଜୀବନ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଭିନୟ ଜଗତକୁ ନ ଛାଡ଼ିବା ପାଇଁ କିରଣ ମଧ ତାଙ୍କୁ ଅନୁରୋଧ କରିଥିଲେ।

### ସୋଆରେ ସ୍ପ୍ରିଞ୍ଜର ନେଚର ପକ୍ଷରୁ ରାଇଜ କନ୍‌କ୍ଲେଭ୍

# ଗବେଷଣାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)**

ବିଶ୍ୱସ୍ତରୀୟ ପ୍ରକାଶନ ସଂସ୍ଥା 'ସ୍ପ୍ରିଞ୍ଜର ନେଚର' ଦ୍ୱାରା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ମଙ୍ଗଳବାର 'ରିସର୍ଚ୍ଚ ଇଣ୍ଟେଗ୍ରିଟି ଇନ୍ ସାଇନ୍ସ ଆଣ୍ଡ ଏଜୁକେଶନ' (ରାଇଜ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ 'ରାଇଜ କନକ୍ଲେଭ୍' କାର୍ଯ୍ୟକ୍ରମରେ ଆଡିଶନାଲ ଡିନ (ଷ୍ଟୁଡେଣ୍ଟ ଆଫେୟାର୍ସ) ଆଇଟିଇଆର୍ ପ୍ରଫେସର ରେଣୁ ଶର୍ମାଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବକ୍ତବ୍ୟ ରଖିଥିଲେ। ସମ୍ମିଳନୀ ଦ୍ୱାରା ଗବେଷଣା କ୍ଷେତ୍ରରେ ନୈତିକ ଉତ୍କର୍ଷ ନିମନ୍ତେ ଆଲୋଚନା, ସହଯୋଗିତା ଓ ଉଦ୍ଭାବନର ଦ୍ୱାର ଉନ୍ମୁକ୍ତ ହୋଇଛି ବୋଲି ସେ କହିଥିଲେ। ସେପ୍ଟେମ୍ବର ୧୯ରୁ ସ୍ପ୍ରିଞ୍ଜର ନେଚର ଇଣ୍ଡିଆ ରିସର୍ଚ୍ଚ ଟୁର-୨୦୨୪ କାର୍ଯ୍ୟକ୍ରମ ଦ୍ୱାରା ଗବେଷକମାନଙ୍କ ନିମନ୍ତେ ସାରା ଦେଶରେ 'ରାଇଜ ରୋଡ୍‌ଶୋ', କର୍ମଶାଳା ଏବଂ ବିଭିନ୍ନ ଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ୧୦ଟି ରାଜ୍ୟ ଓ ୧୬ଟି ସହରର ୨୮ଟି ପ୍ରସିଦ୍ଧ ଶିକ୍ଷାନୁଷ୍ଠାନରେ ଗବେଷଣା କ୍ଷେତ୍ରରେ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରେରିତ ବାର୍ତ୍ତା ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପାଠ କରିଥିଲେ। ସମ୍ମିଳନୀରେ ଅଲଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେଶନ (ଏଆଇସିଟିଇ) ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ବୈଷୟିକ ଜ୍ଞାନକୌଶଳକୁ ସ୍ୱାଗତ କରିବା ସହ ନୈତିକ ନିୟମାବଳୀ ପାଳନ କରିବା ଆବଶ୍ୟକ ବୋଲି କହିଥିଲେ। ସ୍ପ୍ରିଞ୍ଜର ନେଚର ଗ୍ରୁପ୍ ସଭାପତି (ଗବେଷଣା) ଷ୍ଟିଭେନ ଇନ୍‌ଚୁମ୍ବେ କହିଥିଲେ, ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ବିଶ୍ୱରେ ଭାରତ ତୃତୀୟ ସ୍ଥାନରେ ରହିଥିବା ବେଳେ ପ୍ରଥମ ସ୍ଥାନରେ ଚାଇନା ଓ ଦ୍ୱିତୀୟ ସ୍ଥାନରେ ଯୁକ୍ତରାଷ୍ଟ୍ର ଆମେରିକା ରହିଛି। ସେହିପରି ମହିଳା ଗବେଷିକାଙ୍କ କାର୍ଯ୍ୟକୁ ଅଧିକ ପ୍ରୋତ୍ସାହନ ଦିଆଯାଉଥିବା ଆଇସିଏସ୍‌ଏସ୍‌ଆର୍‌ର ମେମ୍ବର ସେକ୍ରେଟାରୀ ପ୍ରଫେସର ଧନଞ୍ଜୟ ସିଂ କହିଥିଲେ। ସ୍ପ୍ରିଞ୍ଜର ନେଚର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟେଶ ସର୍ବସିଦ୍ଧି କହିଥିଲେ, ଗବେଷଣାରେ ସ୍ୱଚ୍ଛତା ଭଳି ପ୍ରସଙ୍ଗକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସାହିତ କରାଯାଉଛି। ସେହିପରି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ବିଟ୍ସ ପିଲାନୀର ନିର୍ଦ୍ଦେଶକ ପ୍ରଫେସର ସୁଧୀର କୁମାର ବରାଇ. ସୋଆର ସେଣ୍ଟର ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ କ୍ୱାଣ୍ଟମ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୋଆ ସହିତ ସ୍ପ୍ରିଞ୍ଜର ନେଚରର କ୍ୟୁରିୟସ ଜର୍ନାଲ ଅଫ୍ ମେଡିକାଲ ସାଇସେନ୍ସ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସୋଆର ୬ଜଣ ମହିଳା ଗବେଷିକାଙ୍କୁ ସମ୍ମାନିତ କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ନୂଆଁଖାଇ ଲଗ୍ନ ଧାର୍ଯ୍ୟ...

ପରମ୍ପରାନୁସାରେ ନନ୍ଦୋତ୍ସବ ଦିନ ଝାଡୁଆପଡା ବ୍ରହ୍ମପୁରା ଜଗନ୍ନାଥ ମନ୍ଦିରରେ ଲଗ୍ନ ନିରୂପଣ ସଭା ହୋଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ପଣ୍ଡିତମାନେ ମହାସଭାରେ ସର୍ବସମ୍ମତିକ୍ରମେ ନକ୍ଷତ୍ର ଗଣନା କରି ଲଗ୍ନ ଧାର୍ଯ୍ୟ କରିଥିଲେ। ଏହାପରେ ବ୍ରହ୍ମପୁରା ଠାକୁରଙ୍କଠାରେ ପୂଜକ ସନ୍ତୋଷ ପଣ୍ଡାଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡର ସଞ୍ଜୟ କୁମାର ମିଶ୍ର ଧାର୍ଯ୍ୟଲଗ୍ନକୁ ସର୍ବସାଧାରଣରେ ପାଠ କରିଥିଲେ। ଏହାପରେ ମନ୍ଦିର ପୂଜକ, ଟ୍ରଷ୍ଟବୋର୍ଡକର୍ମକର୍ତ୍ତା ଓ ସଭ୍ୟମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ସମଲେଇ ମନ୍ଦିର ମୁଖଶାଳାରେ ପହଞ୍ଚିଥିଲେ। ଏହି ସମୟରେ ସମଲେଇ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଲଗ୍ନ କରିଥିଲେ। ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଦେବୀଙ୍କୁ ନୂଆଁଖାଇ ଲଗ୍ନ ଅର୍ପଣ କରିଥିଲେ। ଏହି ସମୟରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଏବଂ ପୂଜକମାନେ ଉପସ୍ଥିତ ଥିଲେ। ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡା, ଉପସଭାପତି ଜିତେନ୍ଦ୍ର ନନ୍ଦ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ମହେଶ୍ୱର ନାୟକ, ସରିତ କୁମାର ପାଢ଼ୀ, ସୁରେନ୍ଦ୍ର କୁମାର ପତି, ଗୋପୀନାଥ ପଣ୍ଡା, ରାକେଶ ମିଶ୍ର, ଶଶାଙ୍କଶେଖର ମିଶ୍ର, ମହେଶ୍ୱର ନାୟକଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ପଣ୍ଡିତମାନେ ଯୋଗଦେଇଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ମିଲୁ ପାଣିଗ୍ରାହୀ, ଶୁଭେନ୍ଦୁ ମିଶ୍ର, ପ୍ରାଣରଞ୍ଜନ ପଣ୍ଡା ପ୍ରମୁଖଙ୍କ ପରିଚାଳନାରେ ସଭା ଆୟୋଜନ ହୋଇଥିଲା।

## ରହସ୍ୟମୟୀ କ୍ରିପ୍ଟୋ...

ଗୋଇନ୍ଦା ସଂସ୍ଥା 'ମୋସାଦ'ର ଏଜେଣ୍ଟ ହୋଇଥିବା ନେଇ ଆଉ କେତେଜଣ ୟୁଜର୍ସ ଅନୁମାନ କରିଛନ୍ତି। ତେବେ ଟେଲିଗ୍ରାମ ସିଇଓଙ୍କ ଗିରଫଦାରି ପରଠାରୁ ଜୁଲି ନିଖୋଜ ରହିଛନ୍ତି।

ଏହି ରହସ୍ୟମୟୀ ମହିଳାଙ୍କ ସୋସିଆଲ ମିଡିଆ ଆକ୍ଟିଭିଟିକୁ ଫରାସୀ ସୁରକ୍ଷା ଅନୁସନ୍ଧାନକାରୀ ବେପ୍‌ଟିଷ୍ଟେ ରୋବର୍ଟ ରିସର୍ଚ୍ଚ କରି କହିଛନ୍ତି, ପ୍ୟାରିସ ଆସିବା ପୂର୍ବରୁ ପାଭେଲଙ୍କ ଆଜରବାଇଜାନ ଯାତ୍ରାରେ ଜୁଲି ତାଙ୍କ ସହ ରହିଥିଲେ। ଉକ୍ତ ଯାତ୍ରାରେ ଟେଲିଗ୍ରାମ ସିଇଓଙ୍କ ସହ ଫଟୋକୁ ଭାବିଲୋଭା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ସମ୍ଭବତଃ ଏହି କାରଣରୁ ପାଭେଲଙ୍କୁ ଗିରଫ କରିବା ସମ୍ଭବ ହୋଇପାରିଛି ବୋଲି ରୋବର୍ଟ କହିଛନ୍ତି। ଏକ ଆମେରିକୀୟ ଖବରକାଗଜକୁ ରୋବର୍ଟ କହିଛନ୍ତି, ପାଭେଲଙ୍କ ଗିରଫଦାରିରେ ଜୁଲିଙ୍କ ପୋଷ୍ଟର ପ୍ରତ୍ୟକ୍ଷ ଭୂମିକା ରହିଛି କି ନାହିଁ ତାହା କହିବା କଷ୍ଟସାଧ୍ୟ, କିନ୍ତୁ ଯଦି କେହି ଜୁଲିଙ୍କର ସୋସିଆଲ ମିଡିଆକୁ ନିୟମିତ ଭାବେ ଫଲୋ କରୁଥିବେ ସେ ଅତି ସହଜରେ ଟେଲିଗ୍ରାମ ସିଇଓଙ୍କ ଗତିବିଧିକୁ ଟ୍ରାକ୍ କରିପାରିବେ। ଜୁଲିଙ୍କ ପୋଷ୍ଟରୁ ଜଣାପଡ଼ିଛି, ସେ ପାଭେଲଙ୍କ ସହ ଆଜରବାଇଜାନର ରାଜଧାନୀ ବାକୁରେ ଥିବା ଏକ ଶୁଟିଂ ରେଞ୍ଜ ଓ ଏକ ହୋଟେଲକୁ ଯାଇଥିଲେ। ଜୁଲିଙ୍କ ସୋସିଆଲ ମିଡିଆ ପୋଷ୍ଟରୁ ଉଭୟ ପାଭେଲ ଓ ଜୁଲି ପରସ୍ପର ସହ ବେଶ ନିକଟତର ହୋଇଥିବା ଜଣାପଡୁଥିବା ବେଳେ ଦୁହିଁଙ୍କ ମଧ୍ୟରେ ପ୍ରକୃତ ସମ୍ପର୍କ କ'ଣ ତାହା କହିବା କଷ୍ଟକର ବୋଲି ରୋବର୍ଟ କହିଛନ୍ତି। ଜୁଲି ଏବଂ ପାଭେଲଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ୍ କେବେ ଏବଂ କେଉଁଠାରେ ହୋଇଥିଲା, ସେନେଇ ଜଣାପଡ଼ିନାହିଁ। ତେବେ ଉଭୟ ଦୁବାଇରେ ରହୁଥିଲେ ବୋଲି ରୋବର୍ଟ କହିଛନ୍ତି।

## ଜୟ୍ ଶାହା ଆଇସିସି...

ଓହରିବା ପରେ ଏକମାତ୍ର ପ୍ରତ୍ୟାଶୀ ଭାବରେ ଶାହା ନାମାଙ୍କନ ଦାଖଲ କରିଥିଲେ। ନଭେମ୍ବର ୩୦ ତାରିଖରେ ବାର୍କଲେଙ୍କ କାର୍ଯ୍ୟକାଳର ଅନ୍ତିମ ଦିନ ହୋଇଥିବାରୁ ଡିସେମ୍ବର ୧ ତାରିଖରେ ଶାହା ନୂତନ ଦାୟିତ୍ୱ ଗ୍ରହଣ କରିବେ। ୨୦୧୯ରେ ପ୍ରଥମ ଥର ବିସିସିଆଇ ସମ୍ପାଦକ ହୋଇଥିବା ଶାହା ଜାନୁଆରୀ ୨୦୨୧ରେ ଏସିଆନ କ୍ରିକେଟ କାଉନ୍‌ସିଲର ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି।

ନିର୍ବାଚିତ ହେବା ପରେ ଶାହା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କ୍ରିକେଟକୁ ବିଶ୍ୱସ୍ତରରେ ପ୍ରସିଦ୍ଧ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଆସନ୍ତା ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଏହା ଲଞ୍ଚପ୍ୟାଡ ଭଳି କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଆଇସିସିର ଟିମ୍ ଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ମିଳିତ ଭାବରେ ସେ କ୍ରିକେଟକୁ ଏକ ଗ୍ଲୋବାଲ ସ୍ପୋର୍ଟ୍ସରେ ପରିଣତ କରିବେ ବୋଲି କହିଛନ୍ତି। କ୍ରିକେଟରେ ଏକାଧିକ ଫର୍ମାଟ ମଧ୍ୟରେ ସମନ୍ୱୟ ଓ ନୂତନ ବୈଷୟିକ କୌଶଳର ବ୍ୟବହାର ଉପରେ ମଧ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଆସନ୍ତା ଲସ୍ ଏଞ୍ଜେଲ୍ସ ଗେମ୍ କ୍ରିକେଟ୍‌କୁ ବିଶ୍ୱର ଘରେ ଘରେ ଲୋକପ୍ରିୟ କରିବା ନେଇ ସେ ଆଶା କରୁଥିବା କହିଛନ୍ତି।

## ଆଜିଠୁ ପାରାଲିମ୍ପିକ୍ସ...

ଇଭେଣ୍ଟ ଆୟୋଜନର କାର୍ଯ୍ୟକ୍ରମ ରହିଛି। ଆଇଫେଲ ଟାୱାର ନିକଟରେ ଥିବା ଭେନ୍ୟୁରେ ଦୃଷ୍ଟିବାଧିତ ଫୁଟବଲ ଖେଳାଯିବ। ଏହି ଇଭେଣ୍ଟରେ ପ୍ରତି ଟିମ୍‌ରେ ୫ ଜଣ ଲେଖାଏ ଖେଳାଳି ରହିବେ।

ପ୍ୟାରିସ୍ ବିଶ୍ୱର ଅନ୍ୟତମ ସୁନ୍ଦର ସହର ହୋଇଥିବାବେଳେ ପାରା ଆଥଲେଟମାନଙ୍କୁ ଏଠାରେ ଅଂଶଗ୍ରହଣ କରିବାରେ ଏକ ଅନନ୍ୟ ଅଭିଜ୍ଞତା ମିଳିବ ବୋଲି ପାରା ଟ୍ରାୟାଥ୍ଲନ ଚାମ୍ପିୟନ ମତ ଦେଇଛନ୍ତି। ଚଳିତ ପାରାଲିମ୍ପିକ୍ସରେ ଦୃଷ୍ଟିବାଧିତ ଖେଳାଳିଙ୍କ ପାଇଁ ଗୋଲ୍ ବଲ ଓ ବୋକିଆ ନାମରେ ଦୁଇଟି ଇଭେଣ୍ଟ ସାମିଲ କରାଯାଇଛି। ସେହିପରି ଟୋକିଓ ପାରାଲିମ୍ପିକ୍ସ ତୁଳନାରେ ମହିଳାଙ୍କ ପାଇଁ ୧୦ଟି ଇଭେଣ୍ଟ ପ୍ରଥମ ଥର ସାମିଲ କରାଯାଇଛି। ମହିଳାଙ୍କୁ ଅଧିକ ସୁଯୋଗ ଦେବା ଲକ୍ଷ୍ୟରେ ଏଭଳି କରାଯାଇଥିବା ପ୍ରକାଶ କରିଛନ୍ତି ଆଲେକ୍ସିସ୍ ହାନକ୍ୱିଣ୍ଟ।

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ର ମଶାଲ ଯାତ୍ରା ଶନିବାର ଆରମ୍ଭ ହୋଇଥିଲା। ପାରାଲିମ୍ପିକ୍ସ ଗେମ୍ସର ଜନ୍ମସ୍ଥଳୀ କୁହାଯାଉଥିବା ଷ୍ଟୋକ୍ ମାଣ୍ଡେଭିଲେରେ ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ମଶାଲଟି ଇଂଲିଶ ଚ୍ୟାନେଲ ଅତିକ୍ରମ କରି ୪ ଦିନ ପରେ ପ୍ୟାରିସ୍‌ରେ ପହଞ୍ଚିବ। ମଶାଲ ରୁଟ୍‌ରେ ଆଟ୍‌ଲାଣ୍ଟିକ୍ ସାଗର, ଭୂମଧ୍ୟସାଗର ସହିତ ପାଇରିନିସ୍ ଓ ଆଲ୍‌ପସ ପର୍ବତମାଳା ଭଳି ସ୍ଥାନ ରହିବ। ଏହାସହିତ ପାରାଲିମ୍ପିକ୍ସର ୧୧ ଦିନ ଯାକ ଅଲିମ୍ପିକ୍ସ ମଶାଲ ପ୍ୟାରିସ୍ ସହର ଉପରେ ଏକ ଉତ୍ତପ୍ତ ବେଲୁନ୍ ସାହାଯ୍ୟରେ ଉଡ଼ିବ। ବୁଧବାର ମଶାଲ ପହଞ୍ଚିବା ପରେ ପ୍ୟାରିସ୍ ପାରାଲିମ୍ପିକ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଚଳିତ ପାରାଲିମ୍ପିକ୍ସରେ ଏକାଧିକ ଆଥଲେଟଙ୍କ ପାଇଁ ନିଜ ଟାଇଟଲ ଡିଫେଣ୍ଡ କରିବାର ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିବ। ଭାରତୀୟ ପାରା ଶୁଟର ଅବନୀ ଲେଖାରା ଏହି ତାଲିକାରେ ସାମିଲ ଅଛନ୍ତି। ଏକମାତ୍ର ଭାରତୀୟ ଭାବରେ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିବା ଅବନୀଙ୍କୁ ଏସ୍‌ଏଚ୍-୧ ବର୍ଗରେ ନିଜ ସ୍ୱର୍ଣ୍ଣ ପଦକ ଡିଫେଣ୍ଡ କରିବାକୁ ହେବ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆମେରିକାର ଓକସାନା ମଷ୍ଟର୍ସ ନିଜ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିବେ। ନିଜ କ୍ୟାରିୟରରେ ୭ ସ୍ୱର୍ଣ୍ଣ ସହ ୧୭ ପାରାଲିମ୍ପିକ୍ସ ପଦକ ଜିତି ସାରିଥିବା ଏହି ଆଥଲେଟଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଇଜିପ୍ଟର ପାରା ଶକ୍ତି ଉତ୍ତୋଳକ ଶେରିଫ୍ ଓସମାନ ଚତୁର୍ଥ ଓ ଇଟାଲିଆନ୍ ଫେନ୍ସର ବେବେ ଭିଓ କ୍ରମାଗତ ତୃତୀୟ ସ୍ୱର୍ଣ୍ଣ ପଦକ ଲକ୍ଷ୍ୟରେ ରହିଛନ୍ତି।

# ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ମମତା ମହାନ୍ତ

ଭୁବନେଶ୍ୱର,୨୭।୮(ଅନିଲ ଦାସ)



ଭାଜପା ପ୍ରାର୍ଥୀ ମମତା ମହାନ୍ତ ମଙ୍ଗଳବାର ରାଜ୍ୟ ସଭା ସଦସ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରାର୍ଥିପତ୍ର ଦାଖଲ କରିଥିବା ଅନ୍ୟତମ ଭାଜପା ନେତା ଜଗନ୍ନାଥ ପ୍ରଧାନ ରାଜ୍ୟ ସଭା ନିର୍ବାଚନରୁ ଓହରିଯିବା ପରେ ମମତା ପୁଣିଥରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭା ନିର୍ବାଚନ ରିଟର୍ନିଂ ଅଫିସରଙ୍କଠାରୁ ସେ ତାଙ୍କ ସାର୍ଟିଫିକେଟ ଗ୍ରହଣ କରିଛନ୍ତି। ନିର୍ବାଚିତ ହେବା ପରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ କରିଛନ୍ତି।

ମମତା ମହାନ୍ତ କୁଡୁମୀ ସମ୍ପ୍ରଦାୟର ଜଣେ ଟାଣୁଆ ନେତ୍ରୀ। ୨୦୨୦ ଏପ୍ରିଲ ୬ ତାରିଖରେ ବିଜେଡି ତାଙ୍କୁ ରାଜ୍ୟ ସଭାକୁ ପଠାଇଥିଲା। ୨୦୨୬ ଏପ୍ରିଲରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥାଆନ୍ତା। କାର୍ଯ୍ୟକାଳ ଶେଷ ହେବାର ୨୧ ମାସ ପୂର୍ବରୁ ଗତ ଜୁଲାଇ ୩୧ ତାରିଖରେ ସେ ରାଜ୍ୟ ସଭା ସହିତ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହା ପରଦିନ ଅର୍ଥାତ ଅଗଷ୍ଟ ୧ ତାରିଖରେ ସେ ଦିଲ୍ଲୀ ଯାଇ ଭାଜପାରେ ସାମିଲ ହୋଇଥିଲେ। ତାଙ୍କୁ ଦଳରେ ଅଣଦେଖା କରାଯାଇଥିବା ସେ ଅଭିଯୋଗ ଆଣିଥିଲେ।

ଦଳରେ ଯୋଗଦେବା ପରେ ମମତାଙ୍କୁ ଭାଜପା ରାଜ୍ୟ ସଭା ପ୍ରାର୍ଥୀ କରିଥିଲା। ରାଜ୍ୟ ସଭା ଉପନିର୍ବାଚନ ପାଇଁ ସେ ଅଗଷ୍ଟ ୨୧ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିଦିନ ସ୍ୱାଧୀନ ପ୍ରାର୍ଥୀ ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ ରାଜ୍ୟ ସଭା ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହାକୁ ନେଇ ସେ ସମୟରେ ବିଭିନ୍ନ ଚର୍ଚ୍ଚା ହେଉଥିଲା। ତେବେ ରାଜ୍ୟ ସଭା ଉପନିର୍ବାଚନ ପାଇଁ ଜଗନ୍ନାଥ ମଙ୍ଗଳବାର ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ। ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାରୁ ମମତା ପୁଣି ରାଜ୍ୟ ସଭା ଯିବା ପାଇଁ ପଥ ପରିଷ୍କାର ହୋଇଥିଲା। ଜଣେ ମାତ୍ର ପ୍ରାର୍ଥୀ ଥିବାରୁ ତାଙ୍କୁ ନିର୍ବାଚିତ ଘୋଷିତ କରାଯାଇଥିଲା।

# ଜବତ ରୁପାର ତଥ୍ୟ ମେଳ ଖାଉନି

**ବିମାନବନ୍ଦର ନିକଟରୁ ସୁନା ଓ ରୁପା ଜବତ ଘଟଣା**

- ଜିଏସ୍‌ଟି ଅଫିସରେ ସୁନା ଦୋକାନୀ
- ହୀରା ଜବତ ହୋଇଥିବା ଚର୍ଚ୍ଚା

ଭୁବନେଶ୍ୱର,୨୭।୮ (ସୂର୍ଯ୍ୟକାନ୍ତ ବେହେରା)



ସିଟି ଜିଏସ୍‌ଟି କାର୍ଯ୍ୟାଳୟରେ ଜବତ ସୁନା, ରୁପା ଯାଞ୍ଚ କରାଯାଉଛି।

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ନିକଟରୁ ସୋମବାର ଲଜିଷ୍ଟିକ୍ ଗାଡ଼ିରୁ ୫୦କେଜି ସୁନା ଓ ୨୦୦ କେଜି ରୁପା ଜବତ ଘଟଣାରେ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର (ସିଟି ଆଣ୍ଡ ଜିଏସ୍‌ଟି) ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସୁନା ମୁମ୍ବାଇରୁ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବାବେଳେ ସେସବୁ କାଗଜପତ୍ରର ଆଇନଗତ ଦିଗ ପ୍ରତି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଯାଞ୍ଚ ଚଳାଇଛି। ତେବେ ସୁନା ଅଳଙ୍କାର କାଗଜପତ୍ର ଉପରେ ଯାଞ୍ଚ ଚାଲୁ ରହିଥିବାବେଳେ ରୁପାର ଗଣତି ଶେଷ ହୋଇଛି। ଯାଞ୍ଚବେଳେ ରୁପାର କାଗଜପତ୍ର ସଠିକ୍ ନଥିବା ଜଣାପଡ଼ିଛି। ତେଣୁ ଟିକସ ଫାଙ୍କିବା ପାଇଁ ରୁପା ଓଜନରେ ସୁନା ଆଣୁଥିବା ନେଇ ଜିଏସ୍‌ଟି ଅଧିକାରୀ ଜାଣିବାକୁ ପାଇଛନ୍ତି। ଏହାକୁ ନେଇ ଅଧିକ ଖୋଳତାଡ଼ ଚାଲିଥିବାବେଳେ ଜବତ ସୁନା ଏବଂ ରୁପା ଅଳଙ୍କାର ଏବେ ସିଟି ଜିଏସ୍‌ଟି ଲକରରେ ରହିଛି।

ସିଟି ଜିଏସଟିର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଏସବୁ ଅଳଙ୍କାର ଭୁବନେଶ୍ୱରର ନାମୀଦାମୀ ଗହଣା ଦୋକାନୀଙ୍କ ପାଖକୁ ଆସୁଥିଲା। ତେଣୁ ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଡକାଯାଇଥିଲା। ସେମାନେ ସିଟି ଜିଏସ୍‌ଟି ଭୁବନେଶ୍ୱର ଅଫିସରେ ପହଞ୍ଚିଛନ୍ତି। ସେହିପରି ଟ୍ରାନ୍ସପୋର୍ଟ ସଂସ୍ଥାର ବିଲ୍ ଓ ପ୍ୟାକେଟ ଭିତରେ ଥିବା ବିଲ୍ ମ୍ୟାଚ କରୁନି। ଏହାସହ ସୁନା ଅଳଙ୍କାରର ପ୍ରମାଣପତ୍ର ମ୍ୟାଚ କରୁଥିବାବେଳେ ଜବତ ରୁପାର ଡକ୍ୟୁମେଣ୍ଟ ମ୍ୟାଚ କରୁନାହିଁ। ରୁପାର ଟ୍ୟାକ୍ସ ଇନ୍‌ଭଏସ୍ ମ୍ୟାଚ କରୁ ନ ଥିବା ମଧ୍ୟ ଜଣାପଡିଛି। ଏହା ଉପରେ ସିଟି ଜିଏସ୍‌ଟି ପେନାଲ୍‌ଟି ବା ଜରିମାନା ଲଗାଇବ ବୋଲି ସୂଚନା ମିଳିଛି। ଅନ୍ୟପଟେ ସୁନା ଏବଂ ରୁପା ସହ ହୀରା ଅଳଙ୍କାର ମଧ୍ୟ ରହିଥିବା ଏନଫୋର୍ସମେଣ୍ଟ ହାତରେ ତଥ୍ୟ ଲାଗିଥିବା ସୂଚନା ମିଳିଛି। ଏହାସହ ଗୋଲ୍ଡ ପ୍ଲେଟେଡ ଅଳଙ୍କାର ମଧ୍ୟ ରହିଛି। ଏନେଇ ଲଜିଷ୍ଟିକ ସଂସ୍ଥାର ପୂର୍ବାଞ୍ଚଳ ମୁଖ୍ୟଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। କିଭଳି ଗହଣା ଆସୁଥିଲା ସେସବୁର କ'ଣ ସବୁ ତଥ୍ୟ ରହିଛି ସେନେଇ ତାଙ୍କୁ ଟିମ୍ ପଚରାଉଚରା କରିବ। ଅନ୍ୟପଟେ ଜିଏସ୍‌ଟି ସୁନା ଦୋକାନୀମାନଙ୍କୁ ଡାକି ଜେରା କରିଥିଲେ ମଧ୍ୟ ଜବତ ସୁନା ଏବଂ ରୁପା ଅଳଙ୍କାରର ପରିମାଣ ନେଇ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କିଛି ସ୍ପଷ୍ଟ ହୋଇପାରି ନାହିଁ।

ସୂଚନାନୁସାରେ ସୋମବାର ଅପରାହ୍ଣରେ ବିଭିସି ଲଜିଷ୍ଟିକ୍ ପକ୍ଷରୁ ଏହି ସୁନା ଓ ରୁପାକୁ ଦୁଇଟି ଗାଡିରେ ନିଆଯାଉଥିଲା। ଏନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିଟି ଆଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଅତିରିକ୍ତ ଚଢ଼ାଉ କରାଯାଇ ଯାଞ୍ଚ କରି ଗାଡ଼ିକୁ ଅଟକ ରଖି ଖୋଳତାଡ଼ କରିଥିଲେ। ହେଲେ ଉକ୍ତ ଲଜିଷ୍ଟିକ୍ ଗାଡ଼ି ଯାଞ୍ଚ ବେଳେ ଏହି ଡକ୍ୟୁମେଣ୍ଟ ଆଦି ଦେଖାଇ ନ ପାରିବାରୁ ସେମାନେ ଟ୍ୟାକ୍ସ ଫାଙ୍କିଥିବା ସନ୍ଦେହ କରାଯାଇ ସେଗୁଡ଼ିକୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଜବତ କରିଥିଲା।

# ୩୦ରୁ ଅତି ପ୍ରବଳ ବର୍ଷା

**ଆଜି ବି ବର୍ଷିବ**

ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)

ପୂର୍ବ ମଧ୍ୟ ଏବଂ ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୁରୁବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାକୁ ଥିବାବେଳେ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। ସୃଷ୍ଟି ହେବାକୁ ଥିବା ଲଘୁଚାପ ଆଗାମୀ ୨ଦିନରେ ପଶ୍ଚିମ- ଉତ୍ତର ଦିଗରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଗତି କରିବ। ଏ ନେଇ ମଙ୍ଗଳବାର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ବୁଧବାର ପ୍ରବଳ ବର୍ଷା (୭ରୁ ୧୧ ସେମି ପର୍ଯ୍ୟନ୍ତ) ହେବା ନେଇ କିଛି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ ଓ ଜଗତ୍‌ସିଂହପୁର ଆଦି ରହିଛି। ୨୯ ତାରିଖରେ ୧୩ ଜିଲାରେ ପ୍ରବଳ ବର୍ଷା ହେବା ସହ ବିଜୁଳି ଓ ଘଡ଼ଘଡ଼ି ମାରିବା ନେଇ ପାଣିପାଗ କେନ୍ଦ୍ର ସତର୍କ କରିଛି। ଲଘୁଚାପ ପ୍ରଭାବରେ ୩୦ ତାରିଖରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ଅତି ପ୍ରବଳ ବର୍ଷା ନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ାକୁ ଅରେଞ୍ଜ ୱାର୍ନିଂ ଏବଂ ଅନ୍ୟ ୯ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩୧ ତାରିଖ ପର୍ଯ୍ୟନ୍ତ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି। ସେହିପରି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। କଚ୍ଚା ଘର ଓ କଚ୍ଚା ରାସ୍ତା ଧସିବାର ଭୟ ରହିଥିବାରୁ ରାଜ୍ୟବାସୀ ସତର୍କ ରହିବାକୁ କୁହାଯାଇଛି।

# ହାତୀ ପାଇଁ ୪ ବନ କର୍ମଚାରୀ ଅଟକ



କୁଲଡ଼ିହା ରେଞ୍ଜର ପ୍ରବୀର ମୁର୍ମୁ ବୁଝାଶୁଝା କରୁଛନ୍ତି।

ନୀଳଗିରି, ୨୭।୮ (ପ୍ରଶାନ୍ତ ବିଶ୍ୱାଳ)

ଜଙ୍ଗଲ ଛାଡି ହାତୀ ଜନବସତିମୁହାଁ। ଅଧିକାଂଶ ସମୟରେ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗି ପକାଉଛନ୍ତି। ଜଙ୍ଗଲ ପାଖ ଗ୍ରାମବାସୀ ରାତିରେ ଶାନ୍ତିରେ ଶୋଇପାରୁନାହାନ୍ତି। ଭୟଭୀତ ଅବସ୍ଥାରେ କାଳ କାଟୁଥିବା ଗ୍ରାମବାସୀ ହାତୀପଲଙ୍କ ଉତ୍ପାତରେ ଅତିଷ୍ଠ ହୋଇପଡିଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ହାତୀ ଘଉଡ଼ାଇବାରେ ବନବିଭାଗ ବିଫଳ ହେଉଥିବାରୁ ଏହାକୁ ନେଇ ବାଲେଶ୍ୱର ଜିଲା ଔପଦା ବ୍ଲକ ଡୋଳପୁର ଗ୍ରାମବାସୀଙ୍କ ମଧ୍ୟରେ ମଙ୍ଗଳବାର ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଫରେଷ୍ଟ ଗାର୍ଡ଼ଙ୍କ ସମେତ ୪ ଜଣ ବନ କର୍ମଚାରୀଙ୍କୁ ୨ ଘଣ୍ଟା ଅଟକ ରଖିଥିଲେ। କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁ ପହଞ୍ଚି ବୁଝାଶୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

କୁଲଡ଼ିହା ଅଭୟାରଣ୍ୟ ପାଦଦେଶର ଆଖପାଖ ଅଞ୍ଚଳରେ ହାତୀପଲ ଭୋର ସମୟରେ ଡୋଳପୁର ଗ୍ରାମରେ ପଶି ୨ଜଣଙ୍କ ଘର ଭାଙ୍ଗିବା ବେଳେ ଅନେକ ଫସଲ ନଷ୍ଟ କରିପକାଇଥିଲେ। ହାତୀ ଘଉଡ଼ାଇବାକୁ ବନବିଭାଗ ଉଦ୍ୟମ ଜାରି ରଖିଥିବା ବେଳେ ଉତ୍ୟକ୍ତ ଗ୍ରାମବାସୀ ବନ କର୍ମଚାରୀଙ୍କ ଉପରେ ପ୍ରତିକ୍ରିୟାଶୀଳ ହୋଇ ଅଟକ ରଖିଥିଲେ। ତୁରନ୍ତ କ୍ଷତିପୂରଣ ଦିଆଯାଉ ନଚେତ୍ ଭାଙ୍ଗିଥିବା ଘରକୁ ମରାମତି କରାଯାଉ ବୋଲି ଗ୍ରାମବାସୀ ଦାବି କରିଥିଲେ।

# ଓଡ଼ିଶାର ୨ଜଣ ପାଇବେ ଜାତୀୟ ଶିକ୍ଷକ ପୁରସ୍କାର

ଭୁବନେଶ୍ୱର,୨୭।୮(ଅନୁରାଧା ମହାରଣା)

ଚଳିତବର୍ଷ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଓଡ଼ିଶାରୁ ୨ଜଣ ଶିକ୍ଷକ ମନୋନୀତ ହୋଇଛନ୍ତି। ସେମାନେ ହେଲେ କଳାହାଣ୍ଡି ଜିଲା ନର୍ଲାସ୍ଥିତ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର କର ଏବଂ ରାୟଗଡ଼ା ଜିଲା ବିଲେସୁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଡ. ଦ୍ୱିତୀଚନ୍ଦ୍ର ସାହୁ। ଆଗାମୀ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ। ସୂଚନା ଥାଉକି, ଜାତୀୟ ଶିକ୍ଷକ ପୁରସ୍କାର-୨୦୨୪ ପାଇଁ ଦେଶର ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ୍ୟବିବେଚିତ ହୋଇଛନ୍ତି। ପ୍ରତ୍ୟେକ ଯୋଗ୍ୟ ବିବେଚିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁରସ୍କାର ବାବଦରେ ମେରିଟ ସାର୍ଟିଫିକେଟ, ନଗଦ ୫୦ ହଜାର ଟଙ୍କା ଓ ରୌପ୍ୟ ପଦକ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଶିକ୍ଷକ ଡ. ସାହୁ ହେଉଛନ୍ତି ଧରିତ୍ରୀର ଜଣେ ସ୍ତମ୍ଭକାର।

# ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ,୨୭।୮ (ପ୍ରଦୀପ୍ତ କୁମାର ପୃଷ୍ଟି)



ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପଟୁଣିଆ ପଞ୍ଚାୟତ ରାଧାଦେଇପୁର ଗ୍ରାମରେ ଡେଙ୍ଗୁ ଆକ୍ରାନ୍ତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଅଭିମନ୍ୟୁ ମଲ୍ଲିକଙ୍କ ବଡ଼ପୁଅ ଶକ୍ତିପ୍ରସାଦ ମଲ୍ଲିକ(୨୨)। ଶକ୍ତିଙ୍କୁ ଜ୍ୱର ହେବାରୁ ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ଡେଙ୍ଗୁ ଜ୍ୱରକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# ରୌପ୍ୟ ଜିତିଲେ ଗଞ୍ଜାମର ବସନ୍ତ

**ଅନ୍ତର୍ଜାତୀୟ ଯୋଗାସନ ପ୍ରତିଯୋଗିତା**

ଛତ୍ରପୁର,୨୭।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଶ୍ରୀଲଙ୍କାର କଲମ୍ବୋଠାରେ ହୋଇଥିବା ଅନ୍ତର୍ଜାତୀୟ ଯୋଗାସନ ପ୍ରତିଯୋଗିତାରେ ଗଞ୍ଜାମ ବ୍ଲକ କରପଡ଼ା ପଞ୍ଚାୟତ ଆଲିଆବାଦ ଗ୍ରାମର ବସନ୍ତ ନାୟକ ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି। ଅଗଷ୍ଟ ୨୨ ତାରିଖରେ ହୋଇଥିବା ଏହି ପ୍ରତିଯୋଗିତାରେ ୧୭ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ୨ଜଣ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଥିଲେ। ରୌପ୍ୟ ପଦକ ପାଇଥିବା ବସନ୍ତଙ୍କୁ ଯୋଗଗୁରୁ ଭାବେ ଏସିଆ ପେସିଫିକ ଆୱାର୍ଡ ମଧ୍ୟ ମିଳିଥିଲା। ମଙ୍ଗଳବାର ଶ୍ରୀଲଙ୍କାରୁ ସେ ନିଜ ଜନ୍ମମାଟିକୁ ଫେରିବା ପରେ ଛତ୍ରପୁରଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। କରପଡା ସରପଞ୍ଚଙ୍କ ସମେତ ସ୍ଥାନୀୟ ଯୁବକମାନେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ମଧ୍ୟବିତ୍ତ ପରିବାରର ବସନ୍ତ ନିଜର ପ୍ରତିଭା ବଳରେ ବିଶ୍ୱ ଦରବାରରେ ନିଜକୁ ପରିଚିତ କରିପାରିଛନ୍ତି। ଆଜି ବିଶ୍ୱର କୋଣ ଅନୁକୋଣରେ ଯୋଗ ପହଞ୍ଚିଛି। ପ୍ରତ୍ୟେକ ଲୋକ ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିଛନ୍ତି। ଯୋଗାସନ ପ୍ରତିଯୋଗିତାରେ ଭାରତକୁ ସଫଳତା ଅନେକ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବ ବୋଲି ବସନ୍ତ କହିଛନ୍ତି। ଆଗାମୀ ଦିନରେ ସେ ସ୍ଥାନୀୟ ଅଞ୍ଚଳର ପିଲାଙ୍କୁ ଯୋଗ ଶିକ୍ଷାଦେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବେ ବୋଲି କହିଛନ୍ତି।



ଛତ୍ରପୁରରେ ବସନ୍ତ ନାୟକଙ୍କୁ ସ୍ୱାଗତ କରାଯାଉଛି।

# ୮୦ ଘଣ୍ଟା ପରେ ୧୨ ମତ୍ସ୍ୟଜୀବୀ ଉଦ୍ଧାର




**୩ ଦିନ ଧରି ସମୁଦ୍ରରେ ୨ ମାଛଧରା ଟ୍ରଲର ଫସିଥିଲା**

ଅସ୍ତରଙ୍ଗ,୨୭।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ନୂଆଗଡ଼ ଜେଟି ନିକଟରୁ ଗତ ୫ ଦିନ ତଳେ ମା' କାଳୀ ଓ ମା' ପାର୍ବତୀ ନାମକ ୨ଟି ଟ୍ରଲର ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଇଥିଲେ। କିନ୍ତୁ ଶନିବାର ସକାଳ ୯ଟା ସମୟରେ ମା' ପାର୍ବତୀ ଟ୍ରଲରର ଇଞ୍ଜିନ ଗିଅର ବକ୍ସ ଭାଙ୍ଗି ଯାଇଥିଲା। ଖବରପାଇ ମା' କାଳୀ ନାମକ ଟ୍ରଲର ଉଦ୍ଧାର ପାଇଁ ପହଞ୍ଚିଥିଲା। ହେଲେ ଏହି ଟ୍ରଲରର ମଧ୍ୟ ସମାନ ଘଟଣା ଘଟିଥିଲା। ଫଳରେ ଶନିବାରଠାରୁ ଅସ୍ତରଙ୍ଗ ଦେବୀ ମୁହାଣଠାରୁ ୩ କି.ମି. ଦୂରରେ ମା' ପାର୍ବତୀ ଓ ମୁହାଣଠାରୁ ୨ କି.ମି. ଦୂରରେ ମା' କାଳୀ ଟ୍ରଲର ଫସି ରହିଥିଲା। କିନ୍ତୁ ନୂଆଗଡ଼ ସାମୁଦ୍ରିକ ଥାନାକୁ ଖବର ଦେବା ସତ୍ତ୍ୱେ ଥାନା ପାଖରେ ଥିବା ସ୍ପିଡ୍ ବୋଟ ମୁହାଣ ମଧ୍ୟକୁ ଯିବାକୁ ସକ୍ଷମ ନ ଥିବାରୁ ତାହା ଯାଇପାରି ନ ଥିଲା। ସୋମବାର ସକାଳେ ଅସ୍ତରଙ୍ଗ ସହମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାଶ ନୂଆଗଡ଼ ଜେଟିରୁ ମା' ମଙ୍ଗଳା ଓ ମା' ଜାଡୁଆଣୀ ୨ଟି ଟ୍ରଲର ନେଇ ଉଦ୍ଧାର କରିବାକୁ ଯାଇଥିବାବେଳେ ସମୁଦ୍ର ଅଶାନ୍ତ ଥିବାରୁ ସେ ଫେରିଆସିଥିଲେ। ସୋମବାର ସନ୍ଧ୍ୟା ସମୟରେ ନୂଆଗଡ଼ ସାମୁଦ୍ରିକ ଥାନା ନିକଟରେ ଯୁଗ୍ମ ନିର୍ଦ୍ଦେଶକ ମୁରଲୀଧର ଜେନା, ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ, ସହ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାଶ ଆଲୋଚନା କରି ଏକ ହାଲୁକା ଟାପା ସହାୟତାରେ ଫସି ରହିଥିବା ୨ଟି ଟ୍ରଲର ନିକଟକୁ ଇଞ୍ଜିନ ଗିଅର ବକ୍ସ ପଠାଇଥିଲେ। ମା' କାଳୀ ଓ ମା' ପାର୍ବତୀ ଟ୍ରଲର ଠିକ୍ ପରେ ମଙ୍ଗଳବାର ଅପରାହ୍ଣ ୫ଟା ୩୦ମିନିଟ୍ ସମୟରେ ସୁରକ୍ଷିତ ଭାବେ ନୂଆଗଡ଼ ଜେଟି ନିକଟରେ ପହଞ୍ଚିଛି। ମା' କାଳୀ ଟ୍ରଲରରେ ଡ୍ରାଇଭର ଭୋଳାନାଥ ଶୁକ୍ଳା, ପୂର୍ଣ୍ଣଚନ୍ଦ୍ର ବାରିକ, ଟୁଲୁ ଦାଶ, ସଞ୍ଜୟ ବାରିକ, ପୀତାମ୍ବର ସ୍ୱାଇଁ, ତ୍ରିନାଥ ଦାଶ ଥିବାବେଳେ ମା' ପାର୍ବତୀ ଟ୍ରଲରରେ ବସନ୍ତ ନାୟକ, ଅଜୟ ମହାନ୍ତି, ରମେଶ ମହାନ୍ତି, ବୁଦ୍ଧିଆ ବେହେରା, ଶିବ ପରିଡ଼ା ଥିଲେ। ସେମାନେ ନୂଆଗଡ଼ ଜେଟିରେ ପହଞ୍ଚିବା ପରେ ବିଭାଗୀୟ ଅଧିକାରୀ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଫି' ନିର୍ଦ୍ଧାରଣ ସହ ସ୍କୁଲ ବ୍ୟାଗ୍ ଓଜନ ନିୟମ କଡ଼ାକଡ଼ି ହେଉ

**୭ ଦଫା ଦାବି ନେଇ ଗଣଶିକ୍ଷା ସଚିବଙ୍କୁ ଭେଟିଲା ଅଭିଭାବକ ମହାସଂଘ**

ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)

ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସତ୍ୟଜିତ ଦାସ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ ମଙ୍ଗଳବାର ଲୋକସେବା ଭବନରେ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତଙ୍କୁ ଭେଟିଛନ୍ତି। ପୂର୍ବରୁ ଉପସ୍ଥାପିତ ୭ଦଫା ଦାବି ସମ୍ପର୍କରେ ଏହି ଅବସରରେ ବିସ୍ତୃତ ଆଲୋଚନା କରାଯାଇଛି। ମହାସଂଘର ଅଧିକାଂଶ ଦାବି ବିଭାଗର ପୂର୍ବ ନିର୍ଦ୍ଦେଶନାମା, ତେଣୁ ତାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ତତ୍ପର ହେବା ଉଚିତ ବୋଲି ପଣ୍ଡିତ କହିଛନ୍ତି। ବିଧାନସଭା ଅଧିବେଶନ ସରିବା ପରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସମସ୍ତ ବିଷୟରେ ଆଲୋଚନା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାଇଭେଟ ସ୍କୁଲରେ ଉପଲବ୍ଧ ହେଉଥିବା ସେବା ଓ ସୁବିଧା ଅନୁଯାୟୀ ସ୍କୁଲ ଫି' ନିର୍ଦ୍ଧାରଣ, ସ୍କୁଲକୁ ନିୟମ ଅନୁସାରେ ସ୍ୱୀକୃତି ପ୍ରଦାନ ବେଳେ ସ୍କୁଲ ଫି' ସ୍ଥିର କରିବା, କୋଭିଡ୍ ମହାମାରୀ ସମୟରେ ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସ୍କୁଲ ଫି' ଛାଡ଼ ନିର୍ଦ୍ଦେଶ କେତେ କାର୍ଯ୍ୟକାରୀ ହୋଇଛି ସେ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ ଭଳି ପ୍ରାଇଭେଟ ସ୍କୁଲରେ ସବୁ ଶ୍ରେଣୀରେ ଏନ୍‌ସିଇଆର୍‌ଟି ବହି ବ୍ୟବହାର ଓ ସ୍କୁଲ ବ୍ୟାଗ୍ ଓଜନ ନିୟମ କଡ଼ାକଡ଼ି ଲାଗୁ ପାଇଁ ଦାବି ଉପସ୍ଥାପନ କରାଯାଇଛି। ସେହିପରି ଶିକ୍ଷା ଅଧିକାର ଆଇନ ବଳରେ ୨୫% ସିଟ୍‌ରେ ମାଗଣାରେ ପଢୁଥିବା ସବୁ ପିଲାଙ୍କୁ ନିୟମ ଅନୁଯାୟୀ, ମାଗଣାରେ ସ୍କୁଲ ଡ୍ରେସ୍, ବହି, ଜୋତା ଆଦି ସାମଗ୍ରୀ ପ୍ରଦାନ ପାଇଁ ତୁରନ୍ତ ନିର୍ଦ୍ଦେଶ ଦେବା, ଶିକ୍ଷା ଅଧିକାର ଆଇନରେ ଅଷ୍ଟମ ପରିବର୍ତ୍ତେ ଦ୍ୱାଦଶ ପର୍ଯ୍ୟନ୍ତ ମାଗଣା ପାଠପଢ଼ା ପାଇଁ ସଂଘ ସ୍ୱର ଉଠାଇଛି। ବିନା ସ୍ୱୀକୃତିରେ ଚାଲୁଥିବା ସ୍କୁଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ପ୍ରାଇଭେଟ ସ୍କୁଲରେ ଆର୍ଥିକ ଅନିୟମିତତାର ଅଭିଯୋଗ ଆସୁଥିଲେ ସ୍ପେଶାଲ ଅଡିଟ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ, ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୫% ମାଗଣା ସିଟ୍‌ରେ ନାମଲେଖା ନେଇ ସମସ୍ୟାର ସମାଧାନ ସହ କଲେଜରେ କ୍ଲାସ୍ ସମୟରେ ଯେପରି କୋଚିଂ କ୍ଲାସ୍ ନ ହୁଏ ସେଥିପ୍ରତି କଡ଼ା ନିୟମ ଲାଗୁ ପାଇଁ ମଧ୍ୟ ଦାବି ଉଠିଛି।

# ୧୨ ଘଣ୍ଟିଆ ତେଲକୋଇ ବନ୍ଦ

**ପ୍ରସ୍ତାବିତ ସମାକୋଇ-ଚକଦର ଜଳସେଚନ ପ୍ରକଳ୍ପକୁ ବିରୋଧ**

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ତେଲକୋଇ (ରଞ୍ଜିତ ବିଶ୍ୱାଳ),୨୭।୮



ବନ୍ଦ ପାଳନରେ ସାମିଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ଜନସାଧାରଣ।

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ କରଦାଙ୍ଗି ପଞ୍ଚାୟତ ଅନ୍ତର୍ଗତ ଚକଦରଠାରେ ସମାକୋଇ ନଦୀରେ ପ୍ରସ୍ତାବିତ ସମାକୋଇ-ଚକଦର ଜଳସେଚନ ପ୍ରକଳ୍ପକୁ ବିରୋଧ କରାଯାଇଛି। ସମାକୋଇ-ଚକଦର ପ୍ରକଳ୍ପ ସମନ୍ୱୟ କମିଟିର ଆହ୍ୱାନ କ୍ରମେ ୧୨ ଘଣ୍ଟିଆ ତେଲକୋଇ ବନ୍ଦ ପାଳନ କରାଯାଇଛି। ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହୋଇଥିଲା। ରାଜ୍ୟ ସରକାର ଚଳିତ ବଜେଟରେ ସମାକୋଇ-ଚକଦର ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ବ୍ୟବସ୍ଥା କରିଥିବାରୁ ଦଳମତ ନିର୍ବିଶେଷରେ ଏହାକୁ ବିରୋଧ କରାଯାଇଥିବା ଦେଖିବାକୁ ମିଳିଛି।

ତେଲକୋଇର ଚାରିଗଡ଼ କଲେଜପଡ଼ିଆରୁ ପୂର୍ବାହ୍ଣ ୧୧ଟାରେ ଏକ ବିଶାଳ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା ପରେ ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତାବିତ ଉକ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୧୯୭୮ରେ ଏହି ପ୍ରକଳ୍ପର ଶୁଭ ଦିଆଯାଇଥିଲା। ଦୀର୍ଘ ୪୬ ବର୍ଷ ହେଲା ସ୍ଥାନୀୟ ଜନସାଧାରଣ ଏହି ପ୍ରକଳ୍ପକୁ ବିରୋଧକରି ଆସୁଛନ୍ତି। ସମାକୋଇ ନଦୀର ତଳମୁଣ୍ଡ ଚକଦରଠାରେ ପ୍ରକଳ୍ପ ନିର୍ମାଣ ହେଲେ ତେଲକୋଇ ବ୍ଲକର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହେବା ସହିତ ବହୁ ଲୋକ ବିସ୍ଥାପିତ ହେବା ସମ୍ଭାବନା ରହିଛି। ଏହାଦ୍ୱାରା କେନ୍ଦୁଝର ଜିଲାର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବ ନାହିଁ। ପଡ଼ୋଶୀ ଅନୁଗୋଳ ଜିଲାର ପାଲଲହଡ଼ା ଓ କଣିହାଁ ଅଞ୍ଚଳ ଜଳସେଚିତ ହେବ। ତେଲକୋଇ ବ୍ଲକର ଅନେକ ଗାଁ ଜଳମଗ୍ନ ହେବା ସହିତ ତେଲକୋଇ ଏକ ଜଳଭଣ୍ଡାରରେ ପରିଣତ ହୋଇଯିବ ଓ ଅନେକ ଲୋକ ବିସ୍ଥାପିତ ହେବା ସହ ବାସହରା ହେବେ ବୋଲି ସମନ୍ୱୟ କମିଟି ଅଭିଯୋଗ କରିଛି। ପୂର୍ବରୁ କାଳିଆହତା ଅଞ୍ଚଳରେ ରାମିଆଳ ନଦୀରେ ଦଣ୍ଡାଧର ଜଳସେଚନ ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ତେଲକୋଇ ବ୍ଲକର ୭ଟି ଗାଁ ଜଳମଗ୍ନ ହୋଇଥିଲା। ଅଦ୍ୟାବଧି ଅନେକ ବାସହରା ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ପୁଣି ସମାକୋଇ-ଚକଦର ପ୍ରକଳ୍ପ ନିର୍ମାଣ କରିବାକୁ ଯେଉଁ ମସୁଧା ଚାଲିଛି ତାହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ରାଜ୍ୟ ସରକାର ଅନୁଗୋଳ-ସମାକୋଇ ଜଳ ସେଚନ ପ୍ରକଳ୍ପ ନିର୍ମାଣ ପାଇଁ ପାଲଲହଡ଼ା ତହସିଲ ଅନ୍ତର୍ଗତ ବିରାଳମୁଣ୍ଡାରେ ସ୍ଥାନ ନିରୂପଣ କରିସାରିଛନ୍ତି। କିନ୍ତୁ କେନ୍ଦୁଝର ଜିଲା ତେଲକୋଇ ତହସିଲ ଅନ୍ତର୍ଗତ ଚକଦରଠାରେ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ କଟକ ନଦୀ ଓ ଅନୁସନ୍ଧାନ ବିଭାଜନ ଜୋଡ୍ରା ପକ୍ଷରୁ ଉଦ୍ୟମ କରାଯାଉଥିବାରୁ ଏହି ପ୍ରକଳ୍ପକୁ ଲୋକେ ବିରୋଧ କରିବା ସହ ଜୀବନ ଦେବୁ ପଛେ ଜମି ଦେବୁନାହିଁ ବୋଲି କହିଛନ୍ତି। ସମନ୍ୱୟ ସମିତିର ସଭାପତି କୈଳାସ ଚନ୍ଦ୍ର ପ୍ରଧାନ, ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ଉପଦେଷ୍ଟା ବାବୁଲାଲ ପ୍ରଧାନ, ଆଇନଜୀବୀ ନାରାୟଣ ପ୍ରଧାନ, ଅନିଲ ପ୍ରଧାନ,ହଟ କିଶୋର ସାହୁ, ଅରକ୍ଷିତ ପ୍ରଧାନ,ଗୌରଚନ୍ଦ୍ର ସାହୁ, ଚକଧର ସଂଗ୍ରାମ ସମିତିର ସଭାପତି କେଶରୀ ରାଉତ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।



ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। **-ଶ୍ରୀଅରବିନ୍ଦ**

# ଧୂସର ଦୁନିଆର କଳାକାରନାମା



ଡ. ସନ୍ତୋଷ କୁମାର ମହାପାତ୍ର

ଅନେକ ସମୟରେ କେତେକେ ଧନିକ ଶ୍ରେଣୀଙ୍କ ସ୍ୱାର୍ଥ ପାଇଁ କହିଥାନ୍ତି- 'କିଛି ଲୋକ କଷ୍ଟକରି ଧନୀ ହେଉଛନ୍ତି ଏବଂ ତାଙ୍କ ଉପରେ ଅଧିକ ଟିକସ ବସାଇ ଯେଉଁ ସମ୍ବଳ ସଂଗ୍ରହ କରାଯାଉଛି ତାହା ବ୍ୟୟକରି କିଛି ଲୋକଙ୍କୁ ବସାଇ ଖାଇବାକୁ ଦିଆଯାଉଛି। ଲୋକଙ୍କୁ ଅଳସୁଆ କରିଦିଆଯାଉଛି। ବାସ୍ତବରେ କେହି ରାଷ୍ଟ୍ରର ସହାୟତା ବିନା ଧନୀ ହୋଇପାରିବ ନାହିଁ କି ରାଷ୍ଟ୍ର ଚାହିଁଲେ କେହି ଭୋକିଲା ଓ ଗରିବ ହୋଇ ରହିବ ନାହିଁ। ଜଣେ ଧନୀ ହୋଇଛି କେବଳ ନିଜ କାର୍ଯ୍ୟ ଦକ୍ଷତା, ପ୍ରତିଭା ଯୋଗୁ ନୁହେଁ କି ଜଣେ ଗରିବ ନିଜ ଦୁର୍ବଳତା, ଅକ୍ଷମତା ଯୋଗୁ ନୁହେଁ। ବରଂ ଜଣେ ଧନୀ ଓ ଗରିବ ହେବା ଭିନ୍ନ ଭିନ୍ନ ପରିସ୍ଥିତି, ସରକାରଙ୍କ ନୀତି ଆଦି ବିଭିନ୍ନ ଫାକ୍ଟର ଉପରେ ନିର୍ଭର କରେ। ଅବଶ୍ୟ ଜଣକର ପ୍ରତିଭା, ଦକ୍ଷତା, ଜ୍ଞାନ ଆଦିର ଗୁରୁ ରହିଛି , କିନ୍ତୁ ଜଣେ ଭୋକିଲା ଓ ଗରିବ ନିଜର ଦୁର୍ବଳତା, ଅଳସୁଆମୀ ଯୋଗୁ ନୁହେଁ। ବିଭିନ୍ନ ଦେଶରେ କ୍ଷୁଧା, ଦାରିଦ୍ର୍ୟ ବ୍ୟାପକ ଅର୍ଥ ନୁହେଁ, ସେହି ସବୁ ଦେଶର ଲୋକ ପରିଶ୍ରମୀ ନୁହନ୍ତି ବା ଅଳସୁଆ ।

ଇଥିଓପିଆର ଜନସଂଖ୍ୟାର ୮୫%ରୁ ଅଧିକ ବର୍ଷା, ଖାଦ୍ୟ ଯୋଗାଣ, କୃଷି ଏବଂ ପଶୁପାଳନ ଉପରେ ନିର୍ଭର କରନ୍ତି, ତେଣୁ ମରୁଡ଼ି ଏବଂ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଖାଦ୍ୟ ଅଭାବ ସୃଷ୍ଟି କରିପାରେ। ଏଣୁ ଅନ୍ୟ ଦେଶର ସହାୟତା ଆବଶ୍ୟକ। ସେହିପରି ଆମେରିକା ପରି କିଛି ଦେଶ ଅତ୍ୟଧିକ ଋଣ ସତ୍ତ୍ୱେ ଆଗେଇଲା ବେଳେ ଅନେକ ବିକାଶଶୀଳ ଦେଶ ପ୍ରବଳ ପ୍ରଚେଷ୍ଟା ସତ୍ତ୍ୱେ ପଛୁଆ ହେବାର ମୁଖ୍ୟ କାରଣ ହେଲା ଉନ୍ନତ ଦେଶର ମୁଦ୍ରା ରିଜର୍ଭ ମୁଦ୍ରା ଏବଂ ଏହି ମୁଦ୍ରା ସବୁରେ ବାଣିଜ୍ୟ କାରବାର ହୋଇଥାଏ। ଯଦି ଭାରତ, ସମେତ ବିକାଶଶୀଳ ଦେଶ ନିଜ ମୁଦ୍ରାରେ ବାଣିଜ୍ୟ କରିପାରନ୍ତେ, ତେବେ ଅନେକ ଆର୍ଥିକ ସମସ୍ୟା ଆପେ ଆପେ ଦୂର ହୁଅନ୍ତା ଓ ନେଣଦେଣ ସମସ୍ୟା ଉଠନ୍ତା ନାହିଁ।

ବାସ୍ତବରେ ଯେପରି ଧନୀ, ରାଜନେତା, ସେଲିବ୍ରିଟିଜ, କର୍ପୋରେଟ, କ୍ଷମତାଶାଳୀଙ୍କ ସାର୍ଥ ସାଧନ ହେବ ଓ ତାଙ୍କ କଳାଧନ ଠୁଳ କରିବା ସହଜ ହେବ। ସେହିଅନୁସାରେ ଜାତୀୟ, ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଉଛି ଓ ନିୟମ ପ୍ରଣୟନ କରାଯାଉଛି। ଆମେ ଦେଖୁଥିବା ଦୁନିଆ ବ୍ୟତୀତ, ଆଉ ଏକ ଧୂସର ଦୁନିଆ ରହିଛି; ଯେଉଁଠି କଳାକାରନାମା ଲୁଣ୍ଠନ, ଟିକସ ଫାଙ୍କି ବ୍ୟାପକ। ସାଧାରଣ ଲୋକ ଟଙ୍କାଟିଏ ଟିକସ ଫାଙ୍କିପାରିବ ନାହିଁ, କିନ୍ତୁ ଧନୀମାନେ କୋଟି କୋଟି ଟଙ୍କା ଫାଙ୍କିପାରିବେ। ଟ୍ୟାକ୍ସ ହାଭେନ୍ସ ବା ଟିକସ ଭୂସ୍ୱର୍ଗ ବା ଟିକସ




ଆଶ୍ରୟସ୍ଥଳୀ ବା ଦରିଆପାରି ଆର୍ଥିକ କେନ୍ଦ୍ର ହେଉଛି କ୍ଷୁଦ୍ର ଦେଶ, ଯେଉଁଠି ବିଦେଶୀ ନିବେଶକଙ୍କ ପାଇଁ ପ୍ରଭାବୀ ଟିକସ ହାର ବହୁତ କମ୍। ଯେଉଁଠି ବାହାର ଲୋକଙ୍କୁ ବା ନିବେଶକଙ୍କୁ ସେଠାରେ ସହଜରେ ବ୍ୟବସାୟ କରିବାକୁ ଅନୁମତି ଦିଆଯାଇଥାଏ। ବିଶ୍ୱରେ ଏହିପରି ପ୍ରାୟ ୧୩୩ଟି ଦେଶ ରହିଛି। ସେଠାରେ କର୍ପୋରେଟ ଟ୍ୟାକ୍ସ, ପୁଞ୍ଜି ଲାଭ କର ନ ଥାଏ ବା ସେହିସବୁ ଟ୍ୟାକ୍ସ ହାଭେନ୍ସରେ ଅନେକ ଶେଲ କମ୍ପାନୀ ଖୋଲି କଳା ଟଙ୍କା ରଖନ୍ତି ବା ନିଜର ବ୍ୟବସାୟ କରନ୍ତି।

ଶେଲ୍ କମ୍ପାନୀ କାହାର, ତା'ର ମାଲିକ କିଏ, କିଏ ନିର୍ଦ୍ଦେଶକ, ତାହାର ପତ୍ତା ନ ଥାଏ। ଏହା ଏପରି କି କାଗଜକଲମରେ ମଧ୍ୟ ନ ଥାଏ। ସେଠାରେ ସବୁ ବଡ଼ ରାଷ୍ଟ୍ରମୁଖ୍ୟ, ରାଜନେତା, ଶିଳ୍ପପତି, ପୁଞ୍ଜିପତି, ଧନିକ ଶ୍ରେଣୀ, ସେଲିବ୍ରିଟି ତାଙ୍କ କଳାଟଙ୍କା ରଖିଥାନ୍ତି। କିଛି ବର୍ଷ ତଳେ, ପାନାମା ପେପର୍ସରେ, ପାଣ୍ଡୋରା ଏହିପରି କଳା ଟଙ୍କା ରଖିଥିବା ଧନିକ ଶ୍ରେଣୀ, ସେଲିବ୍ରିଟି, କ୍ଷମତାଶାଳୀଙ୍କ ନାମ ପ୍ରକାଶ ପାଇଥିଲା। ସେମାନଙ୍କୁ ଦଣ୍ଡିତ କରାଯାଇପାରିଲା ନାହିଁ। ବରଂ ଯେଉଁ ବ୍ୟକ୍ତି ଏହି ତଥ୍ୟ ପ୍ରକାଶ କରିଥିଲା, ତାକୁ ମାରିଦିଆଗଲା। ଆଉଏକ ବ୍ୟବସ୍ଥା ଯାହା ବୃହତ୍ ଶିଳ୍ପପତି, ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ସୃଷ୍ଟି କରାଯାଇଛି ତାହା ହେଲା ଦ୍ୱୈତ ଟିକସ ଏଡାଇବା ଚୁକ୍ତିନାମା। ୮୦ଟି ଦେଶ ସହିତ ଭାରତର ମଧ୍ୟ ଏହି ଚୁକ୍ତି ଅଛି। ଯଦି କୌଣସି ବ୍ୟକ୍ତି ବିଦେଶରେ ବ୍ୟବସାୟ ବା ନିବେଶ କରିବାକୁ ଲକ୍ଷ୍ୟ ରଖନ୍ତି, ତେବେ ସେ ନିଜ ଦେଶରେ ଏବଂ ବ୍ୟବସାୟ କରୁଥିବା ଦେଶରେ ଦୁଇଥର ଆୟକର ବା ପୁଞ୍ଜିଲାଭକର ଦେଇଥାନ୍ତି। ଏହି ଚୁକ୍ତି ଅନୁସାରେ ଯଦି ବ୍ୟବସାୟ ବା ନିବେଶ କରୁଥିବା ଦେଶରେ ଆୟକର ବା ପୁଞ୍ଜିଲାଭକର ଟିକସ ଦେଇଥାନ୍ତି, ତେବେ ନିଜ ଦେଶରେ ଆଉ ଟିକସ ଦେବାକୁ ପଡ଼ିବ ନାହିଁ। ଏଣୁ ଅନେକ କମ୍ପାନୀ ନିବେଶକ ସେହି ସବୁ ଟିକସ ଭୂସ୍ୱର୍ଗରେ ପଞ୍ଜୀକୃତ ହୋଇ ଭାରତରେ ନିବେଶ କରିଥାନ୍ତି ଏବଂ ଭାରତରେ ଟିକସ ଦେଇ ନ ଥାନ୍ତି।

ବିନା ପରିଶ୍ରମରେ ଧନିକ ଶ୍ରେଣୀ, ବଡ଼ ବଡ଼ କମ୍ପାନୀ, ପୁଞ୍ଜିପତି ପ୍ରଚୁର ସମ୍ପଦ ଅର୍ଜନ କରିବାର ଏକ ମାଧ୍ୟମ ହୋଇଛି ଷ୍ଟକ ମାର୍କେଟ। କମ୍ପାନୀମାନେ ତାଙ୍କ ପୁଞ୍ଜି ବିକ୍ରି କରି ସମ୍ବଳ ସଂଗ୍ରହ କରିବେ ଏବଂ ଲାଭ ପୁଞ୍ଜି ନିବେଶକମାନଙ୍କୁ ଦେବେ ବୋଲି ମହତ୍ ଉଦ୍ଦେଶ୍ୟରେ ଏହା ସୃଷ୍ଟି ହୋଇଥିଲେ ମଧ୍ୟ ଏହା ମାନିପୁଲେଶନ କରାଯାଇ ଶୋଷଣ ଓ ଲୁଣ୍ଠନର ମାଧ୍ୟମ ହୋଇଛି। ହିଡେନବର୍ଗ ରିପୋର୍ଟରେ ତାହା ପ୍ରକାଶ ପାଇଛି। ଜଣେ ଅଧିକ ଧନୀ ହୋଇଥାଏ ଆବଶ୍ୟକଠାରୁ କମ୍ ଟିକସ ଦେଇ ବା ଟିକସ ଫାଙ୍କି, ଅତ୍ୟନ୍ତ ଶସ୍ତାରେ ଖଣିଜ ସମ୍ପଦ, କମ୍ ସୁଧରେ ଋଣ ପ୍ରାପ୍ତ ହୋଇ ଏବଂ ଏପରି କି ଋଣ ଜାଣିଶୁଣି ନ ଶୁଝିବା, କଳାଧନ ଠୁଳ କରିବା ଯୋଗୁ। ଆହୁରି ମଧ୍ୟ ଆମେ ଟଙ୍କାଟିଏ ଋଣ ନ ଶୁଝିଲେ ଦଣ୍ଡ ମିଳିବ, କିନ୍ତୁ ହଜାର ହଜାର କୋଟି ଟଙ୍କା ଋଣ ଯିଏ ଶୁଝୁନାହାନ୍ତି, ତାଙ୍କୁ ଦଣ୍ଡ ମିଳୁନି। ସେମାନେ ବିଦେଶରେ ଆରାମଦାୟକ ଜୀବନ ବିତାଉଛନ୍ତି। ଯେଉଁମାନେ କଳାଟଙ୍କା ଠୁଳ କରନ୍ତି, ଅପରାଧରେ ସଂଶ୍ଳିଷ୍ଟ ଥାଆନ୍ତି, ନିର୍ବାଚନ ଜିତିବା, ଶାସନ କରିବା ସମ୍ଭାବନା ଅଧିକ। ସେମାନେ ମଧ୍ୟ ନିଯୁକ୍ତିଦାତା ପାଲଟନ୍ତି। ପୁନଶ୍ଚ କର୍ପୋରେଟ ଜଗତ ସରକାରଙ୍କ ବିଭିନ୍ନ ନୀତି ଓ ସିଦ୍ଧାନ୍ତ ସ୍ଥିର କରିବାରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରନ୍ତି ଓ ସଫଳ ହୋଇଥାନ୍ତି। ସେମାନେ ଅନୈତିକ ପ୍ରତିଯୋଗିତା କରି ରାଷ୍ଟ୍ରାୟତ୍ତ ଶିଳ୍ପକୁ ଦୁର୍ବଳ କରନ୍ତି।

ପୁନଶ୍ଚ ଟିକସର ବୋଝ ଆୟ ଅନୁସାରେ ଗରିବଙ୍କ ଉପରେ ବେଶି ପଡୁଛି। 'ଅକ୍ସଫାମ' ରିପୋର୍ଟ ଅନୁସାରେ ଦେଶର ମୋଟ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି)ର ପ୍ରାୟ ଦୁଇ ତୃତୀୟାଂଶ ବା ୬୪% ନିମ୍ନରେ ଥିବା ୫୦% ଜନତାଙ୍କଠାରୁ ଆସିଥିବାବେଳେ ଏକ ତୃତୀୟାଂଶ ମଧ୍ୟବିତ୍ତ ୪୦%ଙ୍କଠାରୁ ଆସିଛି। କେବଳ ୩% ଶୀର୍ଷ ୧୦% ଧନୀଙ୍କଠାରୁ ଆସିଛି। ଉତ୍ତରାଧିକାରୀ କର ନାହିଁ ଏବଂ ସମ୍ପଦ କର ଉଚ୍ଛେଦ ହୋଇଛି। ଜଣେ ମଧ୍ୟବିତ୍ତ ଆୟକର ଲୋକ ୩୦% ହାରରେ ଆୟକର ଦେଲାବେଳେ, କୋଟି କୋଟି ଟଙ୍କା ରୋଜଗାର କରୁଥିବା ଲୋକ ଏପରି କି ଆଇପିଏଲ ଖେଳି; ବିଜ୍ଞାପନ ବାବଦରେ, ଚଳଚ୍ଚିତ୍ରରେ ରୋଲ କରି କୋଟି କୋଟି ଟଙ୍କା ରୋଜଗାର କରୁଥିବା ଲୋକମାନେ ମଧ୍ୟ ସେହି ୩୦% ହାରରେ ଟିକସ ଦେଇଥାନ୍ତି। ପୁନଶ୍ଚ ଯେତେବେଳେ ଦେଶରେ ସମ୍ବଳ ଅଭାବ ଦେଖାଦେଉଛି, ସେତେବେଳେ ସରକାର କର୍ପୋରେଟ ଟିକସ ହ୍ରାସ କରୁଛନ୍ତି, କିନ୍ତୁ କଷ୍ଟାର୍ଜିତ ସଞ୍ଚୟ, ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା ପଲିସ ଉପରେ ଟିକସ ଆଦାୟ କରୁଛନ୍ତି। ଏହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ।

**ମୋ:୯୪୩୭୨୦୮୭୬୨**

# ସ୍ୱର



ଅନୀତା ପଟ୍ଟନାୟକ

ହାତୀଟିଏ ହାତୀଶାଳରୁ ଖସି ଆସି ତା'ର ଅନେକ ଦିନର ବନ୍ଧୁ ହରିଣ, ଗାଈ, ବାଘ, ବିଲୁଆ, ଠେକୁଆମାନଙ୍କ ପାଖକୁ ଚାଲି ଆସି ଗୋଟିଏ ପଡ଼ିଆରେ ମିଳିତ ହୋଇଥାଏ। ଠେକୁଆଟି ପଚାରିଲା, ହାତୀଭାଇ ବହୁ ଦିନ ପରେ ଦେଖା, କେମିତି ଅଛ? ହାତୀ ଉତ୍ତର ଦେଇ କହିଲା, ଏ ମଣିଷର ଖପୁରି ଉପରେ ମୃତ୍ୟୁର ସ୍ୱର ସଦାସର୍ବଦା ଝଙ୍କୃରିତ ହେଉଥିଲେ ମଧ୍ୟ ଗୋଟାଏ ମାହୁନ୍ତକୁ ରଖି ମୋର ମୁଣ୍ଡକୁ ସଦାସର୍ବଦା ଅଙ୍କୁଶରେ ଖେଞ୍ଚୁଛି। ଘୃଣାର ହିସ୍ ହିସ୍ ଶବ୍ଦରେ ମଣିଷ ନିଜେ ଜର୍ଜରିତ। ତା'ର ସ୍ୱରରେ ସେ ହତ୍ୟାକାରୀକୁ ହତ୍ୟାକରେ ନାହିଁ କିମ୍ବା ମୁମୂର୍ଷୁକୁ ମାରେ ନାହିଁ, କେବଳ ସ୍ୱର ଅପବ୍ୟବହାରକରି ନିଜର ଓ ଅନ୍ୟର କ୍ଷତି ପହଞ୍ଚାଇଥାଏ।

ହରିଣ କହିଲା, ତୁମେ ଠିକ୍ କହିଛ। ମଣିଷ ତା'ର ସ୍ୱର ମାଧ୍ୟମରେ ଶାନ୍ତିକୁ ଅସ୍ୱୀକାର କରେ ଓ ସାହସକରି ସମୁଦ୍ରରେ ଉଠୁଥିବା ତୋଫାନ ତରଙ୍ଗକୁ ଶାନ୍ତ କରିପାରେ। ବାଘ ଥାଇ କହିଲା, ଖାଲି ସେତିକି ମଣିଷର ସ୍ୱର, ବୀର ଓ ଗର୍ବୀମାନଙ୍କୁ ଜନ୍ମ ଦେଇଥାଏ। ଗାଈ କହିଲା, ଏ ସବୁ ସତ ଯେ, ଜଣେ ଯେତେ ଧୀର ବୀର ଗର୍ବୀ ହୋଇଥାଉନା କାହିଁକି, ତାକୁ ଦିନେ ନା ଦିନେ ଗୋଚାରଣ କରୁଥିବା ପାଦ ପାଖକୁ ଆସିବାକୁ ହେବ ଓ କୃଷ୍ଣଙ୍କର ବଂଶୀର ସ୍ୱରର ମଧୁରତାକୁ ପାନକରିବାକୁ ହେବ। ଠେକୁଆ କହିଲା, ଭଗବାନ ସୃଷ୍ଟି କରିଥିବା ଏ ସ୍ୱର ଏପରି ଯେ ତାହା ପର୍ବତରେ ପ୍ରତିଧ୍ୱନିତ ହୁଏ। ମରୁଭୂମିର ବାଲିବନ୍ତକୁ ରୋମାଞ୍ଚିତ କରିପାରେ। ସ୍ୱର ନିନାଦିତ କାଳର ଗହ୍ୱରରେ ଅସରନ୍ତି ତାରା ଖଚିତ ଗମ୍ବୁଜ ଗର୍ଭ ଓ ସମାଧି ଗୁହାରେ ମଧ୍ୟ ପ୍ରତିଧ୍ୱନିତ ହେଉଥାଏ। ବିଲୁଆ ଥାଇ କହିଲା, ସ୍ୱର ଅନ୍ତର ଭିତରେ ଓ ନୀରବତାରେ ବିରାଜିତ। ଏହି ସ୍ୱର ଶୁଣି ନ ପାରିଲେ, ମନୁଷ୍ୟ ହତାଶା ଓ ଅନ୍ଧକାରରେ ରୁହେ। ହୃଦ୍‌ତନ୍ତ୍ରୀ ତା'ର ଛିନ୍ନ ହୁଏ, କିନ୍ତୁ ଭୁଲ୍‌ବଶତଃ ଥରେ ଓଁକାର ଧ୍ୱନି ବା ସ୍ୱରକୁ ଶୁଣେ ସେହିଦିନ ମନୁଷ୍ୟ ତା'ର ଜ୍ଞାନର ଦିବସ ପାଳନକରେ। ଏହି ସଭାରେ ଯୋଗଦେଇଥିବା କାଉ, କୋଇଲି, ଶୁଆ ଏକ ସ୍ୱରରେ କହି ଉଠିଲେ, ମଣିଷ ଭିତରେ ଏହି ଓଁକାର ଶବ୍ଦ ରୁଣୁଝୁଣୁ ହେଉଅଛି। ତା'ର ଆତ୍ମାର ମନ୍ଦିର ଭିତରେ ସ୍ୱର ସୃଷ୍ଟି ହେଉଛି ହେଲେ ମଣିଷ ତା'ର ପ୍ରବୃତ୍ତିକୁ ବଦଳାଇପାରୁନାହିଁ। ସେ ଆମ ମାନଙ୍କର ସ୍ୱର ଶୁଣି ହୁରୁଡ଼ାଇ ଦେଉଛି।

ମୟୂରଟିଏ କେଉଁଠି ଥିଲା ପୁଚ୍ଛ ମେଲାଇ ଆସି ପହଞ୍ଚିଗଲା। ସେ କହିଲା, ସ୍ୱର ସର୍ବୋତ୍ତମ ଉପଦେଶ ଭରିଦିଏ। ସେହି ସ୍ୱରକୁ ଶୁଣିବା ପାଇଁ ଋଷିମାନେ ଆକୁଳ। ସେହି ସ୍ୱର ଜଳଧାରାକୁ ବୋହିନିଏ ସମୁଦ୍ର ନିକଟକୁ। କଙ୍କରିତ ଇଲାକାରେ, ଯନ୍ତ୍ରଣାର ଗଳି ଦେଇ ସ୍ୱର ଉପଶମ ଓ ମୁକ୍ତିର ସନ୍ଦେଶ ଦିଏ। ବିଲେଇ ଛୁଆଟିଏ ତା'ର କଥା ରଖି କହିଲା, ମାତାଙ୍କର ସ୍ୱର ମତେ ଗେଲ କରିବା ପରି ଲାଗେ, କ୍ରନ୍ଦନ ଶିଶୁକୁ ଖେଳନା ଦେବା ପରି। ମଣିଷମାନଙ୍କର ଗୁରୁ ଅଛନ୍ତି। ତାଙ୍କର ଦୟାଳୁ ସ୍ୱର ଯୋଗୁ ମଣିଷମାନେ ଆମକୁ ଭଲ ପାଇ କ୍ଷୀର ଭାତ ଦିଅନ୍ତି। ଏହି ସମୟରେ ସିଂହ ଆସି ସେଠାରେ ପହଞ୍ଚିଲା। ସେ କହିଲା, ମୁଁ ସିନା ଗର୍ଜନକରେ କିନ୍ତୁ ମଣିଷମାନଙ୍କର ଗୁରୁ କହନ୍ତି, ସ୍ୱର କୁଆଡ଼େ ଧୀରେ ଧୀରେ କୁହେ। କାନ ଥାଉ ବା ନ ଥାଉ ସେ ପାଖ ଦେଇ ପ୍ରସ୍ଥାନ କରୁଛି। ସ୍ୱର ଶୂନ୍ୟରେ ଜାତ ହୋଇଛି। ସେହି ସ୍ୱର ତୁମ ଓ ମୋ ଭିତରେ ମଧ୍ୟ ରହିଛି। ସେହି ସ୍ୱର ଆତ୍ମମାନଙ୍କୁ ଜାଗ୍ରତ କରି ରଖିଛି।

ପାଖରେ ଥିବା ଉଦ୍ଭିଦମାନେ କହିଲେ, ସେଇଥିପାଇଁ ଭଗବାନ୍ ସେହି ସ୍ୱରକୁ ଶୁଣିବା ପାଇଁ ଓ ମୁକ୍ତି ଲାଭ କରିବା ପାଇଁ ଆମକୁ ଏକାନ୍ତବାସୀ ହେବାକୁ ଆହ୍ୱାନ ଦେଇଛନ୍ତି। ଯେଉଁ ସ୍ୱର ଆଦି ଅନନ୍ତ କାଳରୁ ନିନାଦିତ ସେହି ସ୍ୱର ଆମକୁ ଘେନିଯାଏ ବାଟ ଦେଖାଏ। ଭ୍ରୂଣ ଅବସ୍ଥାରୁ ପାଦପଦ୍ମରେ ପହଞ୍ଚାଇଥାଏ ପ୍ରଭୁଙ୍କର କରୁଣାର ସ୍ୱର ଖୁବ୍ କମ୍ ବ୍ୟକ୍ତି ଶୁଣିପାରନ୍ତି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, କଟକ**
**ମୋ : ୯୬୯୨୯୮୦୦୨୬**

## ଏଇ ଭାରତରେ

ଅମୃତସରର ୧୮ ବର୍ଷୀୟା ରୁହାନି ବର୍ମା ଏକ କାର୍ବନ ନେଗେଟିଭ (କାର୍ବନ ନିର୍ଗମନ କମ୍ କରିପାରୁଥିବା) ଟଏଲେଟ ନିର୍ମାଣ କରିଛନ୍ତି। ଏହା ଭାରତର ପ୍ରଥମ କାର୍ବନ ନେଗେଟିଭ ଟଏଲେଟ। ଏଥିରେ ମୁଖ୍ୟତଃ ପ୍ଲାଷ୍ଟିକ୍ ଓ ଅନ୍ୟ ବର୍ଜ୍ୟର ପୁନଃ ଉପଯୋଗ କରାଯାଇଛି। ୪,୦୦୦ ବର୍ଜ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍ ଲାଗିଛି। ରୁହାନି ସ୍କୁଲରେ ପଢ଼ିବାବେଳେ ପ୍ଲାଷ୍ଟିକ୍ ବ୍ୟାଗ୍ ସଂଗ୍ରହ କରି ସେଥିରୁ ଲେଗୋ ବ୍ରିକ୍ସ ବା ଇଟା ଓ ଫ୍ଲାଟ୍ ସିଟ୍ ତିଆରି କରିବା ପାଇଁ ପଠାଉଥିଲେ। ପରେ ସେସବୁକୁ ବ୍ୟବହାର କରି ଏହି ଟଏଲେଟ ନିର୍ମାଣ କରିଛନ୍ତି। ଏହାର ନିର୍ମାଣ ଲାଗି ଆର୍କିଟେକ୍ଟ ସୁଧୀର ରାଓଙ୍କ ସହଯୋଗ ନେଇଛନ୍ତି। ଉକ୍ତ ଟଏଲେଟ ଶତ ପ୍ରତିଶତ ରିସାଇକେଲଯୋଗ୍ୟ। ସେ ଏହାକୁ ଅମୃତସର ବିମାନବନ୍ଦରରେ ସ୍ଥାପନ କରିଛନ୍ତି ଓ 'ସ୍ୱଚ୍ଛ ଶୌଚାଳୟ: ଭାରତର ପ୍ରଥମ ପରିବେଶ ଉପଯୋଗୀ ଟଏଲେଟ' ବୋଲି ବୋର୍ଡରେ ଲେଖାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୭୫

- ରାଜ୍ୟରେ ବନ୍ୟାରେ ୩୪ ଜଣ ପ୍ରାଣ ହରାଇଥିବା ଓ ୩୨ ନିଖୋଜ ହୋଇଥିବା ସମ୍ବାଦ ସରକାରୀ ଭାବେ ଜଣାଯାଇଛି।
- ମଧ୍ୟପ୍ରଦେଶର ପୂର୍ବତନ ବିଧାନସଭା ସଦସ୍ୟ ଭାଇୟାଲାଲ ସିରୋଲିୟା ୧୫୦ କର୍ମୀଙ୍କ ସହ ଜନସଂଘ ଦଳରୁ ଇସ୍ତଫା ଦେଇଛନ୍ତି ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି।
- ଭାରତରୁ ଅଷ୍ଟ୍ରିୟାକୁ ବିନା ଶୁଳ୍କରେ ରିହାତି ଦେଇ ହସ୍ତଶିଳ୍ପ ସାମଗ୍ରୀ ଯୋଗାଇ ଦେବା ସଂକ୍ରାନ୍ତରେ ଏକ ଚୁକ୍ତି ସ୍ୱାକ୍ଷରିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | 5 |
| | | | 7 | 4 | | 3 | | 9 |
| | | | | | | | 1 | |
| | | 5 | 4 | | 3 | | | |
| | 2 | | 5 | | | | | |
| | | 7 | | 2 | 8 | | | |
| | 5 | | | 8 | | 9 | | |
| 4 | | | | | | | 6 | 1 |
| | 1 | 2 | | | | | 7 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 5 | 2 | 7 | 9 | 6 | 1 | 3 |
| 1 | 6 | 7 | 3 | 8 | 4 | 5 | 2 | 9 |
| 9 | 3 | 2 | 5 | 6 | 1 | 7 | 8 | 4 |
| 6 | 2 | 9 | 7 | 1 | 5 | 3 | 4 | 8 |
| 8 | 1 | 4 | 6 | 3 | 2 | 9 | 7 | 5 |
| 5 | 7 | 3 | 4 | 9 | 8 | 1 | 6 | 2 |
| 3 | 9 | 8 | 1 | 2 | 7 | 4 | 5 | 6 |
| 2 | 4 | 1 | 9 | 5 | 6 | 8 | 3 | 7 |
| 7 | 5 | 6 | 8 | 4 | 3 | 2 | 9 | 1 |

ଗତକାଲିର ଉତ୍ତର

# ଗଣେଶଙ୍କ ଶିର ଲାଭ ଅନୁସରଣେ



ଡ. ନରେନ୍ଦ୍ର କୁମାର ସେଠୀ

ଭାରତର ହିନ୍ଦୁ ଧର୍ମଶାସ୍ତ୍ର ଶିବ ପୁରାଣରେ ସର୍ବାଗ୍ରେ ପୂଜିତ ଗଜାନନ ଗଣେଶଙ୍କର ପିଲାଦିନୁ ହାତୀମୁଣ୍ଡ ନ ଥିଲା। ଭିତରକୁ କାହାକୁ ପ୍ରବେଶ ନ କରିବାର ନିଜ ମାତାଙ୍କ ଆଦେଶକୁ ସମ୍ମାନ କରିବାକୁ ଯାଇ କୈଳାସ ପର୍ବତ ଦ୍ୱାରରେ ଜଗି ବସିଥିବା ଗଣେଶ ନିଜ ଅଜାଣତରେ ମହାକାଳ ଶିବଙ୍କୁ ଆହ୍ୱାନ କରିଥିଲେ ଓ ନିଜେ ଭଗବାନ ଶିବ ଯୁଦ୍ଧରେ ଗଣେଶଙ୍କର ଶିର ଛେଦନ କରିଥିଲେ। କିନ୍ତୁ ପରେ ଅନୁତପ୍ତ କରି ହାତୀମୁଣ୍ଡକୁ ଗଣେଶଙ୍କ ମୁଣ୍ଡ ଭାବରେ ପ୍ରତିରୋପଣ କରାଗଲା। ଏହାକୁ ପୌରାଣିକ ଇତିହାସର ପ୍ରଥମ ଶିର ପ୍ରତିରୋପଣ କୁହାଯାଇପାରେ। ସେହିପରି ପାର୍ବତୀଙ୍କ ପିତା ଦକ୍ଷ ପ୍ରଜାପତିଙ୍କ ଅପମାନ ସହି ନ ପାରି ଶିବ କ୍ରୋଧିତ ହୋଇ ତାଙ୍କର ଶିର ଛେଦନ କରିଥିଲେ। ପରେ ଅନୁତପ୍ତ ହୋଇ ଦକ୍ଷଙ୍କ ମୁଣ୍ଡରେ ଛେଳିମୁଣ୍ଡ ପ୍ରତିରୋପଣ କରିଥିଲେ। ପ୍ରାଚୀନ ଭାରତୀୟ ଭେଷଜ ଶାସ୍ତ୍ର ସୁଶ୍ରୁତ ସଂହିତାରେ ଅଙ୍ଗ ପ୍ରତିରୋପଣ କରିଥିବାର ବର୍ଣ୍ଣନା କରିଛନ୍ତି। ଖ୍ରୀଷ୍ଟପୂର୍ବ ୭୦୦ରୁ ୫୦୦ ମଧ୍ୟରେ ପ୍ରାଚୀନ ଗ୍ରୀକ୍ ଶାସ୍ତ୍ରରେ ଅନେକ ପ୍ରକାର ପ୍ରାଣୀଙ୍କ ଅଙ୍ଗକୁ ମିଶାଇ ସଙ୍କର ଜାତୀୟ ପ୍ରାଣୀ ଉତ୍ପତ୍ତି କରିବାର ଉଦାହରଣ ଅଛି। ସିଂହ ଶରୀର, ସାପ ଲାଞ୍ଜ, ଛେଳି ମୁଣ୍ଡକୁ ନେଇ ଏହି ପ୍ରଜାତିକୁ ଚିମେରା କୁହାଯାଉଥିଲା। ତେବେ ନିକଟରେ ଜଣେ ଲୋକର ଶରୀରରୁ ମୁଣ୍ଡକୁ ରୋବଟ୍ ସାହାଯ୍ୟରେ ଅଲଗା କରିଦେଇ ତାକୁ ଅନ୍ୟ ଜଣେ ଲୋକର ମୁଣ୍ଡ ସାହିର ଅଦଳବଦଳ କରିଦେଉଥିବା ଏକ ଭୟଙ୍କର ଓ ବିଚଳିତ କଳାପରି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଅନେକ ଲୋକ ଆଶଙ୍କାରେ ପଡିଗଲେ। ଏପରି ଦୁଃସାହସିକ କାର୍ଯ୍ୟ କରି ଭେଷଜ ବିଜ୍ଞାନରେ ଇତିହାସ ସୃଷ୍ଟି କରିବା ପାଇଁ ବ୍ରେନବ୍ରିଜ୍ ନାମକ ଆମେରିକାର ଏକ ଷ୍ଟାର୍ଟଅପ୍ କମ୍ପାନୀ ଏହି ଆନିମେଟେଡ ଭିଡିଓ ପ୍ରସାରିତ କରି ଈଶ୍ୱରଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବା ନାହିଁ ବୋଲି କହିଛି। ଏହି ତନ୍ତ୍ରିକା ବିଜ୍ଞାନ ଓ ଜୈବ ଚିକିତ୍ସା ଷ୍ଟାର୍ଟଅପ୍ କମ୍ପାନୀ ଈଶ୍ୱରଙ୍କୁ ଯଥାରୀତି ସମ୍ମାନ ପ୍ରଦାନ କରି ବିଶ୍ୱର ପ୍ରଥମ ସଫଳ ମାନବ ମସ୍ତିଷ୍କ ପ୍ରତିରୋପଣ କରିବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି।

ଏହି ସଂସ୍ଥା ଏବେ ଖୁବ୍ ଗୋପନୀୟ ଭାବରେ ଏହି ଯୁଗାନ୍ତରୀ ଓ ବୈପ୍ଳବିକ ଗବେଷଣାକୁ ଜାରି ରଖିଛି। ଯଦି ଏହା ସଫଳ ହୁଏ ତାହାହେଲେ ମାନବ ଚିକିତ୍ସା କ୍ଷେତ୍ରରେ ଏହା ଏପରି ବିପ୍ଳବ ଆଣିଦେବ ତାହାର କଳ୍ପନା କଲେ ଆଶ୍ଚର୍ଯ୍ୟ ଚକିତ ହେବେ। ଏହା ଫଳରେ ଦୁରାରୋଗ୍ୟ କର୍କଟର ଶେଷ ଅବସ୍ଥାରେ ପଡିଥିବା ରୋଗୀ, ପକ୍ଷାଘାତ, ମସ୍ତିଷ୍କଜନିତ ରୋଗୀ ଓ ଅନ୍ୟ ଚିକିତ୍ସା ଦ୍ୱାରା ବିଫଳ ହୋଇଥିବା କଷ୍ଟସାଧ୍ୟ ରୋଗୀମାନଙ୍କୁ ସଫଳ ଉପଚାର ମିଳିପାରିବ। ଏହି ପ୍ରକ୍ରିୟାରେ ଏକ ଅଚଳ ଶରୀର କିନ୍ତୁ ସୁସ୍ଥ ଥିବା ବ୍ୟକ୍ତିର ଶିରକୁ ବ୍ରେନଡେଡ୍ ଥିବା ରୋଗୀ



ସହିତ ପ୍ରତିରୋପଣ କରିହେବ। ମୁଣ୍ଡ ତଳକୁ ଅନ୍ୟ ଶରୀର ଥିଲେ ମଧ୍ୟ ଦୁଇ ଶରୀରକୁ ମିଶାଇ ଏକ ସୁସ୍ଥ ମଣିଷ ବଞ୍ଚି ଉଠିବ। ନିକଟରେ ଶିଳ୍ପପତି ଏଲୋନ ମସ୍କ ତାଙ୍କ କମ୍ପାନୀ ନ୍ୟୁରୋଲିଙ୍କ୍‌ରେ ଜଣେ ମଣିଷ ମସ୍ତିଷ୍କରେ କମ୍ପ୍ୟୁଟର ଚିପ୍ ପ୍ରତିରୋପଣ ସଫଳତାର ସହିତ କରିଥିଲେ। ଏହି ଶିର ପ୍ରତିରୋପଣ ପରି ଜଟିଳ ପ୍ରକ୍ରିୟା ପାଇଁ ସବୁଠୁ ବଡ଼ ସମସ୍ୟା ହେଲା ଭେଷଜ ଚିକିତ୍ସା ବିଜ୍ଞାନରେ ଶିରା ଓ ମେରୁଦଣ୍ଡଜନିତ ମରାମତି ଚିକିତ୍ସାର ପାରଙ୍ଗମତା ଏଯାଏ ଠିକ୍ ଭାବରେ ହୋଇପାରିନାହିଁ। ତେବେ ମୁଣ୍ଡ ପ୍ରତିରୋପଣ ବିଜ୍ଞାନ ଇତିହାସରେ ବିଂଶ ଶତାବ୍ଦୀରେ ପ୍ରଥମେ ୧୯୦୮ରେ ଦୁଇଟି କୁକୁରକୁ ନେଇ ବିଫଳତାର ସହିତ ଚେଷ୍ଟା କରାଯାଇଥିଲା। ୧୯୫୦ରେ ରୁଷିଆର ଭ୍ଲାଡିମିର ଡେମିକଭ ନାମକ ବୈଜ୍ଞାନିକ ଅନୁରୂପ ଚେଷ୍ଟା କରି ବିଫଳ ହୋଇଥିଲେ। ୧୯୭୦ ମସିହାରେ ଆମେରିକୀୟ ନୃତତ୍ତ୍ୱ ବିଜ୍ଞାନୀ ମାଙ୍କଡ଼ ମୁଣ୍ଡ ପ୍ରତିରୋପଣ ସଫଳତାର ସହିତ କରିଥିଲେ ଓ ଏହି ପ୍ରକ୍ରିୟାରେ ମାଙ୍କଡ଼ ଆଠଦିନ ପର୍ଯ୍ୟନ୍ତ ବଞ୍ଚିଥିଲେ ମଧ୍ୟ ମସ୍ତିଷ୍କ ମେରୁଦଣ୍ଡ ସହିତ ସଂଯୋଗ ନ କରିପାରିବାରୁ ମାଙ୍କଡ଼ ମୃତ୍ୟୁବରଣ କରିଥିଲା।

ନିକଟରେ ୨୦୧୭ରେ ଇଟାଲୀର ସର୍ଜିଓ କାନବେର ନାମକ କୁଖ୍ୟାତ ନୃତତ୍ତ୍ୱଶାସ୍ତ୍ରୀ ମାନବ ମସ୍ତିଷ୍କ ପ୍ରତିରୋପଣ କରିବାର ଦାବି କରିଥିଲେ ମଧ୍ୟ ଏହାର ସତ୍ୟତା ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ। ଯେତେ ବିଳମ୍ବ ହେଲେ ମଧ୍ୟ ଏହି ବିରଳ ଚିକିତ୍ସା ପଦ୍ଧତି ନିଶ୍ଚୟ ଭବିଷ୍ୟତରେ ସଫଳ ହେବ ଏଥିରେ ସନ୍ଦେହ ନାହିଁ। କିନ୍ତୁ ଏହା ପଛରେ ଥିବା ମାନବ ନୈତିକତା ବିରାଟ ପ୍ରଶ୍ନବାଚୀ ଛିଡା କରିବ। ଜଣେ ଦୁଇଟି ଭିନ୍ନ ମଣିଷର ଶରୀର ଓ ମୁଣ୍ଡକୁ ନେଇ ଜୀବିତ ହୋଇଥିବା ଲୋକର ସାମାଜିକ ପରିଚୟ କ'ଣ ହେବ ଓ ତା'ର ଆଇନଗତ ଅଧିକାର ବିଷୟରେ ତର୍ଜମା ହେବା ନିହାତି ଜରୁରୀ। ମାନବର ମୁଣ୍ଡ ଶରୀରର ମାତ୍ର ଆଠ ପ୍ରତିଶତ ଓଜନ ବହନ ଓ ଅବଶିଷ୍ଟ ଶରୀର ବୟାନବେ ଭାଗ ଓଜନ ବହନ କରୁଥିବା ବେଳେ ଆଇନଗତ ଅଧିକାର ମୁଣ୍ଡର ହେବ ନା ଦେହର ତାହା ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ତେଣୁ ଦେହଥିବା ବ୍ୟକ୍ତିର ମୁଣ୍ଡ ହେବ ନା ମୁଣ୍ଡଥିବା ବ୍ୟକ୍ତିର ଦେହ ହେବ, ତାହା ନିର୍ଣ୍ଣୟ କରିବା କଷ୍ଟକର ହୋଇପାରେ। ତେବେ ହିନ୍ଦୁ ପୌରାଣିକ ଗ୍ରନ୍ଥରେ ଗଣେଶ ଓ ଦକ୍ଷଙ୍କ ଭଳି ଦୁଇଟି ଅତି ଲୋକପ୍ରିୟ ଶିର ପ୍ରତିରୋପଣ ଘଟଣାରେ ପରିଚୟ ଦେହକୁ ମିଳିଥିଲା ଓ ମୁଣ୍ଡ ତା'ର ପରିଚୟ ହରାଇ ବସିଥିଲା, କିନ୍ତୁ ଆଧୁନିକ ଆଇନକାନୁନ କାହାକୁ ଚୟନ କରିବ ତାହା ଦେଖିବାକୁ ବାକି ରହିଲା। ବିଜ୍ଞାନ ଯେତେ ଆଗକୁ ଯିବ ଓ ତା'ର ପରିଣାମ ସବୁବେଳେ ମଣିଷକୁ ଅପାର ଉପକାର ଦେବା ସଙ୍ଗେ ସଙ୍ଗେ କିଛକୁ ପରିଣାମ ମଧ୍ୟ ଆଣିଦେଇଥାଏ ମାନବ କ୍ଲୋନିଙ୍ଗ, ଶିର ପ୍ରତିରୋପଣ, ଯନ୍ତ୍ର ମାନବ ଇତ୍ୟାଦି ବିଜ୍ଞାନର ଚରମ ସଫଳତା ହୋଇପାରେ, କିନ୍ତୁ ଏହା ଈଶ୍ୱରଙ୍କ ଅଙ୍କିତ ଦୁନିଆରେ ହସ୍ତକ୍ଷେପ କରି ସନ୍ତୁଳନକୁ ବିଗାଡିଦେବା ଭଳି ପରିସ୍ଥିତି ସୃଷ୍ଟି ନ କରୁ। ତେବେ ବିଜ୍ଞାନର ଏହି ଗଣେଶଙ୍କ ଶିର ପ୍ରତିରୋପଣ ଅନୁସରଣ ପଦ୍ଧତି ମାନବ କଲ୍ୟାଣମୁଖୀ ହେଉ ।

**ମୋ: ୭୦୦୪୦୬୮୧୧୦**

# ଚିରନ୍ତନୀ

ପ୍ରଭାତୀ ସ୍ୱରେ ଆଜି କୁକ୍‌କୁଟ ଡାକେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ।
ଅଧରେ କିମ୍ପା ତବ ବ୍ୟଥାର କମ୍ପନ ଗୋ
ବଦନେ କିପାଁ ତବ ହାସ ନ ଲାଖେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ।

-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସର୍ବୋଚ୍ଚ ପୁରସ୍କାରରୁ ବଞ୍ଚିତ

ମହାଶୟ,

ନବେଦଶକ ପାର୍ କରିଥିବା ଗଣଅର୍ଦ୍ଧଶତାବ୍ଦୀର ନାୟିକା ନିକଟରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମ ବିଭୂଷଣ ପ୍ରାପ୍ତ ହେବା ଏକ ଶୁଭ ସୂଚନା। ପ୍ରଥମ ହିନ୍ଦୀ ଛବି ବାହାରରୁ ହିଁ ସେ ନିଜର ଦକ୍ଷତା ପ୍ରତିପାଦିତ କରିଯାଇଛନ୍ତି। ସାୟାଁ ଦିଲମୋଆନାରେ ଆକୋ ଫୀରନ ଯାନାରେ ଏବେ ମଧ୍ୟ ଶ୍ରୁତିମଧୁର। ମଦହୋସ ଜସମିରି ପରେ ତାଙ୍କର ଡଜନ ଡଜନ ଛବି ଅଛି। ନାଗୀନ ନିମନ୍ତେ ସୁନାମ ପାଇଛନ୍ତି। ମଧୁମତୀ, ସାଧନା, ନୟାଦୌର, ଗଙ୍ଗାଯମୁନା, ସଙ୍ଗମ, ସୂରଜ ଓ ସାଥୀ ମନେ ରଖିବା ଭଳି ଚଳଚ୍ଚିତ୍ର। ସେ ଦେବାନନ୍ଦ, ଦିଲ୍ଲୀପ କୁମାର, ରାଜ କପୁର, ବଲରାଜ ସାହାନୀ, ରାଜେନ୍ଦ୍ର କୁମାର, ସୁନୀଲ ଦତ୍ତ, ଅଶୋକ କୁମାର, କିଶୋର କୁମାର, ମନୋଜ କୁମାର, ରାଜ କୁମାର, ଉତ୍ତମ କୁମାର, ଜ୍ୟାମିନ ଗଣେଶନ ତଥା ଧର୍ମେନ୍ଦ୍ରଙ୍କ ପରି ଅଭିନେତାଙ୍କ ସହ ଅଭିନୟ କରିଯାଇଛନ୍ତି। ଦୁଇ ଦଶନ୍ଧିର ଅଭିନୟ। ବର୍ଷକୁ ହାରାହାରି ତିନୋଟି ଫିଲ୍ମରେ ଦୃଶ୍ୟ ଏହି ଅଭିନେତ୍ରୀଙ୍କ ସହ ନାୟକ ଗଣଦାଦାସାହେବ ଫାଲ୍‌କେ ପୁରସ୍କାର ପାଇ ଅଧିକାଂଶ ଆଉ ଇହ ଜଗତରେ ନାହାନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ ବୈଜୟନ୍ତୀ ମାଳା ଆଜିଯାଏ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ପୁରସ୍କାରରୁ ବଞ୍ଚିତ ହୋଇ ରହିଛନ୍ତି।

**-ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲୀ, ବ୍ରହ୍ମପୁର**

## ଭାଏଡକ୍ଟ ନିର୍ମାଣର ଆବଶ୍ୟକତା

ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଥିବା ୬ଟି ନୂଆ ରେଳପ୍ରକଳ୍ପ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି ଜିଲାକୁ ଅନ୍ତର୍ଭୁକ୍ତ କରିବ । ଉକ୍ତ ଜିଲାଗୁଡ଼ିକର କେତେକ ସ୍ଥାନ ଘଞ୍ଚ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ । ଏହି ପରିପ୍ରେକ୍ଷୀରେ, ଜୀବଜନ୍ତୁ ଚଳାପଥ, ଜଙ୍ଗଲ ସୁରକ୍ଷା ଆଦିକୁ ଦୃଷ୍ଟିରେ ରଖି ଭାରତୀୟ ରେଳ କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥାନରେ ଭାଏଡକ୍ଟ ନିର୍ମାଣ କରିବା ଆବଶ୍ୟକ । ଭାଏଡକ୍ଟ ବ୍ୟବସ୍ଥାରେ ଜଙ୍ଗଲ ମଧ୍ୟରେ ରେଳପଥ ପାଇଁ ବ୍ରିଜ୍ ନିର୍ମାଣ ହୋଇଥାଏ । ବ୍ରିଜ୍ ତଳେ ବନ୍ୟଜନ୍ତୁ ଚଳପ୍ରଚଳ କରିଥାଆନ୍ତି ଏବଂ ସେମାନଙ୍କୁ ରେଳଗାଡ଼ିର ଶବ୍ଦ ଶୁଭି ନ ଥାଏ । ଫଳସ୍ୱରୂପ, ଭାଏଡକ୍ଟ ନିର୍ମାଣ ଘଞ୍ଚ ବନାନୀ, ଜୈବ ବିବିଧତା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଆଦିକୁ ସୁନିଶ୍ଚିତ କରିବ ।

**-ନବନିତ୍ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପହଞ୍ଚିଲେ ୧୧ ନାବିକ, ଆଉ ୩ ନିଖୋଜ

## ପଣ୍ୟବାହୀ ଜାହାଜ ଆଇଟିଟି ପୁମା ବୁଡ଼ିବା ଘଟଣା

ପାରାଦୀପ,୨୭।୮
(ଶରତ ରାଉତ)

ସାଗରଦୀପଠାରୁ ୯୦ ନଟିକାଲମାଇଲ ଦୂରରେ ରବିବାର ରାତିରେ ଏକ ପଣ୍ୟବାହୀ ଜାହାଜ ଏମ୍‌ଭି ଆଇଟିଟି ପୁମା ପାଣିରେ ବୁଡ଼ିଯାଇଥିଲା। ସେଥିରେ ୧୧ଜଣ ନାବିକଙ୍କୁ କୋଷ୍ଟଗାର୍ଡ ଉଦ୍ଧାର କରିଛି। ମଙ୍ଗଳବାର ସମ୍ପୃକ୍ତ ନାବିକମାନେ ପାରାଦୀପ ବନ୍ଦରରେ ପହଞ୍ଚିଛନ୍ତି। ସେମାନେ ହେଲେ କୋଲକାତାର ଦିବାକର ସାହୁ (୫୨), ଅନୁପ ରାୟ (୨୩), ରୁଇହି ପଲ (୨୩), ରିତମ ସାହା (୨୧),ଅରୁଣ ବାନାର୍ଜୀ (୫୪), ଅତନୁ ବିଶ୍ୱାସ (୨୦), ଦିଲ୍ଲୀର ସୟଦ ବକରିନ ଜାଫରଦ (୫୨), ତାମିଲନାଡୁର ସାବୋରି ଆନନ୍ଦନ (୩୩), ଆନ୍ଧ୍ରପ୍ରଦେଶର ବି.କ୍ରିଷ୍ଣା (୩୫), ଉତ୍ତରପ୍ରଦେଶର ଶୀତଳା ପ୍ରସାଦ ପଟେଲ (୩୦) ଏବଂ ପୋର୍ଟବ୍ଲେୟାରର ଅମର ଭାଚଲ (୨୪)। ବନ୍ଦର ହସ୍ପିଟାଲରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତେ ସୁସ୍ଥ ଥିବା ସ୍ପଷ୍ଟ ହେବା ପରେ ସେମାନଙ୍କୁ ଆଇଟିଟି ପୁମା ଲାଇନ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। କିନ୍ତୁ ଆଉ ୩ ଜଣ ନିଖୋଜ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଜାହାଜର କ୍ୟାପଟେନ୍ ଓ ଅନ୍ୟ ୨ ଜଣ ନାବିକ ରହିଛନ୍ତି। ସେମାନଙ୍କୁ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ଓ ଡୋନିୟର ଏୟାରକ୍ରାଫ୍ଟ ଜରିଆରେ ଖୋଜା ଚାଲିଛି।


କୋଷ୍ଟଗାର୍ଡ ଟିମ୍ ସହ ଉଦ୍ଧାର ନାବିକମାନେ।

ସୂଚନାଯୋଗ୍ୟ, ମୁମ୍ବାଇ ପଞ୍ଜୀକୃତ ପଣ୍ୟବାହୀ ଜାହାଜ ଆଇଟିଟି ପୁମା ଅଗଷ୍ଟ ୨୫ରେ କୋଲକାତା ବନ୍ଦରରୁ ପଣ୍ୟ ଖଲାସ କରି ପୋର୍ଟବ୍ଲେୟାର ଯିବାବେଳେ ସମୁଦ୍ର ମଝିରେ ବୁଡି ଯାଇଥିଲା। ଜାହାଜ ବୁଡ଼ିବା ପୂର୍ବରୁ କ୍ୟାପଟେନ ଜିପିଏସ୍ ଜରିଆରେ କୋଷ୍ଟଗାର୍ଡ ମୁଖ୍ୟାଳୟ ଚେନ୍ନାଇକୁ ସୂଚନା ଦେଇଥିଲେ। କୋଷ୍ଟଗାର୍ଡ ପକ୍ଷରୁ ତୁରନ୍ତ କୋଲକାତାକୁ ସୂଚନା ଦିଆଯାଇଥିଲା। ପାଟ୍ରୋଲିଂ ଜାହାଜ ସାରଙ୍ଗ ଓ ଅମୋଘ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ରାତିରେ ୬ଜଣଙ୍କୁ ଉଦ୍ଧାର କରିଥିଲେ। ସୋମବାର ସକାଳେ ଅନ୍ୟ ୫ ଜଣଙ୍କୁ ଉଦ୍ଧାର କରିଥିଲେ। ଏଥିରେ ଡୋନିୟର ଏୟାରକ୍ରାଫ୍ଟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି। ଉଦ୍ଧାର ଚିଫ୍ ଇଞ୍ଜିନିୟର ଦିବାକର ସାହୁ ନିଜ ଅଙ୍ଗେନିଭା ଘଟଣା ସମ୍ପର୍କରେ କୁହନ୍ତି, କୋଲକାତା ବନ୍ଦରରେ ପଣ୍ୟ ଖଲାସ ବେଳେ ଜାହାଜରେ କଣା ହୋଇ ଯାଇଥିଲା। ଏସମ୍ପର୍କରେ ସେମାନେ ପରେ ଜାଣି ପାଣି କଣା ବନ୍ଦ କରିବା ପାଇଁ ସମସ୍ତ ଚେଷ୍ଟା କରିଥିଲେ। ମାତ୍ର ବିଫଳ ହୋଇଥିଲେ। ଶେଷରେ କ୍ୟାପଟେନ୍ ଲାଇଫ ଜ୍ୟାକେଟ ଓ ଲାଇଫ୍ ବୋଟ ଜରିଆରେ ଜୀବନ ବଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଲେ । ଲାଇଫ ଜ୍ୟାକେଟ୍ ପିନ୍ଧି ଦିବାକର ଜାହାଜ ବୁଡିବାଠାରୁ ପ୍ରାୟ ୩୦ ମିଟର ଦୂରରେ ଭାସୁଥିଲେ। ଗୋଟିଏ ପଟେ ମୃତ୍ୟୁ ଅନ୍ୟପଟେ ଜୀବନ ଆଶାରେ ସେମାନେ ଥିଲେ। ଏଭଳିସ୍ଥିତିରେ କୋଷ୍ଟଗାର୍ଡ ପହଞ୍ଚି ସେମାନଙ୍କୁ ନୂଆ ଜୀବନ ଦେଇଛନ୍ତି ବୋଲି ଦିବାକର କୁହନ୍ତି। ଯେଉଁ ଜାଗାରେ ଜାହାଜ ବୁଡ଼ିଛି ସେଠାରେ ସମୁଦ୍ର ଅଶାନ୍ତ ରହିଛି। ଅନ୍ୟତମ ନାବିକ ସୟଦ ବକରିନ ଜାଫରଦ ଏହା ତାଙ୍କ ପାଇଁ ନୂଆ ଜୀବନ ବୋଲି କହିଛନ୍ତି।

# ଝିଙ୍ଗିଆ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଲହୁଣୀପଡ଼ା, ୨୭।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମଙ୍କର ମଙ୍ଗଳବାର ଦଶାହକ୍ରିୟା ହୋଇଥିଲା। ଜୁଏଲଙ୍କ ପୈତୃକ ଗ୍ରାମ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ କେନ୍ଦୁଡ଼ିହିସ୍ଥିତ ବାସଭବନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ଦିବଂଗତ ଝିଙ୍ଗିଆଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଦଶାହକ୍ରିୟା ନିମନ୍ତେ ମଧ୍ୟାହ୍ନ ୧ଟାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳଠାରୁ ସଡ଼କ ପଥରେ ଆସି କେନ୍ଦୁଡ଼ିହିଠାରେ ପହଞ୍ଚିଥିଲେ। ଅପରାହ୍ନ ୨ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ତାଙ୍କ ସ୍ତ୍ରୀ ହେଲିକପ୍ଟର ଯୋଗେ ରାଉରକେଲାରେ ପହଞ୍ଚି ସେଠାରୁ ସଡକ ପଥରେ କେନ୍ଦୁଡ଼ିହି ଗ୍ରାମରେ ପହଞ୍ଚିଥିଲେ। ଝିଙ୍ଗିଆ ଓରାମଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଡ଼ିହିକୁ କେନ୍ଦ୍ର ତଥା ରାଜ୍ୟସ୍ତରର ବହୁ ରାଜନେତା, ବିଶିଷ୍ଟ ବ୍ୟକ୍ତିଙ୍କ ଆଗମନ ଘଟୁଥିବାରୁ ସୁନ୍ଦରଗଡ଼ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ତଦାରଖ କରାଯାଉଛି। ଗତ ୧୭ ତାରିଖ ବିଳମ୍ବିତ ରାତିରେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଝିଙ୍ଗିଆଙ୍କ ମୃତ୍ୟୁ ଘଟିଥିଲା। ପୈତୃକ ଗ୍ରାମ କେନ୍ଦୁଡ଼ିହିଠାରେ ଅନ୍ତିମ ସତ୍କାର କରାଯାଇଥିଲା।

# ଧକ୍କା ଦେଇ ସ୍କୁଟିକୁ ଘୋଷାଡ଼ି ନେଲା ଟ୍ରକ୍, ୨ ମୃତ

ଭଦ୍ରକ,୨୭।୮(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବହୁଦରଡ଼ା ଓଭରବ୍ରିଜ୍ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ସହ ମୁହାଁମୁହିଁ ଧକ୍କା ହେବା ପରେ ଟ୍ରକ୍‌ଟି ଘୋଷାଡ଼ି ନେବାରୁ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ୨ ସ୍କୁଟି ଆରୋହୀ ହେଉଛନ୍ତି ଯାଜପୁର ଜିଲା ଦାନଗଦି ଅଞ୍ଚଳର ଶିବାଶିଷ ମଲ୍ଲିକ(୨୧) ଓ କୁଆଖିଆ ସାହସପୁରର ପୃଥ୍ୱୀରାଜ ଜେନା(୧୭)।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଜାତୀୟ ରାଜପଥର ଓଭରବ୍ରିଜ୍ ନିକଟରେ ଟ୍ରକ୍‌ଟି କଟକ ପଟୁ ରଙ୍ଗ୍ ସାଇଡ୍‌ରେ ଆସୁଥିବା ବେଳେ ଭଦ୍ରକରୁ ଏକ ସ୍କୁଟିରେ ୨ଜଣ ନିଜ ଘର ଯାଜପୁରକୁ ଫେରୁଥିଲେ। ଉକ୍ତ ଓଭରବ୍ରିଜ୍ ନିକଟରେ ମୁହାଁମୁହିଁ ଧକ୍କା ହେବା ପରେ ପ୍ରାୟ ଅଧା କିଲୋମିଟର ପର୍ଯ୍ୟନ୍ତ ସ୍କୁଟିକୁ ଟ୍ରକ୍ ଟାଣି ନେଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଉଥିବା ବେଳେ କେନ୍ଦୁଆପଦା ଫାଣ୍ଡି ପୋଲିସ ମୁଗଗଡ଼ିଆଠାରେ ଗାଡ଼ିକୁ ଜବତ କରି ଥାନାକୁ ନେଇଛି। ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ମାଲକାନଗିରି ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ

## ଲକ୍ଷ୍ମୀ ବସ୍‌କୁ ବିରୋଧ

ମାଲକାନଗିରି,୨୭।୮
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧକରି ଜିଲା ଘରୋଇ ବସ୍ ମାଲିକ ସଂଘ ତରଫରୁ ମଙ୍ଗଳବାର ବସ୍ ଚଳାଚଳ ବନ୍ଦକରି ଦିଆଯାଇଛି। ଫଳରେ ମାଲକାନଗିରିରୁ ଅନ୍ୟ ସ୍ଥାନକୁ ଯାତ୍ରୀମାନେ ଯାତାୟାତ କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ମାଲକାନଗିରିକୁ ଅନ୍ୟ ଜିଲାରୁ ମଧ୍ୟ କୌଣସି ଘରୋଇ ବସ୍‌କୁ ପୁରାଇ ଦେବାକୁ ବିରୋଧ କରିଛନ୍ତି।

ଜିଲାରେ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀର ଲକ୍ଷ୍ମୀ ବସ୍‌ଗୁଡିକ ଚାଲୁଥିବା ବେଳେ ଦ୍ୱିତୀୟ ଶ୍ରେଣୀ ଏସି ବସ୍‌ଗୁଡିକ ବ୍ଲକଠାରୁ ଜିଲା ସଦର ମହକୁମାକୁ ଚଳାଚଳ ହେଉଥିବାରୁ ଘରୋଇ ବସ୍ ମାଲିକମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଏ ସମ୍ବନ୍ଧରେ ପୂର୍ବରୁ ରାଜ୍ୟ ସରକାରଙ୍କୁ ଏସି ବସ୍‌ବନ୍ଦ କରିବା ପାଇଁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତ ଗତ ୧ତାରିଖରୁ ଏସି ବସ୍‌ଗୁଡିକର ପରମିଟକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ପୁନର୍ବାର ୨୧ ତାରିଖରୁ ଏହି ଏସି ବସ୍‌ଗୁଡିକ ଚଳାଚଳ ଆରମ୍ଭ କରିଛି। ଫଳରେ ଘରୋଇ ବସ୍‌ଗୁଡିକୁ କ୍ଷତି ସହିବାକୁ ପଡୁଛି। ଅନ୍ୟ ଜିଲାରେ ଏହି ଏସି ବସ୍‌ଗୁଡିକ ବନ୍ଦ ହୋଇଥିବା ବେଳେ ମାଲକାନଗିରିରେ ଏହାକୁ ବନ୍ଦ କରାଯାଇନାହିଁ। ତେଣୁ ଏହାର ପ୍ରତିବାଦ କରି ଘରୋଇ ବସ୍ ମାଲିକ ସଂଘ ତରଫରୁ ବସ ଚଳାଚଳ ବନ୍ଦ କରାଯାଇଛି। ଏଥିସହ ୨ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ଲକ୍ଷ୍ମୀ ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ, ନଚେତ ଯୋଜନାରେ ଥିବା ଦ୍ୱିତୀୟ ଶ୍ରେଣୀ ଏସିବସ୍‌ଗୁଡିକୁ ବନ୍ଦ କରାଯାଉ। ଫଳରେ ଘରୋଇ ବସ୍ ମାଲିକଙ୍କ କ୍ଷତିର ମାତ୍ରା କିଛି ପରିମାଣ କମିବ। ନ ହେଲେ ଲକ୍ଷ୍ମୀ ଯୋଜନାରେ ଘରୋଇ ବସ୍‌ଗୁଡିକୁ ଅନ୍ତର୍ଭୁକ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଧର୍ମଘଟରେ ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ରାଜେଶ୍ୱରୀ ପ୍ରଧାନ, ସମ୍ପାଦକ ଟି. ଭେଙ୍କଟ ରାଓ, ଉପଦେଷ୍ଟା ସିଏଚ୍ ସୁବାରାଓ ପାତ୍ର, ଉପ ସଭାପତି ସପନ ଦତ୍ତ, କୋଷାଧ୍ୟକ୍ଷ ସିଏଚ୍. ରାଜେଶ ପାତ୍ର, ଦିଲୀପ କୁମାର ହିଣ୍ଡିଆ, କେଦାରନାଥ ଦାସ, ଜି. ସିତାରାମାୟା, ସୀମାଞ୍ଚଳ ଦାସ, ରବି ଖାନ, ଛବି ଦାସ, ବୁଲୁ ସ୍ୱାଇଁ ଓ ଅଭି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ମାଲକାନଗିରିରେ ପ୍ରତିବାଦ କରୁଛନ୍ତି।

# କାର୍ଯ୍ୟରେ ଅବହେଳା, ପ୍ରଧାନ ଶିକ୍ଷକ ନିଲମ୍ବିତ

## ୭ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ

ରାୟଗଡ଼ା,୨୭।୮
(ଆଶିଷ ରଞ୍ଜନ ପଣ୍ଡା)

ସରକାରୀ କାର୍ଯ୍ୟରେ ଅବହେଳା ଅଭିଯୋଗରେ ରାୟଗଡ଼ା ଜିଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷା ବିଭାଗ ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ନାୟକ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଏଥିସହ ୭ଜଣ ଶିକ୍ଷକ ଓ ଜଣେ ପିଅନଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି। ଏ ନେଇ ୨୩ ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଚିଠି ନଂ ୫୩୦୧ରେ ପ୍ରଧାନ ଶିକ୍ଷକ ନିଲମ୍ବିତ ଏବଂ ଚିଠି ନଂ ୫୩୦୬ରେ ୭ ଶିକ୍ଷକଙ୍କ ଦରମା ବନ୍ଦ ବିଷୟରେ ପ୍ରକାଶ ପାଇଛି।

ଗତ ୨୨ ତାରିଖରେ ଜିଲା ଶିକ୍ଷାଧିକାରୀ ନାୟକ କାଶୀପୁର ବ୍ଲକ ଗସ୍ତକରି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ କାଶୀପୁର ବ୍ଲକ୍‌ର ଯୋଡ଼ାମ୍ବସ୍ଥିତ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାଏକ ସରକାରୀ କାର୍ଯ୍ୟରେ ଅବହେଳା ଯୋଗୁ ଗୋଟିଏ ଦିନର ଦରମା ବନ୍ଦ କରିବା ସହିତ ଚାକିରିରୁ ନିଲମ୍ବିତ କରିଛନ୍ତି। ବେଆଇନ ଭାବେ ଛୁଟିରେ ରହିବା ଘଟଣାରେ ସ୍କୁଲର ପିଅନ ବିଶ୍ୱଜିତ ମହାନ୍ତିଙ୍କ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି। ସେହିପରି ରାୟଗଡ଼ା ବ୍ଲକ୍ ଟିଟିଖୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରବୀର କୁମାର ଚୌଧୁରୀ ଓ କାଶୀପୁର ବ୍ଲକ ଶଙ୍କରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୁମ୍ଭେଶ୍ୱର ଗରଡ଼ା ଏବଂ ବିଜୟଲକ୍ଷ୍ମୀ ପରିଡ଼ାଙ୍କୁ ବେଆଇନ ଭାବେ ଛୁଟିରେ ରହିବା ଘଟଣାରେ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି। ସର୍ଗିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପତି, ଯୋଗେଶ୍ୱର ଡୁରୁକ, ସୌଭାଗିନୀ ଭୋଇ ଓ ସରିତା ମିଶ୍ରଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନରେ ଅବ୍ୟବସ୍ଥା କାରଣରୁ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ଏଭଳି ଅଚାନକ ବ୍ଲକ ଗସ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପରେ ଶିକ୍ଷକ ମହଲରେ ଭୟ ସୃଷ୍ଟି ହୋଇଛି। ଅନ୍ୟପଟେ ଜିଲାରେ ବେଆଇନ ଭାବେ ମିଥ୍ୟ ବାହାନାକରି ଡେପୁଟେଶନରେ ନିଜ ଇଚ୍ଛା ମୁତାବକ ସ୍କୁଲରେ ରହିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଡେପୁଟେଶନକୁ ବାତିଲକରି ସେମାନଙ୍କୁ ମୂଳ ସ୍କୁଲକୁ ଫେରାଇବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ସେହିଭଳି ଜିଲାରେ ବିଳମ୍ବରେ ସ୍କୁଲକୁ ଆସୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

GRAPHIC DESIGNER
for BALASORE
• Knowlege in Photoshop & coreldraw is essential
• Salary 15,000/- to 20,000/- depending on the efficiency.
Please Mail to or WhatsApp to
designerbls2024@gmail.com
9040506792

STAR MANAGEMENT COLLEGE
Govt. of Odisha Recognised Under Utkal University
Faculties required for B.Sc (Comp.Sc.), BBA, BCA, PMIR, BHM & MHM (10Post). Marketing Manager (4Nos), Telecaller (15Nos), Front Office (Exp. in Educational Institutions) (2Nos), Peon (4Nos), Driver (2Nos) & Admin.(2Nos)(Exp. in Education Institutions)
167, Forest Park, Bhubaneswar, Mail id - starmgtcollege@gmail.com
Contact: 9040090530, 9040090543, 9861444447, 9937337659

# କ୍ରିକେଟ ବଲ୍ ପାଇଁ ଜୀବନ ହାରିଲେ ନାବାଳକ

ଭୋଗରାଇ, ୨୭।୮(ପ୍ରଦୀପ ଦାସ)

ସାମାନ୍ୟ କ୍ରିକେଟ ବଲ୍ ପାଇଁ ଜଣେ ନାବାଳକ ଜୀବନ ହାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଥାନାଛକ ହେଲିପେଡ୍ ପଡ଼ିଆ ଅଞ୍ଚଳରେ। ସପ୍ତମ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳକଙ୍କ ମୃତଦେହକୁ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ହେଲିପ୍ୟାଡ ପଡ଼ିଆରେ ସାଙ୍ଗ ପିଲାଙ୍କ ସହିତ ଉକ୍ତ ନାବାଳକ ଖେଳୁଥିବା ବେଳେ ବଲ୍‌ଟି ହଜିଯାଇଥିଲା। ସନ୍ଧ୍ୟାରେ ସେ ଘରକୁ ଆସି ବଲ୍ ହଜିବା କଥା ତାଙ୍କ ବାପାଙ୍କୁ ଜଣାଇଥିଲେ। ତାଙ୍କ ବାପା ମଧ୍ୟ ଏକ ନୂଆ ବଲ୍ ବଜାରରୁ ଆଣିଦେବେ ବୋଲି କହିଥିଲେ। ହେଲେ ସେ ବାପାଙ୍କ କଥା ନ ଶୁଣି ଶୀଘ୍ର ବଲ୍ ଆଣିଦେବା ପାଇଁ ଜିଦ୍ ଧରିଥିଲେ। ସୋମବାର ସନ୍ଧ୍ୟାରେ ଘରେ ମା' ବାପା ନ ଥିବା ବେଳେ ମାନସିକ ଭାରସାମ୍ୟ ହରାଇ ସେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିଲେ। ନାବାଳକଙ୍କ ବାପା ଗାମୁଛା ଖୋଲି ସଙ୍ଗେ ସଙ୍ଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି।

# ସାପ କାମୁଡ଼ାରେ ଭଉଣୀ ମୃତ, ଭାଇ ଗୁରୁତର

ବ୍ରହ୍ମପୁର,୨୭।୮
(ସୁବାସ ଚନ୍ଦ୍ର ପାଢ଼ୀ)

ସାପ କାମୁଡାରେ ଗୁରୁତର ହୋଇ ମଙ୍ଗଳବାର ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିବା ଜଣେ ୧୦ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ବର୍ଷୀୟ ତାଙ୍କ ଭାଇ ଆଇସିୟୁରେ ଅଛନ୍ତି। ମୃତା ନବାଳିକା ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁର ରୁପାଲି ବାରିକ। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ବାଲୁଗାଁ ଥାନା ଅନ୍ତର୍ଗତ ସିଂଘେଶ୍ୱର ଗ୍ରାମର ରୁପାଲି ଓ ତାଙ୍କ ସାନଭାଇ ଆୟୁଷ ସୋମବାର ରାତିରେ ଖାଇସାରି ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ। ହେଲେ ମଙ୍ଗଳବାର ଭୋରରେ ଭଉଣୀଭାଇ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ପ୍ରଥମେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ରୁପାଲିଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ଆୟୁଷଙ୍କୁ ଏକେସିଜି ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ରୁପାଲିଙ୍କ ମୃତ୍ୟୁ ନେଇ ନଂ.୫୬୫/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ତଦନ୍ତକଲେ ଜେଲ ଡିଆଇଜି

## ବଲାଙ୍ଗୀର ଜେଲ ଭିତରୁ ମୋବାଇଲ, ନିଶାଦ୍ରବ୍ୟ ଜବତ ଘଟଣା

ବଲାଙ୍ଗୀର,୨୭।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କାରାଗାର ଭିତରୁ ମୋବାଇଲ ଫୋନ ଏବଂ ନିଶାଦ୍ରବ୍ୟ ଜବତ ଘଟଣାର ତଦନ୍ତ ଜେଲ ଡିଆଇଜି କୁଳମଣି ବେହେରା କରିଛନ୍ତି। ସେ ମଙ୍ଗଳବାର ବଲାଙ୍ଗୀର ଗସ୍ତରେ ଆସି ଜିଲା କାରାଗାରକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଜେଲ ଭିତରକୁ କିଭଳି ଓ କିଏ ମୋବାଇଲ ଏବଂ ନିଶାଦ୍ରବ୍ୟ ନେଉଥିଲା ତାହାର ତଦନ୍ତ କରିଛନ୍ତି। ବଲାଙ୍ଗୀର ଜିଲା କାରାଗାରର ୯ ନମ୍ବର ସେଲ୍ ଭିତରୁ ମୋବାଇଲ ଜବତ ହୋଇଥିବା ସେ ସୂଚନା ଦେଇଛନ୍ତି।

ଗତ ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଡି. ଖିଲାରି ନିଜେ ଜିଲାର ୯ ଜଣ ବରିଷ୍ଠ ପୋଲିସ ଅଧିକାରୀ ଏବଂ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ନେଇ ବଲାଙ୍ଗୀର ଜିଲା କାରାଗାର ଭିତରେ ଅତର୍କିତ ଚଢ଼ାଉ କରିଥିଲେ। ଜେଲ ଭିତର ୧୨ଟି ସେଲ୍, ରନ୍ଧାଘର, ଲାଟିନ୍, ଗାଧୁଆଘର ଓ ଅନ୍ୟ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଜେଲ ଭିତରୁ ବିଡ଼ି, ସିଗାରେଟ୍, ଭାଙ୍ଗ ଭଳି ନିଶାଦ୍ରବ୍ୟ, ଦୁଇଟି ଲାଇଟର ଏବଂ ଏକ ଟ୍ରିମର ଜବତ ହୋଇଥିବା ସୂଚନା ଦେଇଥିଲେ। ସେହିଦିନ ଅପରାହ୍ଣରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ବଲାଙ୍ଗୀର ଆସି ଜେଲରେ ଚଢ଼ାଉ ଘଟଣାର ସମୀକ୍ଷା କରିଥିଲେ। ଜିଲା କାରାଗାର ଭିତରୁ ଏକ ମୋବାଇଲ ଫୋନ ଜବତ ହୋଇଥିବା ସେ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତ ରହୁଥିବା ସେଲ୍‌ରୁ ଉକ୍ତ ସ୍ମାର୍ଟ ମୋବାଇଲ ଫୋନ ଜବତ ହୋଇଥିବା ସୂଚନା ଦିଆଯାଇଥିଲା। ବଲାଙ୍ଗୀର ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁ ଉକ୍ତ ସ୍ମାର୍ଟଫୋନ ଜବତ କରି ହସ୍ତାନ୍ତର କରିଥିବା ଏବଂ ଏନେଇ ବଲାଙ୍ଗୀର ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ପି ଖିଲାରି ସୂଚନା ଦେଇଥିଲେ। ଜେଲ ଭିତରେ ଥିବା ଜଣେ କୁଖ୍ୟାତ ଗ୍ୟାଙ୍ଗଷ୍ଟରଙ୍କ ସେଲ୍ ଭିତରକୁ କେଉଁ ପରିସ୍ଥିତିରେ ସ୍ମାର୍ଟ ମୋବାଇଲ ଫୋନ ଗଲା ତାହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଉଭୟ ପୋଲିସ ବିଭାଗ ଏବଂ ଜେଲ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଗତ ଶୁକ୍ରବାର ପୋଲିସ ଆଇଜି ହିମାଂଶୁ ଲାଲ ଘଟଣାର ତଦନ୍ତ କରିଛନ୍ତି। ମଙ୍ଗଳବାର ଜେଲ ଡିଆଇଜି ବେହେରା ବଲାଙ୍ଗୀର ଜେଲକୁ ଆସି ତଦନ୍ତ କରିଥିଲେ।

ଜେଲ ଭିତରେ ହାଇ ସିକ୍ୟୁରିଟି ସେଲ୍‌ରେ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତଙ୍କୁ ରଖାଯାଇଥିଲା। ସେହି ସେଲ୍ ଭିତରକୁ କିଭଳି ଭାବେ ସ୍ମାର୍ଟଫୋନ ଗଲା ତାକୁ ନେଇ ପୋଲିସ ଏବଂ ଜେଲ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିଛନ୍ତି। ଜେଲ ଡିଆଇଜି ବେହେରା କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଉଛି। କେଉଁ ପରିସ୍ଥିତିରେ ଜେଲ ଭିତରକୁ ମୋବାଇଲ ଫୋନ ଆସିଲା ଓ ଉକ୍ତ ମୋବାଇଲର କ'ଣ ବ୍ୟବହାର କରାଯାଇଛି ତା'ର ତଦନ୍ତ କରାଯାଉଛି। ସୂଚନାଯୋଗ୍ୟ, ୨୦୧୮ରେ ଝାରପଡ଼ା ଜେଲରୁ ସୁଶାନ୍ତ ଧଳସାମନ୍ତଙ୍କୁ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

## କଟକ ହସ୍ପିଟାଲରୁ ଜେଲକୁ ଫେରିଲେ ସୁଶାନ୍ତ ଧଳସାମନ୍ତ


ଜେଲ ଡିଆଇଜି କୁଳମଣି ବେହେରା ବଲାଙ୍ଗୀର ଜେଲ ଭିତରକୁ ତଦନ୍ତ ପାଇଁ ଯାଉଛନ୍ତି।



## ସଂକ୍ଷେପରେ

### ଥୁଆମୂଳ ରାମପୁରରେ ନୂତନ ତହସିଲଦାରଙ୍କ ଯୋଗଦାନ



**ଥୁଆମୂଳ ରାମପୁର,୨୭।୮ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ନୂତନ ତହସିଲଦାର ଭାବେ ନିରୋଜ କୁମାର ଭତ୍ରା ଯୋଗଦେଇଛନ୍ତି। ପୂର୍ବରୁ ସେ କଳାହାଣ୍ଡି ଜିଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଏଠାରେ ପୂର୍ବରୁ କାର୍ଯ୍ୟରତ ତହସିଲଦାର କବିରାଜ ପ୍ରଧାନ ଗଞ୍ଜାମ ଜିଲାର କାନିଶି ତହସିଲକୁ ସ୍ଥାନାନ୍ତର ହେବା ପରେ ଏହି ପଦବୀ ଖାଲି ରହିଥିଲା। ଜନସାଧାରଣ ଓ ସହକର୍ମୀଙ୍କ ସହଯୋଗ ରହିଲେ ତୃଣମୂଳ ସ୍ତରରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ ସମ୍ପାଦନା କରିପାରିବି ବୋଲି ଭତ୍ରା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# ୨୬ନଂ. ଜାତୀୟ ରାଜପଥ ଅବରୋଧ

**କମ୍ପାନୀରେ ସ୍ଥାୟୀ ନିଯୁକ୍ତି, ବିସ୍ଥାପିତଙ୍କୁ ଥଇଥାନ ଦାବି**

ଜୁନାଗଡ଼,୨୭।୮ (ଅଂଶୁମାନ ଯୋଷୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ତଳଜାରିଙ୍ଗଠାରେ ଥିବା ଆଇପିଏଲ୍ (ଇଣ୍ଡିଆନ ପଟାସ ଲିମିଟେଡ) କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଓ ବିସ୍ଥାପିତଙ୍କୁ ଥଇଥାନ ଦାବିରେ ମଙ୍ଗଳବାର ପୂର୍ବାହ୍ନ ୯ଟା ୩୦ରୁ ସ୍ଥାନୀୟ ମା' ଲଙ୍କେଶ୍ୱରୀ ଶ୍ରମିକ ସଂଘ ପକ୍ଷରୁ ୨୬ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଥିଲା। ଏଥିଯୋଗୁ ବହୁ ଯାତ୍ରୀ ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୋଲିସ ପହଞ୍ଚି ସ୍ଥିତି ଉପରେ ନଜର ରଖିଥିଲା। ଅପରାହ୍ନ ୧ଟାରେ ଧର୍ମଗଡ ଏସ୍‌ଡିପିଓ ମନୋଜ ବେହେରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିପାଇଁ ଏକ କମିଟି ଗଠନ କରାଯାଇ ଏହାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଦୀର୍ଘ ସାଢେ ୩ଘଣ୍ଟା ପରେ ଆନ୍ଦୋଳନକାରୀ ରାସ୍ତାରୋକୋରୁ ଓହରିଥିଲେ। ଏହା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



ରାସ୍ତା ଅବରୋଧ କରିଛନ୍ତି ଆନ୍ଦୋଳନକାରୀ।

# ସର୍ପ ଦଂଶନ ନିରାକରଣ ସଚେତନତା

ବେହେରା,୨୭।୮ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ତରଫରୁ ସର୍ପ ଦଂଶନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେହେରା ହୋମିଓପାଥି ଚିକିତ୍ସାଳୟର ଡା. ମଳୟ କୁମାର ତାଣ୍ଡି ଯୋଗଦେଇ ସାପର ବର୍ଗୀକରଣ, ବିଷଧର ସାପକୁ ଚିହ୍ନଟ କରିବା, ସାପ କାମୁଡ଼ିଥିବା ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହା ସହ ସାପ କାମୁଡ଼ିଲେ ତୁରନ୍ତ ଡାକ୍ତରଖାନାକୁ ନେବାକୁ ପ୍ରବର୍ତ୍ତାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ଅକ୍ଷୟ କୁମାର ପଟ୍ଟନାୟକ, ନିକୁଞ୍ଜ ବିହାରୀ ସାହୁ, ବିଦ୍ୟାଶ୍ରୀ ନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ମୋହନ ଚରଣ ବିଶି ପରିଚାଳନା କରିଥିବାବେଳେ କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ସମେତ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ଖଡ଼ିଆଳ,୨୭।୮ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ କଲ୍ୟାଣ ମଣ୍ଡପରେ ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ସଞ୍ଜୟ ତିୱାରୀ, ମନୋଜ ପଟ୍ଟନାୟକ, ନୂଆପଡ଼ା ବିଧାନସଭା ପ୍ରଭାରୀ ଅଜିତ କିଶୋର ଚଲାନ, ରାତ୍ରନନ୍ଦ ମନହିରା, ଡ଼. ସିଦ୍ଧାର୍ଥ ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ଜିଲାର ଦୁଇ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୬୦୦ ବୁଥ୍‌ରୁ ୧ ଲକ୍ଷ ୨୦ ହଜାର ସଦସ୍ୟ ସୃଷ୍ଟି କରିବାକୁ ଆହ୍ୱାନ କରିଛନ୍ତି। ଏହି ଅଭିଯାନ ସଫଳ ହେବା ସହ ଲକ୍ଷ୍ୟ ସାଧିତ ହେବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୧ରୁ ୨୫ ଏବଂ ଅକ୍ଟୋବର ୧ରୁ ୧୫ ପର୍ଯ୍ୟନ୍ତ ଏହି ଅଭିଯାନ ଅନୁଷ୍ଠିତ ହେବ।

### ଆର୍‌ଏସ୍‌ଏସ୍‌ର ପ୍ରାରମ୍ଭିକ ବର୍ଗ ଉଦ୍‌ଯାପିତ

**କୋମନା,୨୭।୮(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ଭେଲା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଗତ ୨୪ତାରିଖରୁ ଆରମ୍ଭ ହୋଇଥିବା ପ୍ରାରମ୍ଭିକ ବର୍ଗ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୋମନା ଖଣ୍ଡର ୬୮ ଜଣ ଶିକ୍ଷାର୍ଥୀ ଯୋଗଦେଇଥିଲେ। ଶିକ୍ଷାର୍ଥୀମାନଙ୍କୁ ଶାରୀରିକ, ମାନସିକ ଓ ବୌଦ୍ଧିକ ଶିକ୍ଷା ଦିଆଯାଇଥିଲା। ପ୍ରାରମ୍ଭିକ ବର୍ଗ ସମ୍ପୂର୍ଣ୍ଣ କରିଥିବା ଶିକ୍ଷାର୍ଥୀ ଆଗକୁ ପ୍ରାଥମିକ ବର୍ଗ କରିପାରିବେ। ଉକ୍ତ ବର୍ଗରେ ଶାରୀରିକ ଦାୟିତ୍ୱରେ ଖଗେଶ୍ୱର ବାଗ, ପାଳକ ଦାୟିତ୍ୱରେ ଅଜିତ ନାଏକ, ବୌଦ୍ଧିକ ଦାୟିତ୍ୱରେ ଟାର୍ଜନ ସିଂ ଦଣ୍ଡସେନା, ପର୍ଯ୍ୟବେକ୍ଷକ ଭାବରେ ଅରୁଣ ମାଝି, ଖଣ୍ଡ ସଂଘ ଚାଳକ ଭାବରେ ଉମାଶଙ୍କର ରଣା ଦାୟିତ୍ୱ ତୁଲାଇଥିଲେ। ସର୍ବବ୍ୟବସ୍ଥା ପ୍ରମୁଖ ଭାବରେ ଚନ୍ଦ୍ର ପ୍ରକାଶ ଯୋଷୀ କାର୍ଯ୍ୟ ନିର୍ବାହ କରିଥିଲେ। ସେହିଭଳି ବୋଡ଼େନ ଖଣ୍ଡରେ ୪୦ ଜଣ, ସିନାପାଲି ଖଣ୍ଡରେ ୩୫ ଜଣ, ଖଡ଼ିଆଳ ଖଣ୍ଡରେ ୫୯ ଜଣ ଓ ନୂଆପଡ଼ା ଖଣ୍ଡର ଖରିଆର ରୋଡ ଶିଶୁ ବିଦ୍ୟାମନ୍ଦିରଠାରେ ୪୦ ଜଣ ଶିକ୍ଷାର୍ଥୀ ପ୍ରାରମ୍ଭିକ ବର୍ଗ କରିଛନ୍ତି।

# ମହାବିଦ୍ୟାଳୟରେ ଦୁଇଦିନିଆ କର୍ମଶାଳା



କର୍ମଶାଳାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଖଡ଼ିଆଳ,୨୭।୮ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ତରଫରୁ ଦୁଇଦିନିଆ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଛନ୍ତ। କର୍ମଶାଳାରେ ସବୁଜ ଉଦ୍ଭାବନ ଦ୍ୱାରା ରସାୟନ ବିଜ୍ଞାନର ପୁନଃ ସଂଜ୍ଞା ନିରୂପଣ ବିଷୟରେ ଆଲୋଚନା ହୋଇଥିଲା। ପ୍ରତ୍ନତତ୍ତ୍ୱ ବିଭାଗ ପ୍ରାଧ୍ୟାପକ ଡ. ରଣବୀର ସିଂହ, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ସମୀର ଦାସ, ଶ୍ରୀକାନ୍ତ ପ୍ରଧାନ, ଲିପ୍‌ସା ବାରିକ, ବିପିନ ବିଶି ପ୍ରମୁଖ ସବୁଜ ରସାୟନ ଦ୍ୱାରା ସମାଜର କିପରି ଉନ୍ନତି ହୋଇପାରିବ ସେ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ରଶ୍ମିତା ନାଏକ, ଅଞ୍ଜନ ସାହୁ, ଭାରତୀ ନାଏକ, ବିଶ୍ୱ ନାଏକ, ପୁଷ୍ପାଞ୍ଜଳି ନାଏକ, ଝସକେତନ ପଟେଲ, ଅଙ୍କିତ ନାଏକ, ସନ୍ତୋଷିନି ସାହୁ, ସୂର୍ଯ୍ୟମଣି ନାଏକ, ଅମିତ ସାହୁ, ସତ୍ୟବ୍ରତ ନିଆଲ ପ୍ରମୁଖ ପାୱାର ପଏଣ୍ଟ ମାଧ୍ୟମରେ ନିବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ସାହିଲ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ବୋଡ଼େନ,୨୭।୮ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡେନ ବ୍ଲକର ତୀର୍ଥସ୍ଥଳୀ ପାତାଳଗଙ୍ଗାସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ତଥା ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ସଭାପତି ହିତେଶ କୁମାର ବଗର୍ତ୍ତି, ଉତ୍କଳ ଯାଦବ ସମାଜ ମହାସଚିବ ତଥା ପରିଚାଳନା କମିଟି ଉପସଭାପତି ଲମ୍ୱୋଦର ନିଆଲ, ସମ୍ପାଦକ ବେଦବ୍ୟାସ ନାଗ, ବ୍ଲକ ସଭାପତି ରାଜୁ ହେର୍ଣା, ବ୍ଲକ ସମ୍ପାଦକ ମାଧବ ବାଗ, ଝରିଆ ସମାଜ ଜିଲା ସଭାପତି ଦେବକୁ ଗୁଆଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୋଡେନ ଶିଶୁ ମନ୍ଦିରଠାରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ବିଭିନ୍ନ ବେଶରେ ସଜ୍ଜିତ ହୋଇ ବୋଡେନ ନଗର ପରିକ୍ରମା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବୋଡେନ ଜୁନିୟର କଲେଜ ଅଧ୍ୟାପକ ଗୟାଧର ମହାନ୍ତି, ମୁଖ୍ୟବକ୍ତା ଜୟନ୍ତର ବନଗୋଲା ଯୋଗଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମୁରାରୀ ଲାଲ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ସମ୍ପାଦକ ରୋହିତ କୁମାର ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।

# କେସିଙ୍ଗା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିମାନେ।

କେସିଙ୍ଗା,୨୭।୮ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ବିବରଣୀ ପ୍ରଦାନକରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ମୁଖ୍ୟ ଅତିଥି ଓ ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ସେନାପତି ଶିକ୍ଷାର ବିକାଶ ଉପରେ ଆଲୋଚନା କରିବା ସହ ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କୁ ମନେପକାଇଥିଲେ। ସମ୍ମାନିତ ଅତିଥି ଏନ୍‌ଏସି ଅଧ୍ୟକ୍ଷ ଯାଦବ ମହାବିଦ୍ୟାଳୟ ପରିସରରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ କୈଳାସ ସାହା, ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କ ସମେତ ବିଜେଡି ଟାଉନ ସଭାପତି ରମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ରାକେଶ ବିଶି ମଞ୍ଚ ପରିଚାଳନା କରିଥିବାବେଳେ ଇଂରାଜୀ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ବସନ୍ତ ପଣ୍ଡାଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ



**ନୂଆପଡ଼ା,୨୭।୮ (ମକାରୁ ବେମାଲ):** ଭାଜପା ପୂର୍ବତନ ରାଜ୍ୟ ସଭାପତି ତଥା କଳାହାଣ୍ଡି ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା ହୃଦ୍‌ରୋଗ ଜନିତ ଚିକିତ୍ସା ପାଇଁ ମୁମ୍ବାଇସ୍ଥିତ ଏସିଆନ ହାର୍ଟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ଶିବମନ୍ଦିରରେ ଅଞ୍ଚଳର ଶତାଧିକ ଜନସାଧାରଣ ଦୀପ ପ୍ରଜ୍ୱଳନ ପୂର୍ବକ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିରେ ବରିଷ୍ଠ ଭାଜପା କର୍ମୀ ଛବି ଲୋଚନ ସାହୁ, ବୈଷମପାୟନ ସାହୁ, ଶିବପ୍ରସାଦ ବାଗ, ଭୁବନେଶର ସାହୁ, ବୈଷ୍ଣବ ଦୁରିଆ, ରାଜୁ ରଣା, ବଳିରାମ ସାହୁ, ହେମଚନ୍ଦ ମଟାରୀ, ତନତ ପରାଭୂଏ, କଏଲସିଂ ନାଏକ ପ୍ରମୁଖ ସାମିଲ ଥିଲେ।

# ଦ୍ୱିତୀୟ ପର୍ଯ୍ୟାୟ ପ୍ରୟୋଗ ତାଲିମ ଶିବିର

ଭବାନୀପାଟଣା,୨୭।୮ (ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରଠାରେ ମଙ୍ଗଳବାର ସ୍ଥାନୀୟ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରୟୋଗ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ତଥା ଆଦ୍ୟ ଶୈଶବ ଯତ୍ନ ଉପରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ ଓ ହୃଷୀକେଶ ନାଏକ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସାଧନକର୍ମୀ ଭାବେ କଲମ ସିଆର୍‌ସିସି ସନ୍ତୋଷ ଆଚାର୍ଯ୍ୟ, ରିଷିଗାଁ ସିଆର୍‌ସିସି ବୈକୁଣ୍ଠ ବେମାଲ, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଚଣ୍ଡ, ସୁଚିସ୍ମିତା ରଥ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜାତୀୟ ପାଠ୍ୟକ୍ରମ ରୂପରେଖ, ଯାଦୁପେଡି, ଭାଷା ଶିକ୍ଷଣ ଓ ଗଣିତ ଶିକ୍ଷଣ ପାଇଁ ସମୟ ପାଠଯୋଜନା ଉପରେ ଧାରଣା ଦିଆଯିବ। ସେହିପରି ଭବାନୀପାଟଣା ଟାଉନ ହାଇସ୍କୁଲ, ଗଣନାଥପୁର ହାଇସ୍କୁଲ ଓ କର୍ଲାପଡ଼ା ପ୍ରାଥମିକ ବିଦ୍ୟାଳୟଠାରେ ମଧ୍ୟ ଏହି ଶିବିର ଜାରି ରହିଛି।



ତାଲିମ ଶିବିରରେ ମଞ୍ଚାସୀନ ଅତିଥିମାନେ।

### ସୁଭଦ୍ରା ଯୋଜନା ଉପରେ କର୍ମଶାଳା

ଭବାନୀପାଟଣା,୨୭।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ମଙ୍ଗଳବାର ସୁଭଦ୍ରା ଯୋଜନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବିଡ଼ିଓ ଚନ୍ଦନ କୁମାର ଭୋଇ, ତହସିଲଦାର ଶୁଭସ୍ମିତା ମିଶ୍ର, ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ଭୋଇ ସୁଭଦ୍ରା ଯୋଜନା ଉପରେ ବିଶଦ ଭାବରେ କହିଥିଲେ। ଏହାସହ ବ୍ଲକ ଲେଭୁଲ କମିଟି ଓ ଗ୍ରାମ ପଞ୍ଚାୟତ ଲେଭୁଲ କମିଟି ତିଆରି କରାଯାଇଥିଲା। ସମସ୍ତଙ୍କୁ ଉକ୍ତ ଯୋଜନାର ସଫଳ ରୂପାୟନ ଦେବା ପାଇଁ ବିଡ଼ିଓ ଭୋଇ ନିବେଦନ କରିଥିଲେ।

# ଭାଜପାର ସଦସ୍ୟତା ଅଭିଯାନ ବୈଠକ

ରିଷିଡ଼ା,୨୭।୮ (ସୁଶାନ୍ତ ମଲ୍ଲିକ

କର୍ଲାମୁଣ୍ଡା ମଣ୍ଡଳ ଭାଜପା ତରଫରୁ ୧ମାସ ଧରି ହେବାକୁ ଯାଉଥିବା ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମର ପ୍ରଥମ ବୈଠକ ମଙ୍ଗଳବାର ସଭାପତି ସଞ୍ଜୟ କୁମାର ଜୈନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲାର ଉପସଭାପତି ଅନିରୁଦ୍ଧ ପଧାନ ଓ ଅନୁସୂଚିତ ଜାତିର ଜିଲା ସଭାପତି ଗଣେଶ୍ୱର କୁମାର ଏବଂ ୬ ଗୋଟି ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ସଦସ୍ୟତା ଅଭିଯାନର ପ୍ରମୁଖ ସୂର୍ଯ୍ୟମଣି ଘିବେଲା ଓ ସହ ପ୍ରମୁଖ ଡୋଲାମଣି ଭୋଇ ପରିଚାଳନା କରିବାକୁ ସମସ୍ତଙ୍କ ସହମତି କ୍ରମେ ସଭା ସାଙ୍ଗ କରାଯାଇଥିଲା।

### କର୍ଲାମୁଣ୍ଡା ବ୍ଲକ୍‌ରେ ନୂତନ ସିଡିପିଓଙ୍କ ଯୋଗଦାନ

**କର୍ଲାମୁଣ୍ଡା,୨୭।୮(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟଠାରେ ମଙ୍ଗଳବାର ନୂତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କଳ୍ପଲତା ତ୍ରିପାଠୀ ଯୋଗଦେଇଛନ୍ତି। ଆଇସିଡିଏସ୍ ସୁପରଭାଇଜର କୁସୁମ ପଣ୍ଡା, ଉର୍ମିଳା ସାହୁ, ମିଶନ ଶକ୍ତି ବିପିସି ବିପିନ ବାରିକ, ଡିଇଓ ସୁବ୍ରତ ରଣା ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେ ଏହା ପୂର୍ବରୁ ବଲାଙ୍ଗୀର ଜିଲାରେ ପିଓ ଭାବେ କାର୍ଯ୍ୟରତ ଥିଲେ। ତେବେ ସମସ୍ତଙ୍କ ସହଯୋଗରେ ବିଭାଗର ସମସ୍ତ ସେବା କିଭଳି ସମସ୍ତଙ୍କ ନିକଟରେ ପହଞ୍ଚିବ ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସିଡିପିଓ ପ୍ରକାଶ କରିଛନ୍ତି।



# ନୂଆପଡ଼ାରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ

ନୂଆପଡ଼ା,୨୭।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଦୁଇ ଦିନ ଧରି ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳିତ ହୋଇଯାଇଛି। ଏନ୍‌ଏସି ଯାଦବ ସମାଜ ସଭାପତି ମହେଶ ନିଆଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯାଦବ ସମାଜ ସଭାପତି ଭାରତ ରାଉତ, ପୂର୍ବତନ ଜିଲା ସଭାପତି ହରେରାମ କଠାର, ଯାଦବ ନେତା ଲମ୍ୱୋଦର ନିଆଲ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ଉପଦେଷ୍ଟା ରାମଲାଲ ହଂସ, ଜିଲା ଉପ ସଭାପତି ଚଞ୍ଚଳ ସାଗରିଆ, ଜିଲା ସମ୍ପାଦକ ତ୍ରିନାଥ ପୁଞ୍ଜି, ନୂଆପଡା ବ୍ଲକ ସଭାପତି କୃଷ୍ଣ ଚନ୍ଦ୍ର ଖରସେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଘଣ୍ଟ ଓ ଗଉଡ ବାଦ୍ୟ ତାଳେ ତାଳେ ସମସ୍ତ ଯାଦବ ସମ୍ପ୍ରଦାୟ ଲୋକେ ନୂଆପଡା ସହର ପରିକ୍ରମା କରିଥିଲେ। ଶୁକ୍ରୁ ବାଗ, ପ୍ରଦୀପ ରାଉତ, ମୋହନ ବାଗ, ଘନଶ୍ୟାମ ଭୋଇ, ଅମିୟ ଦାସ, ରତନ କେତକୀ, ଶରତ ହଂସ, କିଶୋର ପରିଡା, ରିଙ୍କୁ ବଗର୍ତ୍ତୀ, କୁଞ୍ଜ ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




ଶୋଭାଯାତ୍ରାରେ ସାମିଲ ଯାଦବମାନେ।

# ସ୍ଥିତି ଅନୁଧ୍ୟାନ କଲା ଜିଲା ଆଦିବାସୀ ସଂଘ

**ଲାଞ୍ଜିଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର ଅଶାନ୍ତି ଘଟଣା**

ଲାଞ୍ଜିଗଡ଼, ୨୭।୮ (ରମେଶ ଚନ୍ଦ୍ର ନାୟକ)



କଲେଜରେ ପହଞ୍ଚିଥିବା ତଥ୍ୟ ଅନୁସନ୍ଧାନକାରୀ ଟିମ୍।

କଳାହାଣ୍ଡି ଜିଲା ଲାଞ୍ଜିଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର ଅଶାନ୍ତି ଘଟଣାର ଅନୁଧ୍ୟାନ ପାଇଁ ମଙ୍ଗଳବାର ଜିଲା ଆଦିବାସୀ ସଂଘ ଓ ଅନୁସୂଚିତ ଜାତି କର୍ମକର୍ତ୍ତା କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି, ଉପ ସଭାନେତ୍ରୀ ଦ୍ରୌପଦୀ ମାଝି, ଆଦିବାସୀ ନେତା ସୁରେଶ ମାଝି, ଭବାନୀପାଟଣା ବ୍ଲକ ସମ୍ପାଦକ ସରୋଜ ମାଝି, ବସନ୍ତପଡା ସରପଞ୍ଚ ଚାଞ୍ଚେର ମାଝି, ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ଲାଞ୍ଜିଗଡ ବ୍ଲକ କାର୍ଯ୍ୟକାରୀ ସଭାପତି ହରିହର କୁମାର, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବେନଗାଁ ସରପଞ୍ଚ ପୁରାଣା ମାଝି, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସଞ୍ଜୁ ମାଝି ପ୍ରମୁଖ ଏହି ଟିମରେ ସାମିଲ ଥିଲେ। ଟିମ୍ ସଦସ୍ୟ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିହାରକାନ୍ତ ବିଶ୍ୱାଳ, ଅଧ୍ୟାପକ ଉମାକାନ୍ତ ବେଣୁପାଣି, ହରେକୃଷ୍ଣ ବିଷୋୟୀ, କାଶୀ ବିଶ୍ୱନାଥ ରଣସିଂହ ପ୍ରମୁଖଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ।

ସୂଚନାନୁସାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଲାବ ଟେକ୍ନିସିଆନଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଗତ ଶୁକ୍ରବାର ଅନ୍ତେବାସୀ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଥିଲେ। ଲାଞ୍ଜିଗଡ ଥାନା ଏସ୍‌ଆଇ,ବ୍ଲକ ମଙ୍ଗଳ ଅଧିକାରୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ବୁଝାଶୁଝା କରଥିଲେ ମଧ୍ୟ ସେମାନେ ଧାରଣାରୁ ଓହରି ନ ଥିଲେ। ପରେ ଜିଲା ସ୍ତରରୁ ଅଧିକାରୀମାନେ ଆସି ଛାତ୍ରୀଛାତ୍ର ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ସମ୍ପୃକ୍ତ ଟେକ୍ନିସିଆନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ଓହରିଥିଲେ। ଏହିଘଟଣାକୁନେଇ କଲେଜ ପରିସରରେ ଚାପା ଅଶାନ୍ତି ଲାଗି ରହିଛି। ଏପରି କି ମଙ୍ଗଳବାର ସକାଳୁ କିଛି ଛାତ୍ରୀଛାତ୍ର ହଷ୍ଟେଲ ଛାଡିପଳାଉଥିବାବେଳେ ସେମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଫେରାଇ ଆଣିଥିବା ଜଣାପଡିଛି। ଅପରପକ୍ଷରେ ଜିଲାରୁ ଆସିଥିବା ତଥ୍ୟ ଅନୁସନ୍ଧାନ ଟିମ୍ ତଦନ୍ତ ପରେ ଜିଲା ପ୍ରଶାସନକୁ ଘଟଣା ସମ୍ପର୍କରେ ଜଣାଇବେ ବୋଲି ଟିମ୍ ସଦସ୍ୟା ଦ୍ରୌପଦୀ ମାଝି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜଳାଶୟରୁ ନିଖୋଜଙ୍କ ମୃତଦେହ ଜବତ

**ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ଥାନା ଦ୍ୱାରି ପଞ୍ଚାୟତ ଅନ୍ତର୍ଗତ ଝାରପାଲି ଗ୍ରାମରୁ ଗତ ୨୫ତାରିଖରୁ ନିଖୋଜ ଥିବା ଦଶରଥ ନେଗୀ(୫୦)ଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଝାରପାଲି ଗ୍ରାମର ଏକ ଜଳାଶୟରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଏ ନେଇ ମୃତକଙ୍କ ପୁଅ ହୃଷୀକେଶ ଅମ୍ବାଭୋନା ଥାନାକୁ ଜଣାଇବା ପରେ ପୋଲିସ ମୃତଦେହ ଜବତ କରି ବରଗଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ବିଦ୍ୟାଳୟରୁ ପଙ୍ଖା ଚୋରି

**ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ଗ୍ରାମସ୍ଥିତ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟରୁ ୪ଟି ପଙ୍ଖା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରଲେଖା ସାମଲ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଓ ସୋମବାର ୨ଦିନ ବିଦ୍ୟାଳୟ ଛୁଟି ଥିଲା। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟକୁ ଆସିବାବେଳେ ଶ୍ରେଣୀ କୋଠରୀ ତାଲା ଭାଙ୍ଗି ପଙ୍ଖା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାସହିତ ବିଦ୍ୟାଳୟର ଆଲମିରା ମଧ୍ୟ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏତଲା ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଗଣତନ୍ତ୍ରରେ ନାଗରିକର ଭୂମିକା ଆଲୋଚନାଚକ୍ର

**ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ଦଧିବାମନ ଡିଗ୍ରୀ କଲେଜରେ ମଙ୍ଗଳବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଗଣତନ୍ତ୍ରରେ ନାଗରିକର ଭୂମିକା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ଖବରଦାତା ଶିବ ନନ୍ଦ ଯୋଗଦେଇ ଜଣେ ନାଗରିକ ହିସାବରେ ଗଣତନ୍ତ୍ରରେ ଆମର ଭୂମିକା କିଭଳି ରହିବା ଉଚିତ, ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଝାରବନ୍ଧ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡଃ ଖ୍ୟାତିମୟ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତମ ନାଗରିକର ଭୂମିକା ଏବଂ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଶ୍ୟାମଲାଲ ନାୟକ ଉଦ୍ଦେଶ୍ୟ ଜ୍ଞାପନ ସହିତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଭୁକ୍ତାସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ କିଶନ ଅଗ୍ରୱାଲ, ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ଅଧ୍ୟାପକ ରାଜୀବ ସାହୁ, ରବିନାରାୟଣ ପଣ୍ଡା, ଅଜିତ ବାରିକ, ସୌରିନାରାୟଣ ସାହୁ, ଦୀପକ ପତି, ଦୁର୍ଗାଶିଷ ପଟ୍ଟନାୟକ, ସଂଗ୍ରାମ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ବିରାଟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବରଗଡ଼ରେ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ

**ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)**

ବରଗଡର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ମନ୍ଦିରରେ ମଙ୍ଗଳବାର ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୭ତାରିଖ ନିଶାର୍ଦ୍ଧ ପରେ ଏବଂ ସେପ୍ଟେମ୍ବର ୮ତାରିଖ ରବିବାର ପାହାନ୍ତିଆ ପୂର୍ବରୁ ମାଁ ସମଲେଶ୍ୱରୀଙ୍କ ପୀଠରେ ନବାନ୍ନ ଭୋଗ ସମ୍ପାଦନ କରାଯିବ ବୋଲି ଧାର୍ଯ୍ୟ କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୮ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ସିଂହ ୨୪ ରବିବାର ଦିନ ସ୍ୱାତୀ ନକ୍ଷତ୍ରେ ତୁଳଚନ୍ଦ୍ରେ ବିଶୁଦ୍ଧ ତୁଳଲଗ୍ନେ ଅମୃତବେଳାର ଶେଷସ୍ପର୍ଶରେ ପୂର୍ବାହ୍ନ ୯ଟା ୩୫ମିନିଟ୍ ଗତେ ଏବଂ ୧୦ଘଣ୍ଟା ୪ମିନିଟ୍ ମଧ୍ୟେ ସର୍ବସାଧାରଣ ନିଜ ନିଜ ଇଷ୍ଟଦେବୀଙ୍କୁ ନବାନ୍ନ ଅର୍ପଣ କରି ନବାନ୍ନ ଭକ୍ଷଣ କରି ପାରିବେ ବୋଲି ପଣ୍ଡିତମାନେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରିଛନ୍ତି। ଲଗ୍ନ ଧାର୍ଯ୍ୟ ସମୟରେ ପଣ୍ଡିତ ଶିବଶଙ୍କର ଦାଶ, ପଣ୍ଡିତ ଚୂଡ଼ାମଣି ରଥ, ପଣ୍ଡିତ ବିଘ୍ନରାଜ ଦାଶ, ପଣ୍ଡିତ ସୁଧାଂଶୁ ଦାଶ, ପଣ୍ଡିତ ବିଷ୍ଣୁଦୟା ଦାଶ, ପଣ୍ଡିତ ଆଯୁଷ୍ମନ୍ତ ଷଡ଼ଙ୍ଗୀଙ୍କ ସମେତ ସମଲେଶ୍ୱରୀ ସଂଘ, ଶ୍ୟାମାକାଳୀ ମନ୍ଦିର ଏବଂ ଦୁର୍ଗା ମନ୍ଦିର କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ବରଗଡ଼ ସମଲେଶ୍ୱରୀ ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରାଯାଉଛି।

# ଆଜିଠୁ କ୍ୱାର୍ଟର ଫାଇନାଲ, ସେପ୍ଟେମ୍ବର ୧ରେ ଫାଇନାଲ

**ବରଗଡ,୨୭।୮( ପ୍ରେମାନନ୍ଦ ଖମାରୀ)**

**ଆନ୍ତଃ ଜିଲା ସିନିୟର ମହିଳା ପି.ସି. ବେହେରା ଟ୍ରଫି ଫୁଟବଲ**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ବରଗଡ ଜିଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ବରଗଡ ଜିଲାର ଚାରିଟି ଜୋନ ଯଥା ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ (ଦୁଇଟି ଜୋନ), ସୋହେଲା ଷ୍ଟାଡିୟମ ଓ କଦଳୀପାଲିରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ପି.ସି ବେହେରା ଫୁଟବଲ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ଇତିମଧ୍ୟରେ ସମାପ୍ତ ହୋଇଛି। ମଙ୍ଗଳବାର ପ୍ରତିଯୋଗିତାର ସମସ୍ତ ଜୋନରେ ବିଶ୍ରାମ ଦିବସ ରହିଥିବା ବେଳେ ବୁଧବାରଠାରୁ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆରମ୍ଭ ହେବ। ଏହିଠାରୁ ମ୍ୟାଚ୍‌ଗୁଡ଼ିକ ବେଶ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୮ରେ କଦଳୀପାଲିରେ କେନ୍ଦୁଝର ଓ ଭୁବନେଶ୍ୱର, ବରଗଡ ଜୋନ (୧)ରେ କଟକ ଓ ଝାରସୁଗୁଡ଼ା, ବରଗଡ ଜୋନ (୨)ରେ କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ (ଖ) ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଟୁର୍ଣ୍ଣାମେଣ୍ଟ କମିଟିର ନିଷ୍ପତ୍ତି କ୍ରମେ ସୋହେଲା ଜୋନରେ ଆଗାମୀ ୨୯ ତାରିଖରେ ମୟୂରଭଞ୍ଜ ଓ ଜଗତସିଂପୁର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ୩୦ ତାରିଖରେ କଦଳୀପାଲି ଜୋନର ବିଜେତା ଓ ବରଗଡ ଜୋନ-୨ର ବିଜେତା ମଧ୍ୟରେ ଏବଂ ସୋହେଲା ଜୋନ୍‌ର ବିଜେତା ଓ ବରଗଡ ଜୋନ-୧ର ବିଜେତା ମଧ୍ୟରେ ସେମି ଫାଇନାଲ ମ୍ୟାଚ୍ ଦ୍ୱୟ ଅନୁଷ୍ଠିତ ହେବ। ସେହିପରି ସେପ୍ଟେମ୍ବର ୧ତାରିଖରେ ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି।

# ବ୍ଲକସ୍ତରୀୟ ବିଜ୍ଞାନ ନାଟିକା, ଆଲୋଚନାଚକ୍ର

**ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)**

ବିଜ୍ଞାନକୁ ଲୋକାଭିମୁଖୀ ତଥା ପ୍ରଚାର ଓ ପ୍ରସାର କରିବା ଲାଗି କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଓ ବିଜ୍ଞାନ ନାଟିକା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ଶିକ୍ଷାଧିକାରୀ ଭାବନା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଭୁକ୍ତାର ଅଧ୍ୟାପକ ଅନିଲ କୁମାର ଦେବତା, ମୁଖ୍ୟବକ୍ତା ଭାବେ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡଃ ଜୟନ୍ତ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଭୁକ୍ତାର ଅଧ୍ୟାପକ ଶୁଭେନ୍ଦୁ ସାହୁ, ଅଧ୍ୟାପକ ଜୟନ୍ତ କୁମାର ବାରିକ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲ ମୋହନ ସିଂ, ଗୋଷ୍ଠୀ ବିଜ୍ଞାନ ମଞ୍ଚର ଅଧ୍ୟକ୍ଷ ଶିକ୍ଷକ ସଞ୍ଜୟ ଖମାରୀ, ବିଜ୍ଞାନ ମଞ୍ଚର ସମ୍ପାଦକ ଶିକ୍ଷକ ମନୋହର ସାହୁ ଏବଂ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥ ମଞ୍ଚାସୀନ ଥିଲେ। ଅମ୍ବାଭୋନା ସିଆର୍‌ସିସି ପୁନୀରାମ ଗଣ୍ଡ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ବିଜ୍ଞାନ ନାଟିକା ଓ ଆଲୋଚନାଚକ୍ର ଆୟୋଜନର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବିଜ୍ଞାନ ଆଲୋଚନାଚକ୍ରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅମ୍ବାଭୋନାର ପାୟଲ ନାଏକ ପ୍ରଥମ, କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାର କିରନ ମେହେର ଦ୍ୱିତୀୟ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରିର ଶ୍ରୁତି ପଟେଲ ଓ ଦ୍ୱାରିକାଧୀଶ ହାଇସ୍କୁଲର ପ୍ରତୀକ୍ଷା ପ୍ରଧାନ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ନାଟିକାରେ ମଞ୍ଚସ୍ଥ କରିଥିବା ବିଦ୍ୟାଳୟ ମଧ୍ୟରୁ ରୁଚିଦା ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଅମ୍ବାଭୋନା କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିଶୁ କଳାକାର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ଅଭିନେତା ଶୁଭମ ବର୍ଗେ, ଶ୍ରେଷ୍ଠ ଅଭିନେତ୍ରୀ ତ୍ରିବେଣୀ ଭୁଏ, ମାର୍ଗ ଦର୍ଶକ ଶିକ୍ଷକ ଜନକରାମ ବାରିକ ଓ ଶିକ୍ଷୟିତ୍ରୀ ରୀନା କୁମାରୀ ମେହେର ଅତିଥିମାନଙ୍କଠାରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ସିଆରସିସି ରାହୁଲ ସେଠ, ଶିକ୍ଷକ ସନ୍ତୋଷ ମାଝୀ, ଜନକରାମ ବାରିକ ଏବଂ ଶିକ୍ଷକ ଚିନ୍ମୟ ସାହୁ, ମଧୁସୂଦନ ବାରିକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଭୁକ୍ତା ସିଆରସିସି କେଦାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ବିଜ୍ଞାନ ନାଟିକା ଓ ଆଲୋଚନାଚକ୍ରରେ ଅତିଥି ଏବଂ ଆଲୋଚକଗଣ।

### ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ପାଇକମାଳ, ୨୭।୮(ବଡ ଶତପଥି)**

ବରଗଡ ଜିଲା ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଲ ମୋତିରାମ ଚୌହାନଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ ଏବଂ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନିରୁପମା ଷଡଙ୍ଗୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ଦିବ୍ୟାଙ୍ଗ ଭତ୍ତା, ରାସ୍ତା ନିର୍ମାଣ ଆଦି ସମସ୍ୟା ଆଧାରିତ ସମୁଦାୟ ୧୦୬ଟି ଅଭିଯୋଗ ମଧ୍ୟରୁ ୮୦ଟି ବ୍ୟକ୍ତିଗତ, ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି, ୨ଗୋଟି ରେଡ଼କ୍ରସ ଏବଂ ୨୩ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା




କୁଇଜ୍ ପ୍ରତିଯୋଗିତାରେ ସାମିଲ ଛାତ୍ରୀଛାତ୍ର ଓ ଅତିଥି।

**ପାଇକମାଳ, ୨୭।୮(ବଡ ଶତପଥି)**

ବରଗଡ଼ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମରେ ପାଇକମାଳ ବ୍ଲକର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଇଓ ରାଧାକାନ୍ତ ଛତ୍ରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଯୁଗୋପଯୋଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ ଓ ମାଧ୍ୟମିକ ସ୍ତରର ୨୪୯ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ବିଇଓ ଜନକ ଲାଲ ମେହେର ଯୋଗଦାନ କରି ସବ୍‌ଜୁନିଅର ଗ୍ରୁପର ଲିପସିତ ପଟେଲ, ଜ୍ୟୋତିଷ୍ମା ବାଗ, ବିଜୟ କୁମାର ତ୍ରିପାଠୀ, ଜୁନିୟର ଗ୍ରୁପର ଦେବ ପ୍ରଧାନ, ଶିବମ ପ୍ରଧାନ, ପ୍ରୟାସ ଜଗତ, ସିନିୟର୍ ଗ୍ରୁପର ତେଜସମୟୀ ପ୍ରଧାନ, ବର୍ଷାରାଣୀ ପ୍ରଧାନ, ହେପି ଜାଲଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଦ୍ୱାଦଶ କୁମାର ପ୍ରଧାନ, ରାଧେଶ୍ୟାମ ମେହେର, ଉମେଶ ଚନ୍ଦ୍ର ପଣ୍ଡା, ଜ୍ୟୋତିର୍ମୟୀ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏବିଇଓ ଧଲେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ। ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନା କରିଥିଲେ ।

# ବିକାଶରେ ବଜେଟ ଆଲୋଚନାଚକ୍ର

**ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)**

ବରଗଡର କ୍ରୀଷ୍ଣା ବିକାଶ ସିନିୟର ସେକେଣ୍ଡାରୀ ବିଦ୍ୟାଳୟରେ ଭାରତୀୟ ବଜେଟ୍ ଅର୍ଥାତ୍ ଡିକୋଡିଂ ବଜେଟ୍ ଅଫ୍ ଇଣ୍ଡିଆ ୨୦୨୪-୨୫ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ୨ଟି ଅଧିବେଶରେ ଆଲୋଚନାଚକ୍ର ହୋଇଥିଲା। ପ୍ରଥମ ଅଧିବେଶନରେ କଳା, ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରମାନେ ଭାରତୀୟ ବଜେଟ୍ ୨୦୨୪-୨୫ ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ବରଗଡ଼ ପଞ୍ଚାୟତ କଲେଜ ଅର୍ଥନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଖୁଲଣା ମଲ୍ଲିକ ଏବଂ ବାସନ୍ତୀ ମେହେର ବିଚାରକ ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବାଣିଜ୍ୟ ବିଭାଗର ଛାତ୍ର ପ୍ରତ୍ୟୁଷ ଦାଶଙ୍କୁ ବେଷ୍ଟ ପ୍ରେଜେଣ୍ଟେଶନ ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି କଳା ବିଭାଗର ଛାତ୍ରୀ ରିୟା ଦାଶଙ୍କୁ ବେଷ୍ଟ ସ୍ପୋକର ଆୱାର୍ଡ ମିଳିଥିଲା। ଦ୍ୱିତୀୟ ଅଧିବେଶନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ଡଃ ଉମାଚରଣ ପତି ଆଲୋଚକ ଭାବେ ଯୋଗଦେଇ ଡିକୋଡିଂ ବଜେଟ୍ ଅଫ ଇଣ୍ଡିଆ-୨୦୨୪ ଉପରେ ଆଲୋଚନା କରିବା ସହିତ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏହି ବଜେଟ୍‌ର ଭୂମିକା ଉପରେ ଆଲୋକପାତ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଦାଶରୀ ମୁରଲୀ କ୍ରୀଷ୍ଣା କାର୍ଯ୍ୟକ୍ରମରେ ଯୋଗଦେଇ ବଜେଟ୍‌ରେ କିଭଳି ଯୁବ, ଚାଷୀ, ମହିଳା, ଗରିବମାନଙ୍କୁ ଅଗ୍ରାଧିକାର ଦିଆଯାଇଛି, ସେ ଉପରେ ଆଲୋକପାତ କରିଥିଲେ। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ନାଥ ପଣ୍ଡା ଭାରତକୁ ବିଶ୍ୱ ଅର୍ଥନୀତିରେ କିଭଳି ଏକ ନମ୍ବରକୁ ଅଣାଯାଇ ପାରିବ, ସେ ନେଇ ମତପ୍ରକାଶ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଜଣେ ଛାତ୍ରୀଙ୍କୁ ଆୱାର୍ଡ ପ୍ରଦାନ କରାଯାଉଛି।

# ଦୁର୍ଗାପୂଜା: ମୃଣ୍ମୟୀ ମୂର୍ତ୍ତି ପାଇଁ ମୃତ୍ତିକା ଉତ୍ତୋଳନ



ମାଟି ଉତ୍ତୋଳନ କରି ଅଣାଯାଉଛି।

**ସୋହେଲା,୨୭।୮ (ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ଦୁର୍ଗାପୂଜାରେ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଜା ସହ ଦୁର୍ଗାପୂଜା କମିଟି ସଦସ୍ୟ ଗଣ ସ୍ଥାନୀୟ ଗିରିସାଗରିଏନ ଦେବୀ ପୀଠକୁ ଯାଇଥିଲେ। ସେଠାରେ ବିଧି ମୁତାବକ ପୂଜାର୍ଚ୍ଚନା ପରେ ମୃତ୍ତିକା ଉତ୍ତୋଳନ କରି ଅଣାଯାଇଥିଲା। କର୍ତ୍ତା ଶଶୀକାନ୍ତ ପାଣିଗ୍ରାହୀ, ଭକ୍ତ ଠାକୁରଙ୍କ ସହ ଦୁର୍ଗାପୂଜା କମିଟିର ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଉପ ସଭାପତି ମହମ୍ମଦ ରଫିକ, ସମ୍ପାଦକ ଦିଲ୍ଲୀପ ଖମାରୀ, ନଥୁରାମ ଅଗ୍ରୱାଲ, ପ୍ରମୋଦ ଦେବତା, ଲଳିତ ଅଗ୍ରୱାଲ, ଗିର୍ଜେଶ ଖାଦେଙ୍ଗା, ରମାକାନ୍ତ ସାହୁ , ଗୋବିନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ନବ ନିର୍ମିତ ଦୁର୍ଗା ମଣ୍ଡପକୁ ପ୍ରତିଷ୍ଠା ମଧ୍ୟ କରାଯାଇଥିଲା ।

# ଜିଲାସ୍ତରୀୟ ଫୁଟ୍‌ବଲ ଉଦ୍‌ଘାଟିତ

**ଗାଇସିଲେଟ୍,୨୭।୮(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ମିନି ଷ୍ଟାଡ଼ିୟମରେ ଜିଲାସ୍ତରୀୟ ୧୭ବର୍ଷରୁ କମ୍ ବାଳିକା, ବାଳକ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଶପଥ ପାଠ କରାଇବା ସହିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଦୀପ୍ତ କୁମାର ନାଏକ, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସମିତିସଭ୍ୟା ଅଞ୍ଜନା ସେଠ, ସମିତିସଭ୍ୟା ସରୋଜିନୀ ପ୍ରଧାନ, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଜ୍ୟୋତିପ୍ରକାଶ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲାର ୧୨ବ୍ଲକର ୧୮୦ଜଣ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୪୨ଜଣ କ୍ରୀଡ଼ା ଶିକ୍ଷକ ଯୋଗ ଦେଇଛନ୍ତି।



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ଜନ୍ମାଷ୍ଟମୀ, ନନ୍ଦୋତ୍ସବ ଉଦ୍‌ଯାପିତ

**ବରପାଲି,୨୭।୮(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବ୍ଲକ ଯାଦବ ସମାଜ ଆନୁକୂଲ୍ୟରେ ତିନି ଦିନ ଧରି ଚାଲିଥିବା ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନରେ ସମାଜ ପକ୍ଷରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଭଗବାନ କୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ କରାଯିବା ସହିତ ଶ୍ରୀକୃଷ୍ଣଙ୍କ ଦୋଳି ଖେଳ ହୋଇଥିଲା। ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବର ପ୍ରଥମ ଦିନରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପୂର୍ବତନ ମନ୍ତ୍ରୀ ରିତା ସାହୁ, ଦ୍ୱିତୀୟ ଦିନରେ ବିଜେପୁର ବିଧାୟକ ସନତ ଗଡତିଆ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମାଜସେବୀ ଜୟସିଂ ଭୋଇ, ବରଗଡ଼ ପୌରପାଳିକା ଅଧକ୍ଷା କଳ୍ପନା ମାଝୀ, ବରପାଲି ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଶୋର ଦଫାଦାର ଯୋଗଦାନ କରି ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ବର୍ଣ୍ଣନା କରିଥିଲେ। ଆଗାମୀ ଦିନରେ ଏହି ଉତ୍ସବ କେମିତି ଆହୁରୀ ଆକର୍ଷଣୀୟ ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ବାଲକିଶୋର ଖାଡଙ୍ଗା, ପଦ୍ମଲୋଚନ ସାହୁ, ସମାଜସେବୀ ବିକାଶ ଅଗ୍ରୱାଲ, କ୍ରୀଡାବିତ୍ ଲୋଟସ ହଂସ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ଯାଦବ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବ୍ଲକ ଓ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗଦେଇ ଯାଦବ ସମାଜର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନନ୍ଦରାଜା ଗୋ-ମାତା ପୂଜା କରିବା ସହ ଆନନ୍ଦ ଉଲ୍ଲାସର ନଗର ପରିକ୍ରମା କରିଥିଲେ। ଦେବକୀ ଓ ବସୁଦେବ ସଂଯୁକ୍ତା ଓ ଧିରେନ ଭୋଇ, ଦେବକୀ ଓ ବସୁଦେବ ଶ୍ୟାମସୁନ୍ଦର ବାଗ, ସୁମତି ବାଗ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବ୍ଲକ ସଭାପତି ମନଫୁଲ ନଗର ସଭାପତି ଖାଡିଆ ବର୍ଗର୍ତ୍ତି, ଯାତ୍ରା ସଭାପତି ରସାନନ୍ଦ ଥପା, ଗୋବିନ୍ଦ ଯୁଆଡ଼ି, ସିର୍କିଡି ଗୌନ୍ତିଆ, ଅକ୍ଷୟ ଭୋଇ, ପବିତ୍ର ବାଗ, ମନୋରଞ୍ଜନ ବର୍ଗର୍ତ୍ତି, ପ୍ରତାପ ବାଗ, ଗଣେଶ୍ୱର ଭୋଇ, ହଜାରୁ ମହାକୁଡ, ରବୀନ୍ଦ୍ର ବାଗ, କୁନୁ ଜାଲ, ଜୟକୃଷ୍ଣ ଭୋଇ, ଭୀମ ଗଡତିଆ, ପୀତବାସ ଥପା, ଭାଗବତ କାଣ୍ଡ, ସୁଦାମ ଭୋଇ, ନନ୍ଦକିଶୋର ବାଗ, ବିଶ୍ୱାମିତ୍ର ପୋଡ଼ (କୟା)ଦୁତିଆ ଭୋଇ, ବିପିନ ରାଉତ, ଜୟକାନ୍ତ ମହାକୁର, ପାଣ୍ଡବ ବାଗ, ପଣ୍ଡିତ ହେମନ୍ତ ମିଶ୍ର, କିଶୋର କୁମାର ମିଶ୍ର,ଶଙ୍ଖୁଆ ସୁରେଶ ମହାପାତ୍ର ପ୍ରମୁଖ ସହଯୋଗ କରିଛନ୍ତି ।



ବରପାଲି ବ୍ଲକ ଯାଦବ ସମାଜ ପକ୍ଷରୁ ଚାଲିଥିବା ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ।

**ଯାଦବ ସମାଜ ଆନୁକୂଲ୍ୟରେ ଚାଲିଥିଲା**

## ସଂକ୍ଷେପରେ

### ପ୍ରଦୂଷଣ ବିଭାଗ ପକ୍ଷରୁ ସ୍ୱସ୍ତିକ ଇସ୍ପାତ କାରଖାନାକୁ ବନ୍ଦ ନୋଟିସ ଜାରି

କୁଆଁରମୁଣ୍ଡା,୨୭।୮ (ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ନାଇକେନବାହାଲରେ ଥିବା ସ୍ୱସ୍ତିକ ଇସ୍ପାତ କାରଖାନାକୁ ମଙ୍ଗଳବାର ଅପରାହ୍ନରେ ରାଉରକେଲା ପ୍ରଦୂଷଣ ବିଭାଗ ପକ୍ଷରୁ ବନ୍ଦ ନୋଟିସ ଜାରି କରାଯାଇଛି। ଏହାର ୪ଟି ୟୁନିଟକୁ ପ୍ରଦୂଷଣ ବିଭାଗ କର୍ମଚାରୀମାନେ ସିଲ୍ କରିଛନ୍ତି।ଏହି ସମୟରେ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି କାରଖାନାରୁ ବିଦ୍ୟୁତ୍ ବିଚ୍ଛିନ୍ନ କରିଛନ୍ତି।କୁଆଁରମୁଣ୍ଡା ଫାଣ୍ଡି ଏଏସଆଇ ଶ୍ରୀନିବାସ ଓ ଅନ୍ୟ ପୋଲିସ ଉପସ୍ଥିତିରେ ପ୍ରଦୂଷଣ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନା ଥାଉକି,ଉଭୟ ବାୟୁ ଓ ଜଳ ପ୍ରଦୂଷଣ କରିବା ଅଭିଯୋଗରେ ସ୍ୱସ୍ତିକ ଇସ୍ପାତ କାରଖାନା ଉପରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଆସୁଥିଲେ।

# ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

କୁତ୍ରା, ୨୭।୮ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡିକର ଶିକ୍ଷା ବ୍ୟବସ୍ଥା ଏକ ରକମର ଭୁଶୁଡି ପଡିଛି।ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି।ଛାତ୍ର ଛାତ୍ରୀଙ୍କ ପାଠପଢା, ଖେଳ କୁଦ ତଥା ଅନ୍ୟାନ ଆନୁଷଙ୍ଗିକ ଉନ୍ନତି ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରୁଛନ୍ତି। କିନ୍ତୁ ଶିକ୍ଷା ବ୍ୟବସ୍ଥାର ଉନ୍ନତି ହେବା ପରିବର୍ତ୍ତେ ଦିନକୁ ଦିନ ତାହା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶିକ୍ଷାର ମାନ ଅଧିକ କ୍ରିୟାଶୀଳ ହେବ ବୋଲି ପ୍ରତି ବ୍ଲକରେ ବିଇଓଙ୍କ ତତ୍ତ୍ୱାବଧାନରେ ସିଆରସିସି ପଦବି ଖୋଲା ଯାଇଛି। ଯେଉଁମାନେ କି ନିଜ କ୍ଲଷ୍ଟର ଦାୟିତ୍ୱରେ ରହି ବିଦ୍ୟାଳୟ ଗୁଡିକର ଶିକ୍ଷା ବ୍ୟବସ୍ଥା, ପରିବେଶ,ଏମ୍‌ଡିଏମ ସହିତ ଅନ୍ୟ ସୁବିଧାସୁଯୋଗ ବୁଝିବେ। ୧୫ ଦିନ ନିଜ ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ କରିବା କଥା। କିନ୍ତୁ ଶିକ୍ଷାଦାନ କରୁ ନ ଥିବା




ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

ଅଭିଯୋଗ ହେଉଛି। କୁତ୍ରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ୧୦ଟି କ୍ଲଷ୍ଟର ଥିବାବେଳେ ବର୍ତ୍ତମାନ ୫ଜଣ ସିଆରସିଙ୍କ ଅବଧି ସରିଗଲାଣି।୫ ଜଣ ସିଆରସିସି ଦୁଇଟି ଲେଖାଁଏ କ୍ଲଷ୍ଟର ଦେଖୁଛନ୍ତି।ଏହି ୫ଜଣ ସିଆରସିସି ବିଜ୍ଞାନ ଶିକ୍ଷକ ଥିବାରୁ ପାଠ ପଢାରେ ବ୍ୟାହତ ସୃଷ୍ଟି ହେଉଛି। ଗଣିତ ଓ ବିଜ୍ଞାନ ଦୁଇଟି ଯାକ ବିଷୟ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଉଚ୍ଚ ବିଦ୍ୟାଳୟକୁ ଗଲାପରେ ପାଠ ପଢିବାରେ ବୁଝିବାରେ ଅସୁବିଧା ଭୋଗୁଛନ୍ତି। ଏହା ସହିତ ଅଧିକରୁ ଅଧିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଅଫିସ କାର୍ଯ୍ୟ କରୁଥିବାର ଆଳ ଦେଖାଇ ଶିକ୍ଷାଦାନ କରୁ ନ ଥିବାର ମଧ୍ୟ ଅଭିଯୋଗ ହେଉଛି।ଅନେକ ସମୟରେ ବିଇଓ ଅଫିସରେ କାମ ଅଛି କହି ବିଦ୍ୟାଳୟରେ ରହୁ ନ ଥିବାର ଦେଖିବାକୁ ମିଳୁଛି। ସ୍କୁଲ ଛୁଟି ହେଲାପରେ ବିଇଓଙ୍କ ଅଫିସ ଯାଇ କାର୍ଯ୍ୟ କରିବା ନିର୍ଦ୍ଦେଶ ଥିଲେ ମଧ୍ୟ ସ୍କୁଲ ସମୟରେ ଯାଉଛନ୍ତି। ଯାହା ଫଳରେ ବିଦ୍ୟାଳୟଗୁଡିକରେ ପାଠପଢାରେ ବ୍ୟାହତ ସୃଷ୍ଟି ହେଉଛି। କୋମଳମତି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହେବାରେ ଲାଗିଛି। ଫଳରେ ସରକାରୀ ବିଦ୍ୟାଳୟଗୁଡିକରୁ ଦିନକୁ ଦିନ ଛାତ୍ରୀଛାତ୍ର ମୁହଁ ଫେରାଉଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢିବା ପରିବର୍ତ୍ତେ ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ବିଇଓ ଅଶୋକ କୁମାର ଲାକ୍ରାଙ୍କୁ ପଚାରିବାରୁ ସିଆରସିସିଙ୍କ କାର୍ଯ୍ୟଭାର ଅଧିକ ଥିବାରୁ ଅସୁବିଧା ହେଉଛି। କିନ୍ତୁ ସିଆରସିସି ମାନଙ୍କୁ ସମୟ ବାହାର କରି କ୍ଲାସ କରିବା ପାଇଁ କହିବେ ବୋଲି କହିଥିଲେ ଏବଂ ବିଦ୍ୟାଳୟଗୁଡିକୁ ପରିଦର୍ଶନ କରି ଅସୁବିଧାର ସମାଧାନ କରିବେ ବୋଲି କହିଥିଲେ। ତେବେ ଦେଖାଯାଉ ଶିକ୍ଷା ବିଭାଗର କେବେ ନିଦ ଭାଙ୍ଗିବ ଓ ଶିକ୍ଷାର ମାନ ବୃଦ୍ଧି ଦିଗରେ ଦୃଷ୍ଟି ପଡ଼ିବ।

## ରାଧା ଗୋବିନ୍ଦ ମନ୍ଦିରରେ ଜଳାଭିଷେକ



ରାଧାଗୋବିନ୍ଦ ମନ୍ଦିରରେ ଅନୁଷ୍ଠିତ ଜଳାଭିଷେକ କାର୍ଯ୍ୟରେ ବିଧାୟକ ସାରଦା ପ୍ରସାଦ ନାୟକ ଓ ଅନ୍ୟମାନେ।

କୁଆଁରମୁଣ୍ଡା,୨୭।୮ (ମହେନ୍ଦ୍ର କୁମାର ସାହୁ)

ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ସିଟି ସ୍କୁଲ ରୋଡରେ ଥିବା ରାଧା ଗୋବିନ୍ଦ ମନ୍ଦିରରେ ସୋମବାର ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ରାତି ପ୍ରାୟ ୧୨ଟାରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଭୁବନେଶ୍ୱରରୁ ଆସି କୁଆଁରମୁଣ୍ଡା ଏହି ମନ୍ଦିରରେ ପହଂଚି ଜଳାଭିଷେକ କରିଥିଲେ। ସେହିପରି ବିଧାୟକ ନାୟକଙ୍କ ପରେ ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ପ୍ରମୁଖ ଜଳାଭିଷେକ କାର୍ଯ୍ୟ କରିଥିଲେ। ଏହାପରେ ବିଧାୟକ ନାୟକ ପୁଣି ଭୁବନେଶ୍ୱର ଫେରିଯାଇଥିଲେ।ସେହିପରି ମଙ୍ଗଳବାର ଦିନ ତମାମ ରାଧାଗୋବିନ୍ଦଙ୍କ ନିକଟରେ ଭଜନ କୀର୍ତ୍ତନ ସହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଦିନ ସମୟରେ ପ୍ରାୟ ୭ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମନ୍ଦିରରେ ଉପସ୍ଥିତ ରହି ପ୍ରସାଦ ସେବନ କରିଛନ୍ତି।ଏହି କାର୍ଯ୍ୟକ୍ରମ ମନ୍ଦିରର ସଂସ୍ଥାପକ ଶୀତଳ ପ୍ରସାଦ ଦାସଙ୍କ ଉପସ୍ଥିତିରେ ଟ୍ରଷ୍ଟ ସଭାପତି ଦେବବ୍ରତ ଦାସ,ଶିବ ନାରାୟଣ ସାହୁ,ମହେଶ୍ୱର ମିଶ୍ର,ଶୈଳେଶ ତିୱାରୀ,ରବୀନ୍ଦ୍ର ସାହୁଙ୍କ ସହ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା ହୋଇଛି।

# ଶ୍ରୀକୃଷ୍ଣ ରାଧାବେଶ ପ୍ରତିଯୋଗିତା

ଲହୁଣୀପଡ଼ା, ୨୭।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମହା ଆଡମ୍ବର ସହକାରେ ଶ୍ରୀକୃଷ୍ଣ ରାଧା ବେଶ ପ୍ରତିଯୋଗିତା ଓ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଭଜନ କୀର୍ତ୍ତନ ସହିତ ଶ୍ରୀକୃଷ୍ଣ ଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୬୧ ଜଣ ଶ୍ରୀକୃଷ୍ଣ ଓ ରାଧା ବେଶ ହୋଇଥିଲେ। ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ରଙ୍କ ନେଇ ଲହୁଣୀପଡ଼ା ପରିକ୍ରମା କରାଯାଇଥିଲା।ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୀଲ କୁମାର ମାହାନ୍ତ ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ଅଧ୍ୟକ୍ଷତା କରିଥିଲେ। ଯଶୋବନ୍ତ ମାହାନ୍ତ ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଜସ୍ମିତା ମାହାନ୍ତ, ପ୍ରଣତି ମାହାନ୍ତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସସ୍ମିତା ମିଶ୍ର, ବିଜୟ ଲକ୍ଷ୍ମୀ ମିଶ୍ର, ସ୍ୱର୍ଣ୍ଣପ୍ରଭା ଦାସ, ଦୁର୍ଗେସି ନନ୍ଦିନୀ ବାରିକ, ସୁଷମା ମାହାନ୍ତ, ସୁନିତା ମାହାନ୍ତ, ରୁବିବାଳା ମାହାନ୍ତ, ଚିନ୍ମୟୀ କିଷାନଙ୍କ ସମେତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରୀକୃଷ୍ଣ ରାଧା ବେଶ ପ୍ରତିଯୋଗିତାରେ ସାମିଲ ଛାତ୍ରୀଛାତ୍ର।

# ଅସୁରକ୍ଷିତ ଏଟିଏମ୍, କାମ କରୁନି ମେଶିନ

ରାଉରକେଲା,୨୭।୮ (ଦିନେଶ ମିଶ୍ର)

ରାଉରକେଲା ସହରରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ୨୪ଘଣ୍ଟା ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଏଟିଏମ୍ ବ୍ୟବସ୍ଥା କରାଯାଇଛି। କୌଣସି ବ୍ୟକ୍ତିଙ୍କୁ ଜରୁରୀ ସମୟରେ ଅର୍ଥ ଦରକାର ପଡିଲେ ସେମାନେ ବିଭିନ୍ନ ଏଟିଏମ୍‌ରୁ ଟଙ୍କା ଉଠାଇଥାନ୍ତି। କିନ୍ତୁ ସହରରେ ଏଭଳି କିଛି ଏଟିଏମ୍ ରହିଛି ଯାହା ବର୍ତ୍ତମାନ ଅସୁରକ୍ଷିତ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି। ବାସନ୍ତୀ କଲୋନୀ, ଟ୍ରାଫିକ୍ ଗେଟ୍, ସିଭିଲଟାଉନଶିପ୍‌ରେ ଥିବା ଏଟିଏମ୍ ଅବସ୍ଥା ଏଭଳି ହୋଇଛି। ଏସବୁ ଜାଗାରେ ଗ୍ରାହକମାନେ ଟଙ୍କା ଉଠାଇବାକୁ ନିରାପଦ ମଣୁନାହାନ୍ତି। ବାସନ୍ତୀ କଲୋନୀ ସ୍ଥିତ ଏଟିଏମ୍ କକ୍ଷରେ ମେଶିନର ସ୍କିନ୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଏଟିଏମ୍ କକ୍ଷର କବାଟ ସର୍ବଦା ଖୋଲା ରହୁଥିବାରୁ ବିଭିନ୍ନ ସମୟରେ ବୁଲାପ୍ରାଣୀ ପଶୁଛନ୍ତି। ସେହିପରି ଟ୍ରାଫିକ୍ ଗେଟ୍ ସ୍ଥିତ ୟୁନିୟନ ବ୍ୟାଙ୍କ ଏଟିଏମ୍ ସର୍ବଦା ଅଚଳ ଅବସ୍ଥାରେ ରହୁଛି। ଏଠାକୁ କେହି ଗ୍ରାହକ ଟଙ୍କା ଉଠାଇବାକୁ ଆସିଲେ ଅଧିକାଂଶ ସମୟରେ ଏଟିଏମ୍‌ରେ ଟଙ୍କା ରହୁ ନ ଥିବା ଅଭିଯୋଗ କରୁଛନ୍ତି। ଏହି ଏଟିଏମ୍‌ଟି ସହରର ପ୍ରମୁଖ ଛକ ସ୍ଥାନରେ ଥିବାବେଳେ ଏଠାରେ କୌଣସି ସିକ୍ୟୁରିଟି ବ୍ୟବସ୍ଥା ନାହିଁ। ସେହିପରି ଉଦିତନଗର ଓ ସିଭିଲଟାଉନଶିପ୍ ଅଞ୍ଚଳରେ ଥିବା ଏଟିଏମ୍‌ଗୁଡିକର ଅନୁରୂପ ଅବସ୍ଥା। ସୂଚନାଯୋଗ୍ୟ, ରାଉରକେଲା ସହରର ଟ୍ରାଫିକ ଗେଟ୍, ବିଶ୍ରା ଛକ, ଆମ୍ବାଗାନ ଛକ, ଛେଣ୍ଡ, ବାସନ୍ତୀ କଲୋନୀ, ଡେଲିମାର୍କେଟ ଭଳି ବିଭିନ୍ନ ଅଞ୍ଚଳରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଏଟିଏମ୍ କକ୍ଷ ରହିଛି। କିନ୍ତୁ ଏହିସବୁ ଏଟିଏମ୍‌ରେ ଗ୍ରାହକମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇନାହିଁ। ସହରର କେବଳ ଯେଉଁ ସ୍ଥାନରେ ବିଭିନ୍ନ ବ୍ୟାଙ୍କ ରହିଛି ତାହା ନିକଟରେ ଥିବା ଏଟିଏମ୍‌ରେ ସିକ୍ୟୁରିଟି ବ୍ୟବସ୍ଥା ରହୁଛି। ଅସୁରକ୍ଷିତ ଅବସ୍ଥାରେ ପଡିରହିଥିବା ଏଟିଏମ୍‌ରେ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ଏ ନେଇ ବେଦବ୍ୟାସ ସ୍ଥିତ ୟୁନିୟନ ବ୍ୟାଙ୍କର ମ୍ୟାନେଜର ଅଲେଖ ନିରଞ୍ଜନ ରାଓଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ଗ୍ରାହକଙ୍କ ମଧ୍ୟରେ ଏଟିଏମ୍‌ର ବ୍ୟବହାରିକରଣ କମୁଥିବାବେଳେ ଫୋନ୍‌ପେ ନଚେତ୍ ସ୍କାନର ମାଧ୍ୟରେ ଟ୍ରାଞ୍ଜାକ୍ସନ ହେଉଛି। ତଥାପି ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଏଟିଏମ୍‌ର ସୁରକ୍ଷା ଦାୟିତ୍ୱ ରହିଛି। ସହରରେ ଅସୁରକ୍ଷିତ ହୋଇ ରହିଥିବା ଏଟିଏମ୍‌ର ସ୍ଥିତି ଅନୁଧ୍ୟାନ କରିବା ପରେ ଖୁବ୍‌ଶୀଘ୍ର ଏଥିପ୍ରତି ଆମେ ଯତ୍ନବାନ ହେବୁ ବୋଲି ରାଓ କହିଥିଲେ।

### ବିଦ୍ୟାଳୟରୁ ପଙ୍ଖା ଚୋରି

ବରଗଡ଼,୨୭।୮ (ପ୍ରେମାନନ୍ଦ ଖମାରୀ): ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ଗ୍ରାମସ୍ଥିତ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟରୁ ୪ଟି ପଙ୍ଖା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରଲେଖା ସାମଲ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଓ ସୋମବାର ୨ଦିନ ବିଦ୍ୟାଳୟ ଛୁଟି ଥିଲା। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟକୁ ଆସିବାବେଳେ ଶ୍ରେଣୀ କୋଠରୀ ତାଲା ଭାଙ୍ଗି ପଙ୍ଖା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାସହିତ ବିଦ୍ୟାଳୟର ଆଲମିରା ମଧ୍ୟ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏତଲା ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜିଲାପାଳଙ୍କ ଜନଶୁଣାଣି, ୬୧ ଅଭିଯୋଗ ଦାଖଲ

କୁତ୍ରା, ୨୭।୮ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣମଣ୍ଡପରେ ମଙ୍ଗଳବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲାପାଳ ଅନୁପସ୍ଥିତ ଥିବାବେଳେ ଏଡିଏମ ରବି ନାରାୟଣ ସାହୁ, ଉପଜିଲାପାଳ ଦାଶରଥି ସରାବୁ, ଡେପୁଟି କଲେକ୍ଟର ସ୍ମୃତି ସୌମ୍ୟା ଦାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଏସଡିପିଓ ଅଭିଷେକ ପାଣିଗ୍ରାହୀ, ବିଡିଓ ଯୁଗଳକିଶୋର ବିଶାଳ, ତହସିଲଦାର ପ୍ରମୋଦ କୁମାର ବାସକେ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲା ତଥା ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଦ୍ୱାରା ଦିଆଯାଇଥିବା




ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଜନସାଧାରଣ ଏବଂ ପଞ୍ଚାୟତ ଜନ ପ୍ରତିନିଧିମାନଙ୍କ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ କାରଖାନା ଓ ଏହାର ଖଣିରେ ସ୍ଥାନୀୟ ଲୋକଙ୍କୁ ଉପେକ୍ଷା କରାଯାଇ ବାହାର ଲୋକଙ୍କ ନିଯୁକ୍ତିକୁ ବିରୋଧ କରାଯାଇଥିଲା। ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେଇ ଚାକିରୀ ପ୍ରଦାନ, ଖତକୁରବାହାଲରେ ଜନବସତି ନିକଟରେ କ୍ରସର ସ୍ଥାପନକୁ ବିରୋଧ ତଥା ମନ୍ଦିର ଜମିରେ କ୍ରସର ସ୍ଥାପନ ଅଭିଯୋଗ, ଖତକୁରବାହାଲ ଗୌଡ ପଡା ରାସ୍ତା ନିର୍ମାଣ, ଖଣି କାର୍ଯ୍ୟ ପାଇଁ ପୋଖରୀ ଉଚ୍ଛେଦ ଯୋଗୁଁ ଦେଖାଦେଇଥିବା ଜଳ ସମସ୍ୟା, ଖତକୁରବାହାଲରୁ ଡେଲିଘଣାକୁ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୁତ୍ରା ରାସ୍ତା ଦେଇ ଭାରିଯାନ ଯୋଗେ ହେଉଥିବା ଶିବା ସିମେଣ୍ଟର ଚୂନପଥର ପରିବହନକୁ ଏହି ରାସ୍ତାରେ ବନ୍ଦ କରିବା, ୫ରେନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆବଶ୍ୟକ ଶ୍ରେଣୀ ଗୃହ ନିର୍ମାଣ, ବନ୍ଦ କରାଯାଇଥିବା ସମଲାଇମୁଣ୍ଡା ମିଶନ ବିଦ୍ୟାଳୟ ପୁନର୍ବାର ଆରମ୍ଭ, ବନ୍ଦ ହୋଇଥିବା ମୋହତପଡା ପ୍ରାଥମିକ ବିଦ୍ୟାଳୟ ଏବଂ ଛୁରିଚୋଖା ପ୍ରାଥମିକ ବିଦ୍ୟାଳୟ ପୁନର୍ବାର ଆରମ୍ଭ କରିବା, କୁତ୍ରା ବ୍ଲକର ବିଜୁ ଏକ୍ସପ୍ରେସ ୱେ କଡରେ ଦୀର୍ଘ ଦିନରୁ ଅଚଳ ଅବସ୍ଥାରେ ଥିବା ହାଇମାକ୍ସ ଲାଇଟ ଗୁଡିକୁ ବିଦ୍ୟୁତ ସଂଯୋଗ ସହ ସଚଳ କରିବା, ଲକ୍ଷ୍ମୀପୋଷଠାରେ ପୂର୍ବରୁ ଥିବା ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର, କୁତ୍ରା ପଂଚାୟତ କଲ୍ୟାଣ ମଣ୍ଡପର ଉନ୍ନତି କରଣ ସହ ବିଭିନ୍ନ ଅଭିଯୋଗମାନ ଦାଖଲ ହୋଇଥିବା ଜଣାପଡିଛି।

## ଜଳାଶୟରୁ ନିଖୋଜଙ୍କ ମୃତଦେହ ମିଳିଲା

ବରଗଡ଼,୨୭।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ଦ୍ୱାରି ପଞ୍ଚାୟତ ଅନ୍ତର୍ଗତ ଝାରପାଲି ଗ୍ରାମରୁ ଗତ ୨୫ତାରିଖରୁ ନିଖୋଜ ଥିବା ଦଶରଥ ନେଗୀ(୫୦)ଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଝାରପାଲି ଗ୍ରାମର ଏକ ଜଳାଶୟରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଏ ନେଇ ମୃତକଙ୍କ ପୁଅ ହୃଷୀକେଶ ଅମ୍ବାଭୋନା ଥାନାକୁ ଜଣାଇବା ପରେ ପୋଲିସ ମୃତଦେହ ଜବତ କରି ବରଗଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ଗଣତନ୍ତ୍ରରେ ନାଗରିକର ଭୂମିକା ଆଲୋଚନାଚକ୍ର

ବରଗଡ଼,୨୭।୮ (ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲି ଦଧିବାମନ ଡିଗ୍ରୀ କଲେଜରେ ମଙ୍ଗଳବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଗଣତନ୍ତ୍ରରେ ନାଗରିକର ଭୂମିକା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ଖବରଦାତା ଶିବ ନନ୍ଦ ଯୋଗଦେଇ ଜଣେ ନାଗରିକ ହିସାବରେ ଗଣତନ୍ତ୍ରରେ ଆମର ଭୂମିକା କିଭଳି ରହିବା ଉଚିତ, ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଝାରବନ୍ଧ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ଼ଃ ଖ୍ୟାତିମୟ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତମ ନାଗରିକର ଭୂମିକା ଏବଂ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଶ୍ୟାମଲାଲ ନାୟକ ଉଦ୍ଦେଶ୍ୟ ଜ୍ଞାପନ ସହିତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଭୁକ୍ତାସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ କିଶନ ଅଗ୍ରୱାଲ, ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ଅଧ୍ୟାପକ ରାଜୀବ ସାହୁ, ରବିନାରାୟଣ ପଣ୍ଡା, ସଂଗ୍ରାମ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

# କୃଷି ସୂଚନା ପରାମର୍ଶ କେନ୍ଦ୍ର, ପୋଷ୍ଟ ଅଫିସରୁ ତାଲା ଭାଙ୍ଗି ଚୋରି

ବାଲିଶଙ୍କରା,୨୭।୮ (ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ କୃଷି ସୂଚନା ପରମର୍ଶ କେନ୍ଦ୍ର ଓ ପୋଷ୍ଟ ଅଫିସରୁ ତାଲା ଭାଙ୍ଗି ଚୋରି ହୋଇଛି। ବ୍ଲକ କୃଷି ସୂଚନା ପରମର୍ଶ କେନ୍ଦ୍ରରେ ଚୋରମାନେ ଟଙ୍କା ଗଚ୍ଛିତ ଥିବ ଭାବି ଅଫିସର ୩ଟି ତାଲା ଭାଙ୍ଗି ଭିତରେ ପଶି କାଗଜପତ୍ର ଏପଟ ସେପଟ ଫିଙ୍ଗି ଦେଇଥିଲେ। ସେହିପରି ବାଲିଶଙ୍କରା ପୋଷ୍ଟ ଅଫିସରେ ୨ଟି ତାଲା ଭାଙ୍ଗି ଅଫିସରେ ଥିବା କାଗଜପତ୍ର ଫୋପାଡ଼ି ଚାଲିଯାଇଥିଲେ। ପୋଷ୍ଟ ଅଫିସରେ ଏହି ଘଟଣା ରବିବାର ରାତି ସମୟରେ ହୋଇଥିବାବେଳେ ସକାଳୁ ଘର ମାଲିକ ଦେଖି ପୋଷ୍ଟମାଷ୍ଟର ଦିବ୍ୟଲୋଚନ ରାଉତଙ୍କୁ ଖବର ଦେଇଥିଲେ। ଖବର ପାଇ ପୋଷ୍ଟମାଷ୍ଟର ରାଉତ ବାବୁ ଏବଂ ତାଙ୍କ ମୁଖ୍ୟ କିରାଣୀ ଉଦିତ କୁମାର ସେଠ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଲିଖିତ ଖବର ଦେଇଥିଲେ। ଖବର ପାଇ ତଲସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେହିପରି କୃଷି ପରାମର୍ଶ କେନ୍ଦ୍ରରେ ମଧ ରବିବାର ଛୁଟି ଏବଂ ସୋମବାର ଜନ୍ମାଷ୍ଟମୀ ଛୁଟି ଥିବାରୁ ରବିବାର ଚୋରି ହୋଇଛି କି ସୋମବାର ଚୋରି ହୋଇଛି ତାହା କର୍ମଚାରୀ ଜାଣି ନ ଥିଲେ। ମଙ୍ଗଳବାର ସମସ୍ତ କର୍ମଚାରୀ ତଥା ବ୍ଲକ କୃଷି ଅଧିକାରୀ ଡୁଲୀ ସରେଙ୍ଗ ଓ ସହ ବ୍ଲକ କୃଷି ଅଧିକାରୀ ବର୍ଷା ଭିତ୍ରିଆ ଆସି ଦେଖିଲା ବେଳକୁ ତାଲା ଭଙ୍ଗା ହୋଇ କବାଟ ଖୋଲା। ସେମାନେ ତଲସରା ପୋଲିସକୁ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ତଲସରା ପୋଲିସ ଆସି ତଦନ୍ତ ଜାରି ରଖିଛି। ପ୍ରକାଶ ଥାଉକି ଅଫିସମାନଙ୍କରେ ରାତ୍ର ଜଗୁଆଳି ରଖିବା ସହିତ ପୋଲିସ ପକ୍ଷରୁ ବାଲିଶଙ୍କରାରେ କଡାକଡି ଭାବେ ପାଟ୍ରୋଲିଂ କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।

# ଲିପ୍ସା ଓ ପ୍ରିତମ ବକ୍ସିଂ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ

ସୁନ୍ଦରଗଡ଼, ୨୭।୮ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲିପସା ଷଡ଼ଙ୍ଗୀ ଓ ପ୍ରୀତମଙ୍କୁ ପୁରୀ ବକ୍ସି ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପୁରୀ ତାଳବଣିଆ ଷ୍ଟାଡିୟମଠାରେ ପୁରୀ ବକ୍ସିଂ ଏକାଡେମୀ ତରଫରୁ ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସ ପାଳନ ଅବସରରେ ଏହି ଦୁଇ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଥମେ ଝାଡେଶ୍ୱରୀ ମନ୍ଦିରଠାରେ ଦୀପ ପ୍ରଜ୍ଜ୍ୱଳନ କରି ଖେଳାଳିମାନେ ସହର ପରିକ୍ରମା କରି ପୁରୀ ଷ୍ଟାଡିୟମଠାରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡିଆ, ବଡିବିଲ୍ଲର ଅନୀଲ ଗୋଚ୍ଛିକାର, ଅଶୋକ ମହାପାତ୍ର, ରବିଶଙ୍କର ପ୍ରତିହାରୀ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଜିଲାର ପୂର୍ବତନ ମୁଷ୍ଟିଯୋଦ୍ଧା ଓ ପ୍ରଶିକ୍ଷକଙ୍କୁ




ସମ୍ମାନିତ କରାଯାଇଥିଲା। ସମ୍ମାନିତ ହୋଇ ଥିବା ବ୍ୟକ୍ତିବିଶେଷ ମାନଙ୍କ ମଧରେ ସୁନ୍ଦରଗଡ ଜିଲାରୁ ଲିପ୍ସା ଷଡ଼ଙ୍ଗୀ ଓ ପ୍ରିତମ କାକଙ୍କୁ 'ମୁଷ୍ଟିଯୋଦ୍ଧା ସମ୍ମାନ'ରେ ସମ୍ମାନିତ କରିଛନ୍ତି। ତା ସହିତ ଭୁବନେଶ୍ୱରରୁ ଅମରେଶ ଜେନା, କଟକରୁ ବିଷ୍ଣୁ ପ୍ରସାଦ ପାଲ, କନ୍ଧମାଳରୁ ଦେବାଶିଷ ପ୍ରଧାନ, ସୁବର୍ଣ୍ଣପୁରରୁ କୃତିବାସ ଶତପଥୀ, ଗଞ୍ଜାମରୁ ସୁକାନ୍ତ ଦଳେଇ ଓ ଗଜପତିରୁ ମନୋହର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଠିକ ସେହିପରି ଓଡିଶା ପୋଲିସରେ କାର୍ଯ୍ୟରତ ଥିବା ପୂର୍ବତନ ମୁଷ୍ଟିଯୋଦ୍ଧା ବିଶ୍ୱଭୂଷଣ ପଣ୍ଡା, ମହେଶ୍ୱର ସେଠୀ, ସମସେର୍ ଅଲ୍ଲୀ, ସମର ସିହ୍ନା, ବିଶ୍ୱଜିତ ପ୍ରଧାନ, କାଳୁଚରଣ ସାହୁ,ସୁନୀଲ ଜେନା ପ୍ରମୁଖଙ୍କୁ ସମ୍ମାନିତ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ ଦାସ, ମାନସ ଜେନା, ଜାବିର ଖାଁ, ଅକ୍ଷୟ ନାୟକ, ଲକ୍ଷ୍ମୀଧର ମୁଦୁଲି, ରାକେଶ ଭୋଇ, ମିଳନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ହରିହର କର ମଞ୍ଚ ପରିଚାଳନା କରିଥିବା ବେଳେ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଲିପ୍ସା ଓ ପ୍ରିତମଙ୍କୁ ସୁନ୍ଦରଗଡ ଜିଲା ଆମେଚର ବକ୍ସିଂ ସଂଘ, ସୁନ୍ଦରଗଡ ଜିଲା ସିପକ ଟାକ୍ରୋ ସଂଘ, ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତି ଯୋଗୀମାଳର ସମସ୍ତ ସଦସ୍ୟ ଓ ବକ୍ସିଂ ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି।

# ବନ୍ୟପ୍ରାଣୀ ସୁରକ୍ଷା ନିୟମ ଅନୁସାରେ ମିଳୁଛି କ୍ଷତିପୂରଣ

**ହାତୀ ଉପଦ୍ରବ ଜନିତ କ୍ଷତିପୂରଣ ନେଇ ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନ**

ଦେବଗଡ଼,୨୭।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ହାତୀ ଉପଦ୍ରବ ଏବଂ ତତ୍‌ଜନିତ କ୍ଷତିପୂରଣ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ କରିଛନ୍ତି ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ। ଏ ନେଇ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉତ୍ତର ଦେଇଥିବା ବେଳେ ବିଧାୟକ ବିଶ୍ୱାଳ ଏ ନେଇ ପ୍ରେସ ବିବୃତିରେ ଗଣାମାଧ୍ୟମକୁ ସୂଚନା ଦେଇଛନ୍ତି। ଦେବଗଡ ଜିଲାର ଚତୁଃପାଶ୍ୱରେ ଥିବା ପଡୋଶୀ ଜିଲା କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ, ସମ୍ବଲପୁର ଏବଂ ଝାରସୁଗୁଡାରେ ଖଣି ଓ କଳକାରଖାନା ଭର୍ତ୍ତି ହୋଇରହିଛି। ହେଲେ ମଧ୍ୟ ଭାଗରେ ଥିବା ଦେବଗଡ ଜିଲାରେ କୌଣସି ଖଣି କିମ୍ବା କଳକାରଖାନା ନ ଥିବାରୁ ହାତୀଙ୍କ ପାଇଁ ଏହା ଏକ ସୁରକ୍ଷିତ ସ୍ଥାନ ପାଲଟିଯାଇଛି। ଏହି କ୍ରମରେ ହାତୀ ବର୍ଷ ତମାମ ଏଠାରେ ରହୁଥିବାରୁ ବିଭିନ୍ନ ସମୟରେ ସେମାନଙ୍କ ଉପଦ୍ରବ ଦ୍ୱାରା ଘରଦ୍ୱାରା ଭାଙ୍ଗିବା ସହ ବ୍ୟାପକ ଫସଲ ହାନୀ ଓ ଧନଜୀବନ ମଧ୍ୟ ନଷ୍ଟ ହେଉଛି। ବିଭିନ୍ନ ସମୟରେ ହାତୀ ଆକ୍ରମଣ ଯୋଗୁ ମଣିଷ ଓ ଗୃହପାଳିତ ପଶୁ ଜୀବନ ହାନୀ ମଧ୍ୟ ହେଉଛି। ମାତ୍ର ଯାହାବି କ୍ଷତିପୂରଣ ମିଳୁଛି ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଥିବାରୁ ଅଧିକ କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ କି ବୋଲି ବିଧାନସଭାରେ ବିଧାୟକ ପ୍ରଶ୍ନ କରିଥିଲେ। ବିଭାଗୀୟ ମନ୍ତ୍ରୀ ଖୁଣ୍ଟିଆ ଏହାର ଉତ୍ତର ଦେଇ କହିଛନ୍ତି ଯେ, ଦେବଗଡ ଜିଲାରେ ହାତୀ ଚଳପ୍ରଚଳ କରୁଥିବା ସରକାରଙ୍କ ନଜର ରହିଛି। ଘର ଭାଙ୍ଗିବା ସହ ଖରିଫ ଓ ରବି ଚାଷ ବେଳେ ହାତୀ ଜନିତ କ୍ଷତିହେଲେ କ୍ଷୟକ୍ଷତି ପାଇଁ ପଦକ୍ଷେପ ନିଆଯାଉଛି। ବନ୍ୟପ୍ରାଣୀ ସୁରକ୍ଷା ନିୟମ ୧୯୭୪ ଅନୁସାରେ ପ୍ରଚଳିତ ଅନୁକମ୍ପା ରାଶି ୨୦୨୩ ମେ ୩ ତାରିଖଠାରୁ ବୃଦ୍ଧି କରାଯାଇ ପୂର୍ବାପେକ୍ଷା ପ୍ରାୟ ୨ଗୁଣ ବୃଦ୍ଧି କରାଯାଇ କ୍ଷତିପୂରଣ ଦିଆଯାଉଛି। ମଣିଷ ମୃତ୍ୟୁ ଘଟିଲେ ୬ଲକ୍ଷ ଟଙ୍କା, ୬୦ ପ୍ରତିଶତରୁ କମ ଗୁରୁତର ଆହତ ହୋଇଥିଲେ ଦେଢଲକ୍ଷ ଏବଂ ୬୦ ପ୍ରତିଶତରୁ ଅଧିକ ହୋଇଥିଲେ ଅଢେଇ ଲକ୍ଷ ଟଙ୍କା ଦିଆଯାଉଛି। ସେହିପରି ସାମାନ୍ୟ ଆହତ ହୋଇ ଡାକ୍ତରଖାନାରେ ଏକ ସପ୍ତାହରୁ ଅଧିକ ଚିକିତ୍ସା ହେଲେ ୧୦ ହଜାର ଓ ଏକ ସପ୍ତାହରୁ କମ ଚିକିତ୍ସା ହେଲେ ୫ ହଜାର ଟଙ୍କା କ୍ଷତିପୂରଣ ଦିଆଯାଉଛି। ସେହିପରି ଗାଈ କିମ୍ବା ମଇଁଷିର ମୃତ୍ୟୁ ହେଲେ ୩୭ ହଜାର ୫ ଶହ ଟଙ୍କା ଓ ବଳଦର ମୃତ୍ୟୁ ହେଲେ ୩୨ ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି। ବାଛୁରି ମୃତ୍ୟୁ ହେଲେ ୫ହଜାର ଟଙ୍କା, ମେଣ୍ଢା କିମ୍ବା ଛେଳିର ମୃତ୍ୟୁ ହେଲେ ୪ ହଜାର ଟଙ୍କା, ମେଷଶାବକ ମୃତ୍ୟୁରେ ୧ ହଜାର ୫ ଶହ ଟଙ୍କା, ଧାନ କିମ୍ବା ଶସ୍ୟ ଜାତୀୟ ଫସଲ ନଷ୍ଟ ହେଲେ ଏକର ପିଛା ୨୦ ହଜାର ଟଙ୍କା, ଅର୍ଥକାରୀ ଫସଲ ନଷ୍ଟ ହେଲେ ଏକର ପିଛା ୨୫ ହଜାର ଟଙ୍କା, ଆଂଶିକ ଗୃହ ନଷ୍ଟ ହେଲେ ୧୦ ହଜାର ଏବଂ ସମ୍ପୂର୍ଣ୍ଣ ଗୃହ ନଷ୍ଟ ହେଲେ ୨୦ ହଜାର ଟଙ୍କା ସହିତ ବିଜୁ ପକ୍କା ଘର ଯୋଜନାରେ ଗୃହ କିମ୍ବା ବିଜୁ ପକ୍କାଘର ଯୋଜନାର ସମ୍ପୂର୍ଣ୍ଣ ମୂଲ୍ୟ ପ୍ରଦାନ କରାଯିବା ବ୍ୟବସ୍ଥା ରହିଥିବା ମନ୍ତ୍ରୀ ଉତ୍ତର ଦେଇଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କୁ ପୂର୍ବତନ ଜିଲା ପରିଷଦ ସଦସ୍ୟଙ୍କ ଦାବିପତ୍ର



କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେବଗଡ଼,୨୭।୮(ଶଶାଙ୍କ ଶେଖର ଝାଙ୍କର)

ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତ ଅବସରରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ ତାଙ୍କୁ ସାକ୍ଷାତ କରି ଦେବଗଡ ଜିଲାର ବିକାଶ ସମ୍ପର୍କିତ ୭ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉପରୋକ୍ତ ୭ ଦଫା ଦାବିଗୁଡିକ ହେଲା ଦେବଗଡ ଜିଲାରେ ହୋଇଥିବା ତ୍ରୁଟିପୂର୍ଣ୍ଣ ହାଇଟେକ ସର୍ଭେକୁ ରଦ୍ଦ କରାଯିବା, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ତରଫରୁ ଆମ୍ବ, ତରଭୁଜ ଏବଂ ଛେଳି ପାଳନ ନିମନ୍ତେ ଦେବଗଡ ଜିଲାରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଜଳ ସମ୍ପଦ ବିଭାଗ ପକ୍ଷରୁ ଦେବଗଡ ଜିଲାରେ ଜଳ ସେଚନର ସୁବିଧା ନିମନ୍ତେ ନଦୀନାଳ ଗୁଡିକରେ ଇନ-ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର ନିର୍ମାଣ, ଗମନାଗମନର ସୁବିଧା ନିମନ୍ତେ ରିଆମାଳ ବ୍ଲକ ତାବଡାଠାରୁ କୁଣ୍ଡାଝରୀ ଦେଇ ସାଧୁପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଜିଲାରେ ଅବହେଳିତ ଅବସ୍ଥାରେ ପୋତି ହୋଇପଡିଥିବା ଜଳାଶୟଗୁଡିକର ପୁନରୁଦ୍ଧାର ସହ ଜଳ ସେଚନ ନିମନ୍ତେ ଦେବଗଡ କ୍ଷୁଦ୍ର ଜଳ ସେଚନ ଡିଭିଜନ ଅଧୀନରେ ସର୍ଭେ ହୋଇ ପଡିରହିଥିବା ଜଳ ସେଚନ ପ୍ରକଳ୍ପଗୁଡିକୁ ତୁରନ୍ତ ନିର୍ମାଣ କରାଯିବା ଏବଂ ବୁଢାପାଳଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଡାକବଙ୍ଗଳା ନିର୍ମାଣ ଆଦି ଦାବି ଅନ୍ତର୍ଭୁକ୍ତ ରହିଛି।

# ସେପ୍ଟେମ୍ବର ୧୪ରେ ଝାରସୁଗୁଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଝାରସୁଗୁଡ଼ା,୨୭।୮(ସଞ୍ଜୟ ମାଲି)

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ତା୧୪।୯।୨୦୨୪ରିଖ (ଶନିବାର) ଜିଲା କୋର୍ଟ ପରିସର ଓ ଲଖନପୁରରେ ଗ୍ରାମ ନ୍ୟାୟାଳୟ ପରିସରରେ ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେୱାନି ମକଦ୍ଦମା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଇତ୍ୟାଦି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଜିଲା ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲା ଓ ନିଜ ମଧ୍ୟରେ ଥିବା ଯେକୌଣସି ମିଳାମିଶା ଯୋଗ୍ୟ ବିବାଦର ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦ ଉପଯୋଗ କରିବା ପାଇଁ ଜନସାଧାରଣମାନଙ୍କୁ ସଚେତନ କରାଯାଉଛି ବୋଲି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ସୂଚନା ଦେଇଛନ୍ତି। କେବଳ ବିଚାରାଧୀନ ମାମଲା ନୁହେଁ ପ୍ରାକ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇ ପାରିବ। ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ। ଯଦି କୌଣସି ବିଚାରାଧୀନ ମକଦ୍ଦମା ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପୈଠ ହୋଇଥିବା କୋର୍ଟ ଫି ମଧ୍ୟ ଫେରସ୍ତ ହୋଇପାରିବ। ଅଧିକ ସୁଚନା ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

# ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ କେନ୍ଦୁଘାଟ ଗ୍ରାମବାସୀ

**ଟ୍ରାନ୍ସଫର୍ମର ପୋଡ଼ିଲା, ୧୦ ଦିନ ବିଦ୍ୟୁତ୍ ସରବରାହ ବନ୍ଦ**

ଦେବଗଡ଼,୨୭।୮(ଶଶାଙ୍କ ଶେଖର ଝାଙ୍କର)



କେନ୍ଦୁଘାଟ ଗ୍ରାମବାସୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଦେବଗଡ଼ ଜିଲା ରିଆମାଳ ବ୍ଲକ ତେନ୍ତଲାବାହାଲ ଗ୍ରାମପଞ୍ଚାୟତ କେନ୍ଦୁଘାଟ ଗ୍ରାମରେ ଟ୍ରାନ୍ସଫର୍ମର ପୋଡିଯାଇଥିବାରୁ ପ୍ରାୟ ୧୦ ଦିନ ହେଲା ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଫଳରେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବିଭାଗୀୟ ରେଙ୍ଗାଲବେଡା ସେକ୍ସନର କନିଷ୍ଠ ଯନ୍ତ୍ରୀଙ୍କୁ ସୂଚନା ଦେବା ସହ ଏକ ନୂତନ ଟ୍ରାନ୍ସଫର୍ମର ବସାଇ ସମସ୍ୟା ସମାଧାନ ନିମନ୍ତେ ବାରମ୍ବାର ଦାବି କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଫଳରେ ମଙ୍ଗଳବାର ସେମାନେ ଦେବଗଡସ୍ଥିତ ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ରମଙ୍କ ନେତୃତ୍ୱରେ କେନ୍ଦୁଘାଟ ଗ୍ରାମର ନିତ୍ୟାନନ୍ଦ ନାୟକ, ଅଶୋକ ବାଆ, ମୁରଲୀ ଗୁମାନସିଂ, ଦୀପୁ ନାୟକ, ପ୍ରଫୁଲ୍ଲ ଉଦାବର ଓ ପବିତ୍ର ଗୁମାନସିଂଙ୍କ ସମେତ ବହୁ ପୁରୁଷ ଓ ମହିଳା ଦେବଗଡସ୍ଥିତ ଟିପିଡବ୍ଲୁଓଡିଏଲ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ ମ୍ୟାନେଜର (ଆକାଉଣ୍ଟ ସେକ୍ସନ)ପ୍ରଦୀପ୍ତ ମହାରଣାଙ୍କୁ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଜିଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦେଇଥିବା ଜଣାପଡିଛି।

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ

**ସର୍ବସମ୍ମୁଖରେ ସ୍ତ୍ରୀଙ୍କ କେଶ ମୁଣ୍ଡନ କରିବା ଘଟଣା**

ଝାରସୁଗୁଡ଼ା,୨୭।୮(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ଜାମମାଲ ପଞ୍ଚାୟତ ରାଉତବାହାଲ ଗ୍ରାମର ଗୋଟିଏ ପରିବାର ମଧ୍ୟରେ କୌଣସି କାରଣରୁ କଳହ ପରେ ସ୍ୱାମୀ ଗ୍ରାମବାସୀଙ୍କ ସମ୍ମୁଖରେ ସ୍ତ୍ରୀର କେଶ ମୁଣ୍ଡନ କରି ଅପମାନିତ କାରିଛି। ସ୍ତ୍ରୀଙ୍କୁ ଏପରି ଅପମାନିତ କରିଥିବା ବ୍ୟକ୍ତି ଜଣକ ବର୍ତ୍ତମାନ ବିଧାୟକଙ୍କ ନିକଟବର୍ତ୍ତୀ ହୋଇଥିବା ବେଳେ ଭାରତୀୟ ଜନତା ପାର୍ଟି ସରକାର ନାରୀ ସମ୍ମାନର ଯେଉଁ କଥା କହୁଛନ୍ତି ଏହାର ଏକ ନଗ୍ନ ଉଦାହରଣ ଏହି ଘଟଣାରୁ ଜଣାପଡୁଛି ବୋଲି ଝାରସୁଗୁଡ଼ା ଜିଲା ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜଣେ ନାରୀଙ୍କୁ ବଡ ଧରଣର ଅପମାନ କରାଯାଇଥିବା ଖବରଦାତା ସମ୍ମିଳନୀରେ ଉଲ୍ଲେଖ କରାଯାଉଛି। ଉକ୍ତ ଘଟଣାର ଲିଖିତ ଖବର ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇ ଦିଆଯାଇଛି। ଖୁବଶୀଘ୍ର ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଜୁ ଜନତା ଦଳ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦଆଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ରବି ସିଂ, ଜିଲା ସଭାନେତ୍ରୀ ରୋଜାଲିନ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତି ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ଭିତରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଦେବଗଡ଼,୨୭।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ବଳମ ଗ୍ରାମପଞ୍ଚାୟତ ଶାସନସାହିରେ ଘର ଭିତରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବଳାମ ଶାସନସାହିର ବସନ୍ତ ଆଚାର୍ଯ୍ୟଙ୍କ ଦେହ ଅସୁସ୍ଥ ଥିବାରୁ ପ୍ରାୟ ୩ ମାସ ହେଲା ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ପୁଅ ସୁବ୍ରତ ଆଚାର୍ଯ୍ୟ ବୁର୍ଲାରେ ଡାକ୍ତରୀ ପାଠ ପଢୁଥିବାରୁ ସେ ମଧ୍ୟ ଅନୁପସ୍ଥିତ ରହୁଥିବାରୁ ପ୍ରାୟ ୩ ମାସ ହେଲା ତାଙ୍କ ଘରେ ତାଲା ପଡିଛି। ତେବେ ସୁବ୍ରତ ସୋମବାର ସକାଳେ ଫେରିବା ସମୟରେ ଘର ଭିତରୁ ଏବଂ ଅଗଣାରୁ ବିଭିନ୍ନ ସାମଗ୍ରୀ ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ। ଚୋରମାନେ ଘର ପାଚେରି ଡେଇଁ ଭିତରେ ପଶିବା ସହ ଟ୍ରକରେ ବ୍ୟବହାର ହେଉଥିବା ଲୁହାର ଦୁଇଟି ନୂଆଁ ସ୍ପ୍ରିଙ୍ଗ ପଟା, ଟ୍ରାକ୍ଟର ଡାଲାର ପଛ କଭର, ୧ ଏଚ୍‌ପି ପାଣିପମ୍ପ, ଅଧା କୁଇଣ୍ଟାଲରୁ ଅଧିକ ଲୁହା ଛଡ ଏବଂ ୩୦୦ଟି କଲମ ବେସ ଜାଲି ଓ କିଛି ଭଙ୍ଗା ଲୁହା ଚୋରି କରିନେଇଥିବା ଜଣାପଡିଛି। ଏ ନେଇ ସୁବ୍ରତ ମଙ୍ଗଳବାର ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ପର୍ବତ ଆରୋହୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପର୍ବତ ଆରୋହୀ ଶଶିଭୂଷଣ ମାଝିଙ୍କୁ ସ୍ୱାଗତ କରାଯାଉଛି।

ବ୍ରଜରାଜନଗର,୨୭।୮(ବିଜୟ ବରାଡ଼)

ଅଖିଳ ଭାରତୀୟ ଗୌଣ୍ଡ ୱାନ ଗୌଣ୍ଡ ମହାସଭା ପକ୍ଷରୁ ପର୍ବତ ଆରୋହୀ ଶଶିଭୂଷଣ ମାଝିଙ୍କୁ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦେଓଗଡ଼ ଜିଲା ତିଲେଇବନି ବ୍ଲକ ବ୍ରଜମୋହନପୁର ଗ୍ରାମର ଅର୍ଜୁନ ମୋହନ ମାଝି ଓ ମାଳତୀ ମାଝିଙ୍କ ପୁଅ ଶଶୀଭୂଷଣ ମାଝି ଗତ ତା ୧୨।୮।୨୪ ରିଖରେ ରୁଷର ଏଲବ୍ରୁସ ପର୍ବତ ଆହୋରଣ ପାଇଁ ଦେଓଗଡ଼ରୁ ବାହାରି ଥିଲେ। ସେ ପୂର୍ବରୁ ଉତ୍ତରାଖଣ୍ଡ ରାଜ୍ୟର ୩୮୦୦ ମିଟର ବିଶିଷ୍ଟ କେଦାରକାଣ୍ଠ ପର୍ବତ ତଥା ଆଫ୍ରିକା ମହାଦେଶର ୫୬୯୫ମିଟର ବିଶିଷ୍ଟ ଉଚ୍ଚତମ ଶୃଙ୍ଗ ମାଉଣ୍ଟ କିଲିମାଞ୍ଜାର ଆହୋରଣ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାହାଯ୍ୟ ସହଯୋଗରୁ ମହାନଦୀ କୋଇଲା ଖଣି ପକ୍ଷରୁ ୨ ଲକ୍ଷ ଟଙ୍କା ସାହାଯ୍ୟ ରାଶି ପ୍ରଦାନ କରାଯାଇଥିଲା। ଅଗଷ୍ଟ ୧୫ରୁ ପର୍ବତାହୋହଣ ଆରମ୍ଭ କରି ଅଗଷ୍ଟ ୧୭ ତାରିଖ ରୁଷର ୫୬୪୨ ମିଟର ଏବଂ ୧୮୫୧୦ଫୁଟ ବିଶିଷ୍ଟ ଉଚ୍ଚତମ ଏଲବ୍ରୁସ ପର୍ବତ ଆହୋରଣ କରି ଦେଶ, ରାଜ୍ୟ ତଥା ଦେଓଗଡ଼ ଜିଲାକୁ ଗୌରାନିତ କରିଛନ୍ତି। ରୁକ୍ମଣ ଧୁରୁଆ, ମାଧବ ସିଂହ ନାଏକ, ଚୁଡ଼ାମଣି ଧୁରୁଆ, ମିତ୍ରଭାନୁ ସାହୁ, ମୁରଲୀ ଭୋଇ, ରତନ କୁମାର ସାହୁ, କୃପାସିନ୍ଧୁ ମହାକୁଲ, ଗିରିଧାରୀ ନାଏକ ବାସୁଦେବ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୭।୮(ଶଶାଙ୍କ ଶେଖର ଝାଙ୍କର)



ଲୋକଙ୍କ ଅଭିଯୋଗ ଜିଲାପାଳ ଶୁଣୁଛନ୍ତି।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସଦର ମହକୁମାସ୍ଥିତ ତିଲେଇବଣି ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଜନସାଧାରଣ ମୋଟ ୧୨୧ଟି ଅଭିଯୋଗ ଶୁଣିବା ସହ ଅଭିଯୋଗର ତର୍ଜମା କରି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିମଧ୍ୟରୁ ୧୦୭ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୁହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ସାମୂହିକ ଭାବେ ରାସ୍ତାଘାଟ ସମସ୍ୟାର ସମାଧାନ ସାଙ୍ଗକୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଏବଂ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ପାଇଁ ଆଦି ଅଭିଯୋଗ ରହିଥିଲା। ଶିବିରରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପଣ୍ଡା, ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ ଓ ଉପଜିଲାପାଳ ପରକ୍ଷୀତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ।

# ଡିପ୍ଲୋମା ଇଂଜିନିୟର୍ସ ଆସୋସିଏଶନ ବାର୍ଷିକ ଅଧିବେଶନ

**ଝାରସୁଗୁଡାର ସହକାରୀ ଯନ୍ତ୍ରୀ ହେଲେ ଆସୋସିଏଶନ ଉପସଭାପତି**

କୋଲାବିରା,୨୭।୮(ଚିନ୍ମୟ କୁମାର ବହିଦାର)




ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି।

ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନଠାରେ ଓଡିଶା ଉଠାଜଳସେଚନ ନିଗମ ଡିପ୍ଲୋମା ଇଂଜିନିୟର୍ସ ଆସୋସିଏଶନ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତା ଚୟନ ଅବସରରେ ବିଭିନ୍ନ ପଦପଦବୀ ମଧ୍ୟରେ ଝାରସୁଗୁଡା ଜିଲା ମୁଖ୍ୟାଳୟରେ ଉଠାଜଳସେଚନ ବିଭାଗରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଇଂ ସତ୍ୟନାରାୟଣ ନାହାକ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଡିପ୍ଲୋମା ଇଂଜିନିୟର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ବାର୍ଷିକ ଅଧିବେସନ ପୂର୍ବତନ ସଭାପତି ଇଂ ଲକ୍ଷ୍ମୀନାରାୟଣ ପଣ୍ଡା ଓ ସାଧାରଣ ସମ୍ପାଦକ ଇଂ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବୈଠକରେ ସଂଘର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହେବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତା ଭାବେ ସଭାପତି ଇଂ ମହେଶ୍ୱର ରାଉତ, ଉପସଭାପତି ଇଂ ସତ୍ୟନାରାୟଣ ନାହାକ, ସାଧାରଣ ସମ୍ପାଦକ ଇଂ ମଧୁସୂଦନ ହୁଇ, କୋଷାଧ୍ୟକ୍ଷ ଇଂ ଅକ୍ଷୟ ପାଇକରାୟ, ସଙ୍ଗଠନ ସମ୍ପାଦକ ଇଂ କଳାକାର ବାରିକ, ଅଫିସ ସମ୍ପାଦକ ଇଂ ନିତ୍ୟାନନ୍ଦ ପରିଡା, ଅର୍ଥ ସମ୍ପାଦକ ଇଂ ଆନନ୍ଦ ସାମଲ, ଆଇନଗତ ସମ୍ପାଦକ ଇଂ ରାମନାରାୟଣ ମହାନ୍ତି ଓ ସାଂସ୍କୃତିକ ସମ୍ପାଦକ ଇଂ ମୁକ୍ତାର ଅହମଦ ରସିଦଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। କାର୍ଯ୍ୟଭାର ଗ୍ରହଣ ପରେ ସମସ୍ତେ ମିଳିମିଶି କିପରି ଭାବେ ସଂଘକୁ ମଜଭୁତ କରାଯିବ ସେ ନୋଇ ଆଲୋଚନା କରାଯାଇ ଆଗାମୀ ଦିନରେ ସଂଘକୁ ଅଧିକ କାର୍ଯ୍ୟଶୀଳ କରିବା ପାଇଁ ଶପଥ ନେଇଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ପାଇଁ ୮୦ ଛାତ୍ରୀଛାତ୍ର ମନୋନୀତ

**ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା**

ଦେବଗଡ଼,୨୭।୮(ଶଶାଙ୍କ ଶେଖର ଝାଙ୍କର)



ପ୍ରତିଯୋଗିତାରେ ସାମିଲ ଛାତ୍ରୀଛାତ୍ରମାନେ।

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଲ ନୋଡାଲ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତପନ କୁମାର ଗଡନାୟକଙ୍କ ସଭାପତିତ୍ୱ ଓ ସଂସ୍କୃତ ଶିକ୍ଷକ ଭୋଳେଶ୍ୱର ସାହୁଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଢେଲ ଗ୍ରାମପଞ୍ଚାୟତ ସରପଞ୍ଚ ସବିତା ବେହେରା, ସମ୍ମାନିତ ଅତିଥି ଭାବେ ବଳମସ୍ଥିତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କନ୍ତାରୁ ପ୍ରଧାନ ଓ ଜିଲା ଶାରୀରୀକ ଶିକ୍ଷା ଅଧିକାରୀ ପଦ୍ମଲୋଚନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ସଂସ୍କୃତ ଶିକ୍ଷକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବାରକୋଟ ବ୍ଲକର ବିଭିନ୍ନ ବିଦ୍ୟାୟଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବାଳକ ଓ ବାଳିକା ବର୍ଗ (୧୭ ବର୍ଷରୁ କମ)ରେ ଫୁଟବଲ, ଖୋଖୋ, ବ୍ୟାଡମିଣ୍ଟନ ଓ ଯୋଗାସନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସେହିପରି ବାଳକ ଓ ବାଳିକା ବର୍ଗ (୧୪ବର୍ଷରୁ କମ)ରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ବାରକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟର ମୋଟ ୨୬୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ୮୦ଜଣ ପ୍ରତିଯୋଗୀ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିବା ଜଣାପଡିଛି। କ୍ରୀଡା ପ୍ରତିଯୋଗିତାକୁ କଣ୍ଢେଲ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ତଥା ବାରକୋଟ ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

# ଅଧିକାରୀଙ୍କୁ ତାଲା ପକାଇଲେ ଯୋଗୀସର୍ଡା ଗ୍ରାମବାସୀ

■ମନ୍ଦିର ଉନ୍ନୟନ କାମରେ ଜମି ବାଧକ ସାଜିଛି

■ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଭଣ୍ଡୁର

ଲୋଇସିଂହା,୨୭।୮ (ସୁଶାନ୍ତ ବାରିକ)


ଶିବିରକୁ ଯିବା ପୂର୍ବରୁ ତହସିଲଦାରଙ୍କୁ ଗ୍ରାମବାସୀ ଘେରିଛନ୍ତି ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ପ୍ରସିଦ୍ଧ ଯୋଗେଶ୍ୱର ଧାମ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ଜମି ସମସ୍ୟା ବାଧକ ସାଜିଛି। ଏଥିରେ ପ୍ରଶାସନର ଅସହଯୋଗକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ମଙ୍ଗଳବାର ଉତ୍ତେଜିତ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାଲିଥିବା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିରକୁ ବନ୍ଦ କରି ଦେଇଥିଲେ। ଅପରପକ୍ଷେ ଶିବିରରେ ଉପସ୍ଥିତ ବିଡିଓ ଅକ୍ଷୟପାଣି ଉତ୍ତୁ, ତହସିଲଦାର ସଂଘମିତ୍ରା କାଲୋ, ଏବିଡିଓ ସୁରେନ୍ଦ୍ରସିଂ ବାବୁ, ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ, ବିଏସଏସଓ ଆଶା ପଧାନ, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ, ସ୍ଥାନୀୟ ସରପଞ୍ଚ ବିଜୁଳି ପଧାନ ପ୍ରମୁଖଙ୍କୁ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାମବାସୀ ତାଲା ପକାଇ ଅଟକ ରଖିଥିଲେ। ଉପରିସ୍ଥ ଅଧିକାରୀଙ୍କ ପରାମର୍ଶ କ୍ରମେ ତହସିଲଦାର କାଲୋ ୪ ଦିନ ସମୟ ନେଇଛନ୍ତି। ସମସ୍ୟାର ସମାଧାନ ପାଇଁ ଅଗଷ୍ଟ ୩୧ରେ ପ୍ରତିପକ୍ଷ ଏବଂ ଗ୍ରାମବାସୀଙ୍କୁ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ପୁଣି ଆଲୋଚନା କରାଯିବ ବୋଲି ତହସିଲଦାର କାଲୋ କହିଛନ୍ତି। ଅପରପକ୍ଷେ ବୁଧବାର ଜିଲା ମୁଖ୍ୟାଳୟରେ ଜିଲାପାଳ, ଏସ୍‌ପି, ତହସିଲଦାର, ମନ୍ଦିର କମିଟି ସଦସ୍ୟ ଓ ଗ୍ରାମବାସୀଙ୍କୁ ନେଇ ଏକ ବୁଝାମଣା କରାଯିବ ବୋଲି କୁହାଯାଇଥିଲା। ଏହାପରେ ଅପରାହ୍ନ ୫ଟା ପରେ ଅଟକ ଅଧିକାରୀମାନଙ୍କୁ ଛାଡିଥିଲେ ଗ୍ରାମବାସୀ। ପ୍ରଶାସନ ଯଦି ଏଥିରେ ଖିଲାପ କରେ ତେବେ ଆଗାମୀ ଦିନରେ ମନ୍ଦିରରେ ତାଲା ପକାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଗ୍ରାମର ଯୋଗେଶ୍ୱର ଧାମ ଜିଲାର ଏକ ପ୍ରସିଦ୍ଧ ଶୈବପୀଠ । ତତ୍କାଳୀନ ରାଜ୍ୟ ସରକାର ଏହି ପୀଠକୁ ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରିଛନ୍ତି। ପୀଠକୁ ୫ -ଟିରେ ରୂପାନ୍ତରଣ ପାଇଁ ୨୦୨୩ ଆର୍ଥିକ ବର୍ଷରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ବଲାଙ୍ଗୀର ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ କାମ ହାତକୁ ନିଆଯାଇଛି । ଗତ ଜୁନ ୮ ସୁଦ୍ଧା କାର୍ଯ୍ୟ ସରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ସୌନ୍ଦର୍ଯ୍ୟକରଣ କାମ ପାଇଁ ପ୍ରସ୍ତୁତ ଡିପିଆରରେ ଶିଶୁ ଉଦ୍ୟାନ ଏବଂ ଗାଡି ପାର୍କିଂ ବ୍ୟବସ୍ଥା ରହିଛି। ଏହା ନିର୍ମାଣ ପାଇଁ ଜମି ଆବଶ୍ୟକ ପଡୁଛି। ମନ୍ଦିରର ପ୍ରାୟ ୪୨ ଏକର ଜମି ରହିଛି। ମନ୍ଦିର ସଂଲଗ୍ନରେ ୭ ଏକର ଜମି ଅଛି ବୋଲି ଗ୍ରାମବାସୀ କହିଛନ୍ତି। ହେଲେ ଗ୍ରାମର ଯାତ୍ରା ପଡିଆ ଓ ଦେବୋତ୍ତର ଜମିକୁ କେତେକ ବ୍ୟକ୍ତି ଜବରଦଖଲ କରି ଗୃହ ଓ ଦୋକାନ ଘର କରିଛନ୍ତି। ହେଲେ ଏବେ ମନ୍ଦିର ବିକାଶ କାମରେ ଜମି ବାଧକ ସାଜିଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମନ୍ଦିର ବିକାଶ କାମକୁ ସାରିବା ପାଇଁ ଦେବୋତ୍ତର ଜମି ଜବରଦଖଲ ହଟାଇବା ପାଇଁ ଗତ ଜୁଲାଇ ୨୦ ରେ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଗ୍ରାମବାସୀ। ଏହାପୂର୍ବରୁ ଉପରୋକ୍ତ ସମସ୍ୟାକୁ ନେଇ ଜାନୁୟାରୀ ୧୮ରେ ମନ୍ଦିର ପରିଚଳନା କମିଟି ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀ ଏପରି ବହୁବାର ଜିଲାପ୍ରଶାସନ ଓ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି । ହେଲେ ସମାଧାନ ପରିବର୍ତ୍ତେ ସମସ୍ୟା ଜଟିଳ ହେବାରେ ଲାଗିଛି। ଅନୁଦାନ ଥାଇ ସୁଦ୍ଧା କାମ ଅଗ୍ରଗତି ହେଉନାହିଁ। ପ୍ରତିପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ବଢିବାରେ ଲାଗିଛି । ସମାଧାନର ବାଟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ଥାନାରେ କେସ ଦେବାର ଚେତାବନୀ ଦିଆଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ଉତ୍ତେଜିତ ଥିଲେ। ମଙ୍ଗଳବାର ଶିବିରରେ ଯୋଗଦେବାକୁ ଆସିଥିବା ତହସିଲଦାର କାଲୋଙ୍କୁ ପ୍ରଥମେ ବାଟ ଓଗାଳିଥିଲେ ଗ୍ରାମବାସୀ। ଶିବରକୁ ପ୍ରତିପକ୍ଷକୁ ଡାକି ସମାଧାନ ବାହାର କରାଯିବ ବୋଲି ତହସିଲଦାର କହିବା ପରେ ଶିବିରକୁ ଯିବାକୁ ଦେଇଥିଲେ ଗ୍ରାମବାସୀ। ତେବେ ଆଜି ହିଁ ଜମି ବିବାଦର ସମାଧାନ କରାଯାଉ ଦାବି କରି ଗ୍ରାମବାସୀ ଅଧିକାରୀମାନଙ୍କୁ ତାଲା ପକାଇଥିଲେ । ଖବର ପାଇ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଆଇଆଇସି ଯାଜ୍ଞସିନୀ ନାୟକ ପ୍ରମୁଖ ଘଟଣାସ୍ଥଳକୁ ଆସି ବୁଝାସୁଝା କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାକୁ ଯିବା ଦେଖି ଅପରାହ୍ନ ୫ଟାରେ ବଲାଙ୍ଗୀରରୁ ପୋଲିସ ଫୋର୍ସ ଆସିବାକୁ ପଡିଥିଲା। ଉଲ୍ଲେଖଯୋଗ୍ୟ, ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବରକୁ ପଞ୍ଚାୟତ ଅଧୀନ ଯୋଗୀସର୍ଡା,ଗୁର୍ଜିଭଟା, ଛେଲବାହାଲ, ମାହାରପାଲି, କେଉଁଟିପାଲି ଓ କରନପାଲି ଗ୍ରାମରୁ ଜନସାଧାରଣ ଆସିଥିଲେ । ଶିବିରରେ ଅଭିଯୋଗ ପାଇଁ ୧୨ ଜଣ ପଞ୍ଜୀକରଣ କରି ସାରିଥିଲେ ।

# ଚାଷୀଙ୍କ ଚେକ୍ ଡ୍ୟାମରୁ ଚୋରି ଅଭିଯୋଗ

ଦେଓଗାଁ,୨୭।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମର ଚାଷ ଜମିରେ ତିଆରି ହୋଇଥିବା ଚେକ୍‌ଡ୍ୟାମ ଗୁଡିକରେ ଲାଗିଥିବା ଲୁହା ସାମଗ୍ରୀଗୁଡିକ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଫଟାମୁଣ୍ଡା ଗାଁର ଚାଷୀ କୃଷ୍ଣ ଛତ୍ରିଆ, ଜୟଚନ୍ଦ୍ର ନାଗ, ସରଜନ ପାଣ୍ଡେ, ସୁଦାମ ପାଣ୍ଡେ, କମ୍ପୁ ଛତ୍ରିଆ, ବିକାଶ ନାଏକ, କେଶବ ପଟେଲ, ଜୀବର୍ଦ୍ଧନ ନାଏକ, ଗଣ୍ଡାରାମ ପଟେଲ, ପେଟ ବାଗ, ଛାଲୁ ଘିଭେଲାଙ୍କ ଚାଷ ଜମିରେ ଚେକ୍‌ଡ୍ୟାମ ନିର୍ମାଣ ହୋଇଥିଲା। ସେହି ଚେକ୍‌ଡ୍ୟାମଗୁଡିକରେ ଲାଗିଥିବା ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀଗୁଡିକୁ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଚାଷୀମାନେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ଚାଷୀମାନେ ଥାନାକୁ ଆସି ଅଭିଯୋଗପତ୍ର ପ୍ରଦାନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏନେଇ ଥାନାଧିକାରୀ ହରିବନ୍ଧୁ ଗଡତ୍ୟାଙ୍କୁ ପଚାରିବାରେ ଅଭିଯୋଗ ହୋଇଛି। ତଦନ୍ତ କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

# ୨ ମାସର ପିଡିଏସ୍ ଚାଉଳ ମିଳିନାହିଁ

ବଲାଙ୍ଗୀର,୨୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

**ଯୋଗାଣ ସହାୟକଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବୁବେଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାହାଲବୁକା ଗାଁର ହିତାଧିକାରୀଙ୍କୁ ଦୁଇ ମାସର ପିଡିଏସ ଚାଉଳ ମିଳିନାହିଁ । ଫଳରେ ହିତାଧିକାରୀମାନେ ମଙ୍ଗଳବାର ପୁଇଁତଲା ବ୍ଲକ କାର୍ଯ୍ୟାଳୟକୁ ଆସି ପିଡିଏସ୍ ଚାଉଳ ଦେବାକୁ ଦାବି କରିଥିଲେ। ଏହି ଚାଉଳ ହଡପ ଘଟଣାରେ ଯୋଗାଣ ସହାୟକ ରାଜୁ ଭୋଇ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲେ। ବାହାଲବୁକା ଗାଁର ହିତାଧିକାରୀମାନେ କହିଛନ୍ତି ଯେ, ସେମାନଙ୍କୁ ଗତ ଦୁଇ ମାସର ଚାଉଳ ଦିଆଯାଇନାହିଁ। ଯୋଗାଣ ସହାୟକ ପିଡିଏସ୍ ହିତାଧିକାରୀଙ୍କ ଠାରୁ ଟିପଚିହ୍ନ ନେଇ ଯାଇଥିବା ସତ୍ତ୍ୱେ ଚାଉଳ ଦେଇ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ସେମାନେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଚାଉଳ ଦେବାକୁ କହିଥିଲେ । କିନ୍ତୁ ସେମାନଙ୍କୁ ଚାଉଳ ଦିଆଯାଇନାହିଁ। ବିଡିଓ ଏହି ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପୁଇଁତଲା ଥାନାରେ ଯୋଗାଣ ସହାୟକଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରାଯାଇଛି। ଯୋଗାଣ ସହାୟକ ଗତ ଦୁଇ ମାସର ଚାଉଳ ଦେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚାଉଳ ଦେଇନଥିବାରୁ ବିଡିଓ ଏବଂ ପୋଲିସ କ'ଣ କରୁଛି ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି। ଗାଁର ପିଡିଏସ୍ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ଦୁଇ ମାସର ଚାଉଳ ଦାବି କରିବା ସହ ଚାଉଳ ମିଳିଲେ ଆଗକୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନାନ୍ଦୁପଲାରେ ଅଭିଯୋଗ ଶୁଣାଣି ଶିବିର

ଖପ୍ରାଖୋଲ,୨୭।୮ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ନିଲେନ୍ଦ୍ରୀ ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଧାୟକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମ୍‌ପି ପ୍ରତିନିଧି ସନ୍ତୋଷ କୁମାର ଭାଇଁସାଲ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର ପ୍ରମୁଖ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୧୨୭ ଗ୍ରାମୀଣ ଆବାସ, ୧୪ ରାଶନ,୧୪ ଭତ୍ତା ଓ ବିଭିନ୍ନ ଯୋଜନା ସମ୍ପର୍କିତ ଅଭିଯୋଗ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଭାଷାରେ ଅନୁବାଦିତ ସମ୍ବିଧାନ ଲୋକଙ୍କୁ ବଣ୍ଟାଯାଉ: ନରସିଂହ



ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ ହଲରେ ଆୟୋଜିତ ଆଲୋଚନଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

ବଲାଙ୍ଗୀର,୨୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

**ଆମ ସମ୍ବିଧାନ ଆମ ଧର୍ମଗ୍ରନ୍ଥ ଶୀର୍ଷକ ଆଲୋଚନାଚକ୍ର**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ କକ୍ଷରେ ସୋମବାର ସନ୍ଧ୍ୟାରେ ଗଣ୍ଡାବଜାର ସପ୍ତମ ସ୍ୱନକ୍ଷତ୍ର ଉପଲକ୍ଷେ ଆମ ସମ୍ବିଧାନ ଆମ ଧର୍ମଗ୍ରନ୍ଥ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଆଇନଜ୍ଞ ନରସିଂହ ମିଶ୍ର ଯୋଗଦେଇ କହିଥିଲେ, ସମ୍ବିଧାନ ପ୍ରଣୟନ ବେଳେ ବାବା ସାହେବ ଯେଉଁ ଆଶଙ୍କା ପ୍ରକାଶ କରିଥିଲେ ତାହା ଆଜି ସତ୍ୟରେ ପ୍ରମାଣିତ ହେବାକୁ ଯାଉଛି। ଧନୀ-ଗରିବ ତାରତମ୍ୟ ବଢ଼ିଲେ ଗଣତନ୍ତ୍ର ଧ୍ୱଂସ ପାଇଯିବ ବୋଲି ସେ ଚେତାବନୀ ଦେଇଥିଲେ। ଆଜି ଦେଶରେ ଧନୀ-ଗରିବଙ୍କ ତାରତମ୍ୟ ଢ଼େର ବଢ଼ିଯାଇଛି। ବର୍ତ୍ତମାନ ସମ୍ବିଧାନ ବଦଳାଇବା ଉଦ୍ୟମ ଆରମ୍ଭ ହୋଇଛି । କିନ୍ତୁ ସୁପ୍ରିମକୋର୍ଟ କହିଛନ୍ତି ଯେ ସମ୍ବିଧାନର ମୂଳତତ୍ତ୍ୱକୁ ସଂସଦ ମଧ୍ୟ ସଂଶୋଧନ କରିପାରିବ ନାହିଁ । ଦୁଃଖର କଥା ଯେଉଁ ସଂସ୍ଥାଗୁଡିକ ସମ୍ବିଧାନକୁ ସୁରକ୍ଷା ଦେବା କଥା ସେହି ସଂସ୍ଥାଗୁଡିକ ଆଜି ନିରପେକ୍ଷ ହେଉନାହାନ୍ତି। ଆଞ୍ଚଳିକ ଭାଷାରେ ସମ୍ବିଧାନ ଅନୁବାଦ କରାଯାଇ ଲୋକଙ୍କ ପାଖକୁ ଏହା ବ୍ୟାପକ ମାତ୍ରାରେ ବଣ୍ଟନ କରାଯିବା କଥା ବୋଲି ପୂର୍ବତନ ମନ୍ତ୍ରୀ ମିଶ୍ର କହିଥିଲେ। ଆଲୋଚନାଳଚକ୍ରରେ ମୁଖ୍ୟବକ୍ତା ଭାବରେ ଗଣମାଧ୍ୟମ ପ୍ରତିନିଧି ଶିବ ଶଙ୍କର ନନ୍ଦ ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିଥାଏ। ଏଣୁ ସମ୍ବିଧାନ ବଞ୍ଚାଇ ରଖିବାକୁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁପ୍ରିମଟାକ୍ସର ନିର୍ଦ୍ଦେଶକ ଅଜିତ ପାଲ, ସରକାରୀ ମହିଳା ମହାବିଦ୍ୟାଳୟ ସହକାରୀ ପ୍ରଫେସର ଅକ୍ଷୟ କୁମାର ସେଠ, ଚାଷୀନେତା ସାନନ୍ଦ ମିଶ୍ର ଓ ସାମାଜିକ କର୍ମୀ ଗଣେଶ ସାହୁ ଯୋଗ ଦେଇଥିଲେ । ଗଣ୍ଡାବଜା ସମ୍ପାଦକ ତ୍ରିଲୋଚନ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ କୁନା ବାଗ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସରୁ ଅଧ୍ୟୟନ ସମାପ୍ତ କରିଥିବା ଅମର୍ତ୍ତ ମିଶ୍ର, ସାମାଜିକ କର୍ମୀ ରଜନୀକାନ୍ତ ସାମରଲିଆ, ପରଦେଶୀ ବିଶ୍ୱାଲ, ଅମର ସୁନା, ଦେଓଗାଁ ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତି ଛତ୍ରିଆ, ସରୋଜ ମେଶ୍ରା, ତ୍ରିଲୋକ ମେହେର ଓ ଜିଲା ଦଳିତ ବିକାଶ ମଞ୍ଚର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏଟିଏମ୍‌ରୁ ଲୁଟ୍ ଉଦ୍ୟମ, ତଦନ୍ତ ଆରମ୍ଭ

ବଲାଙ୍ଗୀର,୨୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କଲେଜ ଛକ ନିକଟ ସଦର ବ୍ଲକ ଅଫିସ ସମ୍ମୁଖ ଇଣ୍ଡିଆନ ବ୍ୟାଙ୍କ ଏଟିଏମ୍‌ରୁ ସୋମବାର ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଜଣେ ଲୁଟେରା ରାତି ପ୍ରାୟ ସାଢ଼େ ୨ଟା ସମୟରେ ଲୁଟ୍ ଉଦ୍ୟମ କରିଥିଲେ। ଅଭିଯୁକ୍ତ ଜଣକ ହାତୁଡିରେ ଏଟିଏମ୍‌ର ପ୍ରଥମ ଡୋର ଭାଙ୍ଗି ଦେଇଥିଲେ। ତେବେ ଦ୍ୱିତୀୟ ଡୋର ଭାଙ୍ଗି ନ ପାରି ସେଠାରୁ ଫେରାର ହୋଇଯାଇଥିଲେ। ଚୋରି ଉଦ୍ୟମ ନେଇ ମୁମ୍ବାଇ ହେଡ୍ ଅଫିସରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ସ୍ଥାନୀୟ ଟାଉନ ଥାନା ପୋଲିସକୁ ଜଣାଇବାରୁ ପୋଲିସ ଟିମ୍ ପହଞ୍ଚି ଥିଲେ। ତେବେ ଅଭିଯୁକ୍ତ ଜଣକ ସେଠାରୁ ଫେରାର ମାରି ସାରିଥିଲା। ଏନେଇ ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଜଣେ ଅଭିଯୁକ୍ତ ଏଟିଏମ୍ ଚୋରି ଉଦ୍ୟମ କରିଥିଲେ। ତେବେ ଏହା ବିଫଳ ହୋଇଛି।

# ଦେଷଣ୍ଡ ପଞ୍ଚାୟତରେ ଜନଶୁଣାଣି ଶିବିର


ଜନ ଶୁଣାଣି ଶିବିରରେ ଅଧିକାରୀବୃନ୍ଦ ।

ଦେଓଗାଁ,୨୭।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପିଇଓ ବିଷ୍ଣୁପ୍ରିୟା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ଯଶୋଦା ମେହେର, ବିଡିଓ କ୍ଷମାନିଧି ଭୋଇ, ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ଏପିଓ ସୁଧାଂଶୁ ଭୂଷଣ ମେହେର, ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିଶ୍ୱଜିତ ଜେନା, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ ଛତ୍ରିଆ, ସିଡିପିଓ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଶିକ୍ଷା ବିଭାଗ, ଜିପିଓ ସେନାପତି ମଙ୍ଗରାଜ,ରାମଚନ୍ଦ୍ରପୁର ଆରଆଇ ରାଜେଶ କର୍ମୀ, ଗ୍ରାମ୍ୟ କୃଷି କର୍ମୀ ମୁନେଶ, ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ପଧାନ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଉକ୍ତ ପଞ୍ଚାୟତର ଦେଷଣ୍ଡ ସମେତ ଗମ୍ଭାରୀମାଲ, ଭାଲୁକୁନ୍ଦ, ବରଘାଟି ଆଦି ଗାଁର ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ । ଏହି ଶିବିରରେ ଅଧିକାଂଶ ବ୍ୟକ୍ତି ଆବାସ ଘର ଓ ରାଶନ କାର୍ଡ ପାଇଁ ଅଭିଯୋଗ କରିଥିଲେ। ଆବାସ ଘର ପାଇଁ ସରକାରଙ୍କ ନୂତନ ଗାଇଡଲାଇନ ଆସିଲା ପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ସୂଚନା ଦେଇଥିଲେ ।

# କଲେଜରେ ଚାରାରୋପଣ କାର୍ଯ୍ୟକ୍ରମ


ବୃକ୍ଷରୋପଣ ଅବସରରେ ଅତିଥି ଓ ଅନ୍ୟମାନେ ।

ମୁରିବାହାଲ,୨୭।୮ (ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଓ ପୋଷ୍ୟ ଗ୍ରାମ ଘୁଷୁରାମୁଣ୍ଡାଠାରେ ମଙ୍ଗଳବାର ଦିନ ସ୍ୱତନ୍ତ୍ର ଜାତୀୟ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜନମୁକ୍ତି ଅନୁଷ୍ଠାନ ସମ୍ପାଦକ ଭୋଜରାମ ସାହୁ, ରାଜୀବ କୁମାର ମହାନ୍ତି, ମୁରିବାହାଲ ବ୍ଲକ ଯାଦବ ସମାଜ ସଭାପତି ଗଙ୍ଗାଧର ହେର୍ଣ୍ଣା, ଓଡ଼ିଆ ଅଧ୍ୟାପକ ଦିଲିପ କୁମାର ପ୍ରଶାୟତ, ଛନ୍ଦାଚରଣ ଖୁଣ୍ଟିଆ ଯୋଗଦେଇ ମା' ନାମରେ ଗଛଟିଏ ଲଗାଇବା ପାଇଁ କହିଥିଲେ । ଏହି ଅବସରରେ କଲେଜ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ଥିଲେ। ଶେଷରେ ଜନମୁକ୍ତି ଅନୁଷ୍ଠାନର ଲଳିତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର

ଲାଠୋର,୨୭।୮ (ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ଶ୍ରୀ ଦୁର୍ଗେଶ୍ୱରୀ ହାଇସ୍କୁଲ ଖେଳପଡିଆଠାରେ ମଙ୍ଗଳବାର ଦିନ ବ୍ଲକସ୍ତରୀୟ ଫୁଟବଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ରଜତ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଶ୍ରୀଦୁର୍ଗେଶରୀ ହାଇସ୍କୁଲର ପ୍ରଧାନଶିକ୍ଷକ ସମିତ ଭୋଇ ମୁଖ୍ୟଅତିଥି, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସଦାନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖପ୍ରାଖୋଲ ବ୍ଲକର ଲାଠୋର, ମହରାପଦର, ଲୁହାସିଙ୍ଗା, ତେଲେନପାଲି, ଧଣ୍ଡାମୁଣ୍ଡା ହାଇସ୍କୁଲ ଓ ଖପ୍ରାଖୋଲ ଉଚ୍ଚ ମାଧ୍ୟମିକ ସ୍କୁଲର ମୋଟ ୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ବାଳକ ଓ ବାଳିକା ଦୁଇଟି ଦଳରେ ୧୫ ଜଣ ଲେଖାଏ ଖେଳାଳି ରହିଥିଲେ। ସେମାନଙ୍କୁ ଦିନିକିଆ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ବୁଧବାର ଦିନ ସେମାନେ ଜିଲାସ୍ତରୀୟ ଫୁଟବଲ ଖେଳରେ ସାମିଲ ହେବେ ବୋଲି ସଂଯୋଜକ ସୂଚନା ଦେଇଛନ୍ତି। ଏହି ଅବସରରେ ଖେଳ ଶିକ୍ଷକ ଦୋଳଗୋବିନ୍ଦ ମୁଣ୍ଡା, ପ୍ରଦୀପ କୁମାର ଦାଶ, କୃଷ୍ଣଚନ୍ଦ୍ର ଭୁଏ, ପ୍ରଦିପ ସାହୁ, କ୍ଷୀରସିନ୍ଧୁ ପ୍ରଧାନ, ପୁନମଚନ୍ଦ୍ର ମାଝି, ରୋଜି ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ।


ଜିଲାସ୍ତରକୁ ଉନ୍ନୀତ ହୋଇଥିବା ଖେଳାଳି।

# ଗୋଳାବାରୁଦ କାରଖାନା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବାଘ

ସଇଁତଲା,୨୭।୮ (ରାଖାଲ ପ୍ରସାଦ ଶତପଥୀ)



କାରଖାନା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ।

**ରାତିରେ ବିଦ୍ୟାଳୟ ଛୁଟି ପାଇଁ ମେସେଜ୍ ଗଲା, ସକାଳୁ ଖୋଲିଲା**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍ ଅନ୍ତର୍ଗତ ବଡ଼ମାଳଠାରେ ଥିବା ଗୋଳାବାରୁଦ କାରଖାନା କେନ୍ଦ୍ରୀୟ ବିଦ୍ୟାଳୟ-୧ ପରିସରରେ ସୋମବାର ରାତିରେ ଏକ କଲରାପତରିଆ ବାଘ ଦେଖିବାକୁ ମିଳିବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ଏପରିକି ବାଘ ଆସିବା ଖବର ପାଇ କେନ୍ଦ୍ରୀୟ ବିଦ୍ୟାଳୟକୁ ପ୍ରିନ୍ସିପାଲ ଛୁଟି ଘୋଷଣା କରିଦେଇଥିଲେ। ତେବେ ବାଘ ନ ଥିବା ଜଣାପଡ଼ିବା ପରେ ଛୁଟି ବାତିଲ କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ, ସୋମବାର ରାତିରେ ଏକ କଲରାପତରିଆ ବାଘ କାରଖାନାର ଜନବସତି ଅଞ୍ଚଳକୁ ଚାଲିଆସିଥିବା ଲୋକେ ଦେଖିବାକୁ ପାଇଥିଲେ। ବାଘଟି କେନ୍ଦ୍ରୀୟ ବିଦ୍ୟାଳୟ ପରିସର ଭିତରକୁ ପ୍ରବେଶ କରିଥିବା ବିଦ୍ୟାଳୟର କର୍ମଚାରୀ ଏବଂ କାରଖାନା ଇଷ୍ଟେଟ ଅଞ୍ଚଳରେ ବସବାସ କରୁଥିବା ଲୋକେ ଦେଖିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ବିଦ୍ୟାଳୟ ପ୍ରିନ୍ସିପାଲ ସୋମବାର ରାତି ସାଢେ ୧୦ଟାରେ ମଙ୍ଗଳବାର ବିଦ୍ୟାଳୟ ବନ୍ଦ ରହିବ ବୋଲି ଅଭିଭାବକମାନଙ୍କୁ ଫୋନ୍ ଯୋଗେ ମେସେଜ୍ କରିଥିଲେ । ତେବେ ରାତିରେ କାରଖାନାସ୍ଥିତ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିଦ୍ୟାଳୟ ପରିସରରେ ପହଞ୍ଚି ଖୋଜାଖୋଜି କରି ବାଘ ନ ଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଖବର ପାଇବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାଳୟ ଖୋଲା ରହିବ ଓ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିବା ପାଇଁ ପୁନର୍ବାର ମେସେଜ୍ କରିଥିଲେ। କାରଖାନାର ଜଣେ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଏହା ଜଣାପଡ଼ିଛି। ଫଳରେ ମଙ୍ଗଳବାର ବିଦ୍ୟାଳୟ ଖୋଲା ରହିଥିଲା ଏବଂ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ବାଘ ବୁଲୁଥିବା ଖବର ପ୍ରଚାରହେବା ପରେ ଟିଟିଲାଗଡ଼ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଳୟ ପରିସରରେ କ୍ୟାମେରା ଲଗାଇ ବାଘର ଗତିବିଧିକୁ ଟ୍ରାକ୍ କରୁଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଗୋଳାବାରୁଦ କାରଖାନା ନିକଟରେ ଜଙ୍ଗଲ ରହିଛି ।

## ସଂକ୍ଷେପରେ

### ବାରଝୁଲାରେ ଝାଡ଼ାବାନ୍ତି, ୮ ଆକ୍ରାନ୍ତ

ଅମରପାଲି,୨୭।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ବାରଝୁଲା ଗ୍ରାମରେ ଝାଡାବାନ୍ତିରେ ୮ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସୂଚନାଥାଉକି କିଛିଦିନ ପୂର୍ବରୁ ପୁରୁଷୋତ୍ତମପାଲି ଓ ବଡବର୍ଡାକଟା ଗ୍ରାମରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆକ୍ରାନ୍ତ ହୋଇଥିଲେ।

### ବିଦ୍ୟୁତ୍ ତାରରେ ଲାଗି ଜଣେ ମୃତ

ଅମରପାଲି,୨୭।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗୌଡ଼ଗାଡ ଗ୍ରାମରେ ବିଦ୍ୟୁତ୍ ତାରରେ ଲାଗି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୌଡ଼ଗାଡ ଗ୍ରାମର ଶ୍ରୀବନ୍ତ ପଧାନ(୫୮)। ମଙ୍ଗଳବାର ସନ୍ଧ୍ୟାରେ ଘର ପଛପଟକୁ ବିଦ୍ୟୁତ୍‌ବିଚ୍ଛିନ୍ନ ହୋଇଯାଇଥିବାରୁ ଶ୍ରୀବନ୍ତ ସଂଯୋଗ କରୁଥିଲେ। ହଠାତ ବିଦ୍ୟୁତ୍ ଆସି ଯିବାରୁ ସେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯିବାରୁ ବ୍ୟବଚ୍ଛେଦ ହୋଇ ପାରିନାହିଁ। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

### ପୋଲିସ ପକ୍ଷରୁ ଚଢ଼ାଉ: ୫୦ ଲିଟର ମହୁଲ ପୋଚ ନଷ୍ଟ କରାଗଲା

ବାଉଁଶୁଣୀ,୨୭।୮(ଦେବାଶିଷ ନେପାକ)

ମଙ୍ଗଳବାର ବାଉଁଶୁଣୀ ପୋଲିସ ପକ୍ଷରୁ ଜଡାପାଲ ଗ୍ରାମ ରାବଣାଗୁଡା ଜଙ୍ଗଲରେ ଚଢାଉ କରାଯାଇ ୫୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି। ଏହାସହ ୮ ଲିଟର ରନ୍ଧା ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ ହୋଇଛି। ବେଆଇନ ମଦ ରନ୍ଧା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଆଇଆଇସି ଅଞ୍ଜଳୀ ବିଶ୍ୱାଳ ସୂଚନା ଦେଇଛନ୍ତି।

### ୬୯ ଅଭିଯୋଗର ଶୁଣାଣିକଲେ ଜିଲାପାଳ, ଏସ୍‌ପି

ସୁବର୍ଣ୍ଣପୁର,୨୭।୮(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମଙ୍ଗଳବାର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ଯଶ୍ ପ୍ରତାପ ଶ୍ରୀମଲ ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ଜଡ଼ିତ ୬୯ ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ୬୦ ଓ ୯ଟି ସାମୂହିକ ଅଭିଯୋଗ ଥିଲା। ଗୋଟିଏ ଦରଖାସ୍ତର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ କୁହାଯାଇଥିଲା। ବିଡିଓ ପ୍ରମୋଦ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ, ଉପାଧ୍ୟକ୍ଷ ନିର୍ମଳ ସାଣ୍ଡ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ମେହେର, ଉପ ଜିଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲ୍ୟୁଡି ଇଂ. ଦାମୋଦର କୈବର୍ତ୍ତ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଉପନିର୍ଦ୍ଦେଶକ ଶ୍ରମ ବିଭାଗ ଡିଲେଶ୍ୱର ଖାକା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ଲକ୍ଷ୍ୟ ହାସଲ ପାଇଁ ପରିଶ୍ରମ କର

ଅମରପାଲି,୨୭।୮(ପୀତାମ୍ବର ସାହୁ)


ଅତିଥିଙ୍କ ସହ ସମ୍ବର୍ଦ୍ଧିତ କୃତୀ ଖେଳାଳିମାନେ।

**ଆନ୍ତର୍ଜାତିକ ମୁଷ୍ଟିଯୋଦ୍ଧା ଦିବସ ପାଳିତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରସ୍ଥ ଆମେଚର ମୁଷ୍ଟିଯୋଦ୍ଧା ସଂଘ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ମୁଷ୍ଟିଯୋଦ୍ଧା(ବକ୍ସିଂ)ଦିବସ ପାଳିତ ହୋଇଯାଇଛି। ଜିଲା ଆମେଚର ମୁଷ୍ଟିଯୋଦ୍ଧା ସଂଘ ସଭାପତି ରାମକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ସିଂ ଖେଳକୁ ସୁବର୍ଣ୍ଣପୁରରେ ପରିଚିତ କରିଥିବା ଖେଳାଳି, କୋଚ ଏବଂ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ବକ୍ସିଂ ଖେଳାଳିମାନଙ୍କ ସମସ୍ୟାକୁ ଦେଖି ବ୍ଲକ୍ ଏବଂ ଜିଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଖେଳାଳି ତଥା ଚାଷୀ ନେତା ବିବସ୍ୱତି ପଣ୍ଡା, ସଂଘ ଉପଦେଷ୍ଟା ଗିରିଜା ଶଙ୍କର ପଣ୍ଡା, ନୀଳକମଳ ମିଶ୍ର, ସ୍ୱେଚ୍ଛାସେବୀ ଦୀପକ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଆମେଚର ମୁଷ୍ଟିଯୋଦ୍ଧା ସଂଘ କର୍ମକର୍ତ୍ତାଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହା ସହ ସମସ୍ତ ଖେଳାଳିଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ବକ୍ସିଂ ସଂଘର ଅନ୍ୟତମ ଉପଦେଷ୍ଟା ରାଜେଶ ମେଣ୍ଡିଲି ଉପସ୍ଥିତ ରହି ବିଭିନ୍ନ ମହଲରେ ଅଞ୍ଚଳର ଖେଳାଳିମାନଙ୍କୁ ଅଣଦେଖା କରାଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ ରାଜ୍ୟ, ଆନ୍ତର୍ଜାତିକ ବକ୍ସିଂ ପ୍ରତିଯୋଗିତାରେ ଏହି ଅଞ୍ଚଳର ଖେଳାଳି ଭାଗ ନେଇ ପାରିବେ ବୋଲି କହିଥିଲେ। ଏହି ଅବସରରେ ଆମେଚର ମୁଷ୍ଟିଯୋଦ୍ଧା ସଂଘ ସମ୍ପାଦକ ବ୍ରଜଗୋପାଳ ପଣ୍ଡା ବକ୍ସିଂ ଖେଳର ବିଭିନ୍ନ କ୍ଷେତ୍ରରେ ହେଉଥିବା ସୁବିଧା ଅସୁବିଧା ନେଇ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ହୋଇଥିବା ବକ୍ସିଂରେ ବିଜେତା ଓ ଅଂଶ ଗ୍ରହଣ କରିଥିବା ଖେଳାଳି ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କୃତ୍ତିବାସ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପାତାଳୀ ଶ୍ରୀକ୍ଷେତ୍ରରୁ ବାହାରିଲା ନୂଆଁଖାଇ ଲଗ୍ନ

ଅମରପାଲି,୨୭।୮(ପୀତାମ୍ବର ସାହୁ)

ପବିତ୍ର ନନ୍ଦ ଉତ୍ସବ ଅବସରରେ ସୁବର୍ଣ୍ଣପୁର ଜିଲା ପାତାଳୀ ଶ୍ରୀକ୍ଷେତ୍ରରୁ ପାତାଳୀ ଟ୍ରଷ୍ଟ ଓ ଜିଲାର ବରିଷ୍ଠ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ପାତାଳୀ ମଣ୍ଡପଠାରେ ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନ ନିରୂପିତ ହୋଇଛି। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ(ଋଷି ପଞ୍ଚମୀ) ରବିବାର ତା ୮।୯।୨୦୨୪ରିଖ ପ୍ରଶସ୍ତ ତୁଳା ଲଗ୍ନେ ମୀନ ନବଂଶେ ଦିବା ଘ.୯: ୪୨ମି ଗତେ ୯ଘଣ୍ଟା ୫୬ ମିନିଟ୍ ମଧ୍ୟେ ପଶ୍ଚିମ ଓଡ଼ିଶାର ସମସ୍ତ ମନ୍ଦିର ଓ ଗୃହ ଦେବଦେବୀଙ୍କଠାରେ ନବାନ୍ନ ଭୋଗ ଅର୍ପଣ ଓ ନବାନ୍ନ ଭକ୍ଷଣ କରାଯିବ। ଏହି ଲଗ୍ନକୁ ସର୍ବସମ୍ମୁଖରେ ପ୍ରଭୁଙ୍କ ପାଦତଳେ ଅର୍ପଣ କରାଯାଇଛି। ଏହି ଅବସରରେ ଜ୍ୟୋତିର୍ବିଦ ପଣ୍ଡିତ ସ୍ୱର୍ଗତ ଗୁଣ ସାଗର ପଣ୍ଡାଙ୍କ ସ୍ମୃତି ଚାରଣ ସହ ଶୋକସଭା ଅନୁଷ୍ଠିତ କରାଯାଇଥିଲା। ଜ୍ୟୋତିର୍ବିଦ୍ୟା ବାଚସ୍ପତି ମେଡେନ କୁମାର ବିଶି, ପଣ୍ଡିତ ମନୋରଞ୍ଜନ ପାଢ଼ୀ, ଜ୍ୟୋତିର୍ବିଦ ଯୋଗେନ୍ଦ୍ର ହୋତା, ପଣ୍ଡିତ ଗୌର ଚରଣ ନନ୍ଦ, ଜ୍ୟୋତିର୍ବିଦ ସନ୍ତୋଷ କୁମାର ପୂଜାହାରୀ, ରାମ କୃଷ୍ଣ ପଣ୍ଡା, ପଣ୍ଡିତ ଉପେନ୍ଦ୍ର ଚାନ୍ଦ, ଦେବାର୍ଚ୍ଚନ ଦାଶ, ଚିତ୍ତରଞ୍ଜନ ପାଢ଼ୀ, ପଣ୍ଡିତ ବଳରାମ ପୁରୋହିତ, ବଟକୃଷ୍ଣ ଯୋଶୀ, ପୂଜକ ଗୁଣାକାର ପଣ୍ଡା, ଗଡତିଆ ଚମରା ଅମାତ, ପାତାଳୀ ଟ୍ରଷ୍ଟ ସମ୍ପାଦକ ଉତ୍ତର କୁମାର ପାତ୍ର, ଜାନକୀରାମ ଦେହୁରୀ, ଜଗଦୀଶ କର୍ଣ୍ଣ, ବୀରମିତ୍ର ପଧାନ, ନଳିନୀକାନ୍ତ ବାଘ, ମିତ୍ରଭାନୁ ମହାକୁର, ଅଭିଷେକ ଦେହୁରୀ, ଟିକୁନ କୁମାର ଦାଶ ଉପସ୍ଥିତ ଥିଲେ। ପାତାଳୀ ଶ୍ରୀକ୍ଷେତ୍ରର ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ପାତାଳୀ ଶ୍ରୀକ୍ଷେତ୍ରରୁ ନୂଆଁଖାଇ ଲଗ୍ନ ନିରୂପଣ କରାଯାଉଛି।

# ସୋନପୁର ଗଡ଼ଜାତ ପାଇଁ ଧାର୍ଯ୍ୟ ହେଲା ନୂଆଁଖାଇ ଲଗ୍ନ


ସୋନପୁର ଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପରେ ଉପସ୍ଥିତ ଜ୍ୟୋତିର୍ବିଦ୍, ପଣ୍ଡିତ ଓ ସାମାଜିକକର୍ମୀ।

ସୋନପୁର,୨୭।୮(ମୃତ୍ୟୁଞ୍ଜୟ ଶତପଥୀ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ପାଇଁ ମଙ୍ଗଳବାର ସୋନପୁର ବଡ ଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପରେ ପଣ୍ଡିତ ମହାସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ଆହୂତ ଏହି ବୈଠକରେ ଜ୍ୟୋତିର୍ବିଦ୍ ଓ ପଣ୍ଡିତମାନେ ଉପସ୍ଥିତ ରହି ସୋନପୁର ଗଡଜାତ ଅଞ୍ଚଳବାସୀଙ୍କ ନବାନ୍ନ ସକାଶେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଗଣନା କରି ଲଗ୍ନ ସ୍ଥିର କରିଥିଲେ। ଆସନ୍ତା ସେପ୍ଟେମ୍ବର ୮ ତାରିଖ ରବିବାର ଭାଦ୍ରବ ଶୁକ୍ଳ ଋଷି ପଞ୍ଚମୀ ତିଥି ପୂର୍ବାହ୍ନ ୯ଟା ୨୩ମିନିଟ୍‌ରୁ ୯ଟା ୩୭ମିନିଟ୍ ମଧ୍ୟେ ଅମୃତ ବେଳାରେ ନବାନ୍ନ ଲଗ୍ନ ଧାର୍ଯ୍ୟ ହୋଇଛି। ପ୍ରଥମେ ଜିଲାର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହେବ। ସେହିପରି ସହର ର ଅଷ୍ଟ ବିଷ୍ଣୁ, ଅଷ୍ଟ ଶମ୍ଭୁ ଓ ଅଷ୍ଟ ଚଣ୍ଡୀଙ୍କ ନିକଟରେ ଏହି ଶୁଭ ସମୟରେ ନବାନ୍ନ ସମର୍ପଣ କରାଯିବ। ପରେ ପ୍ରାକ୍ତନ ସୋନପୁର ଗଡଜାତ ତଥା ବର୍ତ୍ତମାନର ସୁବର୍ଣ୍ଣପୁର ଜିଲା ଓ ବୌଦ୍ଧ ଜିଲା ପଞ୍ଚରା ଅଞ୍ଚଳର ଅଧିବାସୀ ନବାନ୍ନ ଭକ୍ଷଣ କରିବେ। ନୂଆଁଖାଇ ଦିନ ସକାଳ ୮ଟାରୁ ୮ଟା ୫୫ମଧ୍ୟରେ ସୋନପୁର ମା' ସମଲେଶ୍ୱରୀ ମନ୍ଦିରରୁ ଅଷ୍ଟଚଣ୍ଡୀଙ୍କ ପାଇଁ ନବାନ୍ନ ଭୋଗର ଏକ ପାହୁର ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଅଷ୍ଟଚଣ୍ଡୀ, ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁଙ୍କ ନିକଟରେ ନବାନ୍ନ ଭୋଗ ଲାଗିବା ପରେ ନିଜର ଇଷ୍ଟଦେବୀ ଓ ଜନସାଧାରଣ ନବାନ୍ନ ଭକ୍ଷଣ କରିବେ। ରାଜାରାଜୁଡା ଅମଳରୁ ସୋନପୁର ଗଡଜାତ ଅଞ୍ଚଳରେ ଏହି ପରମ୍ପରା ରହି ଆସିଛି। ଜ୍ୟୋତିର୍ବିଦ୍ ପଣ୍ଡିତ ରାଜେନ୍ଦ୍ର କୁମାର ମହାପାତ୍ର, ରାମଗୋପାଳ ପୂଜାହାରୀ, ବୈକୁଣ୍ଠନାଥ ଶତପଥୀ, ଗୌରିଶଙ୍କର ରଥ, ସୁବାସ ନେଗୀ, ଷଷ୍ଠୀ କୁମାର ବଡମାଳୀ, ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ପ୍ରାକ୍ତନ ପୌରାଧ୍ୟକ୍ଷ ପ୍ରକାଶ କୁମାର ସାହୁ, ରାଜକିଶୋର ରାଓ, ଶିବରାମ ସାହୁ, ଲବ ମଲ୍ଲିକ, ଅଚ୍ୟୁତ ପୂଜାହାରୀ, ତ୍ରିଲୋଚନ ତରିଆ ଓ ସୁରୁ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଅଙ୍ଗନଦୀ ପୋଲ ଉପରେ ବାଲିଗଦା, ଯାତାୟାତରେ ସମସ୍ୟା

ଡୁଙ୍ଗୁରିପାଲି, ୨୭।୮(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ ନମ୍ବର ଜାତୀୟ ରାଜପଥ ବରଗଡ଼-ବୋଗୁମା ରାସ୍ତାର ଚେରୁପାଲି ନିକଟ ଅଙ୍ଗନଦୀ ପୋଲ ରାସ୍ତାରେ ବାଲି ଗଦାହୋଇଛି। ଏଥିଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। କିଛିଦିନ ତଳେ ଜଣେ ବାଇକ୍ ଆରୋହୀ ପୋଲ ବାଡ଼ରେ ପିଟି ହୋଇ ପୋଲ ତଳକୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଅଗଷ୍ଟ ୩ ତାରିଖରେ ଅଙ୍ଗନଦୀ ପୋଲ ତଳକୁ ଭାରସାମ୍ୟ ହରାଇ ଏକ କୋଇଲା ବୋଝେଇ ୧୬ ଚକିଆ ଟ୍ରକ୍ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବଲାଙ୍ଗୀର ଏନ୍‌ଏଚ୍ ଡିଭିଜନ ଉକ୍ତ ପୋଲକୁ କିଛି ଦିନ ଦେବ ମରାମତି କଲାପରେ ରାସ୍ତା ମଝିରେ ବାଲି ଗଦାଇ ଛାଡ଼ି ଯାଇଛନ୍ତି। ଫଳରେ ସେହି ବାଟ ଦେଇ ଗଲାବେଳେ ବାଲିରେ ଖସି ଯାନବାହନ ଦୁର୍ଘଟଣାଗ୍ରସ୍ତ ହେଉଛି। ବଲାଙ୍ଗୀର ଏନ୍‌ଏଚ୍ ଏସ୍‌ଡିଓ ବୀରେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଉକ୍ତ ବାଲି ସବୁ କାଢ଼ି ସଫା କରାଯିବ ବୋଲି କହିଛନ୍ତି।



# ଦୁର୍ଗାପୂଜା ପାଇଁ ମୃତ୍ତିକା ସଂଗ୍ରହ


କୋଟସମଲାଇ ଦୁର୍ଗାପୂଜା ମୂର୍ତ୍ତି ନିର୍ମାଣ ପାଇଁ ମୃତ୍ତିକା ଅଣାଯାଉଛି।

ଅମରପାଲି/ଉଲୁଣ୍ଡା,୨୭।୮ (ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇଠାରେ ରଘୁନାଥ ଯୁବକ ସଂଘ ଆନୁକୂଲ୍ୟରେ ହେବାକୁ ଥିବା ଚଳିତବର୍ଷ ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତି ପାଳନ କରିବ। ଏଥିପାଇଁ ପବିତ୍ର ନନ୍ଦୋତ୍ସବ ତିଥିରେ ମଙ୍ଗଳବାର ପୂଜନ ସହ ମୃତ୍ତିକା ସଂଗ୍ରହ କରାଯାଇଛି। ପାତାଳୀ ଶ୍ରୀକ୍ଷେତ୍ର ନିକଟରେ ମୂର୍ତ୍ତି ନିର୍ମାଣ ପାଇଁ ମୃତ୍ତିକା ପୂଜନ ସହ ମୂର୍ତ୍ତି ତିଆରି ପାଇଁ ମୃତ୍ତିକା ସଂଗ୍ରହ କରାଯାଇଛି। କଳସରେ ମାଟି ଆଣି ଯୁବକ ସଂଘ ପୂଜା ମଣ୍ଡପରେ ସ୍ଥାପନ କରାଯାଇଛି। ଏଥିରେ ଯଜ୍ଞାଚାର୍ଯ୍ୟ ପଣ୍ଡିତ ଦେବାର୍ଚ୍ଚନ ଦାଶ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ବୀରମିତ୍ର ପଧାନ ଓ ହର ପ୍ରସାଦ କର୍ମୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ମାଣ କମିଟି ମୁଖ୍ୟ ଜଗଦିଶ ବସ୍ତିଆ, ପ୍ରସାଦ କମିଟି ମୁଖ୍ୟ ସୁବାଷ ବନଛୋର, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ସଦସ୍ୟ ରବିନାରାୟଣ ସାହୁ, କମଳାକାନ୍ତ ବାଘ, ୱାର୍ଡ ସଭ୍ୟ ଅନିରୁଦ୍ଧ ଗଡ୍ତିଆ,ନାଟ୍ୟ ନିର୍ଦ୍ଦେଶକ ତଥା ଉପଦେଷ୍ଟା ମନୋରଞ୍ଜନ ପାଢୀ, ସୁବର୍ଣ୍ଣ ଜୟନ୍ତି ସମାରୋହ କାର୍ଯ୍ୟକ୍ରମ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢୀ ସମେତ ପୂଜା ଓ ନିର୍ମାଣ କମିଟିର ବହୁ ସଦସ୍ୟ, ରଘୁନାଥ ଯୁବକ ସଂଘ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ପରିବେଶ ଶିକ୍ଷା ପ୍ରଦର୍ଶନୀରେ ୫୬ ପ୍ରକଳ୍ପ

ସୋନପୁର,୨୭।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାସ୍ତରୀୟ ପରିବେଶ ଶିକ୍ଷା ପ୍ରଦର୍ଶନୀ ସାହାରା ଟ୍ରଷ୍ଟ ହାଇସ୍କୁଲ ପରିସରରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷାକେନ୍ଦ୍ର ଅନୁଦାନରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଏହି ଶିକ୍ଷା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ବ୍ଲକସ୍ତରରେ ମନୋନୀତ ହୋଇ ଆସିଥିବା ୫୬ଟି ପରିବେଶ ଧର୍ମୀ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଜିଲା ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେର ଓ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସୋନପୁର କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଡ. କମଲ ହରିପାଲ ଓ ସୋନପୁର ବିଜୁ ପଟ୍ଟନାୟକ ମହିଳା କଲେଜର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ସ୍ନିଗ୍ଧା ଦାଶ ବାଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟାନ କରିଥିଲେ। ବିନିକା ବ୍ଲକ ଅରିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖୁସି ପୁଟେଲ ପ୍ରଥମ, ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୋନାଲି ବୁଡେକ ଦ୍ୱିତୀୟ ଓ ଦଧିବାବନ ଉଚ୍ଚ ବିଦ୍ୟାଳୟର ପ୍ରିୟାଂଶୁ ହୋତା ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଲବ କୁମାର ଚାନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।


ଜିଲାସ୍ତରୀୟ ପ୍ରଦର୍ଶନୀରେ ଅତିଥିମାନେ ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରୁଛନ୍ତି।

# ସପ୍ତାହ ମଧ୍ୟରେ ସ୍କୁଲ ସେଫ୍ଟି କମିଟି ଗଠନ ନିର୍ଦ୍ଦେଶ

ସୋନପୁର,୨୭।୮(ମୃତ୍ୟୁଞ୍ଜୟ ଶତପଥୀ)


ବୈଠକରେ ଉପସ୍ଥିତ ଜିଲାପାଳ ଓ ସଡକ ସୁରକ୍ଷା କମିଟିର ସଦସ୍ୟମାନେ।

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

- ଅଟୋରେ ଛାତ୍ରୀଛାତ୍ରଙ୍କୁ ଅସୁରକ୍ଷିତ ଭାବେ ସ୍କୁଲ୍ ନପଠାଇବା ପାଇଁ ପରାମର୍ଶ
- ବେଆଇନ ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର ଜିଲା ସଡକ ସୁରକ୍ଷା କମିଟିର ବୈଠକ ଜିଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକ ସମ୍ପର୍କରେ ସୂଚନା ଦେବା ସହ ଗତ ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ଜିଲାରେ ୩୧ଟି ଦୁର୍ଘଟଣା ଘଟିଥିବା ବେଳେ ୩୨ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ଜିଲାରେ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ସମ୍ପର୍କରେ ଜେନା ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଜିଲାପାଳ କହିଥିଲେ ମଣିଷ ଜୀବନ ବହୁ ମୂଲ୍ୟବାନ। କିନ୍ତୁ ସାମାନ୍ୟ ଅସାବଧାନତା କାରଣରୁ ଦୁର୍ଘଟଣା ଘଟୁଛି। ଅସମୟରେ ଅନେକ ଲୋକଙ୍କ ଜୀବନ ଯାଉଛି। ତେଣୁ ବେଆଇନ ଗାଡିଚାଳକ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ କହିଥିଲେ। ସଡକ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଉଚିତ। ଏଥିପାଇଁ ଆସନ୍ତା ୧ ସପ୍ତାହ ମଧ୍ୟରେ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ସ୍କୁଲ ସେଫ୍ଟି କମିଟି ଗଠନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଅକ୍ଟୋବର ମାସରେ ରକ୍ଷକ ଟିମ୍ ଜିଲାର ୧୦ଟି ବ୍ଲାକ ସ୍ପଟ୍ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜାତୀୟ ରାଜପଥ ପ୍ରାଧିକରଣର ଏକ ଟିମ୍ ୫୭ ନମ୍ବର ଜାତୀୟ ରାଜପଥର ବ୍ଲାକ ସ୍ପଟ୍ ହରଡଖୋଲ, ଝିଙ୍କି ଓ ଅର୍ଜୁନପୁର ଛକ ଅନୁଧ୍ୟାନ କରିଛନ୍ତି। ଦୁର୍ଘଟଣା ହ୍ରାସ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସେହିପରି ଯାତ୍ରୀବାହୀ ବସ ଗୁଡିକରେ ଆବଶ୍ୟକ ପ୍ରାଥମିକ ଚିକିତ୍ସା ସାମଗ୍ରୀ ରଖିବା ଓ ଜିଲାରେ ଲୋକମାନଙ୍କୁ ଆଇଏସଆଇ ମାର୍କା ହେଲମେଟ୍ ବିକ୍ରି ସୁନିଶ୍ଚିତ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବାହାର ନ କରିବା, ବାଇକ ଆରୋହୀ ହେଲମେଟ୍ ପରିଧାନ କରିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, କାର ଡ୍ରାଇଭିଂ ଓ ବସିବା ସମୟରେ ସିଟ୍ ବେଲ୍ଟ ପରିଧାନ କରିବା ପାଇଁ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କୁ ସଚେତନ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଏପରିକି ଛାତ୍ରୀଛାତ୍ରଙ୍କୁ ଅସୁରକ୍ଷିତ ଭାବେ ଅଟୋରେ ସ୍କୁଲ ନ ପଠାଇବା ପାଇଁ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଛି। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ହମ୍ପସ ନିର୍ମାଣ ସହ ସୂଚନା ଫଳକ ଲଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା। ଏମଭିଆଇ ବିଶ୍ୱ ରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଭାଗୀୟ ଅଧିକାରୀ, ସଡକ ସୁରକ୍ଷା କମିଟି ସଭ୍ୟା ସଭ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା, ବସ୍ ଓ ଟ୍ରକ୍ ମାଲିକ ସଂଘର ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

## ଟ୍ରେଲର ଧକ୍କାରେ ଯୁବକ ମୃତ

ରାଉରକେଲା,୨୭।୮(ଦିନେଶ ମିଶ୍ର): ଏନ୍‌ଏଚ୍‌-୧୪୩ ଉପରେ ଏକ ଟ୍ରଲର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଝାରୁଆ ଓରାମ(୪୩)। ସୂଚନାଯୋଗ୍ୟ, ଲାଠିକଟା ଅଞ୍ଚଳର ଝାରୁଆ କୁଲୁଙ୍ଗାରେ ଥିବା ଏକ ସ୍ପଞ୍ଜ କାରଖାନାରୁ ସୋମବାର ନାଇଟ୍ ସିଫ୍ଟ ସାରି ଘରକୁ ଫେରୁଥିବା ସମୟରେ ବାଲୁଘାଟ ନିକଟ ଏନ୍‌ଏଚ୍‌-୧୪୩ରେ ଏକ ଟ୍ରଲର ତାଙ୍କୁ ପଛରୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ଆହତ ଛାତ୍ରଙ୍କ ମୃତ୍ୟୁ

ବଡ଼ଗାଁ, ୨୭।୮(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଡୁଡାଲଗା ଗ୍ରାମର ଜଣେ ନାବାଳକ ଛାତ୍ରଙ୍କ ସହିତ ଜଣେ ଯୁବକ ବାଇକରେ ଯାଉଥିଲାବେଳେ ପଛପଟୁ ପିକଅପ ଧକ୍କା ଦେବାରୁ ଉଭୟେ ଆହତ ହୋଇଥିଲେ। ଆହତ ନାବାଳକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣା ଅନୁଯାୟୀ, ସୋମବାର ଅପରାହ୍ନରେ ଡୁଡାଲଗା ଗ୍ରାମର ଆଶିଷ ଜଗତ(୨୩) ଓ ନବମ ଶ୍ରେଣୀ ଛାତ୍ର ରାହୁଲ କାଲୋ (୧୫) ବାଇକରେ ଛାମୁଣ୍ଡା ଗ୍ରାମକୁ କୌଣସି କାମରେ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ବଡ଼ଗାଁ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ ରାଜ୍ୟ ରାଜପଥରେ ଏକ ପିକଅପ ଏପି ୩୯ ୟୁଏସ ୪୪୭୩ ପଛପଟୁ ଧକ୍କା ଦେଇଥିଲା।

# ବାସଗୃହରେ ବ୍ୟବସାୟ, ବିଭାଗ ନିରୁପାୟ

ରାଉରକେଲା,୨୭।୮(ବିପ୍ଳବ ରଞ୍ଜନ ଦାଶ)



ଆର୍‌ଡିଏ ମାର୍କେଟ ରାସ୍ତାରେ ଆବଣ୍ଟିତ ବାସଗୃହରେ ଦୋକାନ ଖୋଲା ହୋଇଛି।

ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ଅଧୀନ ଛେଣ୍ଡ ଅଞ୍ଚଳରେ ରହିଛି ଆରଡିଏ କଲୋନୀ। ଏହି କଲୋନୀରେ ଆରଡିଏ ତରଫରୁ ୫ହଜାରରୁ ଉର୍ଦ୍ଧ୍ୱ ଗୃହ ଆବଣ୍ଟିତ ହୋଇଛି। ଏଥିସହ ବ୍ୟବସାୟ ଲାଗି ଅନେକ ଦୋକାନ ଗୃହ ମଧ୍ୟ ଆବଣ୍ଟନ କରାଯାଇଛି। ଆବଣ୍ଟିତ ଗୃହ ଓ ଦୋକାନ ପରିଚାଳନା ଲାଗି ସ୍ୱତନ୍ତ୍ର ନିୟମ ମଧ୍ୟ ବିଭାଗ ପକ୍ଷରୁ ପ୍ରଣୟନ ହେଉଛି। ନିୟମ ଅନୁସାରେ ଯେଉଁମାନେ ଗୃହ ପାଇଛନ୍ତି ସେମାନେ ଉକ୍ତ ଗୃହକୁ କେବଳ ବସବାସ ପାଇଁ ବ୍ୟବହାର କରିପାରିବେ। କିନ୍ତୁ କୌଣସି ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିପାରିବେ ନାହିଁ। ସେହିପରି ଯେଉଁମାନେ ଦୋକାନ ଗୃହ ପାଇଛନ୍ତି ସେମାନେ କେବଳ ଦୋକାନ ଖୋଲିବେ। ଦୋକାନ ଗୃହକୁ ଅନ୍ୟ କୌଣସି କାମରେ ଉପଯୋଗ କରିପାରିବେନାହିଁ। ମାତ୍ର ସହରରେ ଆରଡିଏ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରାଯାଉଛି। ଅନ୍ୟପଟେ ବିଭାଗ ନିୟମ ଉଲ୍ଲଂଘନକାରୀମାନଙ୍କ ବିରୋଧରେ ମାମଲା ଦାୟର କରୁଥିଲେ ମଧ୍ୟ ବିଭାଗକୁ କୌଣସି ସୁଫଳ ମିଳିପାରୁନି। ଏହାର ଜ୍ୱଳନ୍ତ ଉଦାହରଣ ଆରଡିଏ କଲୋନୀଠାରୁ ହନୁମାନ ମନ୍ଦିର ରାସ୍ତା ପାର୍ଶ୍ୱରେ ଆବଣ୍ଟିତ ଗୃହମାନଙ୍କରେ ଚାଲିଥିବା ବ୍ୟବସାୟିକ ପ୍ରତିଷ୍ଠାନକୁ ଦେଖିଲେ ସ୍ପଷ୍ଟ ଜଣାପଡେ।

ଛେଣ୍ଡ ଅଞ୍ଚଳରେ ଥିବା ପ୍ରାୟ ଅଧିକାଂଶ ଗୃହ ଆରଡିଏ ଦ୍ୱାରା ଆବଣ୍ଟିତ ହୋଇଛି। ମାତ୍ର ବସବାସ ଲାଗି ଦିଆଯାଇଥିବା ଏହି ଗୃହରେ ବେଧଡକ ଭାବେ ଦୋକାନ ଚାଲିଛି। ଫଳରେ ଏହି ରାସ୍ତାରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାସହ ରାସ୍ତାରେ ବିଭିନ୍ନ ସ୍କୁଲକୁ ଯାଉଥିବା ଛୋଟ ଛୋଟ ପିଲା, ମହିଳାମାନେ ବିଶେଷ ଅସୁବିଧା ଭୋଗୁଛନ୍ତି। ସେହିପରି ଅସାମାଜିକ ତତ୍ତ୍ୱମାନଙ୍କ ପ୍ରଭାବ ମଧ୍ୟ ବୃଦ୍ଧି ପାଉଛି। ଅନ୍ୟପକ୍ଷେ ଏଭଳି ବେଆଇନ କାର୍ଯ୍ୟ ଯୋଗୁ ଆରଡିଏର ରାଜସ୍ୱ ହାନି ହେଉଛି। ଅଞ୍ଚଳର ୬୦ ଫୁଟିଆ ରାସ୍ତାର ଉଭୟ ପାର୍ଶ୍ୱରେ ଆରଡିଏ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ସହିତ ବହୁ ଦୋକାନ ଓ ଅନେକ ବାସଗୃହ ରହିଛି ଯାହା ଆରଡିଏ ଦ୍ୱାରା ପରିଚାଳିତ। ମାତ୍ର ନିୟମ ଅମାନ୍ୟ କରି ଆବଣ୍ଟିତ ବାସଗୃହରେ ବେଆଇନ ବ୍ୟବସାୟିକ ପ୍ରତିଷ୍ଠାନକୁ ରୋକିବାରେ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଇତିମଧ୍ୟରେ ବିଭାଗ ପକ୍ଷରୁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ୨୫ଶହ ମାମଲା ରୁଜୁ ହୋଇଥିବା ବେଳେ ସମସ୍ତ ମାମଲା ସ୍ଥଗିତ ରହିଛି। ଏଭଳି ସମସ୍ୟା ସମାଧାନ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

**ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ**
- ନିୟମ ଉଲ୍ଲଂଘନକାରୀଙ୍କ ନାଁରେ ୨୫ଶହ ମାମଲା
- ସମସ୍ୟା ଭୋଗୁଛନ୍ତି ଆର୍‌ଡିଏ କଲୋନୀବାସୀ

ଏ ନେଇ ଆରଡିଏ କଲୋନୀବାସୀ ରାଜଲକ୍ଷ୍ମୀ ପାତ୍ର କୁହନ୍ତି, ଆରଡିଏ କଲୋନୀରେ ୫ହଜାରରୁ ଉର୍ଦ୍ଧ୍ୱ ଗୃହ ଆବଣ୍ଟିତ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର କ୍ଲଜ ମଧ୍ୟ ବିଭାଗ ଜାରି କରିଛି। ମାତ୍ର କ୍ଲଜ ପାଳନ ହେଉନାହିଁ। ବସବାସ ପାଇଁ ଆବଣ୍ଟିତ ଗୃହ ବ୍ୟବସାୟିକ କ୍ଷେତ୍ରରେ ବ୍ୟବହାର ହେଉଛି। ମୁଖ୍ୟରାସ୍ତା ପାର୍ଶ୍ୱରେ ୨/୩ଟି ଲେଖାଏଁ ଦୋକାନ ଖୋଲି ମାଲିକ ନିଜେ ଉପର ମହଲାରେ ରହୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ଆରଡିଏ ତରଫରୁ ଆବଣ୍ଟିତ ବାସଗୃହ ଓ ଦୋକାନ ଲାଗି ସ୍ୱତନ୍ତ୍ର ନିୟମ କ୍ଲଜ୍ ରହିଛି। ଆବଣ୍ଟିତ ବାସଗୃହରେ କୌଣସି ଦୋକାନ ଖୋଲାଯାଇ ପାରିବନାହିଁ ଏବଂ ଦୋକାନ ଗୃହ କେବଳ ବ୍ୟବସାୟରେ ନିୟୋଜିତ ହେବ। ମାତ୍ର ବାରମ୍ବାର ନିୟମ ଅମାନ୍ୟ ହେଉଛି ଓ ବିଭାଗର ତରଫରୁ ଅମାନ୍ୟକାରୀଙ୍କ ନାଁରେ ମାମଲା ମଧ୍ୟ ରୁଜୁ ହେଉଛି। ଆଗକୁ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

## ରାଉରକେଲାରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ


ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରାଯାଉଛି।

ରାଉରକେଲା,୨୭।୮(ଦିନେଶ ମିଶ୍ର)

ସୁନ୍ଦରଗଡ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମଙ୍କ ଦଶାକର୍ମରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସସ୍ତ୍ରୀକ ରାଉରକେଲା ବିମାନ ବନ୍ଦରରେ ସୋମବାର ଅପରାହ୍ନ ୧ଟା ୨୦ ମିନିଟ୍ ସମୟରେ ପହଞ୍ଚିଥିଲେ। ଏହି ଅବସରରେ ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ରାଉରକେଲା ଏସ୍‌ପି ବ୍ରିଜେଶ ରାୟ, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଲତିକା ପଟ୍ଟନାୟକ, ବୀରେନ ସେନାପତି, ପ୍ରଶାନ୍ତ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ସଡ଼କ ପଥରେ କଡା ସୁରକ୍ଷା ବଳୟରେ ଏମ୍‌ପିଙ୍କ ବାସଭବନ ବଣେଇ ଅଭିମୁଖେ ଯାତ୍ରା କରିଥିଲେ ।

## ମାସିକ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା



କର୍ମଶାଳାରେ ଅତିଥିମାନେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

ରାଉରକେଲା,୨୭।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ମାସିକ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମ୍ୟାନକାଇଣ୍ଡ ଏବଂ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଶାନ୍ତି ମେମୋରିଆଲ ହସ୍ପିଟାଲର ଡାକ୍ତର ସ୍ୱୟଂସ୍ମୃତି ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳାମାନଙ୍କ ଦୈନନ୍ଦିନ ଜୀବନରେ ମାସିକ ଧର୍ମ ନେଇ ଭୋଗୁଥିବା ସମସ୍ୟା ଏବଂ ତାହାର ନିରାକରଣ ଉପରେ ଉପସ୍ଥିତ କଲେଜର ଛାତ୍ରୀ ଏବଂ ଅଧ୍ୟାପିକାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ମାସିକ ଋତୁସ୍ରାବ ଜନିତ ସଂକ୍ରମଣ ଦ୍ୱାରା ପିସିଓଏସ୍, ସ୍ତନ କର୍କଟ ଆଦି ଦୁଃସାଧ୍ୟ ରୋଗରୁ ମୁକ୍ତି ଲାଗି ଡକ୍ଟର ପଟ୍ଟନାୟକ ସରଳ ଉପଚାର ଏବଂ ଉପାୟ ପ୍ରଦାନ କରିଥିଲେ। ରେଡକ୍ରସ ପରିଚାଳନା ଅଧିକାରୀ ଅଧ୍ୟାପିକା ସ୍ରୋତସ୍ୱିନୀ ପ୍ରଧାନ ଏବଂ ସ୍ନେହଲତା ଧରୁଆ କର୍ମଶାଳା ପରିଚାଳନା କରିଥିଲେ। କର୍ମଶାଳାରେ ଅନ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷା ଇପ୍‌ସିତା ଏକ୍କା, ଅଧ୍ୟାପକ ମାନସ କୁମାର ବେହେରା ପ୍ରମୁଖ ଯୋଗଦେଇ ମିଳିଥିବା ପ୍ରଶିକ୍ଷଣର ସଦୁପଯୋଗ କରି ସ୍ୱଚ୍ଛ ଓ ନିରାମୟ ଜୀବନଯାପନ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। କର୍ମଶାଳାରେ ଅଧ୍ୟାପିକା ଦୀପିକା ମାଝୀ, ଆରତୀ ଦଳେଇ, ଗୀତାଞ୍ଜଳି ଟେଟେ, ଡକ୍ଟର ଲୋପାମୁଦ୍ରା ଶତପଥି, ରେବା ପାଣିଗ୍ରାହୀ, କେତକୀ ବୁଡା, ସ୍ମରଣିକା ମିଶ୍ର ଓ ସୁମନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମଙ୍କ ଅଧିକାରକୁ ନେଇ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା,୨୭।୮(ବିପ୍ଳବ ରଞ୍ଜନ ଦାଶ)

ଟାଟା ପାୱାର ପଶ୍ଚିମାଞ୍ଚଳ ଶାଖାର ସହାୟତା ଏବଂ ଶ୍ରଦ୍ଧା ଅନୁଷ୍ଠାନ ଆନୁକୂଲ୍ୟରେ ଭିନ୍ନକ୍ଷମମାନଙ୍କ ଅଧିକାର ଶୀର୍ଷକ ଦିନିକିଆ ଗୋଷ୍ଠୀଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ବିଶ୍ରା ବ୍ଲକ ମନକୋ ପଞ୍ଚାୟତରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ଐତିହାସିକ ତଥା ଗ୍ରନ୍ଥକାର ଡକ୍ଟର ପ୍ରଭାତ କୁମାର ମଲ୍ଲିକ, ପାନପୋଷ ଉପଖଣ୍ଡର ବରିଷ୍ଠ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ, ଏଆରଡିଏଫ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡକ୍ଟର ଅର୍ଜ୍ଜିତା ନାୟକ, ରାଉରକେଲା ଏନ୍‌ଆଇଟିର ମନୋବିଜ୍ଞାନ ବିଭାଗ ପ୍ରଫେସର ଡକ୍ଟର ରାମକୃଷ୍ଣ ବିଶ୍ୱାଳ, ବିଶ୍ରା ସୁବୋଧ ରାଉତରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କ୍ଷୀରୋଦ କୁମାର ବରାଳ ଓ ଡକ୍ଟର ନଗେନ କୁମାର ଦାସ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କ ଅଧିକାର ଓ ସୁରକ୍ଷା ଆଇନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ କାର୍ତ୍ତିକ ପାଣ୍ଡବ ସ୍ୱାଗତ ଭାଷଣ ଦେବା ସହ ୨୦୧୬ ମସିହାର ଭିନ୍ନକ୍ଷମଙ୍କ ଅଧିକାର ଓ ଆଇନ ବିଷୟରେ ବିବରଣୀ ରଖିଥିଲେ। ଭିନ୍ନକ୍ଷମଙ୍କ ଅଧିକାର ମାନବ ଅଧିକାର ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହାପରେ ପ୍ରକଳ୍ପ ମ୍ୟାନେଜର ରୁନୁବାଳା ମହାରଣା ଭିନ୍ନକ୍ଷମମାନଙ୍କ ପାଇଁ ଗୋଷ୍ଠୀ ଭିତ୍ତିକ ଥଇଥାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିଶ୍ରା ବ୍ଲକର ଝିରପାଣି, ଜାମସେରା, ବନ୍ଧମୁଣ୍ଡା ଓ ବିଶ୍ରା ଆଦି ୪ଟି ପଞ୍ଚାୟତର ୮୫୫ଜଣ ଭିନ୍ନକ୍ଷମ ଚିହ୍ନଟ ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ବସ୍ ଓ ଟ୍ରେନ ପାସ୍, ଆବଶ୍ୟକ ସହାୟକ ସାମଗ୍ରୀ, ଆତ୍ମନିର୍ଭରଶୀଳ ହେବା ଲାଗି ବୈଷୟିକ ତାଲିମ, ଫିଜିଓଥେରାପି ଓ ଭିନ୍ନକ୍ଷମ ଆଇନ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏବେ ମନକୋ, ସନ୍ତୋଷପୁର, କପାଟମୁଣ୍ଡା, ଡରେଇକେଲା ଓ ଉଦୁଶୁ ଆଦି ୫ଟି ପଞ୍ଚାୟତରେ ୭୦୯ଜଣ ଭିନ୍ନକ୍ଷମଙ୍କ ସର୍ବେକ୍ଷଣ ସରିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଚିହ୍ନଟ ଭିନ୍ନକ୍ଷମମାନଙ୍କୁ ସରକାରଙ୍କ ମାଧ୍ୟମରେ ଆବଶ୍ୟକ ସାଧନ ଯୋଗାଇ ଦିଆଯିବ। ଆଜିର କାର୍ଯ୍ୟକ୍ରମରେ ମନକୋ ପଞ୍ଚାୟତର ସରପଞ୍ଚ ମେରୀ ଓରାମ, ନାଏବ ସରପଞ୍ଚ ଜଗଦୀଶ ମହାନ୍ତ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସମସ୍ତ ଶିକ୍ଷକ, ଭିନ୍ନକ୍ଷମ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଏବଂ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ରିନୁଲତା ମହାରଣା, ପ୍ରୀତି ବାରିକ, ସୁକୁମାର ପାଣ୍ଡବ, ସିପୁନ ବେହେରା, ଧୀରେନ୍ଦ୍ର ଓଝା, ଅର୍ଚ୍ଚନା ମିଞ୍ଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।



ଇଏସ୍‌ଆଇସି ମଡେଲ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଇଏସ୍‌ଆଇସି ମଡେଲ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ

ରାଉରକେଲା,୨୭।୮(ଦିନେଶ ମିଶ୍ର)

**୧୫ ସୁଦ୍ଧା ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ**

ରାଉରକେଲା ଶିଳ୍ପାଞ୍ଚଳରେ ଥିବା ଇଏସ୍‌ଆଇସି ମଡେଲ ହସ୍ପିଟାଲ ସମ୍ମୁଖରେ ମଙ୍ଗଳବାର ସିଆଇଟିୟୁ ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁର ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ରାଜ୍ୟ ଉପସଭାପତି ପ୍ରମୋଦ ସାମଲ, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ବି. ପି ମହାପାତ୍ର, ହୃଦୟାନନ୍ଦ ଯାଦବ, ଅଜିତ ଏକ୍କା, ବିମାନ ମାଇତି ଓ ଅଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଏହି ହସ୍ପିଟାଲ ଉପରେ କେବଳ ସୁନ୍ଦରଗଡ ଜିଲାର ୧ଲକ୍ଷ ୪୭ ହଜାର ୬୪୧ ଜଣ ଇଏସ୍‌ଆଇ ବୀମାଭୁକ୍ତ ଶ୍ରମିକ ଓ ସେମାନଙ୍କ ପରିବାରକୁ ମିଶାଇ ପ୍ରାୟ ୫ଲକ୍ଷ ହିତାଧିକାରୀ ନିର୍ଭର କରନ୍ତି। କିନ୍ତୁ ମଡେଲ ହସ୍ପିଟାଲରେ ଅବ୍ୟବସ୍ଥା ଯୋଗୁ ସେମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଇଏସ୍‌ଆଇ ମଡେଲ ହସ୍ପିଟାଲ ୫୦ ଶଯ୍ୟା ବିଶିଷ୍ଟ ହୋଇଥିଲେ ମଧ୍ୟ ଏଠାରେ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ଡାକ୍ତରଖାନାର ସମସ୍ତ ବିଭାଗ ପାଇଁ ୩୯ ଜଣ ଡାକ୍ତର ଆବଶ୍ୟକ। ଯେଉଁଥିରେ ୧୧ ଜଣ ସ୍ପେଶାଲିଷ୍ଟ ଓ ୨୮ ଜଣ ଡାକ୍ତର ରହିବା କଥା। ମାତ୍ର ଏହି ହସ୍ପିଟାଲ ୯ ଜଣ ଡାକ୍ତରରେ ଚାଲିଛି। ସେଥିମଧ୍ୟରୁ ୩ ଜଣ ଡାକ୍ତର ଶିକ୍ଷାଛୁଟିରେ ରହିଥିବାରୁ ବହୁ ଶ୍ରମିକ ପରିବାର ଉଚିତ ସେବା ପାଇ ପାରୁନାହାନ୍ତି। ସେହିପରି ଏଠାରେ ଆବଶ୍ୟକ ଡାକ୍ତର ସମେତ ନର୍ସ, ପାରାମେଡିକାଲ ଷ୍ଟାଫ୍ ଓ ଏକାଧିକ ଫାର୍ମାସିଷ୍ଟ ନାହାନ୍ତି। ଅନ୍ୟପକ୍ଷେ ଏହି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଆବଶ୍ୟକ ଔଷଧ ମଧ୍ୟ ମିଳୁନାହିଁ। ବିଭିନ୍ନ ସମୟରେ ଡାକ୍ତରଖାନାରେ ନାନା ପ୍ରକାର ସମସ୍ୟା ଲାଗି ରହିଥିବାରୁ ଏହାକୁ ଯଥାଶୀଘ୍ର ସମାଧାନ କରିବା ଲାଗି ୟୁନିୟନ ପକ୍ଷରୁ ଦାବି ହୋଇଛି। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଏହି ସମସ୍ତ ସମସ୍ୟାର ଦାବି ପୂରଣ କରା ନ ଗଲେ ୟୁନିୟନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପରେ ୟୁନିୟନ ପକ୍ଷରୁ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ସସ୍ମିତ ସ୍ୱାଇଁ, ସିଡିଓ ମୁଣ୍ଡା, କ୍ଷୀରୋଦ ବେହେରା, ରଞ୍ଜନ ବେହେରା, ମୁସକୁ ଓରାମ, ସୁଧାଂଶୁ ଜେନା, ଭାଗୀରଥି ବେହେରା, ରଞ୍ଜିତ ପତି, ରଞ୍ଜନ ଦାସ, ବିଶ୍ୱଜିତ ମାଝୀ, ଦିନବନ୍ଧୁ ମହାନ୍ତି, ଆନନ୍ଦ ମାସିଙ୍କ ସମେତ ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜ୍ଦୁର ୟୁନିୟନ, ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ ୱାର୍କର୍ସ ୟୁନିୟନ, ଏସିଆଟିକ ଗ୍ୟାସେସ୍ ୱାର୍କର୍ସ ୟୁନିୟନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ପ୍ରୟାସ ପ୍ରୀତିରଞ୍ଜନଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

ରାଉରକେଲା,୨୭।୮(ଦିନେଶ ମିଶ୍ର)


ପ୍ରୀତିରଞ୍ଜନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ସୁନ୍ଦରଗଡ ଜିଲା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ ମ୍ୟୁନିସିପାଲ କଲେଜର ଯୁକ୍ତ ୩ ଅନ୍ତିମ ବର୍ଷର ପ୍ରାଣୀ ବିଜ୍ଞାନ ଛାତ୍ର ପ୍ରୟାସ ପ୍ରୀତିରଞ୍ଜନ ବାରିକଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରୀତି ବୃକ୍ଷରୋପଣ, ରକ୍ତଦାନ ଶିବିର, ଶୀତକାଳୀନ ଶିବିର, ବେଟିବଚାଓ ଓ ବେଟି ପଢାଓ, ଏମ୍‌ଏସ୍ ଡ୍ରଗ୍ ଆଡମିନିଷ୍ଟ୍ରେଶନ, ସାମାଜିକ ସଚେତନତା ଭଳି ସମସ୍ତ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ଭଲେଣ୍ଟିୟର ଭାବେ କାର୍ଯ୍ୟ କରିଆସିଛନ୍ତି। ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୪ ପାଇଁ ୨୦୦୦ରୁ ଅଧିକ ଆବେଦନ କରାଯାଇଥିଲା। ଏଥିରେ ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍ ମେରିଟ୍ ତାଲିକାରେ ପ୍ରୀତିଙ୍କୁ ଚୟନ କରାଯାଇଛି। ଏହି ସଫଳତା ପାଇଁ ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନ ଓ ଏନ୍‌ଏସ୍‌ଏସ୍ ଅଫିସର ଦିବ୍ୟାକାନ୍ତି ବିଲୁଙ୍ଗ ଓ ଆକାଶ ଦାସ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସାହାଜବାହାଲ ଗାଁରେ ଜନ୍ମାଷ୍ଟମୀ ଉତ୍ସବ

ବଡ଼ଗାଁ, ୨୭।୮(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଜନ୍ମାଷ୍ଟମୀ ଉତ୍ସବରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ପୂଜକ କୃଷ୍ଣ ମିଶ୍ରଙ୍କ ଦ୍ୱାରା କରାଗଲା ପରେ ବାସୁଦେବ ରୂପରେ କୋଦଣ୍ଡଧର ଦାସ ଓ ଉଗ୍ରସେନ ରୂପରେ ଗଜରାଜ ସେଠ ସଜ୍ଜିତ ହୋଇଥିଲେ। ଆୟୋଜକ କମିଟିର ସଭାପତି ରାଜ କିଶୋର ସାହୁଙ୍କ ସହିତ ରଜତ ପଟେଲ, ଜିତୁ ସାହୁ, ଅନନ୍ତ ନାଏକ, ସୁବାଷ ବେହେରା, ଦୀପକ ସାହୁ, ସୁରେଶ ସାହୁ, ଅବନୀ ନାଏକଙ୍କ ସହିତ ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ବର୍ଷ ହେଲା ଏହି ଗ୍ରାମରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଆସୁଛି। ଗ୍ରାମର ସ୍ୱର୍ଗତ ପଙ୍କଜ ପଟେଲ, ସ୍ୱର୍ଗତ ବନମାଳୀ ଦାସ, ସ୍ୱର୍ଗତ ଗୋକୁଳ ଚନ୍ଦ୍ର ଦାସ, ସ୍ୱର୍ଗତ ଉଦେକର ସେନଙ୍କ ସହିତ କେତେକ ବ୍ୟକ୍ତି ଗ୍ରାମରେ ଜନ୍ମାଷ୍ଟମୀ ଉତ୍ସବ ଆରମ୍ଭ କରିଥିଲେ।


ଜନ୍ମାଷ୍ଟମୀ ଉତ୍ସବରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

# କୃଷ୍ଣ ଥିଲେ ପ୍ରେମ, ପବିତ୍ରର ପ୍ରତୀକ

ରାଉରକେଲା,୨୭।୮(ଦିନେଶ ମିଶ୍ର)


ଗୃହସ୍ଥୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

ରାଉରକେଲାର ବିଭିନ୍ନ ସ୍ଥାନରେ ଜନାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ରାଉରକେଲା ସେକ୍ଟର-୧୫ସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଅବସରରେ ମନ୍ଦିର ପୂଜକ ସୁଶୀଲ କୁମାର ଦାଶ ଓ ବିକ୍ରମ କେଶରୀ ଦାଶ ସମସ୍ତ ଠାକୁରଙ୍କ ସମସ୍ତ ରୀତିନୀତି କରିଥିଲେ। ମହିଳାମାନେ ନିର୍ଜଳା ଉପବାସ ବ୍ରତ କରି କୃଷ୍ଣଙ୍କ ନାମଜପ କରିଥିଲେ। ଗୁରୁ ଚରଣ ନନ୍ଦ ହରିବଂଶ ପାଠ କରିଥିଲେ। ରାତି ୧୨ଟା ସମୟରେ ଶ୍ରୀକୃଷ୍ଣ ଧରା ପୃଷ୍ଠରେ ଜନ୍ମ ନେଇଥିଲେ। ବାସୁଦେବ ଭୂମିକାରେ ପ୍ରମୋଦ ପ୍ରଧାନ ଶ୍ରୀକୃଷ୍ଣଙ୍କୁ ମଥୁରା ନେବା ବାଟରେ ଉଗ୍ରସେନ ଭୂମିକା ନିର୍ବାହ କରୁଥିବା ପ୍ରସନ୍ନ କୁମାର ତ୍ରିପାଠୀ ତାଙ୍କ ପଥରୋଧ କରିଥିଲେ। ଏଭଳି ଏକ ନିଚ୍ଛକ ପରମ୍ପରା ଯୁବପିଢିକୁ ଆକର୍ଷିତ କରିଥିଲା ଏବଂ ଏକ ଭକ୍ତିଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ମଙ୍ଗଳବାର ନନ୍ଦ ଉତ୍ସବ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସାଗରିକା ୱେଲ ଫେୟାର ଟ୍ରଷ୍ଟ ସଭାପତି ଜୟନ୍ତୀ ଦାସ, ରେଖା କୋଠାରୀ, ସରସ୍ୱତୀ ବେହେରା, ନୀଳିମା ବେହେରା, ସଙ୍ଗୀତା ମିଶ୍ରା, ସସ୍ମିତା ଜେନା, ସୌଦାମିନୀ ସାହୁ, ସୁନନ୍ଦା ନାୟକ, ଗୀତାଞ୍ଜଳି ସାମଲ, କସ୍ତୁରୀ ସାମଲ, ପ୍ରେମଲତା ବଳିୟାରସିଂ, ଶର୍ମିଷ୍ଠା ଲେଙ୍କା, ସଂଯୁକ୍ତା ଆହୁରିଆ, ସରିତା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଭଜନ ସମାରୋହକୁ ଗୋପାଳ ସ୍ୱାଇଁ ଓ ପ୍ରିୟବ୍ରତ ମହାନ୍ତି ପରିଚାଳନା କରିଥିଲେ। ମନ୍ଦିର ପରିଚାଳନା କମିଟିର ହରିହର ରାଉତରାୟ, ଉପଦେଷ୍ଟା ଇଂ. ଉତ୍ତମ ସାମଲ, ଡା. ମାନସୀ ଜେନା, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ସତ୍ୟବାନ ପ୍ରଧାନ, ମନୋଜ କୁମାର ନାୟକ, ଗୌଡ, ନିତ୍ୟାନନ୍ଦ ଜେନା, ବିପିନ ମହାରଣା, ଅଜୟ ବଳିୟାରସିଂ, ପ୍ରମୋଦ କୁମାର ବେହେରା, ସନ୍ତୋଷ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ, ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରାଧାକୃଷ୍ଣ ସେବା ସମିତି ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ନନ୍ଦ ଗାଁ ସେବା ଟ୍ରଷ୍ଟ ପକ୍ଷରୁ ସେକ୍ଟର-୧୪ ସ୍ଥିତ ନନ୍ଦଗାଁ ପରିସରରେ ଗୃହସ୍ଥୀର ଅଧ୍ୟକ୍ଷ ଗଣେଶ ବାଗେଡିଆଙ୍କ ଅଧ୍ୟକ୍ଷତାରେ ଜନାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ କୃଷ୍ଣମୂର୍ତ୍ତିଙ୍କୁ ସଜ୍ଜିତ କରି ଏକ ଦୋଳିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ନନ୍ଦଗାଁର ପରିଚାଳିକା ଜୁଲି ମିଶ୍ର, ଲିଲି ମିଶ୍ର, ଟି. ପୁରୁଷୋତ୍ତମ ପ୍ରମୁଖ ସହଯୋଗ କରିଥିଲେ। ରାଉରକେଲା ଇସ୍କନ ପକ୍ଷରୁ ହନୁମାନ ବାଟିକା ତ୍ରିଶକ୍ତି ପୀଠରେ ୩ଦିନିଆ ଜନାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଛି।

# ଉଦ୍‌ଘାଟନ ହୋଇଛି, ହସ୍ତାନ୍ତର ହୋଇନି

## ଗୋଲବଜାର ମାର୍କେଟ୍ କମ୍ପ୍ଲେକ୍ସ



**ସ୍ଥାନାନ୍ତର ହୋଇପାରୁନାହାନ୍ତି ଦୋକାନୀ**

ସମ୍ବଲପୁର,୨୭।୮ (ପ୍ରମୋଦ ବହିଦାର)

ସମ୍ବଲପୁରର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଗୋଲବଜାରରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ମାର୍କେଟ୍ କମ୍ପ୍ଲେକ୍ସର ୨୦୨୩ ସେପ୍ଟେମ୍ବର ୧୯ରେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନକୁ ବର୍ଷେ ପୂରିବାକୁ ଆଉ କେତୋଟି ଦିନ ବାକି ଅଛି। ହେଲେ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିର୍ମାଣକାରୀ ସଂସ୍ଥା ଏହି କମ୍ପ୍ଲେକ୍ସକୁ ସମ୍ବଲପୁର ମହାନଗର ନିଗମକୁ ହସ୍ତାନ୍ତର କରିନାହିଁ। ଏହି କାରଣରୁ କମ୍ପ୍ଲେକ୍ସରେ ଥଇଥାନ ହେବାକୁ ଥିବା ଦୋକାନୀମାନେ ହସ୍ତାନ୍ତର ହୋଇପାରୁନାହାନ୍ତି। ଉଦ୍‌ଘାଟନହୋଇ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ମାର୍କେଟ କମ୍ପ୍ଲେକ୍ସ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି।

ପ୍ରାୟ ୧.୫୦ ଏକର ପରିମିତ ଜମିରେ ଗଢ଼ି ଉଠିଥିବା ଗୋଲବଜାର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ସଙ୍କୁଚିତ ହୋଇପଡ଼ିଥିଲା। ଏହାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ୨୦୦୮ ମସିହାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତତ୍କାଳୀନ ବିଜେଡି-ଭାଜପା ମେଣ୍ଟ ସରକାରରେ ନୂତନ ଭାବେ ଗୋଲବଜାର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପ୍ରସ୍ତାବ ଆଗତ ହୋଇଥିଲା। ହେଲେ ପରେ ଏହି ପ୍ରସ୍ତାବ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହାର ୯ ବର୍ଷ ପରେ ଏହି ୨୦୧୭ ମସିହାରେ ପ୍ରକଳ୍ପ ଅନୁମୋଦନ ଲାଭକରି ନିର୍ମାଣ କାମ ଆରମ୍ଭ ହୋଇଥିଲା। ମହାନଗର ନିଗମ ପକ୍ଷରୁ ପ୍ରାୟ ୪୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏଠାରେ ୪ ମହଲା ବିଶିଷ୍ଟ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଭୂଷଣ ପାୱାର ଓ ଷ୍ଟିଲ୍ ଲିମିଟେଡ (ଜେଏସଡବ୍ଲ୍ୟୁ-ବିପିଏସ୍ଏଲ୍) ଓ ଆଦିତ୍ୟ ଆଲୁମିନିୟମ ଲିମିଟେଡ୍ କମ୍ପାନୀକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାମ ଶେଷହେବା ପରେ ୨୦୨୩ ସେପ୍ଟେମ୍ବର ୧୯ ଗଣେଶପୂଜା ଦିନ ଏହାର ଶୁଭ ଉଦ୍‌ଘାଟନ ହୋଇଥିଲା। ଏହାର ପ୍ରଥମ ମହଲାରେ ୩୭ଟି ଷ୍ଟଲ୍ ନିର୍ମାଣ ହୋଇଛି। ମହାନଗର ନିଗମ ୮ ଜଣ ଦୋକାନୀଙ୍କୁ ଏଠାରେ ଦୋକାନଗୃହ ଆବଣ୍ଟନ କରିଛି। କିନ୍ତୁ କୋଠାର ସ୍ଥିତିକୁ ନେଇ ଦୋକାନୀମାନେ ଏହାକୁ ବ୍ୟବହାର କରିବାକୁ ସୁରକ୍ଷିତ ମଣୁନାହାନ୍ତି। ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ଛାତ ଉପରୁ ପାହାଚ ରାସ୍ତା ଦେଇ ବର୍ଷାପାଣି କମ୍ପ୍ଲେକ୍ସ ମଧ୍ୟରେ ପଶି ଦୋକାନ କୋଠରିରେ ପ୍ରବେଶ କରୁଛି। ଏହାକୁ ନେଇ ଏଠାରେ ଦୋକାନ ପାଇଁ ଅନୁମତି ପାଇଥିବା ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆବଣ୍ଟିତ ଗୃହଗୁଡ଼ିକର ଆକାର ଅପେକ୍ଷାକୃତ ଛୋଟ। ଏଠାରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ, ଫାଟକ ବ୍ୟବସ୍ଥା ନ ଥିବାରୁ ଦୋକାନଗୁଡ଼ିକ ଆଦୌ ସୁରକ୍ଷିତ ନହେଁ ବୋଲି ସେମାନେ କହିଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ନବନିର୍ମିତ କୋଠାରେ ଲାଗିଥିବା ବିଦ୍ୟୁତ୍ ଉପକରଣ ଚୋରି ହୋଇଗଲାଣି। ପରିବା ବଜାର ପାଇଁ ଉଦ୍ଦିଷ୍ଟ କୋଠାର ବେସ୍‌ମେଣ୍ଟରେ ପାଣିଜମି ରହୁଛି। ଏଠାରେ ଫାଟକ ଲାଗି ନ ଥିବାରୁ ଅସାମାଜିକଙ୍କ ସହ ବୁଲା ଗୋରୁଙ୍କ ଅବାଧ ପ୍ରବେଶ ହେଉଛି। ସମ୍ବଲପୁର ମହାନଗର ନିଗମ ଯନ୍ତ୍ରୀ ପ୍ରଫୁଲ୍ଲ ରାଉତ ଗୋଲବଜାର ମାର୍କେଟ କମ୍ପ୍ଲେକ୍ସର ସ୍ଥିତି ସମ୍ପର୍କରେ ତାଙ୍କ ନିକଟରେ ତଥ୍ୟ ନ ଥିବା କହିଛନ୍ତି। ଏପରିକି ଏ ଯାଏ ଏହି କୋଠା ତାଙ୍କ ବିଭାଗକୁ ହସ୍ତାନ୍ତର ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ନିର୍ବାହୀଯନ୍ତ୍ରୀ ବିପନ ମହାନ୍ତି ମଧ୍ୟ ଅନୁରୂପ ଭାବେ ଏହାର ନିର୍ମାଣ ସମ୍ପର୍କିତ କୌଣସି ତଥ୍ୟ ତାଙ୍କ ନିକଟରେ ନ ଥିବା କହିଛନ୍ତି। ନିର୍ମାଣ ସାରିଥିଲେ ହେଁ କୋଠାକୁ ମହାନଗର ନିଗମକୁ ହସ୍ତାନ୍ତର କରାଯାଇ ନାହିଁ। ତେବେ ଏହି ମାର୍କେଟ୍ କମ୍ପ୍ଲେକ୍ସର ପଛପଟେ ନିର୍ମିତ ପାର୍କିଂସ୍ଥଳକୁ ରାସ୍ତା ପାଇଁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଏଥିପାଇଁ ଟେଣ୍ଡର ଆହ୍ୱାନ ହୋଇଛି। ମହାନଗର ନିଗମର ସହଆଯୁକ୍ତ (ଟିକସ) ଅଶୋକ ମିଶ୍ରଙ୍କୁ ପଚାରିବାରୁ ନୂତନ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଥିବା ୮ଟି ଦୋକାନ ହଟାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ କମ୍ପ୍ଲେକ୍ସ ଗୃହ ଆବଣ୍ଟନ କରାଯାଇଛି। ନୂତନ ଟ୍ରାନ୍ସଫର୍ମର, ଫାଟକ ଲଗାଇବା, ପାହାଚ ଉପରେ ଆଜ୍‌ବେଷ୍ଟସ ଛାଉଣି ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଛି। ଖୁବ୍‌ଶୀଘ୍ର କୋଠାର ବେସ୍‌ମେଣ୍ଟରେ ଜମାହୋଇଥିବା ପାଣି ନିଷ୍କାସନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ



ଜୟନ୍ତୀ ଅବସରରେ ମଞ୍ଚସୀନ ଅତିଥି।

ସମ୍ବଲପୁର,୨୭।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁଢାରଜା ସ୍ଥିତ ରାମକଲି ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟକ ଡ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଗଙ୍ଗାଧରଙ୍କ ଜୀବନୀ ଏବଂ ତାଙ୍କର ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଗୀତାଞ୍ଜଳୀ ନନ୍ଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ସରକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟନ୍ତୀ ପାଳନ ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗଙ୍ଗାଧର ମେହେରଙ୍କ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଏବଂ ଗଙ୍ଗାଧର ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ପ୍ରଭାତୀ ରଥ, ରୀତାରାଣୀ ସାହୁ, ଅଞ୍ଜଳି ସାହୁ, ସୁନୀଲ ପଣ୍ଡା, ସୁଶାନ୍ତ କୁମାର ସିଂହ, ବିଶ୍ୱଜିତ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

# ଗ୍ୟାସ ସିଲିଣ୍ଡର ଚୋରି, ଜଣେ ଗିରଫ

କୁଚିଣ୍ଡା,୨୭।୮ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଭୋଜପୁର ପଞ୍ଚାୟତର ରେଙ୍ଗାଲବେଡା ଗ୍ରାମର ଏକ ଦୋକାନରୁ ଗ୍ୟାସ ସିଲିଣ୍ଡର ଚୋରି ଅଭିଯୋଗରେ କୁଚିଣ୍ଡା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଦେବଗଡ ଜିଲା ରିଆମାଳ ଥାନା ଝରାନା ଗ୍ରାମର ଦିଲିପ ଟପ୍ପୋ (୪୫)। ପୋଲିସ ଏ ନେଇ କୁଚିଣ୍ଡା ଥାନାରେ ଦଫା ୩୦୫, ୩୩୧ରେ ଏକ ମାମଲା (ନଂ.୩୭୪/୨୪) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କଠାରୁ ଚୋରି ଏଚପି ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ସୋମବାର ରାତିରେ ପ୍ରଫୁଲ୍ଲ ଘଡେଇଙ୍କ ଦୋକାନ ତାଲା ଭାଙ୍ଗି କେତେକ ଦୁର୍ବୃତ୍ତ ଗ୍ୟାସ ସିଲିଣ୍ଡର ଚୋରି କରିଥିଲେ। ମଙ୍ଗଳବାର ସକାଳେ ଏନେଇ ସେ କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ। ଆଇଆଇସି ବାମଦେବ ଶଙ୍ଖୁଆଳ ଏକ ଟିମ ଗଠନ କରି ଏହାର ତଦନ୍ତ କରି ଅଭିଯୁକ୍ତ ଟପ୍ପୋଙ୍କୁ ଗିରଫ କରିଥିଲେ।

# ୪୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ

କୁଚିଣ୍ଡା,୨୮।୮ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ ଶିବିରରେ ଯୋଗଦେଇ ୪୮ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ୨୨ଟି ଗୋଷ୍ଠିଗତ ଓ ୩୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଜିଲାପାଳ ବନ୍ଦର ଅଭିଯୋଗଗୁଡ଼ିକର ଶୁଣାଣି କରି ତୁରନ୍ତ ଏହାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୪ ଜଣ




ମହିଳାଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି ଜିଲାପାଳ।

ହିତାଧିକାରୀଙ୍କୁ ମଧୁବାବୁ ପେନସନ, ଜଣଙ୍କୁ ହୁଇଲ ଚେୟାର ବଣ୍ଟନ କରିଥିଲେ। ଏଥିସହ କୁଚିଣ୍ଡା ତହସିଲ ପକ୍ଷରୁ ୪ଜଣଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଉପଜିଲାପାଳ ହେମସାଗର ଭୋଇ, ବିଡିଓ ନିରଞ୍ଜନ କୁମାର ସା,

**କୁଚିଣ୍ଡା ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି**

ଏସ୍‌ଡିପିଓ ଅମିତାଭ ପଣ୍ଡା, ତହସିଲଦାର ପ୍ରସନ୍ନ ଟେଟେଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଏସ୍‌ଏଚ୍‌ଜିମାନଙ୍କ ପକ୍ଷରୁ ବିଭିନ୍ନ କିସମର ଲଙ୍କା, ଡାଲି, ବାଦାମ, ମୁଗ, କୋଳଥ, ଛତୁ, ଫିନାଇଲ, ଝୋଟ ବ୍ୟାଗ ଆଦି ଉପରେ ପ୍ରଦର୍ଶିତ ଷ୍ଟଲକୁ ଜିଲାପାଳ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ବିଡିଓ ସହଦେବ ନନ୍ଦ, ଆକାଉଣ୍ଟ ଅଫିସର ଅଜୟ ବାଗେ, ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ବିପିଏମ ଟିପେନସନ ବେହେରା ସହଯୋଗ କରିଥିଲେ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୁସୁମୀରେ ସ୍ୱାଗତ

କୁଚିଣ୍ଡା,୨୭।୮ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁସୁମୀ ଜଗନ୍ନାଥ କ୍ଲବଠାରେ ମଙ୍ଗଳବାର ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶୀଲ କୁମାର କରଙ୍କ ସଂଯୋଜନାରେ ହୋଇଥିବା ସ୍ୱାଗତ ସଭାରେ ଜିଲା ସମ୍ପାଦକ ବିଭୂତିକଲ୍ୟାଣ ପଟେଲ, ଗୁଦଗୁଦା ମଣ୍ଡଳ ସଭାପତି ଉପେନ୍ଦ୍ର ପଟେଲ, ସାଧାରଣ ସମ୍ପାଦକ ଅଚ୍ୟୁତ ନାଏକ, ଲକ୍ଷ୍ମଣ କିଷାନ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ମମତା ପଟେଲ, କୁସୁମୀ ସରପଞ୍ଚ ସଂକୀର୍ତ୍ତନ କିଷାନ, ପଞ୍ଚାୟତ ଭାଜପା ସଭାପତି ଶରତ କୁସୁମ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ରାଜ୍ୟ ସରକାରଙ୍କ ଦୁଇ ପ୍ରମୁଖ ଯୋଜନା ଲକ୍ଷପତି ଦିଦି ଓ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ପାଇଁ ମନ୍ତ୍ରୀଙ୍କୁ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ରଙ୍କ ପକ୍ଷରୁ ସୱାଗତ କରାଯାଇ କୃତଜ୍ଞତା ଏହାଛଡା କୁସୁମୀ କଳା ଓ କଳାକାର ସଂଘ, ନାଗରିକ କମିଟି, କୁନ୍ତରା ଆଞ୍ଚଳିକ ବରିଷ୍ଠ ନାଗରିକ କମିଟିର କର୍ମକର୍ତ୍ତା ଓ ସଦସ୍ୟ ମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପତ୍ନୀଙ୍କ ମୃତ୍ୟୁର ଏକାଦଶାହ କାର୍ଯ୍ୟରେ ଯୋଗଦେବାକୁ ମନ୍ତ୍ରୀ ପ୍ରଧାନ କୁସୁମୀ ଦେଇ ଯିବା ଯିବା ସମୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ମନ୍ତ୍ରୀଙ୍କ ସହ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ନାଉରୀ ନାୟକ, ରାଜ୍ୟ ଉପସଭାପତି ସୀମାଞ୍ଚଳ ଖଟେଇ ସାମିଲ ଥିଲେ।

# ଜନ୍ମାଷ୍ଟମୀ ପାଳିଲା ଯାଦବ ସଂଘ



ଗୋପାଳଜୀ ମଠ ପ୍ରାଙ୍ଗଣରେ ସମ୍ବଲପୁର ଯାଦବ ସମାଜ ଆୟୋଜିତ ଦୀପ ଦାନ କାର୍ଯ୍ୟକ୍ରମ।

ସମ୍ବଲପୁର,୨୭।୮ (ବି.ଶଙ୍କର)

ସମ୍ବଲପୁର ଯାଦବ ସଂଘର ସ୍ଥାପନା ଦିବସ ତଥା ଯାଦବ ମାନଙ୍କ ଆରାଧ୍ୟ ଦେବତା ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଜନ୍ମାଷ୍ଟମୀକୁ ମଙ୍ଗଳବାର ପାଳନ କରିଛି। ସମଲେଶ୍ୱରୀ ମନ୍ଦିର ସ୍ଥିତ ଗୋପାଳଜୀ ମଠ ପ୍ରାଙ୍ଗଣରେ ସମ୍ବଲପୁର ଯାଦବ ସମାଜର ପରିବାର ସମବେତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହିତ ଲୋକଙ୍କ ମଙ୍ଗଳ କାମନା ପାଇଁ ୧୦୮ ଦୀପ ପ୍ରଜ୍ୱଳନ କରିଥିଲେ। ସଂଘ ସାଧାରଣ ସମ୍ପାଦକ ହେମନ୍ତ ଗହୀର, ଉପସଭାପତି ରାମଚନ୍ଦ୍ର ପୋଢ଼, ବରିଷ୍ଠ ସଦସ୍ୟ ବଳରାମ ମଟାରି, କୋଷାଧ୍ୟକ୍ଷ ଜୟ କିଶୋର ଜାଲ, ଶିବଶମ୍ଭୁ ଯାଦବ, ଗୁଣନିଧି ରାଉତ, ହରିହର ଷଣ୍ଢ, କୁନୁ ଷଣ୍ଢ, ଲେଲୁର୍ଯ୍ୟ ନାଗ, ଭାଗିରଥି ଖରସେଲ, ନରସିଂହ ବର୍ଗତି, କମଲ ବର୍ଗତି, ଦୈତାରୀ କଠାର, ଲକ୍ଷ୍ମୀପ୍ରସାଦ ବାଗ, ଗୋରଖନାଥ ଚାଉଁର, ମନବୋଧ ବର୍ଗତି, ରାଜୁ ପୋଢ଼, ନିଖିଲ ନାଗ, ନବକିଶୋର ଜାଲ, କାନନ ନାଗ, ଘନଶ୍ୟାମ ମହାକୁର, ଲୋକନାଥ ବର୍ଗତି, ଭାରତୀ ଖରସେଲ, ଶ୍ରାବଣୀ ନାଗ, ଅନିମା ନାଗ, ରଶ୍ମିତା ଗହୀର, ମାନସୀ ବର୍ଗତି, ଅଲେଖ ଘିବେଲା, ଜଗଦୀଶ ମଲ୍ଲିକ, ଲୋକନାଥ ଅହୀର, ଶେଷଦେବ ଆଡଜୁଆଡ଼ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରଯୁକ୍ତି ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟିକରିବା ମୁଖ୍ୟ ଲକ୍ଷ୍ୟ

କୁଚିଣ୍ଡା,୨୭।୮ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ କୁଟୁରାଚୁଆଁ ନୋଡାଲ ହାଇସ୍କୁଲରେ ମଙ୍ଗଳବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନରେ ବ୍ଲକ୍ ସ୍ତରୀୟ (ପ୍ରାଥମିକ) କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ବିଜ୍ଞାନ, ଗଣିତ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଆଗ୍ରହୀ ହୋଇ ସାଧାରଣ ଜୀବନରେ ଏହାର ବ୍ୟବହାର ପ୍ରତି ଅଧିକ ଜ୍ଞାନ ଆହରଣ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। କୁଟୁରାଚୁଆଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ ସଭା ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଇଓ ଗୀତା ପଧାନ ମୁଖ୍ୟ ଅତିଥି, ସରପଞ୍ଚ ପଦ୍ମାବତୀ କିଷାନ, ଏବିଇଓ ଲକ୍ଷ୍ମଣ ଦେହୁରୀ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସନାତନ ଖଡିଆ, କୁ.ଜମନକିରା ପ୍ରଧାନ ଶିକ୍ଷକ ବେଦବ୍ୟାସ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପୂର୍ବାହ୍ନରେ କାର୍ଯ୍ୟକ୍ରମକୁ




ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ**

କୁଟୁରାଚୁଆଁ ସରପଞ୍ଚ କିଷାନ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ଜୁନିୟର ବର୍ଗରେ ଲାଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଶୈଳେଶ ରଣା ପ୍ରଥମ, ଗୋଛରା ଦୀନବନ୍ଧୁ ନୋଡାଲ ହାଇସ୍କୁଲ ଛାତ୍ର ପ୍ରୀତମ ରାଉତ ଦ୍ୱିତୀୟ ଏବଂ ବକ୍ସମା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ନିହାରିକା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସବ୍‌ଜୁନିୟର ବର୍ଗରେ କୁ.ଜମନକିରା ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ର ଶିବମ ନାଏକ ପ୍ରଥମ, ହାଡିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ରିତେଶ ଧୁରୁଆ ଦ୍ୱିତୀୟ ଓ ଛାତ୍ର ଜିତ କୁସୁମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଶିକ୍ଷକ ସଞ୍ଜୟ ନାଗ, ମନୋଜ ମଲ୍ଲିକ, ବଳରାମ ସାହୁ ଓ ଶିକ୍ଷୟିତ୍ରୀ ଯମୁନା ପୁରୋହିତ ବିଚାରକଭାବେ କାର୍ଯ୍ୟ ତୁଲାଇଥିଲେ। ବକ୍ସମା ସିଆର୍‌ସିସି ଶରତ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ୍‌ର ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।

# ଜୟନ୍ତପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ସମ୍ବଲପୁର,୨୭।୮ (ବି.ଶଙ୍କର)

ବଞ୍ଚିବା ପାଇଁ ଗଛଟିଏ ଓ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ଜିଲା ଜୟନ୍ତପୁର ଉନ୍ନିତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜ ଆୟୋଜିତ କାର୍ଯ୍ୟକ୍ରମରେ ଚରାରୋପଣ ଓ ତାହାର ସୁରକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀରୂପା ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହାପରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ପରିବେଷ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ସମାଜର ଉପସଭାପତି ପ୍ରଫୁଲ୍ଲ ହୋତା, ସଂପାଦକ ପ୍ରଦୀପ କୁମାର ପଣ୍ଡା, ସଦସ୍ୟ ହରି ନାରାୟଣ ପଣ୍ଡା, ସଦାନନ୍ଦ ସୋନବର୍ଷା, ଶମ୍ଭୁ ସେନ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଇ ଏହାର ସୁରକ୍ଷା ପାଇଁ ସେମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ମୋ ସ୍କୁଲ ଅଭିଯାନର ବରିଷ୍ଠ ସଦସ୍ୟ ଉଦ୍ଧବ ଚରଣ ସାହୁ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର, ପୂଜା ମିଶ୍ର, ସୁନୀତା ପ୍ରଧାନ, ମହାମାୟା ଦାଶ, ତଥା ହରିହର ପ୍ରଧାନ ସହଯୋଗ କରିଥିଲେ ।



ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ମଙ୍ଗଳବାର ସମ୍ବଲପୁର ସମଲେଇ ମନ୍ଦିରକୁ ଲଗ୍ନ ଦେବା ପାଇଁ ଶୋଭାଯାତ୍ରା ବାହାରିଛି।




ମଙ୍ଗଳବାର ସମ୍ବଲପୁରସ୍ଥିତ ଅତ୍ୟାଧୁନିକ ପ୍ଲାଏ ଓଭରରେ ବର୍ଷା ପାଣି ଜମି ରହିଛି।

## ସଂକ୍ଷେପରେ

### ୧୪ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର,୨୭।୮ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ରାତି ସାଢ଼େ ୯ଟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୮୮ ହଜାର ୩୮୩ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଣଭଣ୍ଡାରରୁ ପ୍ରତିସେକେଣ୍ଡରେ ହାରାହାରି ୨ ଲକ୍ଷ ୫୪୧ ହଜାର ୬୭୩ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ୧୪ଟି ସ୍ଲୁଇସ୍ ଗେଟ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୦ ହଜାର ୪୦୨ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୦ ହଜାର ୮୭୦ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୬୪୬ ଘନଫୁଟ, ଶାସନ କେନାଲରେ ୪୦୦ ଘନଫୁଟ, ସମ୍ବଲପୁର କେନାଲରେ ୬୧ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନ ଗୁଡ଼ିକୁ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି।

### ବେନ୍ଦେର ପଞ୍ଚାୟତକୁ ବସ୍ ଚଳାଚଳ ଦାବି

ଲାଠୋର,୨୭।୮ (ଭୁବନେଶ୍ୱର ବାରିକ)

ଗ୍ରାମାଞ୍ଚଳର ଜନସାଧାରଣ ସିଧାସଳଖ ବ୍ଲକ ସଦର ମହକୁମାକୁ ଯିବା ଆସିବା କରିବା ପାଇଁ ଲକ୍ଷ୍ମୀ ବସ୍ ଚଳାଚଳ ବ୍ୟବସ୍ଥା ହୋଇଛି । ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତକୁ ଅଦ୍ୟାବଧି ଏହି ବସ୍ ଚଳାଚଳ କରୁନାହିଁ । ଫଳରେ ଜନସାଧାରଣ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ଅଧୀନ ଭରୁଆମୁଣ୍ଡା, ବେନ୍ଦେର, କୁଇମୁଣ୍ଡା, ବାଦିମାଲ, ଭାଲୁଟୁଆଁ, ଚହକପଡ଼ା ଆଦି ଗ୍ରାମର ଶତାଧିକ ଲୋକ ବ୍ଲକକୁ କୌଣସି ସରକାରୀ, ବେସରକାରୀ କାମରେ ଯିବା ଆସିବା ତଥା ଛାତ୍ରୀଛାତ୍ରମାନେ ପାଠ ପଢି ଯାଉଥିବା ବେଳେ ବସ୍ ସେବା ପାଇ ନ ପାରି ନାନା ସମସ୍ୟା ଭୋଗୁଛନ୍ତି । ଏହିସବୁ ଗ୍ରାମବାସୀ ଦୀର୍ଘ ବାଟ ଅତିକ୍ରମ କରି ଲାଠୋର କିମ୍ବା ଫୁଲକିମୁଣ୍ଡାକୁ ଆସି ବସ୍ ଯୋଗେ ବ୍ଲକକୁ ଯିବା ଆସିବା କରୁଛନ୍ତି। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ବେନ୍ଦେର ସରପଞ୍ଚ ସସ୍ମିତା ମାଝୀ ଗତ ମାସ ୧୯ ତାରିଖରେ ଖପ୍ରାଖୋଲ ବିଡ଼ିଓଙ୍କୁ ବେନ୍ଦେର ପଞ୍ଚାୟତ ଅଞ୍ଚଳକୁ ବସ୍ ଚଳାଚଳ କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଏନେଇ ଖପ୍ରାଖୋଲ ବ୍ଲକ ଲକ୍ଷ୍ମୀ ବସ୍ ସୁପରଭାଇଜର ଅମିତ କୁମାର ସୁନାଙ୍କୁ ପଚାରିବାରେ ବସ୍ ଚାଲିବା ପୂର୍ବରୁ ରୁଟ ସର୍ଭେରେ ବେନ୍ଦେର ପଞ୍ଚାୟତକୁ ଛାଡ଼ି ଦିଆଯାଇଥିବା ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ସରପଞ୍ଚଙ୍କ ଚିଠି ପାଇ ଆମେ ବଲାଙ୍ଗୀର ହେଡ ଅଫିସକୁ ପଠାଇ ଦେଇଛୁ । ତାଙ୍କ ନିର୍ଦ୍ଦେଶ ଅନୁସାରେ ବସ୍ ଚଳାଚଳ କରିବ । ତେବେ ସାଧାରଣ ଲୋକଙ୍କ ସୁବିଧା ଦୃଷ୍ଟିରୁ ଯଥାଶୀଘ୍ର ବସ୍ ଚଳାଚଳ କରିବାକୁ ସାଧାରଣରେ ଦାବି ହେଉଛି।

# ନିର୍ମାଣ ନାଁରେ ଅର୍ଥ ବରବାଦ କରନି

- ଅଭିଯୋଗ କଲେ ୨୮ ନମ୍ବର ୱାର୍ଡ ଟାଙ୍ଗରପାଲିବାସୀ
- କ୍ଷେତ୍ର ପରିଦର୍ଶନ କରି ପଦକ୍ଷେପ ନେବି: କମିଶନର

ସମ୍ବଲପୁର,୨୭।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୮ ନମ୍ବର ୱାର୍ଡ ଟାଙ୍ଗରପାଲି ଅଞ୍ଚଳବାସୀ ବହୁବିଧ ସମସ୍ୟା ଭିତରେ ଗତି କରୁଛନ୍ତି । ମହାନଗର ମଝିରେ ଥିବା ଏହି ଆଦିବାସୀ ବହୁଳ ଅଞ୍ଚଳରେ ରାସ୍ତା ଦୁରାବସ୍ଥା ସହ ଡ୍ରେନେଜ ଏବଂ ଜଳ ନିଷ୍କାସନ ସମସ୍ୟା ନେଇ ଅସୁବିଧା ଭୋଗୁଛନ୍ତି । ଅସରାଏ ବର୍ଷା ହେଲେ ରାସ୍ତା ମଝିରେ ପାଣି ଜମିବା ସହ ଲୋକଙ୍କ ଘରକୁ ପାଣି ପଶୁଥିବା ନେଇ ଟାଙ୍ଗରପାଲିବାସୀ ଅଭିଯୋଗ କରିଛନ୍ତି। ସମ୍ବଲପୁରର ଏକ ପୁରୁଣା ବସ୍ତି ହୋଇଥିବା ବେଳେ ଏଠାରେ ରାସ୍ତାଘାଟ ଏବଂ ଡ୍ରେନ ନିର୍ମାଣ ଦିଗରେ ମହାନଗର ନିଗମ ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ସ୍ଥାନୀୟ ଲୋକେ ମହାନଗର ନିଗମ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ପଡାର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିବା ପରେ ମହାନଗର ନିଗମର କମିଶନର କିଛିଦିନ ପୂର୍ବରୁ ବେଦଭୁଷଣ ରାସ୍ତା ଏବଂ ଡ୍ରେନ ନିର୍ମାଣ ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଟାଙ୍ଗରପାଲି ଶିଶୁ ମନ୍ଦିରଠାରୁ ଟାଙ୍ଗରପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କରାଯାଇଥିଲା । ହେଲେ ରାସ୍ତା କଡରେ ଥିବା ବଡ଼ ପଥରଗୁଡ଼ିକ ବାଧକ ସାଜିଥିଲା। ତେବେ ପଥର ଗୁଡ଼ିକୁ ଫଟାଇ ରାସ୍ତା ଏବଂ ଡ୍ରେନ ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ହେଲେ ଟେଣ୍ଡର ପାଇଥିବା ଠିକାଦାର ଓ ଯନ୍ତ୍ରୀ ନିଜ ସୁବିଧା ମୁତାବକ ସେହି ବିରାଟ ପଥର ଗୁଡ଼ିକୁ ନ ହଟାଇ ଯେନତେଣ ପ୍ରକାରେ ରାସ୍ତା ନିର୍ମାଣ କାମ ସାରିବାକୁ ଚେଷ୍ଟା କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲୋକେ ଭବିଷ୍ୟତକୁ ନଜର ରଖି ରାସ୍ତାକୁ ଟେଣ୍ଡର ମୁତାବକ ଓସାରିଆ କରି କରିବାକୁ ଜେଇ ଏବଂ ଠିକାଦାରଙ୍କୁ ବୁଝାଇବାରେ ବିଫଳ ହେବା ପରେ ଲୋକେ ବାଧ ହୋଇ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ମହାନଗର କମିଶନର ବେଦଭୂଷଣଙ୍କୁ ସାକ୍ଷାତ କରି କେବଳ ରାସ୍ତା ନିର୍ମାଣ ନାଁରେ ଅର୍ଥ ବରବାଦ କରି କାମ ନ ସାରି ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କରିବାକୁ ଅନୁରୋଧ କରିଥିଲେ। ଏ ସଂକ୍ରାନ୍ତରେ ମହାନଗର କମିଶନର ବେଦଭୂଷଣଙ୍କୁ ପଚାରିବାରୁ ସେ ପୂର୍ବରୁ ଅଞ୍ଚଳ ପରିଦର୍ଶନ କରି ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରିଥିବା କହିଛନ୍ତି। ତେବେ ବର୍ତ୍ତମାନ ରାସ୍ତାକୁ ଓସାରିଆ କରିବା ପାଇଁ ଲୋକେ ଚାହୁଁଥିବା ବେଳେ କନିଷ୍ଠ ଯନ୍ତ୍ରୀ ତାଙ୍କ କଥାରେ ରାଜି ହେଉ ନ ଥିବା ନେଇ ଲୋକେ ଅଭିଯୋଗ କରିଥିବା କହିଛନ୍ତି। ତେବେ ସେ ଘଟଣାସ୍ଥଳକୁ ଯାଇ ଦେଖିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି । ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ କଣ ଆବଶ୍ୟକ ତାହା ଦେଖିବା ପରେ ଟାଙ୍ଗରପାଲି ଅଞ୍ଚଳରେ ଡ୍ରେନେଜ ସମସ୍ୟାର ସମାଧାନ ଓ ରାସ୍ତା ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବ ବୋଲି ମହାନଗର ନିଗମ କମିଶନର କହିଛନ୍ତି ।


ଡ୍ରେନ ନ ଥିବାରୁ ଟାଙ୍ଗରପାଲି ଅଞ୍ଚଳରେ ରାସ୍ତାରେ ପାଣି ଭାସୁଛି।

## ଲବଣୀ କୁଳମଣି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ


ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଳାଳି ଓ ଅତିଥିମାନେ।

ସମ୍ବଲପୁର,୨୭।୮ (ବି.ଶଙ୍କର)

ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ଲବଣୀ କୁଳମଣି ସ୍ମାରକୀ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ମନ୍ଦଲିଆ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ବିବାହିତ ବନାମ ଅବିବାହିତ ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ବିବାହିତ ଦଳ ୨-୦ ଗୋଲରେ ଅଗ୍ରଣୀ ରହିଥିଲେ। ଦ୍ୱିତୀୟାର୍ଦ୍ଧରେ ଅବିବାହିତ ଦଳର ଖେଳାଳିମାନେ ରଣନୀତିରେ ପରିବର୍ତ୍ତନ କରିଥିଲେ। ଯୋଜନାବଦ୍ଧ ଭାବେ ବିପକ୍ଷ ବିବାହିତ ଗୋଲ ପୋଷ୍ଟକୁ ତୁହାକୁ ତୁହା ଆକ୍ରମଣ ଜାରି ରଖିଥିଲେ। ଫଳରେ ଦଳର ଖେଳାଳିମାନେ ୨ଟି ଦର୍ଶନୀୟ ଗୋଲ ସ୍କୋର କରି ମ୍ୟାଚକୁ ୨-୨ ଗୋଲରେ ବରାବର ରହିଥିଲା । ଯଦ୍ୱାରା ରେଫରି ଟାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଟାଇବ୍ରେକରରେ ବିବାହିତ ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ଓ ଦୀନବନ୍ଧୁ ଦେଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

## ଭୀମଭୋଇ ପାର୍କରେ ସ୍ୱଚ୍ଛ ଭାରତ ଅଭିଯାନ

ସମ୍ବଲପୁର,୨୭।୮ (ଭବାନୀ ଶଙ୍କର ଭୋଇ)

ଭୀମଭୋଇ ତରୁଣ ବିଦ୍ୟାର୍ଥୀ ପ୍ରଭାତ ଶାଖାର ସ୍ୱୟଂସେବକ ମାନେ ମଙ୍ଗଳବାର ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇଥିଲେ। ଶାନ୍ତିନଗର, ଡେଲି ମାର୍କେଟ ଆଦି ଅଞ୍ଚଳର ରାସ୍ତାକୁ ସଫା କରିବା ସହ ପରିବେଶ ସୁରକ୍ଷା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ଜିଏସଟି ଅତିରିକ୍ତ କମିଶନର ଲିଙ୍ଗରାଜ ପ୍ରଧାନ ମଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ନିଜେ ସଫା ରହିବା ସହ ନିଜ ଆଖପାଖରେ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବାକୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅଭିଯାନରେ ତରୁଣ ବିଦ୍ୟାର୍ଥୀ ପ୍ରଭାତ ଶାଖାର ଶାଖା କାର୍ଯ୍ୟବାହାକ ବିଶ୍ୱରଞ୍ଜନ ଜେନା, ସେବା ପ୍ରମୁଖ ସାନ ଛୁରିଆ, ବୁଢାରଜା ନଗର କାର୍ଯ୍ୟବାହାକ ହରିହର ପାଳ, ଶାରୀରିକ ପ୍ରମଖ ରୁଦ୍ର କର୍ଣ୍ଣ, ସତ୍ୟବ୍ରତ କର୍ଣ୍ଣ, ଦୀପକ ଦାଶ ପ୍ରମୁଖ ସାମିଲ ହୋଇଥିଲେ ।


ସଫେଇ ଅଭିଯାନରେ ସାମିଲ ସ୍ୱୟଂସେବକମାନେ।

## ବୁର୍ଲା ଇସ୍କନରେ ଜନ୍ମାଷ୍ଟମୀ, ନନ୍ଦୋତ୍ସବ ପାଳିତ

ସମ୍ବଲପୁର,୨୭।୮ (ବି.ଶଙ୍କର)

ପବିତ୍ର ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ସ୍ଥିତ ଇସ୍କନ ମନ୍ଦିରଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ସାତଦିନ ଧରି ଭାଗବତ ସପ୍ତାହ ଶ୍ରୀପାଦ ପାଦସେବା ଦାସ ଓ ଶ୍ରୀପାଦ ସାନ୍ଦୀପନି ମୁନି ଦାସଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଭକ୍ତମାନଙ୍କର ସମାଗମ ମଧ୍ୟରେ ହରିନାମ ସଂକୀର୍ତ୍ତନ ସହ ଅନେକ ମାଙ୍ଗଳିକ ଦ୍ରବ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କର ଭବ୍ୟ ଅଭିଷେକ କରାଯାଇଥିଲା। ଏଥିସହ ଇସ୍କନ ୟୁଥ ଫୋରମ ପକ୍ଷରୁ ଲୋକଶିକ୍ଷା ପାଇଁ ଆକର୍ଷଣୀୟ ନାଟକ ପରିବେଷଣ କରାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ, ଶ୍ଳୋକ ଆବୃତ୍ତି,ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ମହାନଦୀ କୋଇଲା କମ୍ପାନୀ ଅଫିସର୍ସ କ୍ଲବଠାରେ ମୋଟିଭେସନାଲ ସେମିନାର ଓ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଯେଉଁଥିରେ ବୁର୍ଲା ଏମସିଏଲର ତିନି ଶହରୁ ଊର୍ଦ୍ଧ୍ୱ ଅଧିକାରୀ ଯୋଗଦାନ କରିଥିଲେ । ସେହିପରି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆଲୋଚନା ଚକ୍ର ଓ କୁଇଜ ପ୍ରତିଯୋଗିତା ହୋଇଥିଲା । ଏଥିରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନେ ଯୋଗଦାନ କରିଥିଲେ। ଅପରପକ୍ଷେ ଭାଲୁପଲି- ପରଧିଆପାଲି ସ୍ଥିତ ଏମ୍ସ କଲେଜଠାରେ ହରିନାମ ସଂକିର୍ତନ୍ୟ ଏବଂ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଯେଉଁଥିରେ ସାତଶହରୁ ଉଦ୍ଦର୍ବ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହି ଅବସରରେ ବୈଦିକ ସଂସ୍କୃତି ଆଧାରିତ ସାତଶହରୁ ଉଦ୍ଦର୍ବ ପୁସ୍ତକ ଏମ୍ସ କଲେଜର ଚେୟାରମ୍ୟାନ ରାମଚନ୍ଦ୍ର ପାତ୍ର ହସ୍ତରେ ଛାତ୍ରୀଛାତ୍ର ମାନଙ୍କୁ ବିତରଣ କରାଯାଇଥିଲା। ମନ୍ଦିର ଅଧକ୍ଷ ଶ୍ରୀପାଦ ଅମାୟି ଦାସ ଏବଂ ଇସ୍କନ ୟୁଥ ଫୋରମ ନିର୍ଦ୍ଦେଶକ ଶ୍ରୀପାଦ ଅସିତ କୃଷ୍ଣ ଦାସ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ରାକେଶ


@ ସମୀର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାଗରପାଲି ଗ୍ରାମରେ ଜନ୍ମାଷ୍ଟମୀ ଉତ୍ସବ

ଝାରସୁଗୁଡ଼ା,୨୭।୮ (ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସାଗରପାଲି ଗ୍ରାମରେ ଧୁମଧାମରେ ପାଳିତ ହେଲା ଜନ୍ମାଷ୍ଟମୀ ଉତ୍ସବ। ଦୀର୍ଘ ୬୬ ବର୍ଷ ହେଲା ସାଗରପାଲି ଗ୍ରାମର ଶ୍ରୀରାମ ମନ୍ଦିର ସମ୍ମୁଖରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଉଛି। ଚଳିତବର୍ଷ ମଧ୍ୟ ଧୁମଧାମରେ ଏହି ଉତ୍ସବ ପାଳନ କରାଯାଇଛି। ଗ୍ରାମ ମହିଳା ପୁରୁଷ, ଯୁବକ ଯୁବତୀମାନେ ଏକତ୍ରିତ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ପୂଜକ ଶିବ ନାରାୟଣ ନାୟକ ପୂଜାର୍ଚ୍ଚନା ସହ ଶ୍ରୀକୃଷ୍ଣ ଜନ୍ମ ଗୀତିମାଳା ଗାନ କରି ଶୁଣାଇଛନ୍ତି। ଏହାସହ ଏକ କ୍ଷୁଦ୍ର ନାଟ୍ୟ ଶ୍ରୀ କୃଷ୍ଣଲିଳା ପ୍ରଦର୍ଶିତ ହୋଇଛି। ଭଗବାନ କୃଷ୍ଣଙ୍କ କାରାଗାରରେ ଜନ୍ମ, ଉଗ୍ରସେନଙ୍କୁ ଭଗବାନ ଦର୍ଶନ ଦେବା, ବାସୁଦେବ ଶ୍ରୀକୃଷ୍ଣଙ୍କୁ ଗୋପରେ ଛାଡିବା ସହ ଭଗବାନଙ୍କ ସମସ୍ତ ଲିଳାକୁ ନାଟକ ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ଭଗବାନଙ୍କ ଜନ୍ମରେ ସାଗରପାଲି ଗ୍ରାମରେ ଏକ ଭକ୍ତିମୟ ପରିବେଶ ଦେଖାଦେଇଥିଲା। ନାଟକ ଶ୍ରୀକୃଷ୍ଣ ଲିଳାରେ ରାମ ବଣିଆଁ, ଧନୁର୍ଜ ବଣିଆଁ, ଅରୁଣ କଲସେର, ସରୋଜ ମେହେର, ରିବୁ ପ୍ରଧାନ, ଶିବୁ ପ୍ରଧାନ, ନିର୍ମଳ ବଣିଆଁ, ଲକ୍ଷ୍ମଣ ପାତ୍ର, ବିକାଶ ପାତ୍ର ପ୍ରମୁଖ ଅଭିନୟ କରିଥିଲେ।

## ଜନ୍ମାଷ୍ଟମୀ ଉପଲକ୍ଷେ ଲକ୍ଷ୍ମୀଡୁଙ୍ଗୁରିରେ ଚାରାରୋପଣ

ସମ୍ବଲପୁର,୨୭।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସ୍ୱର ଫାଉଣ୍ଡେଶନ ଓ କଳ୍ପତରୁ ସେବା ଆଶ୍ରମ ମିଳିତ ଆନୁକୂଲ୍ୟରେ ସୋମବାର ଜନ୍ମାଷ୍ଟମୀ ଅବସରରେ ଲକ୍ଷ୍ମୀଡୁଙ୍ଗୁରି ପାହାଡ଼ରେ ଚାରାରୋପଣ କରାଯାଇଛି। ଭାରତୀୟ ସଂସ୍କୃତି ପରିବେଶ ସହ ଜଡ଼ିତ। ତେଣୁ ସଂସ୍କୃତିର ସୁରକ୍ଷା ପାଇଁ ପରିବେଶର ସୁରକ୍ଷା ମଧ୍ୟ ଆବଶ୍ୟକ। ଛୋଟ ସମୟରୁ ପରିବେଶ ସମ୍ପର୍କରେ ସଚେତନତା ଆଣିବା ପାଇଁ କଳ୍ପତରୁ ସେବା ଆଶ୍ରମର ଶିଶୁମାନଙ୍କୁ ନେଇ ସ୍ୱର ଫାଉଣ୍ଡେଶନ ସଦସ୍ୟମାନେ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶ୍ରୀକୃଷ୍ଣଙ୍କ ଜନ୍ମମହୋତ୍ସବକୁ ପ୍ରକୃତିର ସୁରକ୍ଷା ସହ ଯୋଡ଼ିବା ପାଇଁ ଚେଷ୍ଟା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିକାଶ ଦାସ, ନାରାୟଣ ମିଶ୍ର, ରାହୁଲ ମୋଦକ, ଶୁଭେନ୍ଦୁ ଖମାରୀ, ଚୈତନ୍ୟ ନାୟକ, ଦିଲୀପ ସାହୁ, ଶ୍ରୀକାନ୍ତ ପରମଗୁରୁ, ରଜତ ସିଦାରଙ୍କ ସହ ବହୁ ସଦସ୍ୟ ସାମିଲ ହୋଇଥିଲେ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜମନକିରା,୨୭।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ଦେବକୀ ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଜମନକିରା ଜୋନ ୧ ଜିଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମଞ୍ଚାସୀନ ରହି କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ସମ୍ମାନୀତ କରିଥିଲେ। ପ୍ରାଥମିକସ୍ତରରେ ସହାଜବାହଲ ସ୍କୁଲର ଟିନକୁଶ ପଧାନ ପ୍ରଥମ, ଭୋଇପାଲି ପ୍ରାଥମିକ ସ୍କୁଲର ତେଜସୀନି ପଟେଲ ଦ୍ୱିତୀୟ, ବଡରମା ସ୍କୁଲ ଆଶ୍ରମ ସ୍କୁଲର ପ୍ରଜ୍ଞା ପ୍ରିୟଦର୍ଶିନୀ ଦେହୁରୀ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ସ୍ତରରେ ଚିନିମହୁଲ ଆଦର୍ଶ ବିଦ୍ୟାଳୟର ଶାଶ୍ୱତ ସାହୁ ପ୍ରଥମ, ଜମନକିରା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଜ୍ଞା ମହାପାତ୍ର ଦ୍ୱିତୀୟ ଏବଂ ଭୋଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ଟସମିନ ବେହେରା ଯଥାକ୍ରମେ ତୃତୀୟ ସ୍ଥାନ ହାସଲ କରିଥିଲେ। ଏଥିରେ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ତଥା ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫୪ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ଏକ ସଭା ଆୟୋଜନ ହୋଇଥିଲା। ସଭାରେ ସିଆରସିସି ପ୍ରତାପ ମହାପାତ୍ର ଏବଂ ଶ୍ରୀକାନ୍ତ ପଟେଲ ମଞ୍ଚ ପରିଚାଳନା କରିଥିଲେ।

## ପେନ୍‌ସନ ପାଇଁ ଅନ୍ତିମ ୧୨ମାସର ବେତନ ବିଚାରକୁ ନିଆଯିବ

ସମ୍ବଲପୁର,୨୭।୮ (ପ୍ରମୋଦ ବହିଦାର)

କେନ୍ଦ୍ର କ୍ୟାବିନେଟ୍‌ରେ ୟୁନିଫାଏଡ୍ ପେନ୍‌ସନ ସ୍କିମ(ୟୁପିଏସ୍) ଅନୁମୋଦିତ ହୋଇଛି। ୟୁପିଏସ୍ ଅଧିନରେ ଅନୂନ ୨୫ ବର୍ଷଧରି କାର୍ଯ୍ୟ କରିଥିବା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପେନ୍‌ସନ ନିର୍ଦ୍ଧାରଣ ପାଇଁ ଅବସର ପୂର୍ବରୁ ତାଙ୍କର ଅନ୍ତମ ୧୨ ମାସର ମୌଳିକ ବେତନକୁ ବିଚାରକୁ ନିଆଯିବ। ଶେଷ ୧୨ ମାସରେ ତାଙ୍କୁ ମିଳିଥିବା ହାରାହାରି ମୌଳିକ ବେତନର ୫୦ ପ୍ରତିଶତ ହାରରେ ସମ୍ପୃକ୍ତ କର୍ମଚାରୀଙ୍କ ପେନ୍‌ସନ ସ୍ଥିର କରାଯିବ ବୋଲି ସୂଚନା ଦେଇଛନ୍ତି ସମ୍ବଲପୁର ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷତା କରି ସିଂ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ପେନ୍‌ସନ ଦେୟ ସର୍ବନିମ୍ନ ୧୦ ବର୍ଷରୁ କମ୍ ସେବା ପ୍ରଦାନକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଅନୁପାତିକ ଦେୟ ଧାର୍ଯ୍ୟ କରାଯିବ। ସର୍ବନିମ୍ନ ୧୦ ବର୍ଷ କାର୍ଯ୍ୟକାରୀ ସେବା ନିବୃତ୍ତ ହୋଇଥିବା କର୍ମଚାରୀଙ୍କୁ ମାସିକ ସର୍ବନିମ୍ନ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି କର୍ମଚାରୀଙ୍କ ଦେହାନ୍ତ ପରେ ତୁରନ୍ତ ୬୦ ପ୍ରତିଶତ ପେନ୍‌ସନ ସହିତ ଏକ ନିଶ୍ଚିତ ପରିବାର ପେନ୍‌ସନ ପ୍ରଦାନ କରାଯିବ। ଏହାବ୍ୟତୀତ ସୁନିଶ୍ଚିତ ପେନ୍‌ସନ ଓ ପାରିବାରିକ ପେନ୍‌ସନ ତଥା ସର୍ବନିମ୍ନ ପେନ୍‌ସନ ଉପରେ ମୁଦ୍ରାସ୍ଫିତି ସୂଚକାଙ୍କ ସୁବିଧା ପ୍ରଦାନ କରାଯିବ। ସେବା ପ୍ରଦାନକାରୀ କର୍ମଚାରୀ ଓ କାରଖାନା ଶ୍ରମିକଙ୍କ କ୍ଷେତ୍ରରେ ଅଖିଳ ଭାରତୀୟ ସେବା ମୂଲ୍ୟ ଆଧାରରେ ପେନ୍‌ସନ ନିଶ୍ଚିତ କରାଯିବ। ଅବସରର ସମୟରେ ଗ୍ରାଚ୍ୟୁଇଟି ବ୍ୟତୀତ କର୍ମଚାରୀଙ୍କୁ ଅବସରକାଳୀନ ଦେୟ ଭାବେ ଏକକାଳୀନ ଏକ ଲମ୍ପସମ ରାଶି ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତି ୬ ମାସରେ ମୋଟ ପ୍ରାପ୍ୟ(ବେତନ ଓ ଡିଏ)ର ୧୦ ପ୍ରତିଶତ ପ୍ରଦାନ କରାଯିବ। ମାତ୍ର ଏହା ମୂଳ ପେନ୍‌ସନକୁ ପ୍ରଭାବିତ କରିବ ନାହିଁ। ଏକକାଳୀନ ପେନ୍‌ସନ ଯୋଜନାରେ ସମ୍ବଲପୁର ରେଳ ମଣ୍ଡଳରେ ପ୍ରାୟ ୪୩୦୦ କର୍ମଚାରୀ ଲାଭାନ୍ୱିତ ହେବେ ବୋଲି ସିଂ ଆଶାବ୍ୟକ୍ତ କରିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ କାର୍ମୀକ ଅଧିକାରୀ ୟୁସୁଫ୍ କବୀର, ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ ଗରିମା ତିୱାରୀ, ଡିଏଫ୍‌ଏମ ଚକ୍ରଧର ନାୟକ, ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ମଣ୍ଡଳ ସଂଯୋଜକ ମହମ୍ମଦ ରଫି, ଶ୍ରମିକ ସଂଘ ମଣ୍ଡଳ ସଂଯୋଜକ ସୁନୀଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ।

# ନନ୍ଦୋତ୍ସବ ପାଇଁ ଉତ୍ସବମୁଖର କନ୍ତଲ ଗ୍ରାମ

ସରଣ୍ଡା, ୨୭।୮ (ଯୁଧିଷ୍ଠିର ମହାପାତ୍ର)

ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମତିଥି ଜନ୍ମାଷ୍ଟମୀ ଦେଶସାରା ପ୍ରବଳଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ମଙ୍ଗଳବାର ଥିଲା ନନ୍ଦୋତ୍ସବ। ଏନେଇ ଚଳଚଞ୍ଚଳ ହୋଇ ଉଠିଛି ବରଗଡ ଜିଲା ଅତାବିରା ବ୍ଲକର କନ୍ତଲ ଗ୍ରାମ। ଯାଦବ ବହୁଳ ଏହି ଅଞ୍ଚଳର ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଥାଏ। ସୋମବାର ରାତିରେ କନ୍ତଲସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପାଳିତ ହୋଇଥିଲା ଜନ୍ମାଷ୍ଟମୀ ପର୍ବ। ପରମ୍ପରା ଅନୁଯାୟୀ ଯାଦବ ରମଣୀମାନେ ବ୍ରତ ରଖି ରାଧାକୃଷ୍ଣ ମନ୍ଦିରର ଗର୍ଭଗୃହରେ କୃଷ୍ଣ ଜନ୍ମ ନୀତି ନିୟମରେ ସମ୍ପାଦନ କରିଥିଲେ। କଳାକାର ଯୁଧିଷ୍ଠିର ଭୋଇ ଭାଗବତ ପାଠ କରିଥିଲେ। ମଙ୍ଗଳବାର କନ୍ତଲ ଗ୍ରାମରେ ଯାଦବ ପରିବାର ମାନଙ୍କରେ ଏହି ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନନ୍ଦରାଜା ଭାବେ ହିମାଂଶୁ ମହାକୁର ଓ ନନ୍ଦରାଣୀ ଭାବେ ଅନୀତା ମହାକୁର ଅଭିନୟ କରିଥିବାବେଳେ ଏଥିରେ ବ୍ଲକ ଯାଦବ ସମାଜର ସଭାପତି ପୂର୍ଣ୍ଣଚନ୍ଦ୍ର ସାଲମା, ସମ୍ପାଦକ ସୁରେନ୍ଦ୍ର କଠାର, ମହନ କଠାର, ଗୋକୁଲ ଚିଗୁଣ,ଶ୍ରୀପତି ପୋଢ,ସୁରେନ୍ଦ୍ର ଭୋଇ, ଅଶୋକ ମହାକୁର,ସନ୍ୟାସୀ ଠେଲା,ବନମାଲୀ କଠାର, ରତ୍ନାକର ଭୋଇ,ଲଳିତ ଭୁଏ, କିଶୋର ଭୁଏ, ଜଗତ ଭୁଏ, ତହସିଲ ଭୁଏ,ରଜତ ଭୁଏ,ଖଗେଶ୍ୱର ଭୁଏ, କବିରାଜ ଭୁଏ,ଲଳିତ ଭୁଏ,ଅର୍ଜୁନ ଭୋଇ,ଦାଶରଥି ରାଉତ, ନିରଜଂନ ମହାକୁର, ସୁବୋଧ ବାରିକ, ପୀତବାସ ସାହୁ, ଦେବରାଜ ବେହେରା, ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଏଥିରେ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।



କନ୍ତଲ ଗ୍ରାମରେ ନନ୍ଦଉତ୍ସବ ପାଳନ କରାଯାଉଛି।

# ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୨୭।୮ ( ଅଜିତକୁମାର ବାରିକ)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ମଙ୍ଗଳବାର ଦିନ ଏକ ନାବାଳିକା ଅପହରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଥାନା ଅନ୍ତର୍ଗତ ଇଛାପୁର ଗ୍ରାମର ଅଭିଯୁକ୍ତ କୃଷ୍ଣଚନ୍ଦ୍ର କହଁର(୨୨) ଗତ ୪।୬।୨୦୨୨ ଦିନରେ ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରଲୋଭନ ଦେଖାଇ ୪୮ ହଜାର ଟଙ୍କା ଧରି ପଳାଇଥିଲେ। ନାବାଳିକା ଆଣିଥିବା ଟଙ୍କା ସରିଯିବା ପରେ ଗତ ୧୧।୬।୨୦୨୨ ରେ ନାବାଳିକାଙ୍କୁ ଆଣି ତାଙ୍କ ଘରେ ଛାଡି ଦେଇଥିଲେ ପୁନର୍ବାର ଗତ ୪।୧।୨୦୨୩ ରେ ନାବାଳିକା ଜଣକ ବିଦ୍ୟାଳୟକୁ ଯାଇଥିବା ବେଳେ ଅଭିଯୁକ୍ତ ରାସ୍ତାରୁ ତାଙ୍କୁ ଅପହରଣ କରି ନେଇ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ପିତା ଗତ ୫।୧।୨୦୨୩ ରେ ତାଙ୍କ ଝିଅକୁ ଅପହରଣ କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୌଦ୍ଧ ଥାନା କେସ ନମ୍ବର ୮/୨୩ ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହିଘଟଣାରେ ପୋଲିସ ଅଭିଯୁକ୍ତ କୃଷ୍ଣଚନ୍ଦ୍ର କହଁରଙ୍କୁ ୨।୨।୨୦୨୩ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲା ସ୍ପେଶାଲ ଜଜ୍ଙ୍କ ଅଦାଲତରେ ସ୍ପେଶାଲ କେସ ୪/୨୩ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ପ୍ରମାଣ ଥିବାନେଇ ଅଭିଯୁକ୍ତ କୃଷ୍ଣଚନ୍ଦ୍ର କହଁରଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଧୂରୀଣ କୁମାର ଦେହୁରୀ ପରିଚାଳନା କରିଥିଲେ।

# ବୌଦ୍ଧଗଡ଼ ଏନ୍ଏସି ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଅତିଥି ଓ ଖେଳାଳି।

ବୌଦ୍ଧ,୨୭।୮ (ଅଜିତ କୁମାର ବାରିକ)

ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ବୌଦ୍ଧ ଏନଏସି ପକ୍ଷରୁ ସ୍ଥାନୀୟ କଚେରୀ ପଡିଆଠାରେ ଏନଏସି ନକ୍ଆଉଟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ ଜୟ ଭୈରବୀ କ୍ଲବ ଓ ବୁଢୁପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଖେଳରେ ଜୟ ଭୈରବୀ କ୍ଲବ ୧–୦ ରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଗୋଲଡେନ କ୍ଲବ ବାପୁଜୀନଗର ଓ ୫ମ ଆଇଆରବି ବାଟାଲିୟନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଆଇଆରବି ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବରେ ବୌଦ୍ଧଗଡ ଏନଏସି ଉପାଧ୍ୟକ୍ଷା ସୁଭାଷିନୀ ସେଠୀ, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଏବଂ ୧୩ ନମ୍ବର ୱାର୍ଡସଭ୍ୟ ଧବଳେଶ୍ୱର ମାଝି ଯୋଗଦେଇ ମ୍ୟାଚକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିବସର ମ୍ୟାଚକୁ ରେଫରି ଭାବରେ ସଲିଲ ବେହେରା, ସାଗର ବେହେରା, ପପୁନ ବେହେରା,ସମୀର ପ୍ରଧାନ, ସୌମିତ୍ରି ଅମାତ ଓ ଶେଷଦେବ ବେହେରା ପରିଚାଳନା କରିଥିଲେ। ଅବସରପ୍ରାପ୍ତ କ୍ରୀଡା ନିରୀକ୍ଷକ ରଞ୍ଜିତ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡାବିତ ବଦ୍ରି ନାରାୟଣ ମିଶ୍ର, ବିଦ୍ୟାଧର ପ୍ରଧାନ ଓ ପରିଷଦର କର୍ମଚାରୀମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଦାଦି ପ୍ରକାଶମଣିଙ୍କ ୧୭ତମ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ



**ବୌଦ୍ଧ,୨୭।୮(ଅଜିତ କୁମାର ବାରିକ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶ ମଣିଙ୍କ ୧୭ତମ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସଞ୍ଚାଳିକା ବି.କେ. ଗୌରୀ ନିଜ ବକ୍ତବ୍ୟରେ ଦାଦିଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୈରବୀ ମହାବିଦ୍ୟାଳୟର ଅଧ୍ୟାପକ ଲଳିତ କୁମାର ମେହେର ଯୋଗଦେଇ କେନ୍ଦ୍ରର ମୁଖ୍ୟ କାର୍ଯ୍ୟାଳୟ ମାଉଣ୍ଟଆବୁର ଅନୁଭୂତି ଜଣାଇଥିଲେ । କେନ୍ଦ୍ରର ସହ ସଞ୍ଚାଳିକା ବି.କେ. ସ୍ମିତା ଭଉଣୀ ଦାଦିଜୀଙ୍କ ବନାବଳୀ ପାଠ କରିଥିଲେ। ଦାଦିଜୀଙ୍କ ସ୍ମୃତିରେ ଭାରତ ସରକାର ଡାକ ଟିକଟ ଉନ୍ମୋଚିତ କରିଛନ୍ତି। ବି.କେ. ସରୋଜ ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଦଳି ବାତିଲ ଦାବିରେ ସ୍କୁଲରେ ତାଲା

ଖୁଣ୍ଟିଗୋରା,୨୭।୮ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ଅନ୍ତର୍ଗତ ରେଘାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍ତମ ବାଗଙ୍କ ବଦଳି ବାତିଲ କରିବା ଦାବି ଜୋର ଧରିଛି । ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ମିଳିତ ଭାବେ ସ୍କୁଲରେ ତାଲା ପକାଇ ବଦଳିର ପ୍ରତିବାଦ କରିଛନ୍ତି । ପ୍ରକାଶ ଯେ, ଗତ ବର୍ଷେ ହେବ ଉତ୍ତମ ବାଗ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ତାଙ୍କର ପଦୋନ୍ନତି ହୋଇ ନାରାୟଣ ପ୍ରସାଦ ସ୍କୁଲକୁ ବଦଳି ହୋଇଛି। ତେବେ ସ୍କୁଲରେ ଉତ୍ତମ ଶିକ୍ଷାଦାନ ହେଉଥିବାରୁ ଛାତ୍ରୀଛାତ୍ର ପ୍ରଧାନ ଶିକ୍ଷକଙ୍କୁ ଛାଡିବାକୁ ନାରାଜ। ବଦଳି ବାତିଲ ପାଇଁ ସ୍କୁଲ କମିଟି ସଦସ୍ୟ ଏବଂ ଅଭିଭାବକ ଲିଖିତ ଭାବେ ବିଇଓଙ୍କୁ ଅନୁରୋଧ କରିଥଲେ। କିନ୍ତୁ ବିଭାଗୀୟ ଅଧିକାରୀ ସମାଧାନ ପାଇଁ ଘଟଣାସ୍ଥଳ ପରିଦର୍ଶନ କରି ନ ଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ସ୍କୁଲ କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକ ଚେତାବନୀ ଦେଇଛନ୍ତି।

# ବରଗଡ଼ରେ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା




ଯୋଗାସନ କ୍ରୀଡ଼ା ପ୍ରତିଯୋଗିତାରେ ଅତିଥିବୃନ୍ଦ।

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଯୋଗାସନ ସ୍ପୋର୍ଟ୍ସ ଆସୋସିଏଶନ ଏବଂ ଏଚିଭର୍ସ ହେଲ୍‌ପିଙ୍ଗ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି, ଯୋଗଗୁରୁ ବେଲାଳସେନ ସରାଫ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଙ୍ଗଠନ ସଭାପତି ଦିବାକର ମାଝି, ଦିବ୍ୟକାନ୍ତି ଭୋଇ ମଞ୍ଚାସୀନ ଥିଲେ। ଏଥିରେ ଜିଲାର ସମସ୍ତ ବ୍ଲକର ୨୦୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବରଗଡ଼ ଏମପି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ପତଞ୍ଜଳି ଯୋଗ ସମିତିର ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ବରଗଡ଼ ଯୋଗାସନ ସ୍ପୋର୍ଟ୍ସ ଆସୋସିଏଶନର ସମ୍ପାଦକ ଗୋପାଳ ପୋଢ଼, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ପର୍ବତାରୋହୀ ଲିପିକା ସେଠ, ଯୋଗଗୁରୁ ବିଷ୍ଣୁ ଗଡ଼ତିଆ, କରାଟେ ଚାମ୍ପିୟନ ଗଜେନ୍ଦ୍ର ମେହେର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପୁରୁଷ ବିଭାଗରେ ପ୍ରତ୍ୟୁଷ କୁମାର ଦେହେରି, ଶରତ କୁମାର ଦାଶ, ଲିଖିଲ ଦେବତା, ସ୍ୱାଗତ ସାହୁ, କ୍ରୀଷ୍ଣାନନ୍ଦ ନାଏକ, ଲେନିସ୍ କୁମାର ଭୋଇ, ବିଭାଣ୍ଡକ ସାହୁ, ବାବାଜୀ ପୁଟେଲ ଏବଂ ମହିଳା ବିଭାଗରେ ହିତା ପ୍ରଧାନ, ଦୀପିକା ମହାନନ୍ଦ, ରିତୁ ରାଉତ, ରଞ୍ଜିତା ଭୁଏ, ସ୍ମୃତି ସଙ୍ଗୀତା ପଣ୍ଡା, ପୂଜାରାଣୀ ସେଠ, ଜୟଶ୍ରୀ ଭୋଇ, ସୀମା ମେହେର କୃତିତ୍ୱ ଅର୍ଜନ କରିଥିଲେ। ଏଚିଭର୍ସ ହେଲ୍‌ପିଙ୍ଗ ଫାଉଣ୍ଡେଶନ ସଭାପତି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧ ଜିଲା ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ

**ବୌଦ୍ଧ,୨୭।୮(ଅଜିତ କୁମାର ବାରିକ):** ଜନ୍ମାଷ୍ଟମୀ ଅବସରରେ ବୌଦ୍ଧ ଜିଲା ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପର୍ବ ଧୂମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ସହରସ୍ଥିତ ଖଲିଆବଗିଚାସାହିଠାରେ ଥିବା ମଣ୍ଡପରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା । କର୍ତ୍ତା ଭାବରେ ଛାୟାକାନ୍ତ ବାଘ ଦାୟିତ୍ୱ ତୁଲାଇ ଥିଲେ । ଏଥିରେ ବୌଦ୍ଧ ସହରରେ ଥିବା ସମସ୍ତ ଯାଦବ ସମାଜର ଲୋକ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କୃଷ୍ଣଗୁରୁ, ନାମ ସଂକୀର୍ତ୍ତନ ଆଦି ପରିବେଷଣ କରାଯାଇଥିଲା। ମଙ୍ଗଳବାର ନନ୍ଦସ୍ତୋବ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ରଞ୍ଜିତ ରାଉତ, ରବୀନ୍ଦ୍ର ରାଉତ, ରାକେଶ କୁଦେଇ, ଘାସିରାମ ମନହିରା, ନାରାୟଣ ମନହିରା,ଅଶୋକ ଘିବେଲା,ଗଣ୍ଡାରାମ ଷାଣ୍ଢ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


## कार्यपालक अभियंता का कार्यालय, लघु वितरणी प्रमंडल सं0–7, गालूडीह।

**Email ID- eemdd7gal.chandil@gmail.com**

ई0–निविदा आमंत्रण सूचना

ई0–निविदा रेफ्रेन्स नं0–**WRD/MDD-7/ GALUDIH/F2-01/2024-25**, दिनांक 27.08.2024

| | | |
|---|---|---|
| 1. | विभाग का नाम | जल संसाधन विभाग, झारखंड सरकार। |
| 2. | कार्य का नाम | **Const. of Sub Minor & W/C of OL -55 through UGPL, Ex. Km 114.885 of CLMC.** |
| 3. | प्राक्कलित राषि | रू 01,22,42,090.18 (एक करोड़ बाईस लाख बयालीस हजार नब्बे रूपये अठारह पैसा) मात्र। |
| 4. | कार्य पूर्ण करने का समय | 270 दिन |
| 5. | वेबसाईट पर निविदा प्रकाषन की तिथि | 02.09.2024, 12.00 बजे अपराह्न से |
| 6. | ई0–निविदा अभिलेख डाउनलोड/अपलोड करने की तिथि | 02.09.2024 से 24.09.2024, 5.00 बजे अपराह्न तक |
| 7. | परिमाण विपत्र का मूल्य एवं अग्रधन की राषि जमा करने की अंतिम तिथि | 24.09.2024 से 25.09.2024, 5.00 बजे अपराह्न तक **Online Mode** द्वारा स्वीकार होगी। |
| 8. | ई0–निविदा खोलने की तिथि एवं समय | 28.09.2024, 12.00 बजे अपराह्न |
| 9. | ई0 निविदा प्रकाषित करने वाले पदाधिकारी का नाम एवं पता | कार्यपालक अभियंता, लघु वितरणी प्रमण्डल संख्या–7, गालुडीह। |
| 10. | ई0 प्रोक्यूरमेंट पदाधिकारी का मोबाईल नं0 | **7761822355** |
| 11. | ई0 प्रोक्यूरमेंट सेल का हेल्पलाईन नं0 | **0657-2371765** |

नोटः– सिर्फई–निविदा स्वीकार होगा। ज्यादा जानकारी के लिए हमारे वेबसाईट http://jharkhandtenders.gov.in पर देखें।

*प्राक्कलित राशि:It may be vary.

कार्यपालक अभियंता, लघु वितरणी प्रमंडल सं0–7,गालूडीह।

PR 333774 Water Resource(24-25)D

## कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो।

ई–निविदा आमंत्रण सूचना

ई– अतिअल्पकालीन निविदा सूचना संख्या – RDD/SD/BOKARO/34/2024-25

1.कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के पेटरवार प्रखण्ड अंतर्गत पंचायत चाँपी के अम्बाटोला फुटबॉल ग्राउण्ड और केपटीव पावर प्लांट के बीच दामोदर नदी में उच्च स्तरीय पुल निर्माण। (लम्बाई 456.52 मी०) | 149641800.00 | 2993000.00 | 10000.00 | 24 माह |
| 2 | बोकारो जिला के पेटरवार प्रखण्ड अंतर्गत ग्राम चिपुदाग के बड़कागढ़ा (श्मशान घाट) एवं उतासारा (डुमरीगोड़ा) के बीच उच्चस्तरीय पुल निर्माण। (लम्बाई 39.37 मी०) | 24572000.00 | 491500.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि – 30.08.2024
3. ई–निविदा प्राप्ति की तिथि एवं समय – दिनांक 30.08.2024 से दिनांक 06.09.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 09.09.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो।

PR 333771 Rural Development(24-25)D

## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୧୬ ତାରିଖ: ୨୭।୦୮।୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। କ୍ର.ସଂ. ୧, ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୧୬। ନିଲାମ ତାରିଖ: ୦୬।୦୯।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୫.୩୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-524) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## झारखंड सरकार
## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, गुमला।

अल्पकालीन ई– निविदा आमंत्रण सूचना।

ई–निविदा संख्या:- 10/2024-25/RWD/W/EE/GUMLA दिनांकः–27-08-2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, गुमला द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि अंक में (लाख) | प्राक्कलित राशि अक्षर में | कार्य समाप्ति की अवधि। | टेंण्डर कॉल सं0 |
|---|---|---|---|---|---|---|
| 1 | RWD/W/EE/ GUMLA/ 09/ 2024-25 | सिसई बसिया आर0सी0डी0 पथ से करौन्दाजोर भाया लमकी तक पथ निर्माण कार्य। (लं0–5.00 कि0मी0) | 489.836 | चार करोड़ नवासी लाख तीरासी हजार छः सौ रू0 मात्र। | 18 माह | प्रथम |
| 2 | RWD/W/EE/ GUMLA/ 10/ 2024-25 | पहामु बाजार टांड से ठुठी तेतर आर0सी0डी0 पथ भाया बामपुर पानीलता तक पथ निर्माण कार्य। (लं0–2.700 कि0मी0) | 305.763 | तीन करोड़ पॉच लाख छिहत्तर हजार तीन सौ रू0 मात्र। | 15 माह | प्रथम |
| 3 | RWD/W/EE/ GUMLA/ 11/ 2024-25 | बजार टांड हेसागुटू से कोटारी आर0सी0डी0 पथ भाया कल्हुटोली तक पथ निर्माण कार्य। (लं0–2.500 कि0मी0) | 293.647 | दो करोड़ तीरानब्बे लाख चौसठ हजार सात सौ रू0 मात्र। | 15 माह | प्रथम |

2 वेबसाईट में निविदा प्रकाशन की तिथिः– 31.08.2024
3 ई– निविदा प्राप्ति की अंतिम तिथि एवं समयः–09.09.2024 अपराहन 05.00 बजे तक।
4 निविदा खोलने की तिथि एवं समयः– 10.09.2024 अपराहन 05.05 बजे।
5 निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गुमला, विकास भवन, गुमला के बगल में, पिन–835207
6 ई–निविदा प्रकोश्ठ का दूरभाश सं0–06524–465040 ।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह0/–
कार्यपालक अभियंता
ग्रामीण कार्य विभाग
कार्य प्रमण्डल, गुमला।

PR 333816 (Rural Work Department) 24-25 (D)

## झारखण्ड सरकार
## ग्रामीण कार्य विभाग कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, जमशेदपुर

ई–अति अल्पकालिन निविदा आमंत्रण सूचना

ई–अति अल्पकालिन निविदा संख्या:- **08/2024-25/RWD/EE/JSR** दिनांक :- 27.08.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशनसंख्या /पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ JAMSHEDPUR / 20/2024-25 | सरजामदा पुलिया से नाला किनारे होते हुए राहरगोड़ा जयश्री इन्टरप्राईजेज के आगे मोड़ तक, लाल किस्कु के घर ट्रांसफॉर्मर के पास डीवीसी चहारदीवारी होते हुए डीवीसी मेन गेट तक एवं लक्खा सिंह के घर से राहरगोड़ा नाला तक पथ निर्माण कार्य। (लं–2.600 कि0मी0) | 3,20,76,300.00 | तीन करोड़ बीस लाख छिहत्तर हजार तीन सौ रू0 मात्र | 15 माह |
| 2. | RWD/ JAMSHEDPUR / 21/2024-25 | बगलडुबा नाला से कस्तुलिया मुख्य पथ भाया कमलाबेड़ा तक पथ निर्माण कार्य। (लं–2.600 कि0मी0) | 2,71,65,100.00 | दो करोड़ एकहत्तर लाख पैंसठ हजार एक सौ रू0 मात्र | 15 माह |

2.वेबसाईट में निविदा प्रकाशन की तिथि :– 30.08.2024।
3.ई–निविदा प्राप्ति की अंतिम तिथि एवं समय :– 09.09.2024 अपराह्न 5.00 बजे तक।
4.निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5.निविदा खोलने की तिथि एवं समय :– 10.09.2024 अपराह्न 5.00 बजे।
6.निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7.ई–निविदा प्रकोष्ठ का दूरभाष सं0– 0657–2298902।
8.विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,
जमशेदपुर

PR 333808 (REO)24-25*D

## ODISHA COAL AND POWER LTD.

OCPL Odisha Coal and Power Limited

(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph No: 0674-2300654 / 2300664

### NOTICE INVITING TENDER

NIT No.: OCPL/SER-185/2024 Date: 28.08.2024

Sealed bids in prescribed format are invited from Companies/Firms/Agencies for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission/ Opening of Bid |
|---|---|---|---|---|---|
| 1 | Annual Maintenance Contract (AMC) for Maintenance of Landscaping Area in Manoharpur Township Complex, Sarbahal, Sundargarh, Odisha | Rs.1,180/- (Rupees one thousand one hundred eighty only) including GST | 28.08.2024 | 14.09.2024 | 03.00 P.M./ 03.30 P.M. on 21.09.2024 |

For further details, bidders may visit our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Chief Operating Officer**

## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ,
୨ୟ ମହଲା, ସି-୨, ଅଶୋକ ନଗର,
ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଆଠଗଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଆଠଗଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଆଠଗଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ଷ୍ଟୋନ୍ କ୍ରସର, **ସ୍ୱତ୍ୱାଧିକାରୀ: ଶ୍ରୀ ରାକେଶ କୁମାର ସାହୁ,** ପିତା: ୰ ବାବୁଲି ସାହୁ, **ଠିକଣା-୧:** ସା: କାନଗଡ ସାହି (ବୀରକିଶୋରପୁର), ପୋ: ଆଠଗଡ, ଜିଲ୍ଲା: କଟକ, ପିନ୍ - ୭୫୪୦୨୯, **ଠିକଣା-୨:** ସା: ଗଣ୍ଡାନାଳି, ପୋ: ହିନ୍ଦୋଳ, ଜିଲ୍ଲା: ଢେଙ୍କାନାଳ, ପିନ୍ - ୭୫୯୦୨୧ | ତା.୦୧.୦୯.୨୦୨୩ରିଖ ସୁଦ୍ଧା ଟ.୧୪,୩୨,୦୪୧.୮୯ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୯.୨୦୨୩ / ୨୨.୦୮.୨୦୨୪ | **ଶ୍ରୀ ରାକେଶ କୁମାର ସାହୁ,** ପିତା: ୰ ବାବୁଲି ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗଣ୍ଡାନାଳି, ପୋ: ରାସୋଳ, ଥାନା: ରାସୋଳ, ଜିଲ୍ଲା: ଢେଙ୍କାନାଳ, ସବ୍- ରେଜିଷ୍ଟ୍ରାର କାର୍ଯ୍ୟାଳୟ: ଢେଙ୍କାନାଳ ଅଧିନ, ପ୍ଲଟ୍ ନଂ.: ୨୦୦୧/୨୧୭୪, ଖାତା ନଂ.: ୧୧୪/୧୬, କ୍ଷେତ୍ର: ଏକର୧.୩୧୦ ଡିସିମିଲି, **ପ୍ଲଟ୍‌ର ଚାରିପାର୍ଶ୍ୱରେ** ଉତ୍ତର: ଖଣ୍ଡଧୁଆ ନାଳ, ଦକ୍ଷିଣ: ସରକାରୀ ଜମି, ପୂର୍ବ: ନିରଞ୍ଜନ ଦେହୁରୀ, ପଶ୍ଚିମ: ରାସ୍ତା ଓ ନିରଞ୍ଜନ ଦେହୁରୀ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୭.୦୮.୨୦୨୪

କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଅନାସ୍ଥା ଭୋଟରେ ହାରିଲେ ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷ



ଅନାସ୍ଥା ଭୋଟରେ ସାମିଲ ବିଜେଡି କାଉନସିଲର, ନିର୍ବାଚନ ଅଧିକାରୀ ଓ ବିଧାୟକ।

ଭବାନୀପାଟଣା/ ଜୁନାଗଡ଼,୨୭।୮ (ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍ଏସିରେ ମଙ୍ଗଳବାର ଅନାସ୍ଥା ଭୋଟ ହୋଇଥିଲା। ଏଥିରେ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ହାରିଯାଇ ନିଜ ପଦ ହରାଇଛନ୍ତି। ମୁକେଶଙ୍କ ବିପକ୍ଷରେ ବିଜେଡିର ୧୦ କାଉନ୍ସିଲର ଭୋଟ ଦେଇଥିବା ଉପାଧ୍ୟକ୍ଷା ହିମାଦ୍ରି ନାଏକ ପ୍ରକାଶ କରିଛନ୍ତି। ତେବେ ଧାର୍ଯ୍ୟ ସମୟ ମଧ୍ୟରେ ଅନାସ୍ଥା ଭୋଟ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ଆଣି ଭାଜପାର ୨ କାଉନସିଲର କକ୍ଷ ତ୍ୟାଗ କରିଥିଲେ। ଏପରି କି ଏହି ଘଟଣାକୁ ନେଇ ଭାଜପା ଓ ବିଜେଡି କର୍ମୀ ଏନ୍ଏସି ଅଫିସ ସମ୍ମୁଖରେ ପାଟିତୁଣ୍ଡ କରିବା ସହ ମୁହାଁମୁହିଁ ହୋଇଥିଲେ। ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଦିଲୀପ ମହାରଣା ନିର୍ବାଚନ ପରିଚାଳନା

## ନିର୍ବାଚନ ସମୟକୁ ନେଇ ଭାଜପା, ବିଜେଡି କର୍ମୀ ମୁହାଁମୁହିଁ

ଦାୟିତ୍ୱ ତୁଲାଇଥିବାବେଳେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ତହସିଲଦାର ସୁର୍ମି ସୋରେନ, ଇଓ ପ୍ରମୋଦ ଖିଲୋ ପ୍ରମୁଖ ଉପସ୍ଥିତ ଥିଲେ। ଅନାସ୍ଥା ଭୋଟରେ ବିଜେଡିର ୧୦ କାଉନସିଲର ସାମିଲ ହୋଇ ଭୋଟ ଦେଇଥିବା ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ମହାରଣା ପ୍ରକାଶ କରିଥିଲେ। ଅନାସ୍ଥା ଭୋଟରେ ଭାଜପା ଅଧ୍ୟକ୍ଷ ହାରିବା ପରେ ବିଜେଡି କାଉନସିଲର ଏନ୍ଏସି ଅଫିସ ଆଗରେ ଖୁସି ଜାହିର କରିଛନ୍ତି।

ପ୍ରକାଶ ଯେ, ୧୨ ୱାର୍ଡ ବିଶିଷ୍ଟ ଜୁନାଗଡ଼ ଏନ୍ଏସିରେ ବିଜେଡିର ୧୦ କାଉନସିଲର ଥିବା ବେଳେ ଭାଜପାର ୨ ଜଣ ଅଛନ୍ତି। ଭାଜପାର ମୁକେଶ ଅଗ୍ରୱାଲ ଏଠାରେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଅଗ୍ରୱାଲଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତକରି ବିଜେଡି କାଉନସିଲର ଗତ ଜୁଲାଇ ୧୬ରେ ଜିଲାପାଳଙ୍କୁ ଭେଟି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପ୍ରଥମେ ଅଗଷ୍ଟ ୧ରେ ଅନାସ୍ଥା ଭୋଟ କରିବାକୁ ଜିଲାପାଳ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ଦିନ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ସ୍ୱାସ୍ଥ୍ୟ ଖରାପ କାରଣରୁ ଆସିପାରି ନ ଥିଲେ। ପରେ ଅଗଷ୍ଟ ୯ରେ ଅନାସ୍ଥା ଭୋଟ ହେବାକୁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ କଳାହାଣ୍ଡି ଜିଲାପାଳ ଦାୟିତ୍ୱରେ ଥିବାରୁ ଏନ୍ଏସିକୁ ଆସି ନ ଥିଲେ। ୨ଥର ଅନାସ୍ଥା ଭୋଟ ବାତିଲ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ବିଚାରକରି ମଙ୍ଗଳବାର ଅର୍ଥାତ୍ ୨୭ ତାରିଖରେ ଅନାସ୍ଥା ଭୋଟ କରିବାକୁ ହାଇକୋର୍ଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଜେଡି କାଉନସିଲରମାନେ ମଧ୍ୟ ଜିଲାପାଳଙ୍କୁ ସାକ୍ଷାତ୍ କରି ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ପ୍ରଦାନ କରିଥିଲେ। ଫଳରେ ମଙ୍ଗଳବାର ଅନାସ୍ଥା ଭୋଟ ଗ୍ରହଣ ହୋଇଥିଲା। ଅନ୍ୟପଟେ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଶେଷରେ ୧୦ ଜଣ କାଉନସିଲରଙ୍କ ଦ୍ୱାରା ଅନାସ୍ଥା ଭୋଟରେ ହାରି ନିଜ ପଦ ହରାଇଛନ୍ତି। କାଉନସିଲରଙ୍କ ଆଗରେ ଜନମତ ହାର୍ ମାନିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗତ ୧୨ ତାରିଖରେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ମଧ୍ୟ ସ୍ଥାନୀୟ ସମସ୍ତ କାଉନସିଲରଙ୍କ ଦ୍ୱାରା ଅନାସ୍ଥା ଭୋଟରେ ହାରି ନିଜ ପଦ ହରାଇଥିଲେ।

## ଅନିୟମିତତା ନେଇ ଜିଲାପାଳଙ୍କୁ ଅଭିଯୋଗକଲେ ମୁକେଶ

ଭବାନୀପାଟଣା,୨୭।୮ (ଉତ୍ତମ କୁମାର ଦାଶ)

ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷଙ୍କ ବିପକ୍ଷରେ ମଙ୍ଗଳବାର ହୋଇଥିବା ଅନାସ୍ଥା ଭୋଟ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଭୋଟ ଗ୍ରହଣର ସମୟ ଓ ଫଳାଫଳ ଉଲ୍ଲେଖ କରାଯାଇ ନ ଥିବା, ଜୁନାଗଡ ବିଜେଡି ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଏନ୍ଏସି ବୈଠକରେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ପ୍ରଭାବିତ କରିଥିବା ଉଲ୍ଲେଖ କରିଛନ୍ତି। ତେଣୁ ଅନାସ୍ଥା ଭୋଟକୁ ସ୍ଥଗିତ ରଖିବା ସହ ଅଭିଯୋଗ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସେହିପରି ଧାର୍ଯ୍ୟ ସମୟ ଭିତରେ ଭୋଟ ଗ୍ରହଣ ହୋଇ ନ ଥିବା ନେଇ ସ୍ଥାନୀୟ ଭାଜପା କାଉନସିଲର ମଞ୍ଜୁଲତା ସେଠୀ ଓ ମାଧବୀ ବାଗ ମଧ୍ୟ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି । ପୂର୍ବାହ୍ନ ୧୧ଟାରେ ଏହି ଭୋଟ ଗ୍ରହଣ ସମୟ ଥିବାବେଳେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଅପରାହ୍ନ ୨ଟା ୨୦ ପର୍ଯ୍ୟନ୍ତ ଏନ୍ଏସି କାର୍ଯ୍ୟାଳୟକୁ ଆସି ନ ଥିଲେ। ତେଣୁ ଏହି ଅନାସ୍ଥା ଭୋଟକୁ ସ୍ଥଗିତ ରଖି ଅନ୍ୟ ଏକ ଦିନ ଧାର୍ଯ୍ୟ କରିବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ମିଶ୍ରଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ଦଳ ତରଫରୁ ଦାୟିତ୍ୱ ଦିଆଯାଇଥିବାରୁ ବୈଠକରେ ଉପସ୍ଥିତ ଥିବା କହିଥିଲେ।

# ହାଇକୋର୍ଟଙ୍କୁ ସମୟ ମାଗିଲେ ସାରଦା

## ରାଉରକେଲା ବିଧାୟକଙ୍କ ନିର୍ବାଚନୀ ଅନିୟମିତତା ମାମଲା

କଟକ,୨୭।୮ (କାର୍ତ୍ତିକ ସାହୁ)

ରାଉରକେଲା ବିଧାୟକ ସାରଦା ନାୟକଙ୍କ ବିରୋଧରେ ହାଇକୋର୍ଟରେ ଦାଏର ନିର୍ବାଚନୀ ଅନିୟମିତତା ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଥ୍ୟ ପ୍ରଦାନ ପାଇଁ ସମୟ ଦେବା ନିମନ୍ତେ ହାଇକୋର୍ଟଙ୍କୁ ଆବେଦନ କରାଯାଇଥିଲା। ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରି ସାରଦାଙ୍କୁ ଏନେଇ ଅନୁମତି ପ୍ରଦାନ କରିଛନ୍ତି। ଅକ୍ଟୋବର ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ରାଉରକେଲା ବିଜେଡି ବିଧାୟକ ସାରଦା ନାୟକଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ଭାଜପା ନେତା ଦିଲୀପ ରାୟ ଗତ ଜୁନ୍ ୨୧ରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ବିଧାୟକ ନାୟକ ପ୍ରାର୍ଥିପତ୍ର ଦାଖଲବେଳେ ସତ୍ୟପାଠରେ ସମସ୍ତ ସୂଚନା ପ୍ରଦାନ କରିନାହାନ୍ତି। ସେ ଅନେକ ତଥ୍ୟକୁ ଚପାଇ ଦେଇ ଅନିୟମିତତା କରିଥିବା ଆବେଦନକାରୀ ରାୟ ପିଟିଶନ୍‌ରେ ଦର୍ଶାଇଛନ୍ତି। ସେହିପରି ଗତ ଜୁନ୍ ୧୦ରେ ସାରଦାଙ୍କ ବିରୋଧରେ ପରାଜିତ ଏନ୍‌ସିପି ପ୍ରାର୍ଥୀ ରାଜ କୁମାର ଯାଦବ ହାଇକୋର୍ଟରେ ନିର୍ବାଚନୀ ଅନିୟମିତତା ପିଟିଶନ୍ ଦାଖଲ କରିଥିଲେ। ବିଧାୟକ ପ୍ରାର୍ଥିପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ଦେଇଥିବା ଯାଦବ ପିଟିଶନ୍‌ରେ ଦର୍ଶାଇଥିଲେ। ସତ୍ୟପାଠରେ ସାରଦା ନିଜ ସମ୍ପତ୍ତି ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସୂଚନା ଓ ତାଙ୍କ ନାମରେ ରହିଥିବା ବିଭିନ୍ନ ଆପରାଧିକ ମାମଲାର ଠିକ୍ ତଥ୍ୟ ଦେଇନାହାନ୍ତି। ତେଣୁ ସାରଦାଙ୍କ ସଭ୍ୟପଦ ରଦ୍ଦ କରାଯିବା ପାଇଁ ସେ ହାଇକୋର୍ଟଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

# ଯାଜପୁର ଏମ୍‌ପିଙ୍କୁ ନୋଟିସ

କଟକ,୨୭।୮ (କାର୍ତ୍ତିକ ସାହୁ)

ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ହାଇକୋର୍ଟ ମଙ୍ଗଳବାର ନୋଟିସ ଜାରି କରିଛନ୍ତି। ତାଙ୍କ ବିରୋଧରେ ଆଗତ ନିର୍ବାଚନୀ ଅନିୟମିତତା ମାମଲାକୁ ବିଚାର ପାଇଁ ଗ୍ରହଣ କରି ହାଇକୋର୍ଟ ଜବାବ ଦାଖଲ ନିମନ୍ତେ ଆଦେଶ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ ଏମ୍‌ପି ପ୍ରାର୍ଥୀ ଭାବେ ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ନିମନ୍ତେ ରବୀନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଦାଖଲବେଳେ ସେ ଦେଇଥିବା ସତ୍ୟପାଠରେ ସମ୍ପତ୍ତି ତାଲିକାର ତଥ୍ୟ ଠିକ୍ ଭାବେ ଦର୍ଶାଇ ନାହାନ୍ତି। ସେ ଏପରି ଅନିୟମିତତା କରିଥିବା ହେତୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନେଇ ହାଇକୋର୍ଟରେ ପିଟିଶନ୍ ଦାଏର ହୋଇଛି। ପରାଜିତ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ପିଟିଶନ ଦାଏର କରି ବେହେରା ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ମହାପ୍ରଭୁଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରତିବାଦରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଥିବା ଛାତ୍ର ଓ ଯୁବ କଂଗ୍ରେସ କର୍ମକର୍ତ୍ତା। (ଫଟୋ- ମନୋରଞ୍ଜନ ମିଶ୍ର)

# ଭାଜପାର ସଦସ୍ୟତା କର୍ମଶାଳାରେ ମାରପିଟ: ୪ ଆହତ



ରାଜନଗର, ୨୭।୮ (ଭାସ୍କର ରାଉତରାୟ)

## ପୁରୁଣାଙ୍କୁ ବାଡ଼େଇଲେ ନୂଆ

ନିର୍ବାଚନ ସରିବାର ଅଢ଼େଇ ମାସ ପରେ କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀ ଭାଜପାରେ ଗଣ୍ଡଗୋଳ ଆରମ୍ଭ ହୋଇଛି। ନିର୍ବାଚନ ପରଠାରୁ ବିଭିନ୍ନ କାର୍ଯ୍ୟକ୍ରମ ସମାନ୍ତରାଳ ଭାବେ ଚାଲୁଥିବା ବେଳେ ମଙ୍ଗଳବାର ମାରପିଟ୍ ହୋଇଛି। ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ କାହିଁକି ସଦସ୍ୟତା ଅଭିଯାନ କର୍ମଶାଳାକୁ ଡକାଯାଇନାହିଁ ପ୍ରଶ୍ନରେ ନୂଆ ନେତା ଓ କର୍ମୀମାନେ ଉତ୍କ୍ଷିପ୍ତ ହୋଇ ସେମାନଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଥିବା ଦେଖିବାକୁ ମିଳିଛି। ଏଥିରେ ୪ ଜଣ ପୁରୁଣା କାର୍ଯ୍ୟକର୍ତ୍ତା ଆହତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏହାକୁ ନେଇ ରାଜନଗର ଭାଜପାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭାଜପା ପକ୍ଷରୁ ଅପରାହ୍ନରେ ରାଜନଗର ନିର୍ବାଚନମଣ୍ଡଳୀର ୩୧ନଂ. ଜୋନ୍ ସଦସ୍ୟତା ଅଭିଯାନ କର୍ମଶାଳା ୩୦ନଂ. ଜୋନରେ ହେଉଥିଲା। ୩୧ନଂ. ଜୋନ୍ ସଭାପତି ଦିଲୀପ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଲଳିତ କୁମାର ବେହେରା, ରାଜୀବଲୋଚନ ନାୟକ, ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁନାକର ପ୍ରଧାନ, ଶୁଭକାନ୍ତ ନାୟକ, ବିକ୍ରମ କୁମାର ବାରିକ, ନିମାଇଁ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୩୧ନଂ. ଜୋନ୍ ଡେରା ସରପଞ୍ଚ ପ୍ରାର୍ଥୀ ତଥା ପୂର୍ବତନ ଯୁବମୋର୍ଚ୍ଚା ସମ୍ପାଦକ କ୍ରିଷ୍ଣା ବେହେରା, ଜୋନ୍‌ର ଯୁବନେତା ଦିଲୀପ ପାଳ ଓ ପୁରୁଣା କାର୍ଯ୍ୟକର୍ତ୍ତାମାନେ ପହଞ୍ଚି ଆମ ଜୋନ୍‌ର କର୍ମଶାଳାକୁ ଆମକୁ କାହିଁକି ଡକାଗଲାନାହିଁ। ୩୦ନଂ. ଜୋନ୍‌ରେ କାହିଁକି କର୍ମଶାଳା ହେଉଛି, ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ କାହିଁକି ଡକାଯାଉନାହିଁ ବୋଲି ପଚାରିଥିଲେ। ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ବଦଳରେ କଂଗ୍ରେସ, ବିଜେଡିରୁ ଆସିଥିବା ନେତା ଓ କର୍ମୀମାନଙ୍କୁ ନେଇ କାହିଁକି କର୍ମଶାଳା ହେଉଛି ବୋଲି ପଚାରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ବିବାଦ ଉଗ୍ରରୂପ ଧାରଣ କରି ଚେୟାର ଉଠାଇ ମାରପିଟ୍ ଯାଏ କଥା ଯାଇଥିଲା। କର୍ମଶାଳା ସ୍ଥଳରୁ କେରେଡ଼ାଗଡ଼-ରାଜନଗର ମୁଖ୍ୟ ରାସ୍ତା ଯାଏ ଗୋଡ଼େଇ ଗୋଡ଼େଇ ମାରପିଟ ଚାଲିଥିଲା। ଯୁବମୋର୍ଚ୍ଚାର ପୂର୍ବତନ ସମ୍ପାଦକ କ୍ରିଷ୍ଣା ବେହେରାଙ୍କ ହାତ, ଛାତି ଓ ଅଣ୍ଡକୋଷରେ ଗୁରୁତର ଆଘାତ ଲାଗିଥିବାବେଳେ ମହୁଲିଆର ଗଗନ ବିହାରୀ ଦାସଙ୍କ ମୁଣ୍ଡ ଫାଟିଯାଇଛି। କୃଷ୍ଣ ରାଉତ ଓ ବଶିଷ୍ଠ ଜେନା ମଧ୍ୟ ଆହତ ହୋଇଛନ୍ତି। ଆହତ କ୍ରିଷ୍ଣାଙ୍କୁ ପଚାରିବାରେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ କାହିଁକି ଡକାଯାଇନି ବୋଲି ପଚାରିବାକୁ ଯାଇଥିଲୁ। ହେଲେ ଆମକୁ ବିଜେଡି, କଂଗ୍ରେସରୁ ଆସିଥିବା କେତେଜଣ କର୍ମୀ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିସହ ଦଳ ପାଇଁ ଦୀର୍ଘବର୍ଷ ଧରି ଖଟିଥିବା ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରାଯାଉଛି ବୋଲି ସେ କହିଛନ୍ତି।

# ବିଜେଡିରୁ ମାଥିଲି ଜୋନ୍ ନଂ.୩ ଜିଲା ପରିଷଦ ସଭ୍ୟା ସସ୍ମିତା ବହିଷ୍କୃତ

ମାଲକାନଗିରି, ୨୭।୮ (ଦୁର୍ଯ୍ୟୋଧନ ପାତ୍ର)



ସସ୍ମିତା ମାଝୀ

ମାଲକାନଗିରି ଜିଲା ମାଥିଲି ୩ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀଙ୍କୁ ବିଜେଡିରୁ ମଙ୍ଗଳବାର ବହିଷ୍କାର କରାଯାଇଛି। ପ୍ରକାଶଯେ, ସସ୍ମିତା ମାଥିଲି ଅଞ୍ଚଳର ବିଭିନ୍ନ ଲୋକଙ୍କଠାରୁ ଚାକିରି କରାଇଦେବାକୁ କହି ଅନେକ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଚାକିରି ଦୂରର କଥା, ଦୀର୍ଘଦିନ ହେବ ସେମାନଙ୍କ ଟଙ୍କା ମଧ୍ୟ ଫେରସ୍ତ ନ କରି ଧମକ ଦେଉଥିବାରୁ ଠକାମିର ଶିକାର ହୋଇଥିବା ଲୋକେ ମାଥିଲି ଥାନାରେ ଅଭିଯୋଗ କରିଥିଲେ। ସସ୍ମିତାଙ୍କ ଏପରି କାର୍ଯ୍ୟକୁ ନେଇ ମାଥିଲି ବ୍ଲକ ବିଜେଡିରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବ୍ଲକ ବିଜେଡି ସଭାପତି ବିଦ୍ୟା ପୂଜାରୀଙ୍କ ଅଧ୍ୟକ୍ଷତାରେ ୨୦ ପଞ୍ଚାୟତ କର୍ମୀମାନଙ୍କୁ ନେଇ ମଙ୍ଗଳବାର ବୈଠକ କରାଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି କର୍ମୀମାନେ ଭୋଟରଙ୍କ ପାଖକୁ ଗଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି କର୍ମୀମାନେ ମତ ଦେଇଥିଲେ। ଏଭଳି ଦୁର୍ନୀତି କରିଥିବା ସସ୍ମିତାଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନେଇ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ଅଭିଯୋଗପତ୍ର ଜିଲା ସଭାପତି ମାନସ ମାଡ଼କାମିଙ୍କ ଜରିଆରେ ପ୍ରେରଣ କରିଥିଲେ। ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ଜଣାପଡ଼ିଛି।

# ବିଜେଡିକୁ ଫେରିଲେ ବରୀ ବ୍ଲକ୍ ଅଧ୍ୟକ୍ଷ

ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୨୭।୮

ସାଧାରଣତଃ ନିର୍ବାଚନ ପୂର୍ବରୁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକରେ ଦଳବଦଳ ଜୋର ଧରିଥାଏ। କିନ୍ତୁ ଯାଜପୁର ଜିଲାରେ ୨୦୨୪ ନିର୍ବାଚନ ପରେ ଦଳବଦଳ ରାଜନୀତି ଚର୍ଚ୍ଚାର ବିଷୟ ହୋଇଛି। ଜିଲାର ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ୍ଡି ୧୨ ଜଣ ସମିତି ସଭ୍ୟଙ୍କୁ ନେଇ ୧୬ ଅଗଷ୍ଟରେ ରାଜ୍ୟ କାର୍ଯ୍ୟାଳୟରେ ଭାଜପାରେ ସାମିଲ ହୋଇଥିଲେ। ଏହାର ଦୁଇ ସପ୍ତାହ ନ ପୂରୁଣୁ ସେ ମଙ୍ଗଳବାର ପୁଣି ବିଜେଡିକୁ ଫେରିଛନ୍ତି। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଏକତରଫା କାର୍ଯ୍ୟ ଓ ମନମାନି ବିରୋଧରେ ବ୍ଲକ ଅଧ୍ୟକ୍ଷ ଗେଡ୍ଡି ଦଳ ଛାଡିଥିଲେ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ଅନ୍ୟପକ୍ଷେ ବିଜେଡି ଛାଡି ଭାଜପାରେ ମିଶିଥିବା ବରୀ ପଞ୍ଚାୟତ ସମିତି ସଭ୍ୟ ସଞ୍ଜୀବ ଜେନା କହିଛନ୍ତି, ବରୀ ବ୍ଲକର ସର୍ବାଙ୍ଗୀନ ବିକାଶ ପାଇଁ ସେମାନେ ଭାଜପା ହାତ ଧରିଥିଲେ।



ଶଙ୍ଖଭବନଠାରେ ବରିଷ୍ଠ ବିଜେଡି ନେତାଙ୍କ ଉପସ୍ଥିତିରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ୍ଡି ବିଜେଡିରେ ପୁନଃ ସାମିଲ ହୋଇଛନ୍ତି।

କିନ୍ତୁ ମା'ମାଟିର ବିକାଶକୁ ଅଣଦେଖା କରି କୌଣସି ପ୍ରଲୋଭନ କିମ୍ବା ଲୋଭରେ ସେମାନେ ବିଜେଡିକୁ ପୁଣି ଫେରିଛନ୍ତି। ଏଥିରେ ବରୀର ବିକାଶ ବଦଳରେ ବିନାଶ ହେବାକୁ ଯାଉଛି ବୋଲି ସେ କହିଛନ୍ତି।

ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ଶଙ୍ଖ ଭବନରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ, ପୂର୍ବତନ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ପ୍ରତାପ ଜେନା ଓ ବରୀ ବିଧାୟକ ବିଶ୍ୱରଞ୍ଜନଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷ ଗେଡ୍ଡି ବିଜେଡିକୁ ଫେରିଛନ୍ତି। ଏହା ପୂର୍ବରୁ ଅନ୍ୟାସପୁର ସମିତି ସଭ୍ୟ ରମେଶ ଚନ୍ଦ୍ର ସାହୁ ଓ ବାଲିଆପାଳ ସମିତି ସଭ୍ୟା ମାନସୀ ଦାସ ରବିବାର ଭାଜପାରୁ ବିଜେଡିକୁ ଫେରିଥିଲେ। ବ୍ଲକ ଅଧ୍ୟକ୍ଷ ଗେଡ୍ଡି ବିଜେଡିକୁ ଫେରିବାର ଖବର ପ୍ରଚାରିତ ହେବା ପରେ ଶଙ୍ଖାରିଗଡ଼ା, ବରୀ ମାଉଣ୍ଡ, ରାମଚନ୍ଦ୍ରପୁର, ବାଲିଆ, ରତ୍ନଗିରି ପ୍ରମୁଖ ସ୍ଥାନରେ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଥିଲେ। ଭାଜପାକୁ ଯାଇଥିବା ଅନ୍ୟ ୯ ଜଣ ସମିତି ସଭ୍ୟ ଓ ୬ ଜଣ ସରପଞ୍ଚଙ୍କୁ ମଧ୍ୟ ବିଜେଡିକୁ ଫେରାଇ ଆଣିବାକୁ ଜୋରସୋର କସରତ ଚାଲିଥିବା ସୂଚନା ମିଳିଛି। ତେବେ ଦୁଇ ସପ୍ତାହ ମଧ୍ୟରେ ଭାଜପାକୁ ଯାଇ ପୁଣି ବିଜେଡିକୁ ଫେରିଥିବା ନେତାଙ୍କ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ଭିନ୍ନ ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ବ୍ଲକ ଅଧ୍ୟକ୍ଷ ଗେଡ୍ଡିଙ୍କ ମତାମତ ନେବାକୁ ତାଙ୍କୁ ଫୋନରେ ଯୋଗଯୋଗ କରାଯାଇଥିଲା । ଫୋନ ସୁଇଚ୍‌ଅଫ୍ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିନାହିଁ। ଅପରପକ୍ଷେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପଚାରିବାରେ ସେ କୁହନ୍ତି, ଭୁଲ ବୁଝାମଣା ଯୋଗୁ ଏଭଳି ଘଟଣା ଘଟିଥିଲା। ବିକଶିତ ବରୀ ଗଠନ କ୍ଷେତ୍ରରେ ଏହି ବ୍ଲକର ସମସ୍ତ ଲୋକ ପ୍ରତିନିଧି, ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ସେ ନିଜେ ବିଧାୟକ ଭାବେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବେ।

# କୁକୁଡ଼ା ଫାର୍ମରେ ମାରି ନଦୀକୁ ଫିଙ୍ଗିଦେଲେ

## ବ୍ୟବସାୟକୁ ନେଇ ହତ୍ୟା ସନ୍ଦେହ

ଝାରସୁଗୁଡ଼ା,୨୭।୮(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ସଦର ଥାନା ଅନ୍ତର୍ଗତ ୧୦ ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଏକ କୁକୁଡ଼ା ଫାର୍ମରେ ସୋମବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟିଛି। ଏହି ଗୁଳିକାଣ୍ଡରେ ମହମ୍ମଦ ଶାହାଜାହାନ ଖାନ(୨୯) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ଭୟରେ ଅଭିଯୁକ୍ତମାନେ ଶାହାଜାହାନଙ୍କ ମୃତଦେହ ଝାରସୁଗୁଡ଼ା-ସମ୍ବଲପୁରକୁ ସଂଯୋଗ କରୁଥିବା ରମ୍ପେଲା ବ୍ରିଜ୍ ଉପରୁ ନଦୀରେ ଫିଙ୍ଗି ଦିଆଯାଇଥିଲା। ଏହାଜଣା ପଡ଼ିବା ପରେ ଝାରସୁଗୁଡ଼ା ଏସ୍‌ପି ସ୍ମିଥ ପି. ପରମାରଙ୍କ ସହିତ ସାଇଣ୍ଟିଫିକ୍ ଓ ଡଗ୍ ସ୍କ୍ୱାଡ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଓପିଜିସି ଦମକଳ ବାହିନୀ ଓ ସମ୍ବଲପୁର ଜିଲା ରେଙ୍ଗାଲି ଦମକଳ ବାହିନୀଙ୍କ ମିଳିତ ଉଦ୍ୟମରେ ନଦୀ ଭିତରୁ ଶାହାଜାହାନଙ୍କ ମୃତଦେହ ବାହାର କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ସଦର ଥାନା ଓ ଝାରସୁଗୁଡ଼ା ଟାଉନ ଥାନା ପୋଲିସର ମିଳିତ ତଦନ୍ତ ପରେ ଇମାରନ ଖାନ ଓ ଜଣେ ସହଯୋଗୀଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନାମରେ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଏହାର ଆହୁରି ତଦନ୍ତ ଚାଲିଛି ବୋଲି ଝାରସୁଗୁଡ଼ା ଏସ୍‌ପି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସହରସ୍ଥିତ ମଙ୍ଗଳବଜାର ମସଜିଦ ଅଞ୍ଚଳର ମହମ୍ମଦ ଶାହାଜାହାନ ଖାନ୍ ଓ ଇମାରନ ଖାନ ସମ୍ପର୍କୀୟ ୨ ଭାଇ। ୧୦ ନଂ. ରାଜ୍ୟ ରାଜପଥ ବେହେରାପାଟ ରୋଡ ପାର୍ଶ୍ୱରେ ଦୁହେଁ ମିଶି ଏକ କୁକୁଡ଼ା ଫାର୍ମ କରିଥିଲେ। ଗତ କିଛିଦିନ ହେବ ଉଭୟଙ୍କ ଭିତରେ ବ୍ୟବସାୟକୁ ନେଇ ବିବାଦ ଲାଗି ରହିଥିଲା। ଏହାର ଦ୍ୱିପାକ୍ଷିକ ଆଲୋଚନା ପାଇଁ ଜଣେ ମଧ୍ୟସ୍ଥି ଜରିଆରେ ଆପୋସ ବୁଝାମଣା ପାଇଁ ଇମରାନ ଶାହାଜାହାନଙ୍କୁ ଡାକିଥିଲେ। ସେଠାରେ ଆଲୋଚନା ଚାଲିଥିବା ବେଳେ କିଛି ବିଚାର ନ କରି ହଠାତ୍ ଇମରାନ ଶାହାଜାହାନଙ୍କ ଉପରକୁ ଗୁଳି କରିଥିଲେ। ଘଟଣାସ୍ଥଳରେ ଶାହାଜାହାନଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଭୟରେ ଘଟଣାକୁ ଚାପି ଦେବାପାଇଁ ଶାହାଜାହାନଙ୍କ ମୃତଦେହ ଝାରସୁଗୁଡ଼ା-ସମ୍ବଲପୁରକୁ ସଂଯୋଗ କରୁଥିବା ରମ୍ପେଲା ବ୍ରିଜ୍ ଉପରୁ ନଦୀରେ ଫିଙ୍ଗି ଦିଆଯାଇଥିବା ବେଳେ ବ୍ୟବହୃତ ବନ୍ଧୁକ ମଧ୍ୟ ନଦୀରେ ଫିଙ୍ଗି ଦେଇ ଫେରାର ହୋଇଥିଲେ।

# ସାହାଯ୍ୟ ଆଳରେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ

## ଏମ୍ସ ସିକ୍ୟୁରିଟି ଗାର୍ଡଙ୍କ ନାଁରେ ମହିଳା କମିଶନଙ୍କ ନିକଟରେ ଅଭିଯୋଗ

ଭୁବନେଶ୍ୱର,୨୭।୮
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଏମ୍ସରେ ଜଣେ ସିକ୍ୟୁରିଟି ଗାର୍ଡ ଜଣେ ରୋଗୀଙ୍କ ସ୍ତ୍ରୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ସାହାଯ୍ୟ କରିବା ଆଳରେ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ଜଣଙ୍କ ମଙ୍ଗଳବାର ମହିଳା କମିଶନଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ସେପ୍ଟେମ୍ବର ୧୩ ରେ ଏହା ଉପରେ ଶୁଣାଣି ଅଛି। ସେହିଦିନ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡ଼ ମନୋଜ କୁମାର ସାହୁଙ୍କୁ ମଧ୍ୟ ଡକାଯିବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଥିବା ପୀଡିତା ମହିଳା କହିଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀଙ୍କୁ ୩ବର୍ଷ ତଳେ ବ୍ଲଡ କ୍ୟାନସର ହୋଇଥିଲା। ଚିକିତ୍ସା ପାଇଁ ସେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ଆଣିଥିଲେ। ସେଠାରେ ତାଙ୍କ ସ୍ୱାମୀଙ୍କ ଚିକିତ୍ସା ଚାଲିଥିବାବେଳେ ସିକ୍ୟୁରିଟି ଗାର୍ଡ ମନୋଜଙ୍କ ସଂସ୍ପର୍ଶରେ ସେ ଆସିଥିଲେ। ମନୋଜ ମହିଳାଙ୍କୁ ମେଡିସିନଠାରୁ ଆରମ୍ଭ କରି ରକ୍ତ ଓ ଅନ୍ୟାନ୍ୟ କାର୍ଯ୍ୟରେ ସମସ୍ତ ପ୍ରକାର ସାହାଯ୍ୟ କରୁଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ବଢିଥିଲା। ଏପିରି କି ମନୋଜ ତାଙ୍କୁ ନେଇ ଏକ ରୁମ୍‌ରେ ମଧ୍ୟ ରଖିଥିଲେ। ସେଠାରେ ରୋଷେଇ ବାସ କରି ରହିବା ପାଇଁ କହିଥିଲେ। ଭବିଷ୍ୟତରେ ସବୁ ପ୍ରକାର ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମନୋଜ ତାଙ୍କ ସହିତ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରତିବାଦ କଲେ ବି ସେ ଶୁଣି ନ ଥିଲେ। ହେଲେ ଏହି ୩ ବର୍ଷ ମଧ୍ୟରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ମନୋଜ ତାଙ୍କୁ ଏକ ମନ୍ଦିରରେ ବାହା ହେବା ସହ ତାଙ୍କ ପିଲାଙ୍କ ଯତ୍ନ ନେବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ମନୋଜ ଧରାଛୁଆଁ ଦେଉନାହାନ୍ତି କି ଫୋନ ମଧ୍ୟ ଉଠାଉନାହାନ୍ତି ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି।

# ତଣ୍ଟି ଚିପି ମହିଳାଙ୍କୁ ହତ୍ୟା

- ପଡ଼ିଆରୁ ମୃତଦେହ ଜବତ କଲା ପୋଲିସ
- ୮ ମାସ ତଳେ କରିଥିଲେ ଦ୍ୱିତୀୟ ବିବାହ
- ଦ୍ୱିତୀୟ ସ୍ୱାମୀଙ୍କ ହାତଥିବା ପରିବାର ଲୋକଙ୍କ ସନ୍ଦେହ

ଅନୁଗୋଳ,୨୭।୮(ମାନସ ବିଶ୍ୱାଳ)

ଅନୁଗୋଳ ଥାନା ସୌଭାଗ୍ୟନଗର ହୋମଗାର୍ଡ କାର୍ଯ୍ୟାଳୟ ନିକଟ ପଡ଼ିଆରେ ଜଣେ ମହିଳାଙ୍କୁ ମଙ୍ଗଳବାର ଭୋର ସମୟରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ସ୍ଥାନୀୟ ଅଞ୍ଚଳର ବିନୋଦିନୀ ଗୋଛାୟତ (୨୮)। ତାଙ୍କ ବେକରେ ଗାମୁଛା ଓ ଶାଢ଼ି ଗୁଡ଼ାଯାଇଥିବାରୁ କେହି ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସମ୍ପୃକ୍ତା ମହିଳା ୮ ମାସ ପୂର୍ବରୁ ଦ୍ୱିତୀୟ ବିବାହ କରିଥିବାବେଳେ ଏହି ହତ୍ୟାକାଣ୍ଡରେ ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କ ହାତ ଥାଇପାରେ ବୋଲି ବାପଘର ଲୋକେ ଏତଲାରେ ସନ୍ଦେହବ୍ୟକ୍ତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିନୋଦିନୀ ବନ୍ତଳା ଥାନା ଅଞ୍ଚଳରେ ପ୍ରଥମେ ବିବାହ କରିଥିଲେ। ତାଙ୍କର ୫ଟି ସନ୍ତାନ ଥିଲେ। ହେଲେ ୮ ମାସ ତଳେ ସେ ପ୍ରଥମ ସ୍ୱାମୀ ଓ ପିଲାଙ୍କୁ ଛାଡ଼ି ପାଲଲହଡ଼ା ଥାନା ଅଞ୍ଚଳର ଜଣେ ଲୋକଙ୍କ ସହ ପଳାଇଯାଇ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ଅନେକ ସମୟରେ ଦ୍ୱିତୀୟ ସ୍ୱାମୀଙ୍କ ସହ ତାଙ୍କର ଝଗଡ଼ା ହେଉଥିଲା। ୪ ଦିନ ହେବ ସେ ଅନୁଗୋଳ ସୌଭାଗ୍ୟନଗର ଆସି ବାପଘରେ ରହୁଥିଲେ। ମଙ୍ଗଳବାର ଭୋର୍ ସମୟରେ ସେ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସ୍ଥାନୀୟ ପଡ଼ିଆରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ତଣ୍ଟି ଚିପି ବିନୋଦିନୀଙ୍କୁ ହତ୍ୟା କରାଯାଇଥିବା ଓ ଏଥିରେ ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କ ସମ୍ପୃକ୍ତି ଥାଇପାରେ ବୋଲି ବାପଘର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ଅନୁଗୋଳ ପୋଲିସ ନଂ. ୬୮୨/୨୪ରେ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି ଓ ଏଯାଏ କାହାରିକୁ ଗିରଫ କରାଯାଇ ନ ଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି।

# କର୍ଣ୍ଣାଟକରୁ ମିଳିଲେ ଅପହୃତା ନାବାଳିକା

## ଅପହରଣ ଅଭିଯୋଗରେ ଯୁବକ ଗିରଫ

ନବରଙ୍ଗପୁର,୨୭।୮
(ସଦାଶିବ ପ୍ରହରାଜ)

୭ ମାସ ଧରି ନିଖୋଜ ଥିବା ଜଣେ ନାବାଳିକାଙ୍କୁ ନବରଙ୍ଗପୁର ପୋଲିସ କର୍ଣ୍ଣାଟକର ସିନ୍ଧିନୁରରୁ ଉଦ୍ଧାର କରିଛି। ନବରଙ୍ଗପୁରରୁ ନାବାଳିକାଙ୍କୁ ଅପହରଣ କରିଥିବା ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ମାଲକାନଗିରି ଜିଲା କାଲିମେଲା ଗାଁର କୁନାଲ ପରମାନିକ। ପୋଲିସ ସୂଚନାନୁଯାୟୀ, ନବରଙ୍ଗପୁର ଥାନା ଅଞ୍ଚଳର ଏକ ଗାଁର ଜଣେ ନାବାଳିକାଙ୍କୁ କୁନାଲ ଫେବୃଆରୀ ୨୨ରେ ଅପହରଣ କରି ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। କେସ୍ ନମ୍ବର ୯୦/୨୪ରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କୁ ନେଇ ଅଭିଯୁକ୍ତ କୁନାଲ ସିନ୍ଧିନୁରରେ ରହୁଥିବା ପୋଲିସ ଖବର ପାଇଥିଲା। ନବରଙ୍ଗପୁର ଏସ୍‌ଆଇ କୁଳଭୂଷଣ ନାୟକ ସିନ୍ଧିନୁରରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ନବରଙ୍ଗପୁରରେ ପହଞ୍ଚିବା ପରେ ଉଭୟଙ୍କର ଡାକ୍ତରୀମାଇନା କରାଯାଇଛି। ପରେ କୁନାଲଙ୍କୁ କୋର୍ଟଚାଲାଣ ଓ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# କଲରାପତରିଆ ବାଘଛାଲ, ଶମ୍ବର ଶିଙ୍ଗ ଜବତ



ଜବତ ବାଘଛାଲ, ଶମ୍ବର ଶିଙ୍ଗ, ମାଂସ ଓ ଶିକାରରେ ବ୍ୟବହୃତ ଅସ୍ତ୍ର।

## ୩ ଜଣଙ୍କୁ ବାନ୍ଧିଲା ବନ ବିଭାଗ

ନାକଟିଦେଉଳ, ୨୭।୮(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅନ୍ତର୍ଗତ ହୀରାଲୋଇ ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରିରେ ବନ ବିଭାଗ ଚଢ଼ାଉ କରି କଲରାପତରିଆ ବାଘଛାଲ, ଶମ୍ବର ଶିଙ୍ଗ ଜବତ କରିଛି। ଚଢ଼ାଉ ବେଳେ ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ୩ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ ହୀରାଲୋଇ ଗ୍ରାମର ପ୍ରଫୁଲ୍ଲ ବାର୍ଲା, ଜୟ ମହାନନ୍ଦ ଏବଂ କୁଆରା ଟାପେନ।

ସୂଚନା ଅନୁସାରେ, ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳର ହୀରାଲୋଇ ଜଙ୍ଗଲରେ ସୋମବାର କେତେଜଣ ଶିକାରୀ ଏକ କଲରାପତରିଆ ବାଘ ଶିକାର କରିଥିଲେ। ଏ ସମ୍ପର୍କରେ ଗିରିଶ୍ଚନ୍ଦ୍ରପୁର ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ସୋମବାର ରାତି ପ୍ରାୟ ୨ଟାରେ ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର ସାହୁ, ଫରେଷ୍ଟର ପ୍ରବୀଣ କୁମାର ସାହୁ ସଦଳବଳ ହୀରାଲୋଇ ଗ୍ରାମରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ଶିକାରୀମାନେ ନିଜ ଘରେ ମୃତବାଘର ମାଂସ ଚୁଲାରେ ରୋଷେଇ କରୁଥିବାବେଳେ ସେମାନଙ୍କୁ କାବୁ କରାଯାଇଥିଲା। ଏହି ସମୟରେ ସେମାନଙ୍କଠାରୁ କଲରାପତରିଆ ବାଘ ମାଂସ ସହିତ ରୋଷେଇ ସାମଗ୍ରୀ ଏବଂ ବାଘଛାଲ, ୪ଟି ଟାଙ୍ଗିଆ, ଗୋଟିଏ ପନିକି ଏବଂ ଶିକାରରେ ବ୍ୟବହୃତ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିଲା। ବନ ବିଭାଗ ସମ୍ପୃକ୍ତ ଶିକାରୀମାନଙ୍କୁ ଗିରଫ କରି କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚରା କରୁଛି। ରେଢ଼ାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି ମଙ୍ଗଳବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଥିଲେ। ସୂଚନାଯୋଗ୍ୟ, ଦୁଇ ମାସ ପୂର୍ବରୁ ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନର ଭୀମ ମଣ୍ଡଳୀ ଜଙ୍ଗଲରେ ଦୁର୍ବୃତ୍ତମାନେ ଏକ କଲରାପତରିଆ ବାଘକୁ ହତ୍ୟା କରିଥିବା ବେଳେ ଜଙ୍ଗଲ ଭିତରୁ ବନ ବିଭାଗ ଉକ୍ତ ବାଘର ମୃତଦେହ ଜବତ କରିଥିଲା।

# ଯୌତୁକଜନିତ ହତ୍ୟା ମାମଲା, ସ୍ୱାମୀଙ୍କୁ ଆଜୀବନ ଜେଲ

ଭଞ୍ଜନଗର,୨୭।୮(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ତୁଳସୀପଲ୍ଲୀର ଝୁଲି ପ୍ରଧାନଙ୍କୁ ଯୌତୁକ ପାଇଁ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀ ଦୁଃଖୀଶ୍ୟାମଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ତୋଲୋଡ଼ିର ବିଦ୍ୟାଧର ପ୍ରଧାନଙ୍କ ଝିଅ ଝୁଲି ୨୦୧୬ରେ ତୁଳସୀପଲ୍ଲୀର ଦୁଃଖୀଶ୍ୟାମଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୬୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ଜିନିଷପତ୍ର ଦିଆଯାଇଥିଲା। ପରେ ବାପଘରୁ ଆଉ ଟଙ୍କା ଆଣିବା ପାଇଁ ଦୁଃଖୀଶ୍ୟାମ କହି ଆସୁଥିଲେ। ଝୁଲି ଟଙ୍କା ଆଣି ନ ଥିବାରୁ ତାଙ୍କୁ ନିର୍ଯାତନା ଦେଉଥିଲେ। ୨୦୨୧ ମାର୍ଚ୍ଚ ୩୧ ତାରିଖରେ ଝୁଲିଙ୍କୁ ତାଙ୍କ ବାପା ଫୋନ କରି ନାତିର ଚୁଟି ପକାଇବାକୁ ଗ୍ରାମକୁ ଡାକିଥିଲେ। ପରଦିନ ସକାଳେ ୩ବର୍ଷର ପୁଅକୁ ନେଇ ଝୁଲି ସ୍ୱାମୀଙ୍କ ସହ ବାପଘରକୁ ଯାଇଥାନ୍ତେ। ହେଲେ ରାତିରେ ଦୁଃଖୀଶ୍ୟାମ ସ୍ତ୍ରୀଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସେ ସମୟରେ ତାରସିଂ ଥାନାରେ ଅଭିଯୋଗକ୍ରମେ ନଂ.୭୧/୨୧ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ରଜତ ଦାସ ମାମଲା ପରିଚାଳନା କରୁଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ କଷି,**
**କଥା ନହସରେ ପଶି ଆସିଲି,**
**ମତେ ନ ବୋଲିବୁ ବଳେ ପଶି ।**

ବେଳେବେଳେ କିଛି ବ୍ୟକ୍ତି ନିଜର ଭିତିରି ଉଦ୍ଦେଶ୍ୟ ପୂରଣ କରିବା ଲକ୍ଷ୍ୟରେ କଥା ଛଳରେ ଘରେ ପହଂଚିଯାଇଥାନ୍ତି। କାଳେ କିଏ ଖରାପ ଭାବିବ, ସେନେଇ ଆଗତୁରା କଥା ନହସରେ ଚାଲି ଆସିଥିବା ନେଇ ସଫେଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବ ଗଛର ସିଅ,**
**ବୁଢା ଆଗେ ବୁଢ଼ୀ ସକେଇ କାନ୍ଦେ,**
**ଖଡୁ ବଦଳେଇ ଦିଅ ।**

ସ୍ତ୍ରୀର ହାନିଲାଭ ସ୍ୱାମୀ ବୁଝିଥାଏ। ତାର ସବୁ ଆବଶ୍ୟକତା ଦେଖିଚାହିଁ ପୂରଣ କରିଥାଏ। ଗହଣାଗାଣ୍ଠି ପ୍ରତି ନାରୀଙ୍କ ମନରେ ଦୁର୍ବଳତା ରହିବା ସ୍ୱାଭାବିକ। ବୁଢ଼ାବୁଢ଼ୀ ହେଲେ ବି ସୁଆଗ ତ ରହିଛି। ଏପରିସ୍ଥଳେ ନୂଆ ଖଡୁ ହଲେ କିଣି ଦେବାକୁ ନେଇ ସ୍ୱାମୀ ପାଖେ ସ୍ତ୍ରୀ ଅଳି କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

ବଲାଙ୍ଗୀର,୨୭।୮
(ବୀରେନ୍ଦ୍ର କୁମାର ଝାଙ୍କର)

ଜଣେ ୪ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପାଟଣାଗଡ଼ ଥାନା ଯୋଗୀମୁଣ୍ଡା ଗାଁର ଅଭିଯୁକ୍ତ ବାଳମୁକୁନ୍ଦ ମେହେର(୪୫) ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ବାଳମୁକୁନ୍ଦଙ୍କୁ ୧୦ ବର୍ଷ ଜେଲଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟରେ ଅଧିକ ୧ ବର୍ଷ କାରାଦଣ୍ଡ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ପୋକ୍‌ସୋ ବିଚାରପତି ଗଡ଼ନାୟକ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୮ ଜାନୁଆରୀ ୧୪ ତାରିଖରେ ନାବାଳିକାଙ୍କୁ ଅଭିଯୁକ୍ତ ବାଳମୁକୁନ୍ଦ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ସରକାରୀ ଓକିଲ ପ୍ରିୟରଞ୍ଜନ ବହିଦାର ଏହି ମାମଲା ପରିଚାଳନା କରିଥିଲେ।

# ମହାନଦୀକୁ ଡେଇଁଥିବା ଛାତ୍ରୀଙ୍କ ମୃତଦେହ ଆଠଗଡ଼ରୁ ଉଦ୍ଧାର

ଆଠଗଡ଼/ସମ୍ବଲପୁର,୨୭।୮(ସତ୍ୟ ପ୍ରସାଦ ରଥ/ପ୍ରମୋଦ ବହିଦାର)

ସମ୍ବଲପୁର-ଚାଉଁରପୁର ରାସ୍ତାରେ ଥିବା ମହାନଦୀ ଦ୍ୱିତୀୟ ବ୍ରିଜରୁ ଡେଇଁଥିବା ସ୍କୁଲ ଛାତ୍ରୀଙ୍କ ମୃତଦେହ ଆଠଗଡ଼ ଥାନା କନ୍ଦରପୁର ନିକଟ ମହାନଦୀରୁ ଉଦ୍ଧାର ହୋଇଛି। ମୃତା ହେଉଛନ୍ତି ସମ୍ବଲପୁର ଟାଉନ ଥାନା ନିକଟ ହିନ୍ଦୀ ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ତଥା କ୍ଷେତରାଜପୁର ଥାନା ମନ୍ଦଲିଆ ଚନ୍ଦନନଗରର ରାମଭଜନ ସାହାଣୀଙ୍କ ଝିଅ କାଜଲ(୧୪)।

ମଙ୍ଗଳବାର ସକାଳେ ଆଠଗଡ଼ ନିକଟ ମହାନଦୀ କୂଳରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ସ୍ଥାନୀୟ ପୋଲିସ ଅଗ୍ନିଶମ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଉଦ୍ଧାର ପରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ମୃତାଙ୍କ ପ୍ୟାଣ୍ଟପକେଟରୁ ମିଳିଥିବା ପରିଚୟ ପତ୍ରରୁ ପରିଚୟ ମିଳିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଖବରପାଇ ମୃତାଙ୍କ ପରିବାର ଲୋକ ଆଠଗଡ଼ରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ନେଇ ଆଠଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୯/୨୪) ରୁଜୁ ହୋଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି। ମିଳିଥିବା ସୂଚନା ଅନୁସାରେ, ଗତ ୨୪ତାରିଖ ଶନିବାର ସକାଳୁଆ ସ୍କୁଲ ପାଇଁ ଭୋର ପ୍ରାୟ ୬ଟାରେ କାଜଲ ସାଇକେଲ ଧରି ଘରୁ ବାହାରିଥିଲେ। ସେ ଚାଉଁରପୁର ବ୍ରିଜ୍ ନିକଟରେ ସାଇକେଲ ରଖିଦେଇ ହଠାତ ମହାନଦୀକୁ ଡେଇଁ ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଖବର ପାଇ ପୋଲିସ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ ପତ୍ତା ପାଇ ନ ଥିଲେ।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା, ୨୭।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଜଳଙ୍ଗ ଗଣ୍ଡିବେଡ ଗ୍ରାମର ଅମୂଲ୍ୟ ଦାସ(୨୮)ଙ୍କ ବେଙ୍ଗାଲୁରୁରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଆରଟି ବିଲ ଥାନା ଅଧୀନରେ ବେବି ଗାରମେଣ୍ଟସ୍ ନାମକ କପଡା କମ୍ପାନୀରେ କାମ କରୁଥିବା ଅମୂଲ୍ୟ ସୋମବାର ସନ୍ଧ୍ୟାରେ କମ୍ପାନୀରୁ ଫେରି ରାତିରେ ଖାଇପିଇ ଶୋଇଥିଲେ। ସକାଳେ ତାଙ୍କ ଶରୀର କ୍ଷତବିକ୍ଷତ ଅବସ୍ଥାରେ ଶୋଇବା ଘରୁ ମିଳିଥିଲା। ପୋଲିସ ଘରକୁ ଜଣାଇଥିଲେ ହେଁ ଭୂମିହୀନ ପରିବାର ହୋଇଥିବାରୁ ମୃତଦେହ ଅଣାଯାଇ ପାରି ନ ଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ବିଜୟୱାଡାରେ ରହୁଥିବା ଭଉଣୀ ଭିଣୋଇ ପହଞ୍ଚି ଶବ ସତ୍କାର କରିଥିଲେ। ତାଙ୍କ ପୁଅକୁ ହତ୍ୟା କରାଯାଇଛି, ହତ୍ୟାକାରୀଙ୍କୁ ଖୋଜି ବାହାର କରିବାକୁ ମା' ଅନିତା ଦାସ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସେପଟେ ନିହାତି ଗରିବ ଏହି ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ବେଆଇନ ଔଷଧ କାରବାର ମାମଲା

# ଆଉ ୨ ଅଭିଯୁକ୍ତ ଗିରଫ

ଯୋଡା, ୨୭।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ସହରରେ ମଙ୍ଗଳବାର ପୋଲିସ ଓ ଡ୍ରଗ୍ସ ବିଭାଗ ଚଢାଉ କରି ବିପୁଳ ପରିମାଣରେ ଚୋରା କାରବାର ହେଉଥିବା ଔଷଧ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ରାଇମାବାଦ ଅଞ୍ଚଳର ସାନାୱାଜ ଆଲମ ଓ ଅରିଫ ଆଖତାର। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ବାଇକ୍(ନଂ. ଓ ଡି ୦୯ ୱାଇ ୬୪୬୭) ଜବତ କରିବା ସହ ୧୯୪୪ଟି ସ୍ପାଜମୋ ପ୍ରକ୍ସିଭନ ନାମକ ଔଷଧକୁ ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯୦ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଯୋଡା ଥାନାରେ ଏକ ମାମଲା (ନଂ. ୨୪୩/୨୦୨୪) ଦଫା ୨୧(ବି) ଏନ୍‌ଡିପିଏସ୍ ଆକ୍ଟ/୨୭(ବି)(ଆଇ ଆଇ) ଡ୍ରଗସ ଆଣ୍ଡ କସ୍ମେଟିକ୍ସ ଆକ୍ଟ ରୁଜୁ ହୋଇଛି।



ଗିରଫ ୨ ଅଭିଯୁକ୍ତ।

ପୋଲିସ ସୂଚନା ଅନୁଯାୟୀ, ଏହି ଚଢାଉରେ ଯୋଡା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଉମେଶ ସାହୁ, ବଡ଼ବିଲ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ଯୋଡା ଆଇଆଇସି ଲୋକେଶ ସାହୁଙ୍କ ସମେତ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ କେନ୍ଦୁଝର ଡ୍ରଗ୍ସ ଇନ୍ସପେକ୍ଟର ପଦବୀର ଅତିରିକ୍ତ ଦାୟିତ୍ୱରେ ଥିବା ରୁଦ୍ରନାରାୟଣ ସାହୁ ଏହି ଚଢାଉ କରିଥିଲେ। ଜବତ ଔଷଧଗୁଡ଼ିକ ଯାଞ୍ଚ ସମୟରେ କୌଣସି କ୍ରୟଜନିତ କାଗଜପତ୍ର ନ ଥିବା ଜଣାପଡ଼ିଛି। ଏହି ଔଷଧଗୁଡ଼ିକୁ ଡାକ୍ତରଙ୍କ ବିନା ପରାମର୍ଶରେ ବେଆଇନ ଭାବେ ବିକ୍ରି କରାଯାଉଥିବା ନେଇ ତଥ୍ୟ ମିଳିଥିବା ବଡବିଲ ଏସ୍‌ଡିପିଓ ଓ ଯୋଡା ଆଇଆଇସି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ମଧ୍ୟ ଯୋଡ଼ା ସହରରେ ଚଢାଉ କରାଯାଇ ବିପୁଳ ପରିମାଣରେ ଚୋରା କାରବାର ହେଉଥିବା ଔଷଧ ଜବତ କରାଯିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/24-25/E-Tender/48,ତା.21.08.2024ରିଖ

(1) ଟେଣ୍ଡର ସଂ.e-TenderSouthKUR-163-2024,ତା.14.08.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ସୋମପେଟା ଅଧୀନସ୍ଥ ଇଛାପୁରମ୍-ପଲାସା ଷ୍ଟେସନ ମଧ୍ୟରେ କି.ମି.631.20 ଠାରୁ କି.ମି.678.33 ପର୍ଯ୍ୟନ୍ତ 30.09.2025 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 173.28 ଲକ୍ଷ, EMD (ଟଙ୍କାରେ) : 2,36,600/- ।

(2) ଟେଣ୍ଡର ସଂ.e-TenderSouthKUR-164-2024,ତା.14.08.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ରମ୍ଭା ଅଧୀନସ୍ଥ ଗଙ୍ଗାଧରପୁର-ଗଞ୍ଜାମ ଷ୍ଟେସନ ମଧ୍ୟରେ କି.ମି.515.00 ଠାରୁ କି.ମି.572.13 ପର୍ଯ୍ୟନ୍ତ 30.09.2025 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 199.02 ଲକ୍ଷ, EMD (ଟଙ୍କାରେ) : 2,49,500/- ।

ଶେଷ ହେବା ଅବଧି: 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.06.09.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-462/P/24-25

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୩.୬୫ ପଏଣ୍ଟ ବଢ଼ି ୮୧,୭୧୧.୭୬ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୭.୧୫ ପଏଣ୍ଟ ବୃଦ୍ଧି ଘଟି ୨୫,୦୧୭.୭୫ ଅଙ୍କରେ କାରବାର ଶେଷ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦୁର୍ଗମ ଅଞ୍ଚଳରେ ଡିଜିଟାଲ କ୍ରାନ୍ତି

**ଭୁବନେଶ୍ୱର,୨୭।୮ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ତଥା ଡିଜିଟାଲ ସେବା ପ୍ରଦାନକାରୀ ସଂସ୍ଥା ରିଲାଏନ୍ସ ଜିଓ ଓଡ଼ିଶାର ୪୭,୦୦୦ରୁ ଅଧିକ ଗାଁରେ ଉପଲବ୍ଧ ହେଉଥିଲାବେଳେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ଏବଂ ଡିଜିଟାଲ ବୈଷମ୍ୟ ଦୂରକରିବା ପାଇଁ କମ୍ପାନୀ ନିରନ୍ତର ଉଦ୍ୟମ ଜାରି ରଖିଛି। ଏପରିକି ଜିଓର ୪ଜି/୫ଜି ନେଟ୍‌ୱାର୍କ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଡିଜିଟାଲ କ୍ରାନ୍ତି ସହ ବହୁ ହଜାର ଦୁର୍ଗମ ଗ୍ରାମକୁ ଡିଜିଟାଲ ସେବା ସହ ସଂଯୁକ୍ତ କରିଛି। ସେହିଭଳି ରାଜ୍ୟର ସବୁ ସ୍ଥାନରେ ବିଶ୍ୱସ୍ତରୀୟ ଡାଟା ସେବା ଉପଲବ୍ଧ କରାଇବା ପାଇଁ କମ୍ପାନୀର ପ୍ରତିବଦ୍ଧତା ସ୍ୱରୂପ ପୂର୍ବରୁ ଆଧୁନିକ ଯୋଗାଯୋଗ ଭିତ୍ତିଭୂମିର ଅଭାବ ରହିଥିବା ଅଞ୍ଚଳଗୁଡ଼ିକରେ ଜିଓ ୪ଜି/୫ଜି ନେଟ୍‌ୱର୍କ ସ୍ଥାପନ ଜାରି ରଖିଛି। ବିବିଧ ଭୌଗୋଳିକ ଆହ୍ୱାନ ଓ ବାଧାବିଘ୍ନ ଅତିକ୍ରମକରି ଜିଓ ସଫଳତାର ସହ ତା'ର ବିଶ୍ୱସ୍ତରୀୟ ନେଟ୍‌ୱର୍କକୁ ଓଡ଼ିଶାର ୪୭,୦୦୦ରୁ ଅଧିକ ଗ୍ରାମକୁ ବିସ୍ତାର କରିଛି ଏବଂ ବର୍ତ୍ତମାନ ବି ଅପହଞ୍ଚ ରହିଥିବା ରାଜ୍ୟର ଅନ୍ୟାନ୍ୟ ସୁଦୂର ତଥା ଦୁର୍ଗମ ଗ୍ରାମଗୁଡ଼ିକରେ ନେଟ୍‌ୱର୍କ ସ୍ଥାପନ କରିବା କାର୍ଯ୍ୟ କରୁଛି। ଜିଓର ନିର୍ଭରଯୋଗ୍ୟ ଡାଟା ନେଟ୍‌ୱର୍କ ଏହି ଦୁର୍ଗମ ଅଞ୍ଚଳର ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ସେମାନଙ୍କର ତ୍ୱରିତ ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ପଥ ପରିଷ୍କାର କରିଛି।

# ୩୦ରୁ ୩ ଦିନିଆ ଗ୍ଲୋବାଲ ଟ୍ରେଡ୍ ଶୋ

**ଭୁବନେଶ୍ୱର,୨୭।୮(ଅଭୟ ଦାଶ)**

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ୩ ଦିନିଆ ଗ୍ଲୋବାଲ ଟ୍ରେଡ୍ ଶୋ 'ରିସର୍ଜେଣ୍ଟ ଓଡ଼ିଶା-୨୦୨୪' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ୩ ଦିନିଆ ଶୋ' ୨୦୨୪ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜନ ହେବ ବୋଲି ୟୁସିସିଆଇଏଲ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ଓଡ଼ିଶା ସରକାର ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟର ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଶୋ ଓଡ଼ିଶାର ଅର୍ଥନୈତିକ ଓ ଶିଳ୍ପ ଯାତ୍ରାରେ ଏକ ଐତିହାସିକ ଅବସର ହେବାର ପ୍ରତିଶ୍ରୁତି ଦେଇଛି।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ୟୁସିସିଆଇଏଲ୍‌ର ସଭାପତି ବ୍ରହ୍ମା ମିଶ୍ର, ଉପସଭାପତି ତାରିଣୀ ପ୍ରସାଦ ମହାନ୍ତି, ସମ୍ପାଦକ ଅଶୋକ କୁମାର ଶାରଦା, ଗ୍ଲୋବାଲ ଟ୍ରେଡ୍ ଶୋ'ର ଚେୟାରମ୍ୟାନ୍ ପ୍ରବୋଧ ମହାନ୍ତି,କୋ-ଚେୟାରମ୍ୟାନ୍ ପଙ୍କଜ ମହାନ୍ତି, କନ୍‌ଭେନର ମନୋଜ ପୃଷ୍ଟିଙ୍କ ସମେତ ଇପିକଲର ଇଡି କଲ୍ୟାଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଏହି ଶୋ'ରେ ଅନେକ ପ୍ରଦର୍ଶନୀ, କର୍ମଶାଳା ଏବଂ ଶିଳ୍ପବିଶେଷଜ୍ଞଙ୍କ ସହ ପ୍ୟାନେଲ ଆଲୋଚନା ସାମିଲ ରହିବ। ଯେଉଁଥିରେ ଅଂଶଗ୍ରହଣକାରୀଙ୍କୁ ଅତ୍ୟାଧୁନିକ ପ୍ରକଳ୍ପ, ଅଭିନବ ସମାଧାନ ଏବଂ ବଜାରର ଅତ୍ୟାଧୁନିକ ଟ୍ରେଣ୍ଡ ଅନୁସନ୍ଧାନ କରିବାର ଅତୁଳନୀୟ ସୁଯୋଗ ମିଳିବ ବୋଲି ୟୁସିସିଆଇଏଲ୍‌ର ସଭାପତି ବ୍ରହ୍ମା ମିଶ୍ର କହିଛନ୍ତି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ), ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି), ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ଏବଂ ଆସୋଚାମ୍ ଭଳି ପ୍ରତିଷ୍ଠିତ ସଙ୍ଗଠନ ସହ ସହଯୋଗକରି ଆମେ ଗର୍ବ ଅନୁଭବ କରୁଛୁ।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଚିନ୍ତାମଣୀ ମହାପାତ୍ର**

ଆବିର୍ଭାବ: ତା ୦୨।୦୮।୧୯୪୯
ତିରୋଧାନ: ତା ୧୯।୦୮।୨୦୨୪
ଆପଣଙ୍କ ଆଶୀର୍ବାଦରେ ମୋ ଚଲାପଥ କୁସୁମିତ ହୋଇଛି। ଅଭୟମୁଖୀ ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ସ୍ୱପ୍ନ ଅଧୁରା ରହିଗଲା। ଆଜି ଦଶାହରେ ଗଭୀର ଶ୍ରଦ୍ଧାଞ୍ଜଳି।
ବଡ଼ଭଣଜା: ଲକ୍ଷ୍ମୀଧର ତ୍ରିପାଠୀ (ବାପି) ଓ ପରିବାରବର୍ଗ ।
ଧ-୭୫୮୭୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦୁଃଶାସନ ସାହୁ**

କାଏମ, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୨୧।୦୩।୧୯୫୬
ତିରୋଧାନ: ୦୧।୦୧।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
:ଶ୍ରଦ୍ଧାଞ୍ଜଳି ସହ:
ସାହୁ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୧୬୦

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଶରତ କିଶୋର ମହାପାତ୍ର**

ଆବିର୍ଭାବ: ତା ୨୧।୦୧।୧୯୫୩
ତିରୋଧାନ: ତା ୧୫।୦୮।୨୦୨୪
ଆପଣଙ୍କ ଆଶୀର୍ବାଦରେ ମୋ ଚଲାପଥ କୁସୁମିତ ହୋଇଛି। ଅଭୟମୁଖୀ ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ସ୍ୱପ୍ନ ଅଧୁରା ରହିଗଲା। ଆଜି ଦଶାହରେ ଗଭୀର ଶ୍ରଦ୍ଧାଞ୍ଜଳି।
ବଡ଼ଭଣଜା: ଲକ୍ଷ୍ମୀଧର ତ୍ରିପାଠୀ (ବାପି) ଓ ପରିବାରବର୍ଗ ।
ଧ-୭୫୮୭୭



# Classified Everyday 0674-2580101, 2549949



MATRIMONIAL

## BRIDE WANTED

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ Divorcee) ପୁଅ ପାଇଁ ଯେକୌଣସି ଜାତିର 30-42Yrs. ଝିଅ ଆବଶ୍ୟକ। Candidate- 9861141891. D-1130

Seeking alliance for MBA-qualified boy, Manager-Talent Acquisition at a Bangalore IT firm (Work from home). Looking for a beautiful, well-educated girl from Karana, Khandayat, or Kshatriya families. Age: Up to 30 years, Height: 5'3". Contact Father: 9438772415 (Call/WhatsApp), 9937717477 (Call). D-75449

Bride (Caste: Khandayat/Karana, Service: Software/Govt Job) wanted for 30 yrs Odia Boy working for IT MNC in Bangalore. WhatsApp only: 9007188787. D-1105

## GROOM WANTED

Seeking a handsome, well-educated boy for a MTech Gold Medalist girl, ORS, serving as Land Acquisition Officer, Govt. of Odisha. Born April 1989. Prefer proposals from Karana, Khandayat, or Kshatriya families. Contact-Father: 9438772415 (Call/WhatsApp), 9937717477 (Call). D-75448

47 ବର୍ଷ, Vatnary Dr. ଅଛନ୍ତି। ଉପଯୁକ୍ତ ବୟସ ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-1122

## GENERAL

**SALE**

Hospital setup of all equipments is for sale. Contact at 9337688155. 9778845555. D-1152

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



REAL ESTATE

**SALE**

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

**House for sale-Mahanadi Vihar, Cuttack, Double Storied, Plot 2300, built-up 5300sqft. 4Storey foundation. 7 Bedroom, 7Toilets, 3Phase Electricity, Sump, Big Garage. Price 3Cr. Contact- 9437705858.** D-71587

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1154

**Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

Gharabari boundary plot Nakhara East Engineering College backside, close to SNH-8018471169. D-75985

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ **Sum Hospital-2** ନିକଟସ୍ଥ **GrandBazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **SC/Gen plot** କିଣନ୍ତୁ। **9658562429.** D-75989

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-1153



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact For Engineering Pvt. Ltd. 9439856856.** D-1031



Ground Floor 2BHK 1000sft. both side road at Chintamaniswar Plot No.- 1958/3 near Temple walkable distance to Cuttack Road Rail Station, Bhubaneswar for Office/Cum Residence/Godown for light goods. 6370087588, 7008211947. D-1137

**Wanted rent for 500sqft. Commercial Space in PATIA or CHANDRASEKHARPUR Area. Interested Person Can Call to 9437125673.** D-1151



Newly open health benefits SPA by expert therapist. Contact- 9090400507. D-76148

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

## LOST

Loss of Land Sale Deed & Patta Mouza Kuamanga Sale Deed Number 10761000801, Dtd- 16.07.2010, RRO- 6 decimil favour of Jayetun Bibi has been lost at Kuamanga. D-1150

## AFFIDAVIT

I, Santosh Kumar Sahu, S/o- Maheswar Sahu, R/o Vill-Palia, Paliabindha, Dist.-Bhadrak, PIN- 756167, Odisha declare by this affidavit No.65AA 931419, dtd.17.05.2024 that now onwards I shall be known as SANTOSH KUMAR SAHU for all future purposes. D-1149

ମୁଁ କୈଳାସ ନାୟକ, ବୟସ-୫୨, ପିତା- ସ୍ୱର୍ଗତ ବାଙ୍କନିଧି ନାୟକ, ଗ୍ରାମ- କରଞ୍ଜ ସାହି, ଥାନା- ରାମଗିରି, ଗଜପତି(ଓଡ଼ିଶା)। ମୁଁ ଚାକିରି କ୍ଷେତ୍ରରେ କୈଳାସ ନାୟକ ନାମରେ କାମ କରି ଆସୁଥିଲି। କିନ୍ତୁ ମୋର ସ୍କୁଲ ସାର୍ଟିଫିକେଟ୍ ଓ ସ୍ଥାନୀୟ ଅଞ୍ଚଳରେ କୈଳାସ ନାୟକ ନାମରେ ପରିଚିତ। ଏହା ମୁଁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଛତ୍ରପୁରଙ୍କ ନିକଟରେ ସିରିଏଲ୍ ନଂ.-୧୬୧୪/୨୪, ତା ୨୦।୦୮।୨୦୨୪ରିଖରେ ସତ୍ୟପାଠ କରିବା ସହ ଖବରକାଗଜରେ ସର୍ବସାଧାରଣଙ୍କ ପାଇଁ ଘୋଷଣା କରୁଛି।
ସ୍ୱା./- କୈଳାସ ନାୟକ
ଧ-୧୧୫୮

I, Soudaminee Nath is legally mother of Dinesh Kumar Nath Service No:15217539W, Rank: NK(MK), Resident of At/PO: Parmanpur, PS: Sason, Dist: Sambalpur, Pin: 768200, State: Odisha have changed my name from Soudaminee Nath to Soudamini Nath in my son's Army Service Record, vide affidavit No.19633 Dt. 31/07/2024 before the Notary Public, Sambalpur, Odisha. D-1159

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ (ମିସ୍ ରାଜଶ୍ରୀ ମହାନ୍ତି)ଙ୍କ ଅଦାଲତ
ନମ୍ବର, ହେଡ୍ ଅଫ୍ ଦ ଡିପାର୍ଟମେଣ୍ଟ, ଚତୁର୍ଥ ମହଲା, ଭୁବନେଶ୍ୱର(ସି.ପି.ସି. ଅର୍ଡର ୫, ରୁଲ୍-୨୦ ମୁତାବକ)
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍ ନଂ.-୧୪୫୨/୨୦୧୫
ରଇସୁଦ୍ଦିନ ଖାନ୍/ଅହମ୍ମଦ ......ବାଦୀ
ବନାମ
ଓଡ଼ିଶା ସରକାର ଓ ଅନ୍ୟମାନେ ......ପ୍ରତିବାଦୀମାନେ

ଭୀମସେନ ରାଉତରାୟ, ପିତା- ବୃନ୍ଦାବନ ରାଉତରାୟ, ଗ୍ରା/ପୋ- ତିରିମଲ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ତଥା ତାଙ୍କର ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ୍ କେସ୍ ବାଦୀ- ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଇଜିଲାସ୍‌ରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାରେ ଉପରବର୍ଣ୍ଣିତ ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ପ୍ରତିବାଦୀ ମୃତ ବୋଲି ଫେରସ୍ତ ଆସିଅଛି, ଏଣୁ ଅତ୍ର ବିଜ୍ଞାପନ ମାଧ୍ୟମରେ ପ୍ରତିବାଦୀ ତଥା ତାଙ୍କର ଉତ୍ତରାଧିକାରୀ ବା ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପରବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଥିବା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଅଛି।

ଜମିର ବିବରଣୀ

ମୌଜା: ଚୈତନ୍ୟପ୍ରସାଦ, ତହସିଲ: ଜଟଣୀ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା ସାବକ ଖାତା ନଂ.-୧, ସାବକ ପ୍ଲଟ୍ ନଂ.- ୧୪୩, ସାବକ ରକବା: ଏ୦.୮୧୫ ଡିସିମିଲ୍, ସ୍ୱଧରୁ ଏ୦.୧୩୫ ଡିସିମିଲ୍, ହାଲ୍ ଖାତା ନଂ.- ୩୨୧, ହାଲ୍ ପ୍ଲଟ୍ ନଂ.-୨୪୮, ୨୪୯, ରକବା: ଏ୦.୧୩୫ ଡିସିମିଲ୍

ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା ୦୫।୦୯।୨୪ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ମାମଲାର ଆପଣ ବା ଆପଣଙ୍କର ଉତ୍ତରାଧିକାରୀ, ହିତାଧିକାରୀ ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ- ୧୧୫୬

ମାନ୍ୟବର ଅତିରିକ୍ତ ଆୟୁକ୍ତ (ମିସ୍ ରାଜଶ୍ରୀ ମହାନ୍ତି)ଙ୍କ ଅଦାଲତ
ନମ୍ବର, ହେଡ୍ ଅଫ୍ ଦ ଡିପାର୍ଟମେଣ୍ଟ, ଚତୁର୍ଥ ମହଲା, ଭୁବନେଶ୍ୱର (ସି.ପି.ସି. ଅର୍ଡର ୫, ରୁଲ୍-୨୦ ମୁତାବକ)
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍ ନଂ.-୧୪୪୮/୨୦୧୫
ରଇସୁଦ୍ଦିନ ଖାନ୍/ଅହମ୍ମଦ ......ବାଦୀ
ବନାମ
ଓଡ଼ିଶା ସରକାର ଓ ଅନ୍ୟମାନେ ......ପ୍ରତିବାଦୀମାନେ

୧. ରମେଶ ଜେନା, ୨. ସୁବାସ ଜେନା, ୩. ସୁରେଶ ଜେନା, ୪. ସନ୍ତୋଷ ଜେନା, ଏମାନଙ୍କର ପିତା: ଦାମ ସୁନ୍ଦର ଜେନା, ଗ୍ରା/ପୋ- ପାଣ୍ଡିଆବାଲି, ଥାନା- ଜବପଡ଼ା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ୍ କେସ୍ ବାଦୀ- ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଇଜିଲାସ୍‌ରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ମାଧ୍ୟମରେ ଆପଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପରବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଅଛି।

ଜମିର ବିବରଣୀ

ମୌଜା: ଚୈତନ୍ୟପ୍ରସାଦ, ତହସିଲ: ଜଟଣୀ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା ସାବକ ଖାତା ନଂ.-୨୪୭/୮, ସାବକ ପ୍ଲଟ୍ ନଂ.- ୧୧୪/୭୮୦, ସାବକ ରକବା: ଏ୦.୫୨୫ ଡିସିମିଲ୍, ସ୍ୱଧରୁ ଏ୦.୦୫୧ ଡିସିମିଲ୍, ହାଲ୍ ଖାତା ନଂ.- ୩୬୪, ହାଲ୍ ପ୍ଲଟ୍ ନଂ.-୧୨୮, ରକବା: ଏ୦.୫୨୫ ଡିସିମିଲ୍ ସ୍ୱଧରୁ ଏ୦.୦୫୧ ଡିସିମିଲ୍

ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା ୦୫।୦୯।୨୪ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ମାମଲାର ଆପଣମାନେ ନିଜେ କିମ୍ବା ଆପଣମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ- ୧୧୫୫

ନୋଟିସ୍ U/O-5 R-20 of CPC
ମହକୁମେ ତାଳଚେର, ଆଡିଶନାଲ୍ ସିଭିଲ୍ ଜଜ୍ ସିନିୟର ଡିଭିଜନ୍, ତାଳଚେର, ଜି- ଅନୁଗୁଳ
CS. ୨୮୭/୨୦୧୪
ଶ୍ରୀମତୀ କାମିନୀ ଶତପଥୀ ଓଗେର .......ବାଦୀ
ବନାମ
ତିଳୋତ୍ତମା ଶତପଥୀ ଓଗେର .....ପ୍ରତିବାଦୀ

To
ପ୍ରତିବାଦୀ ନଂ. 1 (h) ବିନୋଦିନୀ ଶତପଥୀ, ବୟସ ୩୦ ବର୍ଷ, ସ୍ୱା- ୰ନିରାକାର ଶତପଥୀ, ସା/ପୋ- ଏକଘରିଆ, ଥା/ସ.ଡି. ତାଳଚେର, ଜିଲ୍ଲା- ଅନୁଗୋଳ

ଜାଣିବେ ଏହିକି ତୁମ୍ଭ ବିରୁଦ୍ଧରେ ବାଦୀ ଶ୍ରୀମତୀ କାମିନି ଶତପଥୀ ଓଗେର ମୌଜା- ଏକଘରିଆ, ଥା/ସ.ଡି- ତାଳଚେର ଅନ୍ତର୍ଗତ ହାଲ୍ ଖାତା ନଂ.-୨୨, ହାଲ୍ ପ୍ଲଟ୍ ନଂ.-୫୮୯ ମୋଟ ଏରିଆ ଏ୦.୪୪ ଡେସିମିଲି ମଧ୍ୟରୁ ଏ୦.୩୧ଡି. ଯାହାକି ସାବିକ ଖାତା ନଂ.-୩୨, ସାବିକ ପ୍ଲଟ୍ ନଂ.-୫୫୭/୧୦୦୧ରେ ନିଜ ସ୍ୱତ୍ୱ ପ୍ରଚାର ନିମନ୍ତେ ଉକ୍ତ କେସ୍ ଦାଖଲ କରିଛନ୍ତି।

ଆପଣ ଅଦ୍ୟ ଆଗାମୀ ତା ୦୭।୧୦।୨୦୨୪ରିଖ ଦିନ ୧୦.୩୦ ମିନିଟ୍ ସମୟରେ ଉକ୍ତ କୋର୍ଟରେ ହାଜର ହେବେ ନଚେତ ଉକ୍ତ କେସ୍‌ର ବିଚାର ତୁମ୍ଭର ଅନୁପସ୍ଥିତିରେ ହେବ। ଅଦ୍ୟ ତାରିଖ ୨୪।୦୮।୨୦୨୪ ସ୍ୱାକ୍ଷର ଓ ସିଲ୍ ସହ ଦିଆଗଲା।

ସ୍ୱା./- ଆଡିଶନାଲ୍ ସିଭିଲ ଜଜ୍ ସିନିୟର ଡିଭିଜନ୍, ତାଳଚେର
ଧ-୧୧୪୮

ମାନ୍ୟବର ଶ୍ରୀଯୁକ୍ତ ଜଜ୍ ପରିବାର ଅଦାଲତ, ପୁରୀ
ସି.ପି. ନଂ.-୧୪/୨୦୨୪
ନୋଟିସ୍

ଶ୍ରୀମତୀ ମମିନା ଦାଶ, ବ୩୭ର୍ଷ, ସ୍ୱାମୀ- ମାଧବ କର, ପିତା- ୰ଦିନବନ୍ଧୁ ଦାଶ, ସାକିନ୍- ଗଡ଼ରୋଡ଼ଙ୍ଗ, ହରିଚନ୍ଦନପୁର, ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ। ....ଆବେଦନକାରୀ
ବନାମ
ଶ୍ରୀ ମାଧବ କର, ବ୪୪ର୍ଷ, ପିତା- ୰କାଶୀନାଥ କର, ସାକିନ୍- ବିଜିପୁର, ପୋଷ୍ଟ- ବେଣ୍ଟପୁର, ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଇଅଛି କି, ପ୍ରତିବାଦୀ ଆଜଦିନ ତା୧୦।୦୯।୨୦୨୪ରିଖେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା୧୦।୦୯।୨୦୨୪ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।

Sd./- Judge, Family Court, Puri
D-1157

## ଡାଲିଜାତୀୟ ଫସଲରେ ଘାସ ଦମନ



ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ୬୩% ଡବ୍ଲ୍ୟୁପି + କାର୍ବେଣ୍ଡାଜିମ୍ ୧୨% ଡବ୍ଲ୍ୟୁପି (୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

## ଅଧିକ ଅମଳକ୍ଷମ ଟମାଟୋ ଚାଷ



ଅଗଷ୍ଟ ଓ ସେପ୍ଟେମ୍ବର ମାସ ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ। ଉନ୍ନତ ବିହନ କିସମ ଯଥା ବିଟି-୨,ବିଟି-୧୦,ବିଟି-୧୨,ନୀଳାଦ୍ରି,ସଦାବାହାର, ମାଧୁରୀ,ମହାରଥୀ,ମର୍ଗିସନ୍,ରଶ୍ମି,ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦ କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାର ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

# ବାର୍ଡ-ଫ୍ଲୁ: କାରଣ, ସତର୍କତା



ଡା. ବୀରକିଶୋର ପରିଡ଼ା

ବର୍ତ୍ତମାନ ପୁରୀ ଜିଲାର ସତ୍ୟବାଦୀ ଓ ପିପିଲି ବ୍ଲକରେ ଆଭିଆନ ଇନଫ୍ଲୁଏଞ୍ଜା ବା ବାର୍ଡ-ଫ୍ଲୁର ଭୂତାଣୁ କୁକୁଡ଼ାଙ୍କଠାରେ ଚିହ୍ନଟ କରାଯାଇଛି। ଏହି ବାର୍ଡ-ଫ୍ଲୁ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ରୋଗର ସର୍ବେକ୍ଷଣ କାର୍ଯ୍ୟକ୍ରମକୁ ମଧ୍ୟ ସମସ୍ତ ଜିଲାରେ ଜୋରଦାର କରାଯିବା ସହିତ କୁକୁଡ଼ା ସଂକ୍ରମିତ ଅଞ୍ଚଳର ୩ ରୁ ୧୦ କିମି ଅଞ୍ଚଳରେ ପ୍ରତି ସପ୍ତାହରେ ନିୟମିତ ସର୍ବେକ୍ଷଣ କରିବାକୁ ବିଭାଗୀୟ ଡାକ୍ତରମାନଙ୍କୁ ପରାମର୍ଶ ଦିଆଯାଇଛି। ଫାଷ୍ଟ ଫୁଡ୍ ବା ଅର୍ଦ୍ଧସିଝା କୁକୁଡ଼ା ମାଂସ ବା ଅଣ୍ଡା ଖାଆନ୍ତୁ ନାହିଁ। ସର୍ବଦା କୁକୁଡ଼ା ଘର ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସ୍ୱଚ୍ଛ ପରିଷ୍କାର ପାଣି ଓ ସଦ୍ୟ ପ୍ରସ୍ତୁତ କୁକୁଡ଼ା ଦାନା ଖାଇବାକୁ ଦିଅନ୍ତୁ। କୁକୁଡ଼ାକୁ ବତକଠାରୁ ଦୂରରେ ପାଳିବା ସହିତ ନିୟମିତ ରାଣୀକ୍ଷେତ ରୋଗର ପ୍ରତିଷେଧକ ଟିକା ଦିଅନ୍ତୁ। ଆମ ରନ୍ଧନ ପ୍ରଣାଳୀ ୧୦୦ ସେଣ୍ଟିଗ୍ରେଡରୁ ଉର୍ଦ୍ଧ୍ୱ ରହୁ ଥିବାରୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ନିରାପଦ। କୁକୁଡ଼ାଠାରୁ ମନୁଷ୍ୟକୁ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ସ୍ୱାସ୍ଥ୍ୟ ବିଭାଗ ଏଥି ପ୍ରତି ସତର୍କ ନଜର ରଖିଛନ୍ତି। ତେଣୁ ଆମେ ଅଯଥାରେ ଏଥିନେଇ ଆତଙ୍କିତ ବା ଭୟଭୀତ ହେବାର କୌଣସି କାରଣ ନାହିଁ।

**କାରଣ :** ବାର୍ଡ-ଫ୍ଲୁ ରୋଗର ଭୂତାଣୁ ହେଉଛି ଏକ ଖଣ୍ଡ ବିଖଣ୍ଡିତ ଆର.ଏନ.ଏ. ଯୁକ୍ତ ଏଚ୍-୫, ଏନ୍-୧ ଭୂତାଣୁ ଏବଂ ଅର୍ଥୋମିକ୍ସୋ ପରିବାରର ଅନ୍ତର୍ଭୁକ୍ତ। ଏହି ରୋଗର ଭୂତାଣୁ ଏଥିଯୋଗୁ ସହଜରେ ରୂପ ପରିବର୍ତ୍ତନ କରିଥାଏ। ଏହି ଭୂତାଣୁ ହେଉଛି ଇନ୍‌ଫ୍ଲୁଏଞ୍ଜା ଭୂତାଣୁ-କ ଶ୍ରେଣୀର ଅନ୍ତର୍ଭୁକ୍ତ। ଏହି ଭୂତାଣୁ ୭୦ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପରେ ଅଧଘଣ୍ଟାରେ ମରିଯାଆନ୍ତି।

**ରୋଗ ବ୍ୟାପେ କିପରି :** ଏସିଆ ଓ ୟୁରୋପ ଭଳି ମହାଦେଶର ବିଦେଶୀ ଆଗନ୍ତୁକ ପକ୍ଷୀ, ପାଣିବୁଆ ଆଦି ଆମ ରାଜ୍ୟର ଚିଲିକା ହ୍ରଦ ବା ଅନ୍ୟାନ୍ୟ ଜଳାଶୟ ସ୍ଥାନକୁ ଆସିବା ଦ୍ୱାରା କିମ୍ବା ସ୍ଥଳ ବିଶେଷରେ ଅନ୍ୟାନ୍ୟ ଦେଶ ବା ରାଜ୍ୟର ସଂକ୍ରମିତ ପକ୍ଷୀ ବା କୁକୁଡ଼ା ଆସିବା ଦ୍ୱାରା ବାର୍ଡ-ଫ୍ଲୁ ରୋଗର ଆଶଙ୍କା ଦେଖାଦେଇଥାଏ। ଏମାନଙ୍କ ପାଟିରୁ ନିର୍ଗତ ଲାଳ, ମଳ, ପକ୍ଷ ଓ ସଂକ୍ରମିତ ପକ୍ଷୀ ଦ୍ୱାରା ପାଣି, ମାଟି, ବାୟୁ ଏବଂ ଖାଦ୍ୟ ମାଧ୍ୟମରେ ଏହି ରୋଗ ବ୍ୟାପିଥାଏ । ଯେ କୌଣସି ପରିବହନ ଯାନବାହନ ଯଥା- ଉଡ଼ାଜାହାଜ, ବୁଡ଼ାଜାହାଜ, ଟ୍ରକ, ସରଞ୍ଜାମ, ମନୁଷ୍ୟ ମାଧ୍ୟମରେ ଏହି ରୋଗ ବ୍ୟାପିବାର ଆଶଙ୍କା ଥାଏ । ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟଜାତ ଦ୍ରବ୍ୟ ମାଧ୍ୟମରେ ମଧ୍ୟ ଏହି ରୋଗର ଭୂତାଣୁ ବ୍ୟାପିବାର ଆଶଙ୍କା ଦେଖାଦିଏ।

"ବାର୍ଡ-ଫ୍ଲୁ ରୋଗ କୁକୁଡ଼ାଙ୍କଠାରେ ଦେଖାଯିବା ମାତ୍ରେ କୁକୁଡ଼ା ଅତ୍ୟଧିକ ଦୁର୍ବଳ ଦେଖାଯିବା ସହିତ ସେମାନଙ୍କ ପରଗୁଡ଼ିକ ଅସଜଡ଼ା ପରି ଦେଖାଯାଏ । ହଠାତ୍ ଅଣ୍ଡା ଦେବା ବନ୍ଦ କରି ଦିଅନ୍ତି । ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ବା ମୁକୁଟ, ୱାଟଲ ଏବଂ ଆଖି ଚତୁଃପାର୍ଶ୍ୱ ଫୁଲିଯାଏ । ଆକ୍ରାନ୍ତ କୁକୁଡ଼ାର ଅଣ୍ଡା ଖୋଳପା ନ ଥାଇ ଲତଲତିଆ ଅଣ୍ଡା ଦେଇଥାଏ । କୁକୁଡ଼ାଙ୍କ ଅଗ୍ରଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟିବା ପରି ଜଣାପଡ଼େ । କୁକୁଡ଼ାଙ୍କ ମୁହଁ ବା ମୁଣ୍ଡ ଫୁଲିଯାଏ। ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ କୁକୁଡ଼ା ମୃତ୍ୟୁବରଣ କରନ୍ତି ।"



**ରୋଗର ସଂକ୍ରମଣ ସମୟ:** ଏହି ରୋଗର ଭୂତାଣୁ କୁକୁଡ଼ାଠାରେ ପ୍ରବେଶ କରିବା ପରଠାରୁ ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ୩ ରୁ ୭ ଦିନ ସମୟ ନେଇଥାଏ। ଏହା କୁକୁଡ଼ାର ବୟସ ତଥା ଜାତି ଅନୁସାରେ ଅବଶ୍ୟ ଫରକ୍ ହୋଇଥାଏ।

**ଲକ୍ଷଣ:** ଏହି ରୋଗ କୁକୁଡ଼ାଙ୍କଠାରେ ଦେଖାଯିବା ମାତ୍ରେ କୁକୁଡ଼ା ଅତ୍ୟଧିକ ଦୁର୍ବଳ ଦେଖାଯିବା ସହିତ ସେମାନଙ୍କ ପରଗୁଡ଼ିକ ଅସଜଡ଼ା ପରି ଦେଖାଯାଏ । ହଠାତ୍ ଅଣ୍ଡା ଦେବା ବନ୍ଦ କରି ଦିଅନ୍ତି । ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ବା ମୁକୁଟ, ୱାଟଲ ଏବଂ ଆଖି ଚତୁଃପାର୍ଶ୍ୱ ଫୁଲିଯାଏ। ଆକ୍ରାନ୍ତ କୁକୁଡ଼ାର ଅଣ୍ଡା ଖୋଳପା ନ ଥାଇ ଲତଲତିଆ ଅଣ୍ଡା ଦେଇଥାଏ । କୁକୁଡ଼ାଙ୍କ ଅଗ୍ରଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟିବା ପରି ଜଣାପଡ଼େ । କୁକୁଡ଼ାଙ୍କ ମୁହଁ ବା ମୁଣ୍ଡ ଫୁଲିଯାଏ। ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ କୁକୁଡ଼ା ମୃତ୍ୟୁବରଣ କରନ୍ତି । ଏହି ରୋଗରେ କୁକୁଡ଼ାଙ୍କ ସର୍ବାଧିକ ମୃତ୍ୟୁହାର ଶତକଡ଼ା ୧୦୦ଭାଗ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ଏହି ରୋଗ କୁକୁଡ଼ା ବା ପକ୍ଷୀ ମାଧ୍ୟମରେ ହିଁ ମନୁଷ୍ୟକୁ ବ୍ୟାପିଥାଏ । ମନୁଷ୍ୟଙ୍କଠାରେ ଏହି ରୋଗ ଦେଖାଦେଲେ ଜ୍ୱର, କାଶ, ତଣ୍ଟିଦରଜ, ଘୋଳାବିନ୍ଧା, ଆଖି ସଂକ୍ରମଣ, ନିମୋନିଆ ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇବା ସହିତ ଶ୍ୱାସନଳୀଜନିତ ଲକ୍ଷଣ ପ୍ରକାଶ ପାଇଥାଏ ।

**ରୋଗର ଆକ୍ରାନ୍ତ ହାର ଓ ମୃତ୍ୟୁହାର:** କୁକୁଡ଼ାଙ୍କଠାରେ ଏହି ରୋଗର ପ୍ରଥମ ଲକ୍ଷଣ ପ୍ରକାଶ ପାଇବାର ୨ ରୁ ୧୨ ଦିନ ମଧ୍ୟରେ ଏହି ରୋଗର ଆକ୍ରାନ୍ତ ଓ ମୃତ୍ୟୁହାର ଶତକଡ଼ା ୧୦୦ଭାଗ ଅଟେ ।

**ଚିହ୍ନଟ ପ୍ରଣାଳୀ :** ଉପରୋକ୍ତ ଲକ୍ଷଣ ଅନୁଯାୟୀ ଏହି ରୋଗକୁ ଚିହ୍ନଟ କରାଯାଇଥାଏ। ୧୧ ଦିନିଆ ଏମ୍ବ୍ରିଓଯୁକ୍ତ ଅଣ୍ଡାର ସଂସ୍ପର୍ଶରେ ଆସିଲେ ଅଣ୍ଡାସ୍ଥିତ ଛୁଆ ୪୮ ରୁ ୭୨ ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରନ୍ତି । ଏହାକୁ ଚିହ୍ନଟ କରିବା ଲାଗି ଏଚ୍.ଏ, ଏଚ୍.ଆଇ., ଏ.ଜି.ପି.ଟି, ସି.ଏଫ୍.ଟି., ଏଲିଶା ଇତ୍ୟାଦି ପରୀକ୍ଷା ପାଇଁ କୁକୁଡ଼ାଙ୍କ ରକ୍ତ ବା ସିରମ୍ ସଂଗ୍ରହ କରିବାକୁ ପଡ଼ିଥାଏ ।

**ନମୁନା ସଂଗ୍ରହ :** ଜୀବନ୍ତ ତଥା ଆକ୍ରାନ୍ତ କୁକୁଡ଼ାର ନାକ, ମଳଦ୍ୱାର ବା କ୍ଲୋଏକାଲ୍ ନିକଟରୁ ବିଶୋଧିତ ଉପାୟରେ ସ୍ୱାବ୍ ସଂଗ୍ରହ କରି ପଠାଯାଏ। ମୃତ କୁକୁଡ଼ାଙ୍କ ଫୁସଫୁସ୍, ଟ୍ରାକିଆ, ଅନ୍ତନଳୀ ପ୍ରଭୃତି ବରଫ ମାଧ୍ୟମରେ ପଠାଯାଇଥାଏ। ଏହି ନମୁନାଗୁଡ଼ିକ କେନ୍ଦ୍ରସରକାରଙ୍କ ବିଭିନ୍ନ ଆଞ୍ଚଳିକ ରୋଗ ଚିହ୍ନଟ ପରୀକ୍ଷାଗାର, ମଧ୍ୟପ୍ରଦେଶ ଭୋପାଳସ୍ଥିତ ଜାତୀୟ ନିରାପଦ ପ୍ରାଣୀରୋଗ ପରୀକ୍ଷାଗାର, ଆଇଜତନଗର, କଲିକତା ଏବଂ ମୁକ୍ତେଶ୍ୱରସ୍ଥିତ ଭାରତୀୟ ପ୍ରାଣୀ ଗବେଷଣା ପ୍ରତିଷ୍ଠାନକୁ ପଠାଇବାକୁ ପଡ଼ିଥାଏ ।

**ଚିକିତ୍ସା ପ୍ରଣାଳୀ :** ଏହି ରୋଗକୁ ସଂପୂର୍ଣ୍ଣ ପ୍ରତିହତ ବା ଚିକିତ୍ସା କରିବା ପାଇଁ ସେପରି କୌଣସି ଚିକିତ୍ସା ନାହିଁ । ମନୁଷ୍ୟଙ୍କଠାରେ ଏହି ରୋଗର ପ୍ରଭାବକୁ କମାଇବା ପାଇଁ ଆମାଣ୍ଟିଡିନ୍-ହାଇଡ୍ରୋକ୍ଲୋରାଇଡ୍ ଭଳି ଔଷଧ ବ୍ୟବହାର କରାଯାଏ ।

**ପ୍ରତିଷେଧକ ଟିକା :** ଯେହେତୁ ଏହି ରୋଗର ଭୂତାଣୁ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଥାଏ ଏବଂ ଅବିଳମ୍ବେ ରୂପ ବଦଳାଏ, ତେଣୁ ସେଥିପାଇଁ ସଂପୂର୍ଣ୍ଣ ଫଳପ୍ରଦ ଟିକା ପ୍ରସ୍ତୁତ କରିବା ସମ୍ଭବ ନୁହେଁ । ତଥାପି କେତେକ ନିଶ୍ଚେତକ ଟିକା ଏହି ରୋଗର ପ୍ରାଦୁର୍ଭାବକୁ ଦମନ କରିବାରେ ସହାୟକ ହୋଇଥାଏ ।

**ଜାଣି ରଖନ୍ତୁ :** ଆମ ରାଜ୍ୟର ଲୋକମାନେ କୁକୁଡ଼ା ମାଂସ ସିଝାଇ ଖାଇବାର ଅଭ୍ୟାସ ଯୋଗୁ ଆମ ପଦ୍ଧତିରେ ରନ୍ଧା ଯାଉଥିବା ଖାଦ୍ୟ ଦ୍ରବ୍ୟରେ ଭୂତାଣୁ ରହିବାର କୌଣସି ସମ୍ଭାବନା ନ ଥାଏ । ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ ଭୟର କାରଣ ନାହିଁ। କିନ୍ତୁ କୁକୁଡ଼ା କାଟୁଥିବା ଲୋକ ସତର୍କତା ଅବଲମ୍ବନ କରିବା ଉଚିତ ।

**ରୋଗ ନିୟନ୍ତ୍ରଣ ଓ ସାବଧାନତା:** କୁକୁଡ଼ାମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ଘରେ ରଖିବା, କୁକୁଡ଼ାଙ୍କୁ ସୁଷମ ତଟକା ଖାଦ୍ୟ ପ୍ରଦାନ, ବାହ୍ୟ ଜୀବ ବା ପକ୍ଷୀ ଯାନବାହନ ବା ମନୁଷ୍ୟ ଫାର୍ମ ମଧ୍ୟକୁ ଅବାଧ ପ୍ରବେଶ ନିଷେଧ। ପରିଷ୍କାର ପାନୀୟ ଜଳଯୋଗାଣ, ଠିକ୍ ସମୟରେ ପ୍ରତିଷେଧକ ଟିକା ପ୍ରଦାନ, ମୃତ ପକ୍ଷୀକୁ ବାହାରେ ନ ଫିଙ୍ଗି ପୋଡ଼ିଦେବା ବା ଗଭୀର ଗର୍ତ୍ତକରି ପୋତିଦେବା ଇତ୍ୟାଦି ଭଳି ପଦକ୍ଷେପ ଗ୍ରହଣ କଲେ ଏହି ରୋଗର ସମ୍ଭାବନାକୁ ସହଜରେ ଏଡାଇ ଦିଆଯାଇ ପାରିବ ।

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ), ପ୍ଲଟ ନଂ-୨୭୬, ଲକ୍ଷ୍ମୀପ୍ରିୟା ଭବନ, ମହାନଦୀ ବିହାର, କଟକ, ମୋ : ୯୪୩୭୬୦୭୩୧୨

# ବୁଣାଧାନର ଯତ୍ନ



ଢିପ ଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗ କରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ, ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁପି (୩ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ ।

## ଆଖୁରେ ଅଗବିନ୍ଧା ପୋକ ଲାଗିଲେ

କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାଛଡ଼ା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ। କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବା ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ରିପିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟକରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% + ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟକରିଦିଅନ୍ତୁ ।

## ପନିପରିବା ଚାଷ



ଉଚ୍ଚ, ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଟେକିଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ଘାସ ବାଛି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳକରି ୧୫ ଦିନ ବ୍ୟବଧାନରେ ୨-୩ ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (ପ୍ରତି ଲିଟର ପାଣିରେ ୧ ମି.ଲି.) ସହ କପର ଅକ୍ସିକ୍ଲୋରାଇଡ୍ (୧ ଲିଟର ପାଣିରେ ୨ ଗ୍ରାମ୍) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ। ତଳିଘେରାରେ ଚାରାକୁ ବର୍ଷା ଦାଉରୁ ରକ୍ଷାକରିବା ପାଇଁ ପଲିଥିନ୍ ଘୋଡ଼ାଇ ରଖନ୍ତୁ। ଉଚ୍ଚ ତଳିଘେରା ପ୍ରସ୍ତୁତକରି ଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ।

## ଆତ୍ମନିର୍ଭରଶୀଳ କରାଇଛି ଧଳା ଘୁଷୁରି ପାଳନ

ସଫଳ କୃଷିଜୀବୀ



ଈଶ୍ୱର ଦାସ

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ମାକିଡ଼ିଆ ପଞ୍ଚାୟତର କୁଆଁରପୁର ଗାଁର ଈଶ୍ୱର ଚନ୍ଦ୍ର ଦାସ ପ୍ରଗାଢ଼ ନିଷ୍ଠା ଏବଂ ଉଦ୍ୟମ ବଳରେ ସ୍ଥାନୀୟ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପାଠ ପଢ଼ିବା ପରେ ଚାକିରି ନ କରି ନିଜେ ଆତ୍ମନିର୍ଭରଶୀଳ ହେବାକୁ ପ୍ରୟାସ ଆରମ୍ଭ କରିଥିଲେ। ଶେଷରେ ନିଜର ଲକ୍ଷ୍ୟ ପଥରେ ସଫଳତାର ସହ ଅଗ୍ରସର ହେବାରେ ସକ୍ଷମ ହୋଇଛନ୍ତି। କାଙ୍ଗାଳି ଚରଣ ଦାସଙ୍କ ପଞ୍ଚମ ପୁତ୍ର ଈଶ୍ୱର ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲକରିବା ପରେ ହାଇଦ୍ରାବାଦସ୍ଥିତ ଏକ କୀଟନାଶକ ପ୍ରସ୍ତୁତକାରୀ କମ୍ପାନୀରେ ଚାକିରି କରିଥିଲେ । କିନ୍ତୁ ଦୀର୍ଘ ୧୪ବର୍ଷ ଚାକିରି ପରେ ସେଥିରୁ ଆଶାନୁରୂପ ରୋଜଗାର ନ ହେବାରୁ ସେ ନିଜ ଗାଁକୁ ଫେରିଆସିଥିଲେ। ନିଜ ଯୋଜନା ବିଷୟରେ ସେ କହନ୍ତି, "ଚାକିରି ଛାଡ଼ିବା ପରେ ଗାଁକୁ ଆସିଲି ଆଉ ସେହି ସମୟରେ ମୋତେ ମୋ ବାପା ଏବଂ ୪ ଭାଇ ସହଯୋଗର ହାତ ବଢ଼ାଇଲେ। ସେହି ସମୟରେ ଏକ ସୀମିତ ସମ୍ବଳକୁ ନେଇ ମୁଁ ସ୍ଥାନୀୟ ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ଼ ପଞ୍ଚାୟତର ନୂଆଗାଁ ଠାରେ କିଛି ଜମି କିଣି କୁକୁଡ଼ା, ବତକ ଓ ଛେଳି ଚାଷ ଆରମ୍ଭକଲି। କିନ୍ତୁ ଛେଳି ଚାଷରେ କ୍ଷତିହେବାରୁ ଧଳା ଘୁଷୁରି ଚାଷ ଆରମ୍ଭ କରିଥିଲି । ମାତ୍ର ୫୦ଟି ଘୁଷୁରିରୁ ଆରମ୍ଭ କରିଥିବା ବେଳେ ଏବେ ସଂଖ୍ୟା ୨୦୦୦ରେ ପହଞ୍ଚିଛି । ଧଳା ଘୁଷୁରି ମାଂସ ସ୍ଥାନୀୟ ଅଞ୍ଚଳ ବ୍ୟତୀତ ଆସାମକୁ ମଧ୍ୟ ପଠାଯାଉଛି। ଏହି ଚାଷରୁ ଆଶାନୁରୂପ ଲାଭ ମିଳିବା ପରେ ଏବେ ଛେଳି, ମେଣ୍ଢା ଚାଷ ମଧ୍ୟ କରୁଛି। ବିଶେଷଭାବରେ ଧଳା ଘୁଷୁରି ଚାଷ ମୋତେ ଆତ୍ମନିର୍ଭରଶୀଳ ହେବାର ବାଟ ଦେଖାଇଛି।" ଏହି ସବୁ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇବା ପାଇଁ ସେ ପ୍ରାୟ ସାଢ଼େ ୬ ଏକର ଜମିରେ ମକା, ବୁଟ, ଚିନିବାଦାମ ଚାଷ କରିଛନ୍ତି। ସେଗୁଡ଼ିକୁ ମେଶିନରେ ଗୁଣ୍ଡକରି ପ୍ରାଣୀମାନଙ୍କୁ ଦେଇଥାଆନ୍ତି। ଏହାବ୍ୟତୀତ ବର୍ଷାଦିନ ଲାଗି ଏକ ବଡ଼ ହଲ୍‌ରେ ବୈଜ୍ଞାନିକ ପଦ୍ଧତିରେ ଘାସ ସାଇତି ରଖିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା-ଏ ସବୁରେ ସେ କେବଳ ଆତ୍ମନିର୍ଭରଶୀଳ ହୋଇନାହାନ୍ତି, ତାଙ୍କର ଏହି ଫାର୍ମ ହାଉସରେ ପାଖାପାଖି ୨ଜଣ ଲୋକ କାମକରି କିଛି ରୋଜଗାର ମଧ୍ୟ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଋଣ ପାଇଛନ୍ତି ବୋଲି କହନ୍ତି ଏହି ସଫଳ କୃଷିଜୀବୀ। ଅନ୍ୟପକ୍ଷରେ ଏବେ ସେହି ନୂଆଗାଁଠାରେ ବର୍ଷକୁ ୩୦ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉତ୍ପାଦନ ପାଇଁ ଏକ ରାଇସ୍ ମିଲ୍ ପ୍ରତିଷ୍ଠା କରିବାକୁ ଯାଉଛନ୍ତି । ବ୍ୟାଙ୍କ ଋଣରେ ପ୍ରାୟ ୬୦ଭାଗ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆସନ୍ତା ଧାନ ଅମଳ ସମୟକୁ ରାଇସ୍ ମିଲ୍‌ଟି କାର୍ଯ୍ୟକ୍ଷମ ହେବ ବୋଲି ଆଶା ରଖଛନ୍ତି ଈଶ୍ୱର।

-ରବିନାରାୟଣ ପାତ୍ର

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୮/୨୦୨୪ Bhubaneswar, Wednesday, August 28/ 2024

# ଜୋକୋଭିଚ୍, ସାବାଲେଙ୍କା ଦ୍ୱିତୀୟ ରାଉଣ୍ଡରେ

ନ୍ୟୁୟର୍କ,୨୭।୮ (ପି.ଟି.)

ଚଳିତ ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ସୋମବାରଠାରୁ ଆରମ୍ଭ ହୋଇଛି। ଏକାଧିକ ସିଡେଡ୍ ଖେଳାଳି ତଥା ନିକଟରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୋଭାକ ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ୨୦୨୦ ବର୍ଷର ଚାମ୍ପିୟନ ଡୋମିନିକ୍ ଥିମ୍ ଅପ୍ରତ୍ୟାଶିତ ଭାବରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ମହିଳା ଖେଳାଳିଙ୍କ ମଧ୍ୟରେ ଆରିନା ସାବାଲେଙ୍କା, କ୍ଲାରା ବୁରେଲ୍, ହାରିୟର ଡାର୍ଟ, ଏମ୍ମା ନାଭାରୋ ଓ ଭିକ୍ଟୋରିଆ ଆଜାରେଙ୍କା ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି।

## ୟୁଏସ୍ ଓପନ୍

ସେହିପରି ପୁରୁଷ ବର୍ଗରେ ଜେରୀ ଲେହେକା, ଲରେଞ୍ଜୋ ମୁସେଟ୍ଟି, ଗେଲ୍ ମନଫିଲ୍ସ ଓ ଗ୍ରିଗୋର ଦିମିତ୍ରୋଭ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପ୍ରଥମ ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିବା ସର୍ବିଆର ନୋଭାକ୍ ଜୋକୋଭିଚ୍ ଚମତ୍କାର ପ୍ରଦର୍ଶନ କରି ମୋଲଡୋଭାର ରାଡୁ ଆଲବଟଙ୍କୁ ସିଧାସଳଖ ୬-୨, ୬-୨ ଓ ୬-୪ ସେଟରେ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ନିଜ ଦେଶର ଲାସଲୋ ଜେରଙ୍କୁ ଭେଟିବେ। ଲାସଲୋ ୫ ସେଟର କଡା ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଜର୍ମାନୀର ଜାନ ଲନାର୍ଡ ଷ୍ଟ୍ରଫଙ୍କୁ ୬-୭(୭/୯), ୬-୧, ୬-୭(୭/୯), ୬-୪ ଓ ୬-୨ ସେଟରେ ହରାଇଛନ୍ତି। ଫ୍ରାନ୍ସର ଆର୍ଥର କାଜାଉକ୍ସ ୬-୧, ୬-୩ ଓ ୬-୩ ସେଟରେ ସ୍ପେନର ପାବଲୋ କାରେନୋ ବାଷ୍ଟିଷ୍ଟାଙ୍କୁ ପରାସ୍ତ କରିଥିଲେ।



ଶଟ୍ ଖେଳିବା ଅବସରରେ ଆମେରିକାର ଇଭା ଜୋଭିକ୍।

ଅନ୍ୟମାନଙ୍କ ମଧ୍ୟରେ ଆମେରିକାର ଫ୍ରାନ୍ସିସ ଟିଆଫୋ ୬-୪, ୬-୩, ୪-୬ ଓ ୫-୭ ସେଟରେ ଆଲେକଜାଣ୍ଡାର କୋଭାସେଭିକଙ୍କୁ, ସେବାଷ୍ଟିଆନ୍ ବେଜ ୬-୪, ୬-୭(୩/୭), ୬-୦, ୭-୬(୭/୪) ସେଟରେ ଲୁସିଆନୋ ଡାର୍ଡେରିଙ୍କୁ, ଅଣସିଡେଡ୍ ବ୍ରାଣ୍ଡନ ନାକାଶିମା ୬-୨, ୬-୧ ଓ ୬-୪ ସେଟରେ ବିଶ୍ୱ ମାନ୍ୟତାର ୧୫ ନମ୍ବର ଖେଳାଳି ହୋଲଗାର ରୁନଙ୍କୁ, ରିଙ୍କି ହିଜିକାଟା ୭-୬(୭/୧), ୩-୬, ୬-୪ ଓ ୬-୩ ସେଟରେ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ, ଆର୍ଥର ରିଣ୍ଡେରକ୍ନେଚ୍ ୪-୬, ୬-୪, ୬-୩, ୩-୬ ଓ ୬-୭(୮/୧୦) ସେଟରେ କ୍ରିଷ୍ଟୋଫର ୟୁବ୍ୟାଙ୍କ୍ସଙ୍କୁ, ଗ୍ରିଗୋର ଦିମିତ୍ରୋଭ ୬-୩, ୬-୪ ଓ ୬-୨ ସେଟରେ କିରିଆନ୍ ଜାକ୍ୱେଟଙ୍କୁ, ଲରେଞ୍ଜୋ ମୁସେଟ୍ଟୀ ୭-୬(୭/୩), ୧-୬, ୬-୧ ଓ ୭-୫ ସେଟରେ ରାଇଲି ଓପେକାଙ୍କୁ, ଗେଲ୍ ମନଫିଲ୍ସ ୭-୬(୭/୨), ୬-୨, ୬-୨ ଓ ୬-୧ ସେଟରେ ଡିଏଗୋ ସ୍ୱାର୍ଜମାନଙ୍କୁ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସ ବର୍ଗରେ ବିଶ୍ୱ ମାନ୍ୟତାର ୨ ନମ୍ବର ଖେଳାଳି ଆରିନା ସାବାଲେଙ୍କା ସିଧାସଳଖ ସେଟରେ ଆମେରିକାର ପ୍ରିସିଲିଆ ହନ୍‌ଙ୍କୁ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ଲାରା ବୁରେଲ ୦-୬, ୭-୫, ୭-୫ ସେଟରେ ଆମେରିକାର ସ୍ଲୋନ୍ ଷ୍ଟିଫେନ୍ସଙ୍କୁ, ହାରିୟର ଡାର୍ଟ ୬-୧ ଓ ୬-୨ ସେଟରେ କ୍ଲୋଏ ପାକ୍ୱେଟଙ୍କୁ, ଭିକ୍ଟୋରିଆ ଆଜାରେଙ୍କା ୩-୬,୬-୧, ୬-୧ସେଟରେ ୟୁଲିଆ ଷ୍ଟାଓଡୁବ୍ସାସା, ଏମ୍ମା ନାଭାରୋ ୬-୧, ୬-୧ ସେଟରେ ଆନା ବ୍ଲିଙ୍କୋଭାଙ୍କୁ ପରାସ୍ତ କରିଥିଲେ।

### ସର୍ବକନିଷ୍ଠ ଆମେରିକୀୟ ଇଭା

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମରେ ବିଜୟୀ ହେବା ସହ ସର୍ବକନିଷ୍ଠ ଆମେରିକୀୟ ଖେଳାଳି ହେବାର ରେକର୍ଡ ନିଜ ନାମରେ କରିଛନ୍ତି ଇଭା ଜୋଭିକ୍। ପଦାର୍ପଣରେ ବିଜୟ ହାସଲ କରଇତିବା ଇଭା କାଲିଫର୍ନିଆରେ ଜନ୍ମିତ। ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୪୨ ନମ୍ବର ସ୍ଥାନରେ ଥିବା ପୋଲାଣ୍ଡର ମାଗଡା ଲିନେଟଙ୍କୁ ୬-୪, ୬-୩ ସେଟରେ ପରାସ୍ତ କରିଥିଲେ ଜୋଭିକ୍। ଏକଦା ଟପ୍-୨୦ ର୍‍ୟାଙ୍କିଙ୍ଗ ମଧ୍ୟରେ ଥିବା ତଥା ୨୦୨୩ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲିଷ୍ଟ ମାଗଡା ଲିନେଟଙ୍କ ହରାଇବା ବେଶ ସନ୍ତୋଷ ଜନକ ଥିଲା ବୋଲି ଜୋଭିକ୍ କହିଛନ୍ତି। ସର୍ବକନିଷ୍ଠ ଆମେରିକୀୟ ଭାବରେ ୪ ବର୍ଷ ତଳେ କାଟ୍ରିନା ସ୍କଟ ୟୁଏସ୍ ଓପନରେ ୪ ବର୍ଷ ତଳେ ଅଂଶଗ୍ରହଣ କରିଥିଲେ। ସେହିପରି ଗତ ବର୍ଷ ରୁଷିଆର ମୀରା ଆଣ୍ଡ୍ରିଭା ମଧ୍ୟ ୧୬ ବର୍ଷ ବୟସରେ ବିଜୟ ହାସଲ କରିଥିଲେ।

### ବିଦାହେଲେ ନାଗାଲ

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ଭାରତର ସୁମିତ୍ ନାଗାଲ। ନେଦରଲାଣ୍ଡ୍ସ ଟେଲୋନ ଗ୍ରିକସୋପରଙ୍କ ଠାରୁ ୬-୧, ୬-୩ ଓ ୭-୬(୮/୬)ର ସିଧାସଳଖ ସେଟରେ ପରାଜିତ ହୋଇଥିଲେ ନାଗାଲ। ଏହା ସହିତ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ଅନ୍ୟ ପକ୍ଷରେ ରୋହନ ବୋପାନ୍ନା ପୁରୁଷ ଡବଲ୍ସରେ ମାଥ୍ୟୁ ଇବିଡେନଙ୍କୁ ସାଥୀ କରି ଖେଳିବାକୁ ଯାଉଛନ୍ତି।

# ଡୁରାଣ୍ଡ କପ୍: ଫାଇନାଲରେ ନର୍ଥଇଷ୍ଟ-ମୋହନବାଗାନ

**କୋଲକାତର, ୨୭।୮ (ପି.ଟି.):** ଏସିଆର ସର୍ବପୁରାତନ ଫୁଟବଲ ଟୁର୍ନାମେଣ୍ଟ ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଛନ୍ତି ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ଓ ମୋହବାଗାନ। ମଙ୍ଗଳବାର ମୋହନ ବାଗାନ ୪-୩ ପେନାଲ୍ଟି ଶୁଟଆଉଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିବା ପରେ ମୋହନବାଗାନ ପେନାଲ୍ଟିରେ ବିଜୟୀ ହୋଇଥିଲା। ଏହା ସହ ରେକର୍ଡ ୩୦ତମ ଥର ପାଇଁ ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଛି ମୋହନବାଗାନ। ଉଭୟ ଦଳ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଗୋଲକିପର ବିଶାଲ କେଥ ଦୁଇଟି ପେନାଲ୍ଟି ଶୁଟ୍ ଆଉଟ ଶେଭ୍ କରିଥିଲେ। ମୋହନବାଗାନ ପକ୍ଷରୁ ଜାସନ୍ କମିଙ୍ଗ୍ସ, ମାନବୀର ସିଂ, ଲିଷ୍ଟନ କୋଲାକୋ ଓ ଦିମିତ୍ରି ପେଟ୍ରାଟୋସ ପେନାଲ୍ଟିରେ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ବେଙ୍ଗାଲୁ ପକ୍ଷରୁ ଏଡଗାର ମେଣ୍ଡେଜ, ରାହୁଲ ଭେକେ ଓ ପେଡ୍ରୋ କାପୋ ସ୍କୋର କରିଥିଲେ।

ଆରଜି କର ମେଡିକାଲ କଲେଜ ବଳାତ୍କାର ଓ ହତ୍ୟା ମାମଲା ପାଇଁ ଆନ୍ଦୋଳନ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ବେଙ୍ଗାଲୁରୁ ପକ୍ଷରୁ ସୁନୀଲ ଛେତ୍ରୀ(୪୨) ଓ ଭାନିତ ଭେଙ୍କଟେଶ(୫୦) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମୋହନବାଗାନ ପକ୍ଷରୁ ଦିମିତ୍ରି ପେଟ୍ରାଟୋସ(୬୮) ଓ ଅନିରୁଦ୍ଧ ଥାପା(୮୪) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷରେ ମୋହନବାଗାନ ସମର୍ଥକ ମାନେ ଆମ ଭଉଣୀକୁ ନ୍ୟାୟ ମିଳୁ ବୋଲି ସ୍ଲୋଗାନ ସହ ବିଜୟ ପରେଡ କରିଥିଲେ।

# ଉଦ୍‌ଘାଟନୀରେ ଭାଗନେବେ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ

ପ୍ୟାରିସ୍, ୨୭।୮ (ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସ ବୁଧବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତାର ୧୨ଟି କ୍ରୀଡ଼ାରେ ୮୪ ଜଣ ଭାରତୀୟ ପ୍ରତିଯୋଗୀ ଭାଗନେବେ। ଏହାର ଉଦ୍‌ଘାଟନୀ ସମାରୋହରେ ୫୨ ଆଥଲେଟ୍‌ଙ୍କୁ ମିଶାଇ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ ପ୍ରତିନିଧି ଦଳ ଅଂଶଗ୍ରହଣ କରିବ। ଶଟ୍‌ପୁଟ ତାରକା ଭାଗ୍ୟଶ୍ରୀ ଯାଦବ ଓ ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ ତ୍ରିରଙ୍ଗାଧାରୀ ହେବେ। ଗେମ୍ସ ଇତିହାସରେ ପ୍ରଥମଥରପାଇଁ ଉଦ୍‌ଘାଟନୀ ସମାରୋହ ଷ୍ଟାଡିୟମ ବାହାରେ ଅନୁଷ୍ଠିତ ହେବ। ପ୍ୟାରିସର କେନ୍ଦ୍ରସ୍ଥଳ ଚାମ୍ପ୍ସ-ଇଲିସେସ ଓ ପ୍ଲେସ୍ ଡି ଲା କନ୍‌କର୍ଡରେ ଏହି ଉତ୍ସବ ଅନୁଷ୍ଠିତ ହେବ।

୧୦ ସଦସ୍ୟ ବିଶିଷ୍ଟ ଶୁଟିଂ ଦଳକୁ ମିଶାଇ ଗୁରୁବାର ଯେଉଁ ପ୍ରତିଯୋଗୀଙ୍କର ଇଭେଣ୍ଟ ଅଛି ସେମାନେ ପରେଡ ଅଫ୍ ନେସନ୍ସରେ ଅଂଶଗ୍ରହଣ କରିବେ ନାହିଁ। "ଅଗଷ୍ଟ ୨୯ରେ ଯେଉଁମାନଙ୍କର ଇଭେଣ୍ଟ ଅଛି ସେମାନେ ଉଦ୍‌ଘାଟନୀ ସମାରୋହରେ ଭାଗନେଲେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅସୁବିଧାର ସମ୍ମୁଖୀନ ହେବେ। ଶୁଟିଂ ଦଳ ମଧ୍ୟ ପରେଡ ଅଫ୍ ନେସନ୍ସରେ ଅଂଶଗ୍ରହଣ କରିବ ନାହିଁ" ବୋଲି ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ ସଭାପତି ଦେବେନ୍ଦ୍ର ଝାଝାରିଆ ପ୍ରକାଶ କରିଛନ୍ତି। ଟୋକିଓ ଗୋଲ୍ଡ ଡିଫେଣ୍ଡ କରିବାକୁ ପ୍ୟାରିସରେ ପହଞ୍ଚିଥିବା ଅଭନି ଲେଖାରାଙ୍କ ସମେତ ଶୁଟିଂ ଟିମ୍ ଚାଟେରକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଯାହାକି ପ୍ୟାରିସଠାରୁ ୨୦୦ କିଲୋମିଟର ଦୂର। କାରଣ ଅଲିମ୍ପିକ୍ସର ଶୁଟିଂ ରେଞ୍ଜ ଚଟେରକ୍ସରେ ଅବସ୍ଥିତ। ତେଣୁ ୫୨ ଆଥଲେଟ୍ ଓ ୫୪ ଅଫିସିଆଲଙ୍କୁ ମିଶାଇ ମୋଟ ୧୦୬ ଭାରତୀୟ ପ୍ରତିନିଧି ଦଳ ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରିବେ। ପ୍ରକାଶ ଯୋଗ୍ୟ ଯେ, ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ମଧ୍ୟ ପ୍ରଥମଥରପାଇଁ ଷ୍ଟାଡିୟମ ବାହାରେ ସିନ୍ ନଦୀରେ ଅନୁଷ୍ଠିତ ହୋଇଥିଲା।

# କିଶୋର, ଲାଜରୁସ୍ ପାଇବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୭।୮ (ତପନ ସ୍ୱାଇଁ)

ଓଡ଼ିଶାର ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନା ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। 'ଆଥଲେଟ୍ ଅଫ୍ ଦି ଇୟର' ବର୍ଗରେ ସେ ଏହି ପୁରସ୍କାର ପାଇବେ। ସେହିପରି ହକି ଅଲିମ୍ପିଆନ ଲାଜରୁସ ବାର୍ଲାଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯିବ। କ୍ରୀଡ଼ାକୁ ଆଜୀବନ ସେବା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁସାରେ ନିକଟରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଅମିତ ରୋହିଦାସଙ୍କ କୋଚ୍ ବିଜୟ ଲାକ୍ରା ଶ୍ରେଷ୍ଠ କୋଚ୍ ବିଭାଗରେ ପୁରସ୍କାର ଲାଭ କରିବେ। ରାଉରକେଲାରେ କାର୍ଯ୍ୟରତ ଲାକ୍ରାଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିବା ଅମିତ ଇତିମଧ୍ୟରେ ୨ଥର ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ହାସଲ କରି ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି। ବାପି ହାଁସଦା ଶ୍ରେଷ୍ଠ ଆଥଲେଟ୍ (ଜୁନିୟର), ଜାଫର ଇକବାଲ (ପାରା ଆଥଲେଟ୍) ବର୍ଗରେ ପୁରସ୍କୃତ ହେବେ। ସେହିପରି ଶ୍ରେଷ୍ଠ କୋଚ୍ (ଟେକ୍ନିକାଲ) ପୁରସ୍କାର ପାଇବେ ରୂପାନ୍ୱିତା ପଣ୍ଡା। ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଇମର୍ଜିଂ ପ୍ଲେୟର ପୁରସ୍କାର ଲାଭ କରିବେ। ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ପୁରସ୍କାର ପାଇବେ ସୁକେଶ ବେହେରା। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ନାଲ୍‌କୋକୁ ପୁରସ୍କୃତ କରାଯିବ। ପ୍ରକାଶଯୋଗ୍ୟ ଯେ, ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପାଇଁ ଫଳକ ଓ ମାନପତ୍ର ସହ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୨ ଲକ୍ଷ, ଶ୍ରେଷ୍ଠ କୋଚ୍, ଉଦୀୟମାନ ଆଥଲେଟ୍, ପାରା କ୍ରୀଡ଼ାବିତ୍, ଟେକ୍ନିକାଲ ଅଫିସିଆଲ, ଖବରଦାତା ଓ ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ଏବଂ ଫଳକ ଓ ମାନପତ୍ର ପ୍ରଦାନ କରାଯିବ। କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ରେ ଏହି ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ।



କିଶୋର ଜେନା



ଲାଜରୁସ ବାର୍ଲା

### କେଉଁ ବର୍ଗରେ କିଏ

ଲାଜରୁସ ବାର୍ଲା: ଲାଇଫ୍ ଟାଇମ୍ ଆଚିଭମେଣ୍ଟ
କିଶୋର ଜେନା: ଶ୍ରେଷ୍ଠ ଆଥଲେଟ୍
ବିଜୟ ଲାକ୍ରା: ଶ୍ରେଷ୍ଠ କୋଚ୍
ବାପି ହାଁସଦା: ଶ୍ରେଷ୍ଠ ଆଥଲେଟ୍ (ଜୁନିୟର)
ଜାଫର ଇକ୍‌ବାଲ: ପାରା ଆଥଲେଟ୍
ରୂପାନ୍ୱିତା ପଣ୍ଡା: ଶ୍ରେଷ୍ଠ କୋଚ୍ (ଟେକ୍ନିକାଲ)
ପ୍ରୀତିସ୍ମିତା ଭୋଇ: ଇମର୍ଜିଂ ପ୍ଲେୟର
ଶ୍ରେଷ୍ଠ କ୍ରୀଡ଼ା ଖବରଦାତା: ସୁକେଶ ବେହେରା
ନାଲ୍‌କୋ: ସ୍ପୋର୍ଟ୍ସ ପ୍ରମୋଶନ

# କିଟ୍‌ରୁ ୨, ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧ ସାମିଲ

## ଏସୀୟ ପ୍ରତିଯୋଗିତା ପାଇଁ ଇଣ୍ଡିଆନ ୟୁନିଭର୍ସିଟି ଆର୍ଚେରୀ ଓ ବାସ୍କେଟବଲ ଦଳ ଘୋଷିତ

ଭୁବନେଶ୍ୱର, ୨୭।୮ (ତପନ ସ୍ୱାଇଁ)

ଏସିଆନ ୟୁନିଭର୍ସିଟି ଆର୍ଚେରୀ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସଂସ୍କରଣ ଚଳିତ ମାସ ୩୦ ତାରିଖରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଏବଂ ୭ମ ପୁରୁଷ ବାସ୍କେଟବଲ ଚାମ୍ପିୟନଶିପ୍ ସେପ୍ଟେମ୍ବର ୨ରୁ ୭ ପର୍ଯ୍ୟନ୍ତ ଚାଇନିଜ୍ ତାଇପେରେ ଅନୁଷ୍ଠିତ ହେବ। ଏସିଆନ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏୟୁଏସ୍‌ଏଫ୍) ଆନୁକୂଲ୍ୟରେ ତାଇପେରେ ଏହି ଦୁଇ ପ୍ରତିଯୋଗିତା ଖେଳାଯିବ। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ଚୟନ ଟ୍ରାଏଲ୍ ପାଇଁ ଅନୁମତି ଦିଆଯାଇଥିଲା। ଇଣ୍ଡିଆନ ୟୁନିଭର୍ସିଟି ଆର୍ଚେରୀ (ମହିଳା ଓ ପୁରୁଷ) ଏବଂ ବାସ୍କେଟବଲ୍ (ପୁରୁଷ) ପାଇଁ ମନୋନୀତ ଖେଳାଳିଙ୍କୁ ନେଇ କୋଚିଂ କ୍ୟାମ୍ପ ଗତ ୧୮ ତାରିଖରୁ ଆରମ୍ଭ ହୋଇଛି। ଏହା ୨୯ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ବାସ୍କେଟବଲ ଦଳରେ ଓଡ଼ିଶାର ୩ ଜଣ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ କିଟ୍ ବିଶ୍ୱବିଦ୍ୟାଳୟର ନିପୁର ଅସୱାଲ ଓ ୟୁସୁଫ ମାସ୍ୱି ଓ୍ୱାମ୍ବୁରା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅଭିଷେକ ପଣ୍ଡା। ପ୍ରଥମଥର ପାଇଁ ଜଣେ ବିଦେଶୀ ଖେଳାଳି ତାଞ୍ଜାନିଆର ୟୁସୁଫ ମାସ୍ୱି ଓ୍ୱାମ୍ବୁରା ଇଣ୍ଡିଆନ ୟୁନିଭର୍ସିଟି ଦଳରେ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। କିଟ୍‌ର ମୁଖ୍ୟ ବାସ୍କେଟବଲ କୋଚ୍ ଏସ.ଆର.ଏସ.ଏସ.ପି. ରାୟୁଡୁ ଭାରତୀୟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ସେହିପରି କିସ୍‌ର ମୁଖ୍ୟ ଆର୍ଚେରୀ କୋଚ୍ ରାଜେଶ ହାଁସଦା ଭାରତୀୟ ଦଳର କୋଚ୍ ହୋଇଛନ୍ତି। ଆର୍ଚେରୀ ଦଳ ମଙ୍ଗଳବାର ସନ୍ଧ୍ୟାରେ ତାଇପେ ଯାତ୍ରା କରିଛି। ବାସ୍କେଟବଲ ଦଳ ୩୦ ତାରିଖରେ ତାଇପେ ଯିବ। ପ୍ରକାଶଯୋଗ୍ୟ ଯେ, କିଟ୍ ବିଶ୍ୱବିଦ୍ୟାଳୟରେ ପୂର୍ବରୁ ଭାରତୀୟ ଆର୍ଚେରୀ, ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଭଲିବଲ, ରଗ୍‌ବୀ ଓ ଚେସ୍ ଦଳର ଚୟନ ଟ୍ରାଏଲ୍ ଅନୁଷ୍ଠିତ ହୋଇଛି। ଚୟନ ଟ୍ରାଏଲ୍ ଏବଂ କୋଚିଂ କ୍ୟାମ୍ପକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍‌ର ଯୁଗ୍ମ ସମ୍ପାଦକ (ଓ୍ୱାଇଏ ଆଣ୍ଡ ସ୍ପୋର୍ଟ୍ସ) ବଳ୍‌ଜିତ ସିଂ ସେଖୋଁ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଆଇୟୁକୁ ଧନ୍ୟବାଦ ଜଣାଇବା ସହ ଉଭୟ ଆର୍ଚେରୀ ଓ ବାସ୍କେଟବଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଇଣ୍ଡିଆନ ୟୁନିଭର୍ସିଟିଜ୍ ପୁରୁଷ ବାସ୍କେଟବଲ ଦଳ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

# ବିଗ୍‌ବାସ୍ ଖେଳିବେ ମନ୍ଧାନା




**ଆଡିଲେଡ୍,୨୭।୮ (ପି.ଟି.):** ଭାରତୀୟ ମହିଳା କ୍ରିକେଟ ଦଳର ତାରକା ଓପନର ସ୍ମୃତି ମନ୍ଧାନା ଶେଷରେ ମହିଳା ବିଗ୍‌ବାସ ଟି୨୦ ଲିଗ୍ ଖେଳିବାକୁ ଯାଉଛନ୍ତି। ମଙ୍ଗଳବାର ଆଡିଲେଡ ଷ୍ଟ୍ରାଇକର୍ସ ସହିତ ମନ୍ଧାନା ଚୁକ୍ତି କରିଥିବା ଜଣାପଡିଛି। ଦୀର୍ଘ ବର୍ଷ ଧରି ମନ୍ଧାନାଙ୍କୁ ସାଇନ୍ କରିବା ପାଇଁ ପ୍ରୟାସ କରୁଥିବା ଆଡିଲେଡକ ଶେଷରେ ସଫଳତା ମିଳିଛି। ପୂର୍ବରୁ ସ୍ମୃତି ବିଗ ବାସ୍‌ରେ ବ୍ରିସ୍‌ବେନ ହିଟ୍, ସିଡ୍‌ନୀ ଥଣ୍ଡର୍ସ ଓ ହୋବାର୍ଟ ହରିକେନ୍ସ ପକ୍ଷରୁ ଖେଳି ସାରିଛନ୍ତି। ତେବେ ଭାରତର ମ୍ୟାଚ ଥିବା କାରଣରୁ ମନ୍ଧାନା ଟୁର୍ନାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟ ମିସ୍ କରି ପାରନ୍ତି। ମନ୍ଧାନାଙ୍କୁ ଦଳରେ ସାମିଲ କରାଯିବାକୁ ନେଇ ଟାଲିଆ ମ୍ୟାକ୍‌ଗ୍ରା ଓ ମେଗାନ୍ ଶୁଟ୍ ସନ୍ତୋଷ ପ୍ରକାଶ କରିଛନ୍ତି।

# ଭାରତୀୟ ଦଳର ନେତୃତ୍ୱ ନେବେ ହର୍‌ମନ୍‌ପ୍ରୀତ

## ମହିଳା ଟି୨୦ ବିଶ୍ୱକପ

ନୂଆଦିଲ୍ଲୀ, ୨୭।୮ (ପି.ଟି.)

ମହିଳା ଟି୨୦ କ୍ରିକେଟ ବିଶ୍ୱକପ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅକ୍ଟୋବର ୩ରୁ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ହରମନପ୍ରୀତ କୌର ଅଧିନାୟିକା ମନୋନୀତ ହୋଇଛନ୍ତି। ସ୍ମୃତି ମନ୍ଧାନା ଉପ-ଅଧିନାୟିକା ଦାୟିତ୍ୱ ତୁଲାଇବେ। ଉମା ଛେତ୍ରୀଙ୍କୁ ଛାଡ଼ିଦେଲେ ଗତ ଜୁଲାଇରେ ଏସିଆ କପ୍ ଖେଳିଥିବା ସମସ୍ତ ଖେଳାଳିଙ୍କୁ ବିଶ୍ୱକପ ଦଳରେ ସାମିଲ କରାଯାଇଛି। ହରମନପ୍ରୀତଙ୍କ ନେତୃତ୍ୱରେ ଅଭିଜ୍ଞ ଦଳ ଏଥର ଆଇସିସି ଟ୍ରଫି ଜିତିବ ବୋଲି ଆଶାବ୍ୟକ୍ତ କରାଯାଇଛି। ଟୁର୍ନାମେଣ୍ଟ ପ୍ରକୃତରେ ବାଂଲାଦେଶରେ ହେବାର ଥିଲା। ମାତ୍ର ଏହି ଦକ୍ଷିଣ ଏସୀୟ ରାଷ୍ଟ୍ରରେ ଅସ୍ଥିରତା ଲାଗି ରହିଥିବାରୁ ପ୍ରତିଯୋଗିତା ୟୁଏଇକୁ ସ୍ଥାନାନ୍ତର ହୋଇଛି।

ସ୍ପିନ୍ ଅଲରାଉଣ୍ଡର ଶ୍ରେୟଙ୍କା ପାଟିଲ ଓ ଟପ୍-ଅର୍ଡର ବ୍ୟାଟର ଯାସ୍ତିକା ଭାଟିଆଙ୍କୁ ସବଜେକ୍ଟ ଟୁ ଫିଟ୍‌ନେସ ଭିତ୍ତିରେ ଦଳରେ ନିଆ ଯାଇଛି। ଏସିଆ କପ୍‌ର ପାକିସ୍ତାନ ବିପକ୍ଷ ମ୍ୟାଚରେ ଶ୍ରେୟଙ୍କାଙ୍କ ଆଙ୍ଗୁଳି ଭାଙ୍ଗିଥିବାବେଳେ ଭାଟିଆ ଆଣ୍ଠୁ ଯନ୍ତ୍ରଣାରୁ ମୁକୁଳୁଛନ୍ତି।



ହର୍‌ମନ୍‌ପ୍ରୀତ କୌର

ଗତ ମହିଳା ଏସିଆ କପ୍ ଫାଇନାଲରେ ଶ୍ରୀଲଙ୍କାଠାରୁ ଭାରତ ହାରି ଯାଇଥିଲା। ତେଣୁ ଆଇସିସି ବିଶ୍ୱକପ ଟ୍ରଫି ଜିତିବା ଆଶାରେ ହରମନପ୍ରୀତଙ୍କ ଦଳ ଚାପରେ ରହିବେ। ଭାରତୀୟ ପୁରୁଷ ଦଳ ଗତ ଜୁନ୍‌ରେ ଆଇସିସି ଟି୨୦ ବିଶ୍ୱକପ ଚାମ୍ପିୟନ ହୋଇ ଦୀର୍ଘ ୧୧ ବର୍ଷର ଟାଇଟଲ ଶୂନ୍ୟତା ପୂରଣ କରିଥିଲା। ଭାରତୀୟ ମହିଳାଙ୍କଠାରୁ ଏଥର ସେପରି କିଛି ଆଶା କରାଯାଉଛି। ହରମନପ୍ରୀତ ୨୦୧୮ରେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିବାଠାରୁ ଭାରତ ଥରେ ଫାଇନାଲରେ ପ୍ରବେଶ କରିଛି। ମାତ୍ର ସୁଯୋଗ ହାତଛଡ଼ା ଭାରତ ସଫଳତା ପଥରେ ପ୍ରତିବନ୍ଧକ ହୋଇଛି। ବିଶେଷ କରି ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଉଭୟ ଦଳ ସହ ପାକିସ୍ତାନ ଓ ଶ୍ରୀଲଙ୍କା ଗୋଟିଏ ଗ୍ରୁପ୍‌ରେ ରହିଛନ୍ତି। ଦୀପ୍ତି ଶର୍ମା, ଆଶା ସୋଭନା ଓ ରାଧା ଯାଦବ ସ୍ପିନ୍ ବିଭାଗ ଦାୟିତ୍ୱରେ ରହିବେ। ରେଣୁକା ସିଂ ଓ ଅରୁନ୍ଧତୀ ରେଡ୍ଡୀ ଦୁଇ ସ୍ପେଶାଲିଷ୍ଟ ପେସର ଥିବାବେଳେ ପୂଜା ବସ୍ତ୍ରକାର ଏକମାତ୍ର ଫାଷ୍ଟ ବୋଲିଂ ଅଲ୍-ରାଉଣ୍ଡରଭାବେ ଦଳରେ ସ୍ଥାନ ପାଇଛନ୍ତି। ପେସ୍ ବିଭାଗରେ ଟିସାସ ସିନ୍ଧୁଙ୍କୁ ସାମିଲ କରାଯାଇନାହିଁ। ଅକ୍ଟୋବର ୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। **ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ, ରିଚା ଘୋଷ, ଯାସ୍ତିକା ଭାଟିଆ, ପୂଜା ବସ୍ତ୍ରକାର, ଅରୁନ୍ଧତୀ ରେଡ୍ଡୀ, ରେଣୁକା ଠାକୁର, ଦୟଲନ ହେମଲତା, ଆଶା ଶୋଭନା, ରାଧା ଯାଦବ, ଶ୍ରେୟଙ୍କା ପାଟିଲ, ସଜନା ସଜିଭନ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ